ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୫/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Wednesday, January 5/2022 ★★★★★★

୪୮ଶ ଭାଗ ୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଜୋକ୍ୱିମ ରୋଡ୍ରିଗ୍ୱେଜ୍ ତୃତୀୟ ଷ୍ଟେଜ୍ ବିଜେତା**

ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଜୋକ୍ୱିମ ରୋଡ୍ରିଗ୍ୱେଜ୍ ଡାକାର ରାଲି ତୃତୀୟ ଷ୍ଟେଜ୍ ବିଜେତା ହୋଇଛନ୍ତି।

୦୫

୦୭

**ନୂଆବର୍ଷରେ ଏକାଧିକ ଅଫର**

ଓଟିଟିରେ ଧମାକାଦାର ଡେବ୍ୟୁ ପରେ ଅଭିନେତା କାର୍ତ୍ତିକ ଆର୍ୟ୍ୟନଙ୍କ ହାତରେ ଚଳିତ ବର୍ଷ ଏକାଧିକ ଅଫର ରହିଥିବା କହିଛନ୍ତି।



# ୩୧ରେ ୧

ଗତବର୍ଷ ଡିସେମ୍ବର ୧୫ରେ କେନ୍ଦ୍ର କ୍ୟାବିନେଟ ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ଲାଗି ଅନୁମୋଦନ କରିଥିଲେ। ଏହା ପରେ ଡିସେମ୍ବର ୨୧ରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଶିଶୁ ବିବାହ ନିରୋଧ (ସଂଶୋଧନ) ବିଲ୍ ୨୦୨୧ ଲୋକ ସଭାରେ ଆଗତ କଲେ। ହେଲେ ଏହି ବିଲ୍‌କୁ ବିରୋଧୀଙ୍କ ଦ୍ୱାରା ପ୍ରବଳ ବିରୋଧ କରାଯାଇଥିଲା। ସେମାନେ ଏହାକୁ ପାର୍ଲାମେଣ୍ଟାରୀ ପ୍ୟାନେଲ୍‌କୁ ପଠାଇବା ପାଇଁ ଜିଦ୍ ଧରିଥିଲେ। ବିରୋଧୀଙ୍କ ଚାପରେ ପଡ଼ି ସରକାର ଉକ୍ତ ବିଲ୍‌ର ତର୍ଜମା କରିବା ପାଇଁ ସ୍ୱତନ୍ତ୍ର ପ୍ୟାନେଲ୍ ଗଠନ କଲେ, ଯେଉଁଥିରେ ୩୧ ଜଣ ସଦସ୍ୟ ରହିଛନ୍ତି। କୌତୂହଳ ସେଇଠି ସରିନାହିଁ। ସେଥିରେ କେବଳ ଜଣେ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେ ହେଲେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏମ୍‌ପି ସୁସ୍ମିତା ଦେବ। ମହିଳାଙ୍କ ପ୍ରସଙ୍ଗ ଉପରେ ତର୍ଜମା କରାଯିବା ଲାଗି ଗଢ଼ାଯାଇଥିବା ଟିମ୍‌ରେ ୩୦ ଜଣ ପୁରୁଷଙ୍କୁ ରଖାଯିବା ଅତ୍ୟନ୍ତ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରିଛି। ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ଝିଅମାନଙ୍କ ବିବାହ ବୟସ ସଂକ୍ରାନ୍ତରେ ପର୍ଯ୍ୟବେକ୍ଷଣ କରିବା ସକାଶେ ଗଢ଼ାଯାଇଥିବା ପ୍ୟାନେଲରେ ଜଣେ ମାତ୍ର ମହିଳାଙ୍କୁ ସାମିଲ କରାଯାଇଥିବାରୁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି। ନିଜର ପରିଚୟ ବଞ୍ଚାଇବା ପାଇଁ ସୁସ୍ମିତା କହିଛନ୍ତି, ଏଭଳି ଏକ ଗମ୍ଭୀର ପ୍ରସଙ୍ଗରେ ଆଲୋଚନା ନିମନ୍ତେ ଲୋକ ସଭାରେ ଥିବା ୮୧ ଓ ରାଜ୍ୟ ସଭାରେ ଥିବା ୨୯ ଏମ୍‌ପିଙ୍କୁ ସାମିଲ କରାଯାଉ। ଏ ନେଇ ସେ କମିଟିର ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବିନୟ ସହସ୍ରବୁଦ୍ଧେଙ୍କୁ ଏକ ପତ୍ର ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, କମିଟିର ଅଧ୍ୟକ୍ଷ ଏ ବିଷୟକୁ ଗୁରୁତ୍ୱ ଦେଇ ସମୟ ବାହାର କରି ପ୍ରତ୍ୟେକ ମହିଳା ଏମ୍‌ପିଙ୍କ ମତ ନିଅନ୍ତୁ। ସେହିପରି ଶିବସେନା ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ ଏ ସଂକ୍ରାନ୍ତରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ଚିଠି ଲେଖି ଉକ୍ତ କମିଟିରେ ଅଧିକ ମହିଳା ଏମ୍‌ପିଙ୍କୁ ସାମିଲ କରିବାକୁ କହିଛନ୍ତି।

ତଥାଗତ ସତପଥୀ

ଲୋକ ସଭାରେ ଡିଏମ୍‌କେ ଏମ୍‌ପି କାନିମୋଝି ମଧ୍ୟ ଝିଅମାନଙ୍କ ବିବାହ ବୟସ ନିର୍ଣ୍ଣୟ ସମ୍ବନ୍ଧୀୟ କମିଟିରେ ୩୦ ଜଣ ପୁରୁଷଙ୍କୁ ସ୍ଥାନିତ କରାଯାଇଥିବାରୁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ଯେଉଁ ଜଣେ ମହିଳା ଏମ୍‌ପି ଉକ୍ତ ପ୍ୟାନେଲରେ ସ୍ଥାନ ପାଇଛନ୍ତି ସେ ତୃଣମୂଳ କଂଗ୍ରେସର ରାଜ୍ୟ ସଭାର ଜଣେ ଟାଣୁଆ ସଦସ୍ୟା। ପ୍ରଶ୍ନ ଉଠିପାରେ ନିକଟରେ ତୃଣମୂଳଠାରୁ ପରାଜୟବରଣ କରି ଭାଜପା ସରକାର କାହିଁକି ମମତାଙ୍କ ଦଳକୁ ଗୁରୁତ୍ୱ ଦେଉଛନ୍ତି। ମମତାଙ୍କୁ ଶାନ୍ତ ରଖିବା ଭଳି ଏହା ଭାଜପାର ଏକ ରାଜନୈତିକ ପଦକ୍ଷେପ ହୋଇଥାଇପାରେ। ଯାହାକୁ ହରାଯାଇପାରିବ ନାହିଁ, ତାହାକୁ ସଙ୍ଗେ ନେଇ ଚାଲ ନୀତିର ଏହା ଏକ ପ୍ରତିଫଳନ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଓଡ଼ିଶା ସରକାର ଦେଇଥିବା ଏହି ବିଲ୍ ସମ୍ପର୍କିତ ମତ ଏକ ବୃହତ୍ ରାଜନୈତିକ ବାର୍ତ୍ତା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ତରଫରୁ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଝିଅମାନଙ୍କର ଆଇନଗତ ବିବାହ ବୟସ ଏବେ ଯେମିତି ୧୮ ବର୍ଷରେ ଅଛି, ସେମିତି ରହୁ। ଏଥିସହିତ ଏହି ଆୟୋଗ ଆହୁରି ମଧ୍ୟ ସୁପାରିସ କରିଛି ଯେ, ପୁଅ ପିଲାଙ୍କର ଆଇନଗତ ବିବାହ କରିବାର ଏବେକାର ୨୧ ବର୍ଷକୁ ମଧ୍ୟ ୧୮ ବର୍ଷକୁ ହ୍ରାସ କରାଯାଉ।

୨୦୨୧ ଡିସେମ୍ବର ୨୦ରେ ଆମେ ଉକ୍ତ ପ୍ରସଙ୍ଗକୁ ନେଇ ଏହି ସ୍ତମ୍ଭରେ ‘ଉଚ୍ଚସ୍ଥାନରୁ ଚିତ୍କାର’ ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ଭାରତର ସମସ୍ୟା ଖୋଦ୍ ସରକାର ଗଢ଼ିତୋଳୁଛନ୍ତି ବୋଲି ମତ ଦେଇଥିଲୁ। କାରଣ ବାସ୍ତବତାକୁ ନ ବୁଝି ଉଚ୍ଚସ୍ଥାନରୁ ଚିତ୍କାର କରି ସମାଜମଙ୍ଗଳ କରାଯାଇପାରେ ବୋଲି ଯେଉଁ ଭାବନା ସୃଷ୍ଟି କରାଯାଉଛି, ତାହା ତ୍ରୁଟିପୂର୍ଣ୍ଣ କହିଥିଲୁ। ଏବେ ସେହି ବିଲ୍‌କୁ ତର୍ଜମା କରିବା ଲାଗି ଗଢ଼ାଯାଇଥିବା ପ୍ୟାନେଲରେ ୩୦ ଜଣ ପୁରୁଷଙ୍କୁ ସ୍ଥାନିତ କରାଯାଇ ପୁଣି ଏକ ପୁରୁଷକୈନ୍ଦ୍ରିକ ଚିନ୍ତାଧାରା ପ୍ରବେଶ ଲାଗି ବାଟ ତିଆରି କରାଯାଉଛି ବୋଲି କୁହାଯାଇପାରେ। ଯଦି ଭାରତର ଇତିହାସ ଦେଖାଯାଏ ଓ ବର୍ତ୍ତମାନର ସାମ୍ପ୍ରତିକ ସ୍ଥିତିକୁ ଲକ୍ଷ୍ୟ କରାଯାଏ, ପ୍ରତି କ୍ଷେତ୍ରରେ ମହିଳାଙ୍କ ଅନେକ ଅଧିକାର ବିଷୟରେ ପୁରୁଷମାନେ ନିଷ୍ପତ୍ତି ନେଇଥାଆନ୍ତି। ଶାସନ ଓ ପ୍ରଶାସନିକ ସ୍ତରରେ ଥିବା ବ୍ୟକ୍ତିମାନେ ସର୍ବଦା ମହିଳା ସଶକ୍ତୀକରଣ ବିଷୟରେ ବଡ଼ ପାଟିରେ କହିଥାନ୍ତି। କିନ୍ତୁ ଯେତେବେଳେ ମହିଳାଙ୍କ ପାଇଁ କୌଣସି ନିୟମ ସୃଷ୍ଟି କରାଯାଉଛି ତାହାକୁ ମାପିଚୁପି ପୁରୁଷଙ୍କ କର୍ତ୍ତୃତ୍ୱ ରହିବା ଭଳି ସେସବୁକୁ ପ୍ରସ୍ତୁତ କରାଯାଉଛି। ଝିଅଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ଲାଗି ନିଆଯାଉଥିବା ନିଷ୍ପତ୍ତିର ସପକ୍ଷ ଓ ବିପକ୍ଷ ଦିଗଗୁଡ଼ିକୁ ଭଲ ଭାବେ ତର୍ଜମା କରାଯିବା ଦରକାର। ସହଜରେ ବୁଝିବାକୁ ହେଲେ ଏବେ ପ୍ରଚଳିତ ୧୮ ବର୍ଷୀୟା ଆଇନକୁ ସବୁଆଡ଼େ ଅମାନ୍ୟ କରାଯାଉଛି। ନଥିରେ ଲିଖିତ ଥିବା ଆଇନକୁ ଆମର ଦେଶବାସୀ ମାନିବା ପାଇଁ ପ୍ରସ୍ତୁତ ହେଉ ନ ଥିବାରୁ ଆଉ ଏକ ବୟସଜନିତ ଆଇନର କୌଣସି ଗୁରୁତ୍ୱ ରଖୁନାହିଁ। ସରକାର ଓ ପୋଲିସ ପାଖରେ ଯଥେଷ୍ଟ କ୍ଷମତା ଥିବା ସତ୍ତ୍ୱେ ପ୍ରଚଳିତ ଆଇନକୁ କଡ଼ାକଡ଼ି ଲାଗୁ କରାଯାଇ ପାରୁନାହିଁ। ନୂଆ ଆଇନକୁ କିଏ ପଚାରେ। ଏଥିସହିତ ଝିଅମାନଙ୍କୁ ପାଠ ପଢ଼ାଇ ଚାକିରି କରାଇବାର ସୁଯୋଗ ଦେଉଥିବା ମାତାପିତା ଅନେକ ସମୟରେ ରୋଜଗାରିଆ ଝିଅକୁ ବିବାହ ହେବାକୁ ଦିଅନ୍ତି ନାହିଁ। ଥରେ ଝିଅଙ୍କ ବୟସ ଗଡ଼ିଗଲେ ସେ ବିବାହ ତାଲିକାରୁ ବାଦ୍ ପଡ଼ିଯାଏ। ପରବର୍ତ୍ତୀ ସମୟରେ ସେହି ଝିଅର ରୋଜଗାରରେ ସମଗ୍ର ପରିବାର ଲତାଗଛ ପରି ମାଡ଼ିବସନ୍ତି। ଏଭଳି ସ୍ଥିତିରେ ଝିଅ ରୋଜଗାରିଆ ହେଲେ ମଧ୍ୟ ତାହାର ସଶକ୍ତୀକରଣ ହେଉଛି ବୋଲି କୁହାଯାଇପାରିବ ନାହିଁ। ଅନ୍ୟ ଏକ ଉଦାହରଣ ହେଲା ଝିଅ ନିଜର ଜୀବନସାଥୀ ବାଛିଥାଏ। କ୍ୱଚିତ୍ ପରିବାର ଏହାକୁ ସ୍ୱୀକାର କରୁଥିବା ବେଳେ ଅଧିକାଂଶ ବିରୋଧ କରୁଥିବା ଦେଖାଯାଏ। ସେତେବେଳେ ପରିବାର ତରଫରୁ ଥାନାରେ ଏତଲା ଦେଇ ବିବାହ ଭଙ୍ଗ ପାଇଁ ଜୋର୍‌ଦାର ପ୍ରୟାସ ହୁଏ। ଦୁର୍ଭାଗ୍ୟରୁ ଯଦି ଝିଅର ପରିବାର ଅନରକିଲିଂ (ସମ୍ମାନ ପାଇଁ ହତ୍ୟା)ରେ ବିଶ୍ୱାସ କରୁଥାଏ, ତେବେ ତାହାର ମୁଣ୍ଡ କଟିଯିବାର ସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଅନେକ ସମାଜରେ ବାଲ୍ୟବିବାହକୁ ସାମାଜିକ ସ୍ୱୀକୃତି ସାଧାରଣରେ ମିଳିଥାଏ। ସେଠାରେ ପରିବାରର ସହଯୋଗରେ ଆଇନ ଭଙ୍ଗ ହୁଏ।

ପ୍ରଶ୍ନ ହୋଇପାରେ ସରକାର ଏଭଳି ଆଇନ ଆଣିବାକୁ କାହିଁକି ଚିନ୍ତା କଲେ। ପୂର୍ବରୁ ଆମେ ଲେଖିଥିଲୁ ଯେ, ଏହାର ସମ୍ଭାବ୍ୟ ଉଦ୍ଦେଶ୍ୟ ହୋଇପାରେ ଜନସଂଖ୍ୟା ବୃଦ୍ଧିକୁ ଆୟତ୍ତ ରଖିବା। ଦ୍ୱିତୀୟରେ କେନ୍ଦ୍ର ସରକାର ଚାହୁଁଥାଇପାରନ୍ତି ଯେ ଏକ ପ୍ରଗତିଶୀଳ ଓ ମହିଳା ସପକ୍ଷବାଦୀ ସରକାର ହୋଇଥିବାରୁ ଏଭଳି ଆଇନ ଅଣାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଜିର ସରକାର ବିମୁଦ୍ରୀକରଣ ଭଳି ସବୁବେଳେ ଏକ ‘ବିସ୍ଫୋରକ’ ପଦକ୍ଷେପ ନେବାକୁ ପସନ୍ଦ କରିଥାନ୍ତି। ଏଭଳି ପଦକ୍ଷେପ ଯାହାକି ତତ୍‌କ୍ଷଣାତ୍ ପ୍ରତ୍ୟେକ ଘରେ ଆଲୋଚନାର ବିଷୟବସ୍ତୁ ପାଲଟିବ। ଶେଷରେ ସମସ୍ତଙ୍କ ଦୃଷ୍ଟି ସରକାରଙ୍କ ବିଫଳତା ଓ ଅର୍ଥନୈତିକ ଦୁରବସ୍ଥାରୁ ହଟାଇବା ପାଇଁ ଏହା ଏକ ଉତ୍ତମ ମସୁଧା। ଗୋଟାଏ ପରେ ଗୋଟାଏ ଏହିପରି ଆଲୋଚନାର ବିଷୟ ବାଢ଼ିବା ଫଳରେ ଆମର ଏଇ ସ୍ତମ୍ଭ ଭଳି ଭାରତର ଅଧିକାଂଶ ଗଣମାଧ୍ୟମ, ରାଜନେତା, ବିଶେଷଜ୍ଞ, ଏପରିକି ଅଦାଲତ ମଧ୍ୟ ଇତିହାସର ଏହି ସମୟ ପାଇଁ ଅପ୍ରାସଙ୍ଗିକ ବିଷୟକୁ ପ୍ରାସଙ୍ଗିକ କରିବା ସକାଶେ ଲାଗିପଡ଼ିଛନ୍ତି।



ରିପୋର୍ଟ: ପୃଷ୍ଠା-୨

କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଟିଗିରିଆର ଭିରୁଡା ଗ୍ରାମସ୍ଥିତ ସୋରିଷପାଳ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ଫାଶରେ ପଡ଼ି ପ୍ରାଣ ହରାଇଥିବା କଲରାପତରିଆ ବାଘୁଣୀ।

# ଓଡ଼ିଶା ସୁପାରିସ: ଝିଅପୁଅଙ୍କ ବିବାହ ବୟସ ୧୮ ବର୍ଷ ରହୁ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଝିଅଙ୍କ ଆଇନଗତ ବିବାହ ବୟସକୁ କେନ୍ଦ୍ର ସରକାର ୧୮ରୁ ୨୧ବର୍ଷକୁ ବୃଦ୍ଧି କରିବା ନେଇ ଶିଶୁ ବିବାହ ନିରୋଧ (ସଂଶୋଧନ) ବିଲ୍-୨୦୨୧ ଲୋକ ସଭାରେ ୨୦୨୧ ଡିସେମ୍ବର ୨୧ରେ ଆଗତ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ବିରୋଧ କରିଛି। ଏ ନେଇ ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ମଙ୍ଗଳବାର କେନ୍ଦ୍ର ଶିକ୍ଷା, ମହିଳା, ଶିଶୁ ଏବଂ କ୍ରୀଡ଼ା ବ୍ୟାପାର ସଂସଦୀୟ ପ୍ୟାନେଲ ଅଧ୍ୟକ୍ଷ ଡ. ବିନୟ ପି. ସହସ୍ରବୁଦ୍ଧେଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ଉଭୟ ଝିଅ ଓ ପୁଅଙ୍କ ବିବାହ ବୟସ ୧୮ ବର୍ଷ ରଖିବାକୁ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

ଏବେ ଝିଅମାନଙ୍କ ଆଇନଗତ ବିବାହ ବୟସ ୧୮ ବର୍ଷ ଥିବାବେଳେ ତାହାକୁ ବୃଦ୍ଧି ନ କରିବାକୁ ପ୍ରଧାନ ସୁପାରିସ କରିଛନ୍ତି। ଏପରିକି ପୁଅମାନଙ୍କ ପାଇଁ ଥିବା ଆଇନଗତ ବିବାହ ବୟସ ୨୧ ବର୍ଷରୁ ୧୮ ବର୍ଷକୁ ହ୍ରାସ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଏହି ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପୋକ୍‌ସୋ ଆଇନ ଅନୁଯାୟୀ ୧୮ ବର୍ଷ ପୂର୍ବରୁ ସହମତିଭିତ୍ତିକ ☞ପୃଷ୍ଠା-୪



ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ
ଅଧ୍ୟକ୍ଷା
Ms. Sandhyabati Pradhan
Chairperson

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ
Odisha State Commission for Protection of Child Rights (OSCPCR)

No.OSCPCR.-13/18- 27 / Dated- 04-01-22

To,

SAHASRABUDDHE, Dr. Vinay P.
Hon'ble Member of Parliament and
Chairperson of the Committee on Education, Women, Children, Youth & Sports
Parliament of India
Rajya Sabha Secretariat
Room No 413, PHA Ext
New Delhi
rsc_hrd@sansad.nic.in
vinay.prabhakar@sansad.nic.in

Sub: **Regarding the raising of legal age of marriage for girls.**

Esteemed Sir,
New Year Greetings!

As you know a bill named "Prohibition of Child Marriage Bill, 2021" introduced in Lok Sabha on 21st December, 2021 was later on sent to the Parliamentary Standing Committee on Education, Women, Children, Youth and Sports for review.

The statement of objects and reasons as mentioned in the bill emphasized on the urgent need of tackling this societal issue and to bring in reforms. It is argued that the various marriage Act i.e. the Indian Christian Marriage Act, 1872; the Parsi Marriage and Divorce Act, 1936; the Muslim Personal Law Application Act, 1937; the Special Marriage Act, 1954; the Hindu Marriage Act, 1955 and the Foreign Marriage Act, 1969 in its present form do not provide for uniform minimum age of marriage for Men and Women which leads to gender inequality. If enacted, this proposed amendment will redefine the 'Child' to bring the age of marriage for both men and women at par i.e. 21 for both boys and girls. This will be having an overriding effect over every other law, custom, usage or practice. The amendment in relation to marriageable age will be effective two years after the Bill receives in assent of the President.

Apart from this it is also proposing a change in the time period of filing petition to make the child marriage void. In the existing one it is prescribed that either of the contracting parties can file a petition to make the marriage void after completing two years of attaining majority, the proposal is to substitute it with Five Years.

The Odisha State Commission for Protection of Child Rights (OSCPCR) is spearheading the movement to End Child Marriage in the state of Odisha by the year 2030. A high power committee at the state has been formed to facilitate the process converging many government and non-government stakeholders. The commission is a key member to this committee. Apart from that steps like amendment of Odisha Prohibition of Child marriage Rules was amended in 2019. A state strategy action plan to end child marriage has also been framed and rolled out.

ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଦେଇଥିବା ଚିଠିର ନକଲ।

# ୧୦ ଦିନରେ ହସ୍ପିଟାଲ ପ୍ରସ୍ତୁତ ରଖ

**କୋଭିଡ୍ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଜୀବିକା ଉପରେ ପ୍ରଭାବ ନ ପକାଇ କଟକଣା ଜାରି କର**



ଭୁବନେଶ୍ୱର,୪।୧(ବ୍ୟୁରୋ)

ଓମିକ୍ରନ୍ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ମଧ୍ୟ ଏହି ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟର ସରକାରୀ ଏବଂ ବେସରକାରୀ ସମସ୍ତ କୋଭିଡ୍ ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିତୀୟ ଲହରର ସର୍ବୋଚ୍ଚ ସ୍ତରରେ ଯେତିକି ଶଯ୍ୟା ଓ ଆଇସିୟୁର ଆବଶ୍ୟକତା ହୋଇଥିଲା, ଅତିକମ୍‌ରେ ସେତିକି ପରିମାଣର ଶଯ୍ୟା ଓ ଆଇସିୟୁ ପ୍ରସ୍ତୁତକରି ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ବିଭିନ୍ନ ବିଭାଗର ମୁଖ୍ୟ ପଦାଧିକାରୀ ଓ ଜିଲାପାଳମାନଙ୍କ ସହିତ କୋଭିଡ୍ ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଜନସାଧାରଣଙ୍କ ଟିକାକରଣ ଲକ୍ଷ୍ୟ ପୂରଣ ପାଇଁ କ୍ୟାମ୍ପେନ ମୋଡ୍‌ରେ କାମ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ୧୫ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କ ଟିକାକରଣ ଉପରେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୂତାଣୁ ସଂକ୍ରମଣକୁ କମ୍ କରିବା ପାଇଁ ଆମକୁ ଉଚିତ ମାତ୍ରାରେ କଟକଣା ଜାରି କରିବାକୁ ପଡ଼ିବ। ତେବେ ଏଥିରେ ଯେପରି ଜନସାଧାରଣଙ୍କ ଜୀବିକା ଉପରେ କୌଣସି ପ୍ରଭାବ ନ ପଡ଼େ, ସେଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ଖୁବ୍‌ଶୀଘ୍ର ଲକ୍ଷ ଲକ୍ଷ ସଂଖ୍ୟାରେ କୋଭିଡ୍ ସଂକ୍ରମଣ ଦେଖାଦେଇପାରେ। ତେଣୁ ଜନସାଧାରଣଙ୍କୁ ବିଶେଷ ଅସୁବିଧାରେ ନ ପକାଇ କୋଭିଡ୍‌ର ଉତ୍ତମ ପରିଚାଳନା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ସପ୍ତାହ ସମୀକ୍ଷା ବୈଠକରେ କେତେକ ପ୍ରସ୍ତୁତିକୁ ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ଶାସନ ସଚିବ ପ୍ରତିଦିନ ସମୀକ୍ଷା ବୈଠକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗତ ଲହର ସମୟରେ ଅକ୍ସିଜେନ ପରିଚାଳନା, ସୂଚନା ଅଭିଯାନ, ☞ପୃଷ୍ଠା-୪

# ଆଜିଠୁ ଦଶମ ସମେଟିଭ-୧

**ପରୀକ୍ଷା ଦେବେ ୫,୭୬,୨୨୩ ଛାତ୍ରୀଛାତ୍ର**

କଟକ ଅଫିସ, ୪।୧

ଦଶମ ଶ୍ରେଣୀ ସମେଟିଭ ଆସେସ୍‌ମେଣ୍ଟ-୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେଉଛି। ଚଳିତବର୍ଷ ୩୦୯୩ କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୭୬ ହଜାର ୨୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୫ରୁ ୮ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପରୀକ୍ଷା ହେବ। ପ୍ରଥମ ୩ ଦିନ ଦୁଇଟି ସିଟିଂରେ ଥିଓରି ପରୀକ୍ଷା ଓ ଶେଷଦିନ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ମଙ୍ଗଳବାର ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ପରୀକ୍ଷା ପାଇଁ ୩୧୧ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ବୁଧବାର ସକାଳ ସାଢେ ୮ଟାରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡିକରେ ପହଞ୍ଚିବ। ☞ପୃଷ୍ଠା-୪

# ଆଇଏଚ୍‌ୟୁ

## କୋଭିଡ୍‌ର ନୂଆ ଭାରିଆଣ୍ଟ ଚିହ୍ନଟ

- ଫ୍ରାନ୍ସରେ ୧୨ ଜଣ ସଂକ୍ରମିତ
- ୪୬ରୁ ଅଧିକ ମ୍ୟୁଟେଶନ

ପ୍ୟାରିସ୍, ୪।୧

ବିଶ୍ୱରେ ଦ୍ରୁତ ସଂକ୍ରାମକ ଓମିକ୍ରନ ଲହର ଚାଲିଥିବାବେଳେ ଏବେ ଫ୍ରାନ୍ସ ବୈଜ୍ଞାନିକମାନେ କରୋନାର ନୂଆ ଭାରିଆଣ୍ଟ ଆଇଏଚ୍‌ୟୁ ବା ବି.୧.୬୪୦.୨କୁ ଚିହ୍ନଟ କରିଛନ୍ତି। ଏହା ଓମିକ୍ରନ୍‌ଠାରୁ ମଧ୍ୟ ଅଧିକ ସଂକ୍ରାମକ ବୋଲି କୁହାଯାଉଛି। ଫ୍ରାନ୍ସରେ ଅନ୍ୟୁନ ୧୨ ଜଣଙ୍କଠାରେ ଆଇଏଚ୍‌ୟୁ ଭାରିଆଣ୍ଟ ଚିହ୍ନଟ ହୋଇଥିବା ଆଇଏଚ୍‌ୟୁ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ସାମୟିକ ଭାବେ ଏହି ଭାରିଆଣ୍ଟକୁ ଆଇଏଚ୍‌ୟୁ ନାମ ଦିଆଯାଇଛି। ଏହାର ଉତ୍ପତ୍ତି ଆଫ୍ରିକୀୟ ଦେଶ କାମେରୁନ୍ ବୋଲି କୁହାଯାଉଛି। ଏଥିରେ ସଂକ୍ରମିତ ହୋଇଥିବା ପ୍ରଥମ ବ୍ୟକ୍ତି କାମେରୁନ୍‌ରୁ ଫ୍ରାନ୍ସକୁ ଫେରିଥିଲେ। ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ଗତ ନଭେମ୍ବରରେ ସେ କରୋନା ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ ବାହାରିବା ପରେ ତାଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ହେଲେ ଏହି ଭାରିଆଣ୍ଟ ଡେଲ୍ଟା କିମ୍ବା ଓମିକ୍ରନ ପ୍ରଜାତି ସହ ମେଳ ଖାଇ ନ ଥିଲା। ପରେ ଏହା ପୂର୍ବ ଭାରିଆଣ୍ଟଗୁଡ଼ିକଠାରୁ ଅଲଗା ବୋଲି ଜଣାପଡ଼ିଥିଲା। ଗବେଷଣା ରିପୋର୍ଟରୁ ଜଣାପଡ଼ିଛି ଯେ, ଆଇଏଚ୍‌ୟୁ ଭାରିଆଣ୍ଟରେ ୪୬ ମ୍ୟୁଟେଶନ ରହିଛି। ତେବେ ଏହା କେତେମାତ୍ରାରେ ଘାତକ ଏବଂ ଭାକ୍ସିନ ଏହା ☞ପୃଷ୍ଠା-୪



**୫ ତଥ୍ୟ**

**ଦକ୍ଷିଣ ଆଫ୍ରିକୀୟ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ସାରା ବିଶ୍ୱ ଆତଙ୍କିତ ଅବସ୍ଥାରେ ଥିବାବେଳେ ଫ୍ରାନ୍ସର ବୈଜ୍ଞାନିକମାନେ କୋଭିଡ୍-୧୯ର ଏକ ନୂଆ ଷ୍ଟ୍ରେନ୍ ଠାବ କରିଛନ୍ତି। ଏହା ଫ୍ରାନ୍ସର ସୀମା ଡେଇଁ ଅନ୍ୟ କୌଣସି ରାଷ୍ଟ୍ରକୁ ବ୍ୟାପି ନ ଥିବା ଜଣାପଡ଼ିଛି।**

୧. ମେଡିଟେରାନି ଇନ୍‌ଫେକ୍ସନ ୟୁନିଭର୍ସିଟି ହସ୍ପିଟାଲ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏଚ୍‌ୟୁ) ପ୍ରଫେସର ଫିଲିପ୍ କୋଲସନ ଏହାକୁ ଆବିଷ୍କାର କରିଥିବାରୁ ଏହି ଭାରିଆଣ୍ଟର ଏପରି ନାମକରଣ କରାଯାଇଛି। ଫିଲିପ୍‌ଙ୍କ ଟିମ୍ ଏହାକୁ ବି.୧.୬୪୦.୨ ରୂପେ ନାମିତ କରିଛନ୍ତି। ☞ପୃଷ୍ଠା-୪

**ଶିକ୍ଷକଙ୍କ ଦରମା ବୃଦ୍ଧି।**



## ପାତ୍ରପୁରରେ ମୃଦୁ ଭୂମିକମ୍ପ

ପାତ୍ରପୁର,(ଡି.ଏନ୍.ଏ.): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ମଙ୍ଗଳବାର ରାତି ୧୦ଟା ୨୭ ମିନିଟ୍‌ରେ ମୃଦୁ ଭୂମିକମ୍ପ ହୋଇଛି। ବ୍ଲକର ଜରଡ଼ା, ସୁରଙ୍ଗି, ସାମନ୍ତିଆପଲ୍ଲୀ, ବାଦପୁର, ଗୁଣ୍ଡୁରା, ପଦାଦିଗୀ ଆଦି ଅଞ୍ଚଳରେ ୨ରୁ ୩ ସେକେଣ୍ଡ ପାଇଁ ପ୍ରବଳ ଶବ୍ଦ ହୋଇଥିଲା। ଲୋକେ ଭୟରେ ଘର ବାହାରକୁ ଚାଲି ଆସିଥିଲେ।

## ସଂକ୍ଷେପରେ

### ୬ରୁ ବି.ଏଡ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୪।୧(ବ୍ୟୁରୋ): ରାଜ୍ୟର ବିଭିନ୍ନ ବି.ଏଡ୍ କଲେଜରେ ଖାଲିଥିବା ସିଟ୍‌ଗୁଡ଼ିକରେ ସ୍ପଟ୍ ନାମଲେଖା ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ମଧ୍ୟରେ ସରିବ। ତେବେ ନାମଲେଖା ପାଇଁ ଆବେଦନ ପୂର୍ବରୁ କଲେଜଗୁଡ଼ିକ ସାମ୍ସ ପୋର୍ଟାଲରେ ବିଭାଗ ଅନୁଯାୟୀ ଖାଲି ଥିବା ସିଟ୍, କଟ୍ ଅଫ୍ ମାର୍କ ଆଦି ନାମଲେଖା ସମ୍ପର୍କିତ ସମସ୍ତ ତଥ୍ୟ ଅପଲୋଡ୍ କରିବେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବି.ଏଡ୍ ଓ ସ୍ୱୟଂଶାସିତ କଲେଜଗୁଡ଼ିକୁ ଅବଗତ କରାଯାଇଛି। ସେହିପରି କଲେଜଗୁଡ଼ିକର ପୋର୍ଟାଲରେ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ସ୍ପଟ୍ ନାମଲେଖା ପାଇଁ ଆବେଦନ ପରେ ଛାତ୍ରୀଛାତ୍ର ମେଧା ତାଲିକା ଓ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ନାମ ଲେଖାଇବେ ବୋଲି ଉଚ୍ଚଶିକ୍ଷା ବିଭାଗ ଚିଠିରେ ଉଲ୍ଲେଖ କରିଛି।

### ବାର୍ହା ଶିକାର ମହଙ୍ଗା ପଡ଼ିଲା

■ ଜଣେ ନିଖୋଜ, ୧ ଗୁରୁତର
■ ଭୋଇପାଲି ଗାଁ ପୁରୁଷ ଶୂନ୍ୟ

ସୋନପୁର,୪।୧(ନି.ପ୍ର.): ବାର୍ହା ଶିକାର ପାଇଁ ଜଙ୍ଗଲକୁ ଯିବା ସୋନପୁର ଥାନା କଳାପଥର ପଞ୍ଚାୟତ ଭୋଇପାଲି ଗ୍ରାମବାସୀଙ୍କୁ ମହଙ୍ଗା ପଡିଛି। ସୋମବାର ରାତିରେ ଭୋଇପାଲିର ବୀର ଭୋଇ ଓ ଗୌତମ ଭୋଇଙ୍କ ସମେତ ଗ୍ରାମର ଅନ୍ୟ କେତେଜଣ ବାର୍ହା ଶିକାର କରିବା ପାଇଁ ନିକଟସ୍ଥ ନନ୍ଦନମାଲ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ତାର ଟାଣି ବାର୍ହା ଶିକାର ଉଦ୍ୟମ କରିଥିଲେ। ବିଛା ଯାଇଥିବା ତାରକୁ ୧୧ କେଭି ବିଦ୍ୟୁତ୍ ତାର ସହିତ ସଂଯୋଗ କରାଯାଇଥିଲା। ଏହି ସମୟରେ ବାର୍ହା ବଦଳରେ ବୀର ଓ ଗୌତମ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିବା ଅଭିଯୋଗ ହୋଇଛି। ବୀରଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଗୌତମଙ୍କର କୌଣସି ପତ୍ତା ମିଳୁନି। ସେହିଭଳି ଭୋଇପାଲି ଗାଁ ମଙ୍ଗଳବାର ପୁରୁଷଶୂନ୍ୟ ହୋଇଯାଇଛି। ଘଟଣାକୁ ଗୁପ୍ତ ରଖାଯାଇଛି। ବନ ବିଭାଗ ଅଧିକାରୀ ସେମାନଙ୍କ ନିକଟରେ କୌଣସି ସୂଚନା ନଥିବା କହିଛନ୍ତି। ତେବେ ମୟୁରଉଡାନ ପଞ୍ଚାୟତ କଇଁଫୁଲ ଗ୍ରାମର ଚୈତନ୍ୟ ମହାକୁର ମଙ୍ଗଳବାର ସୋନପୁର ଥାନାରେ ତାଙ୍କ ଶ୍ୱଶୁର ଗୌତମ ନିଖୋଜ ଥିବା ରିପୋର୍ଟ କରିଛନ୍ତି। ଗୌତମ ଓ ବୀର ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ବୀର ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ଓ ଗୌତମଙ୍କ ପତ୍ତା ମିଳୁନି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ମିସିଂକେଶ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ବାର୍ହା ଶିକାର ସମୟରେ ଏଭଳି ଘଟଣା ଘଟିଥିବା ଓ ଗୌତମଙ୍କୁ ଜଙ୍ଗଲରେ ପୋତି ଦିଆଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସୋନପୁର ଆଇଆଇସି ନିରଞ୍ଜନ ଦାସଙ୍କୁ ପଚାରିବାରୁ ଆମ ପାଖରେ କେବଳ ନିଖୋଜ ସମ୍ପର୍କିତ ଅଭିଯୋଗ ରହିଛି। ତେବେ ଭୋଇପାଲି ଗାଁ ପୁରୁଷଶୂନ୍ୟ ହୋଇଥିବା ଓ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଯୁକ୍ତ କିଷାନ ମୋର୍ଚ୍ଚା

## ଢିଙ୍କିଆରେ ଆନ୍ଦୋଳନକାରୀଙ୍କୁ ଦମନ ପ୍ରସଙ୍ଗ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଜିନ୍ଦଲ କମ୍ପାନୀର ସ୍ୱାର୍ଥ ପାଇଁ ପୋଲିସ ଜନସାଧାରଣଙ୍କ ଉପରେ ଅତ୍ୟାଚାର କରୁଛି। ଜଗତ୍‌ସିଂହପୁର ଜିଲାର ଢ଼ିଙ୍କିଆ ଅଞ୍ଚଳରେ ପୋଲିସ ଗ୍ରାମକୁ ଘେରାବନ୍ଦୀ କରି ପାନବରଜ ଦଖଲ, ରାତିଅଧିଆ ଗିରଫଦାରି, ଲୋକଙ୍କ ସ୍ୱାଭାବିକ ଯାତାୟାତ ବନ୍ଦ ଆଦି ଘଟଣା ଘଟାଉଛି। ମିଥ୍ୟା ମକଦ୍ଦମା କରି ମାନସିକ ନିର୍ଯାତନା ଦିଆଯାଉଛି। ଏଭଳି ଅଭିଯୋଗ ଆଣି ସଂଯୁକ୍ତ କିଷାନ ମୋର୍ଚ୍ଚା-ଓଡ଼ିଶା ଶାଖା ତରଫରୁ ଏକ ୪ଜଣିଆ ପ୍ରତିନିଧି ଦଳ ରାଜଭବନ ଯାଇ ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେବା ସହ ଏହାର ପ୍ରତିବାଦ କରିଛନ୍ତି। ଲୋକଙ୍କ ଜୀବନ, ଜୀବିକା, ଭିଟାମାଟି ଏବଂ ମାନବିକ ଅଧିକାରର ସୁରକ୍ଷା ପାଇଁ ରାଜ୍ୟପାଳ ହସ୍ତକ୍ଷେପ କରିବା ପାଇଁ ଦାବି କରାଯାଇଛି। ଲୋକଙ୍କ ବିରୋଧ ସାଙ୍ଗକୁ ନିରନ୍ତର କୃଷି ଅର୍ଥନୀତିକୁ ସର୍ବନାଶ କରି କର୍ପୋରେଟରଙ୍କ ଲାଭ ଓ ଲୋଭ ପାଇଁ ହୋଇଥିବା ଯୋଜନାରୁ ସରକାର ଓହରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ ଦେଇଛି। ଏଥିସହ ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ୨୯୦୦ ଏକର ଜମିକୁ ଲୋକଙ୍କୁ ଫେରାଇଦେବା, ସରକାର ଲୋକଙ୍କ ସହିତ ଆଲୋଚନା କରିବା ପାଇଁ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

ଏହି ପ୍ରତିନିଧି ଦଳରେ ସୁରେଶ ପାଣିଗ୍ରାହୀ, ଶଶୀ ଭୂଷଣ ସ୍ୱାଇଁ, ପ୍ରଫୁଲ୍ଲ ସାମନ୍ତରାୟ, ମହେନ୍ଦ୍ର ପରିଡା ପ୍ରମୁଖ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ସହିତ ନରେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ସନ୍ତୋଷ ରଥ ପ୍ରମୁଖ ରାଜଭବନ ଯାଇଥିଲେ। ଆସନ୍ତା ୬ ତାରିଖରେ କିଷାନ ମୋର୍ଚ୍ଚା ଢିଙ୍କିଆ ଅଞ୍ଚଳ ଗସ୍ତ କରି ଆନ୍ଦୋଳନକାରୀ ଜନତା, ଜିଲାପାଳ ଓ ଜିଲାର ଏସ୍‌ପିଙ୍କୁ ଭେଟିବ। ରାଜ୍ୟ ସରକାର ଶାନ୍ତିପୂର୍ଣ୍ଣ ଜନ ଆନ୍ଦୋଳନ ଉପରେ ଦମନ ଜାରି ରଖିଲେ ପ୍ରତିବାଦ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି।



ରାଜ୍ୟପାଳଙ୍କୁ ଭେଟିବାକୁ ଆସିଥିବା ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତୃବନ୍ଦ।

# ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ମୁସ୍କାନ




**ଖୋର୍ଦ୍ଧା ଅଫିସ, ୪।୧:** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମର ସେକ୍ ସମ୍‌ଶେର ଓ ସଞ୍ଜିତା ବାନୋଙ୍କ ଝିଅ ମୁସ୍କାନ ତେହେସିନ। ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ଶେଷ ବର୍ଷର ଛାତ୍ରୀ ମୁସ୍କାନ। ସେ ଦୁଇ ହାତରେ କଲମ ଧରି ଏକ ସମୟରେ ନିର୍ଭୁଲ ଭାବେ ଦୁଇଟି ଭାଷାରେ ସୁନ୍ଦର ଭାବେ ଲେଖିପାରନ୍ତି। ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଏବଂ ଉର୍ଦ୍ଦୁ ଭାଷାରେ ଲେଖି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଦର୍ପଣ ଛବି (ମିରର ରାଇଟିଂ)ରେ ଓଲଟା ଅକ୍ଷର ଲେଖିବାରେ ମୁସ୍କାନ ପାରଙ୍ଗମ। ଏହି ନିଆରା ପ୍ରତିଭା ପାଇଁ ସେ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ରେ ସ୍ଥାନ ପାଇଛନ୍ତି। ଗିନିଜ୍ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ତାଙ୍କର ଲକ୍ଷ୍ୟ। ଜାତୀୟ ସଙ୍ଗୀତକୁ ସେ ୫ଟି ଭାଷାରେ ଡବଲ ହ୍ୟାଣ୍ଡ ରାଇଟିଂ ଓ ମିରର ରାଇଟିଂ କ୍ଷେତ୍ରରେ ଏହି ସମ୍ମାନ ପାଇଛନ୍ତି। ଏଥିଲାଗି ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ମୁସ୍କାନ କହିଛନ୍ତି, ଲକ୍‌ଡାଉନ ସମୟରେ କଲେଜ ବନ୍ଦ ହୋଇଗଲା। ଘରେ ପାଠପଢା ସହ ମୁଁ ମୋର ଏହି ଅଭ୍ୟାସ ଜାରି ରଖିଥିଲି। ଦୁଇ ହାତରେ କଲମ ଧରି ଲେଖିବା ଆରମ୍ଭ କରିଥିଲି। ଏବେ ଏହା ମୋର ଅଭ୍ୟାସରେ ପରିଣତ ହୋଇଛି। ମୋର ଏହି କଳା ସମ୍ପର୍କରେ ଜାଣିବା ପରେ ମା' ବାପା ପ୍ରେରଣା ଦେଇଥିଲେ। ସହପାଠୀ ଏବଂ ଅଧ୍ୟାପିକା, ଅଧ୍ୟାପକମାନେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶ୍ରୀହରିଲାଲ ଶର୍ମାଙ୍କ ଶେଷକୃତ୍ୟ

ପୁରୀ ଅଫିସ, ୪।୧

ଅବସରପ୍ରାପ୍ତ ଭାରତୀୟ ନୌସେନା ଅଧିକାରୀ ଭାଇସ ଆଡ୍‌ମିରାଲ ଶ୍ରୀହରିଲାଲ ଶର୍ମାଙ୍କ ଶେଷକୃତ୍ୟ ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସ୍ୱର୍ଗତ ଶର୍ମାଙ୍କୁ ନୌସେନା ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ତାଙ୍କ ପୁତ୍ର କ୍ୟାପ୍‌ଟେନ୍ ନବୀନ ଚନ୍ଦ୍ର ଶର୍ମା ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ନୌସେନା ଅଧିକାରୀଙ୍କ ସମେତ ପୁରୀ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ୱର୍ଗତ ଶର୍ମାଙ୍କ ପୁତ୍ରବଧୂ, କନ୍ୟା ଏବଂ ସାନଜ୍ୱାଇଁ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍‌ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳି ପ୍ରସାଦ ମିଶ୍ରଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ତତ୍କାଳୀନ ବିହାର ଏବଂ ଓଡ଼ିଶା ପ୍ରଦେଶରେ ୧୯୨୨ ଡିସେମ୍ବର ୧ରେ ଜନ୍ମଗ୍ରହଣ କରିଥିବା ହରିଲାଲ ୧୯୪୨ରୁ ୧୯୭୮ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେ ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ୍ ଇଷ୍ଟର୍ନ ଫ୍ଲିଟ୍ ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ପରମ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରରେ ରହୁଥିବା ଶ୍ରୀହରିଲାଲ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୦୦ ବର୍ଷ ବୟସରେ ସୋମବାର ତାଙ୍କର ପରଲୋକ ଘଟିଥିଲା।


ଶ୍ରୀହରିଲାଲ ଶର୍ମାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

# ମହିଳାଙ୍କୁ ଗଣବଳାତ୍କାର ମାମଲା: ଜଣେ ଗିରଫ

ଜୟପୁର, ୪।୧ (ନି.ପ୍ର.)

ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ଜଣେ ମହିଳାଙ୍କୁ ଗଣ ବଳାତ୍କାର ଘଟଣାର ୧୦ ଦିନ ପରେ ମଙ୍ଗଳବାର ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟର ମୀନ ବାରିକ। ପାଡୁଆ ଜଙ୍ଗଲରୁ ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏବେ ମଧ୍ୟ ଏଥିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଲାଲବାହାଦୁର ଦର୍ଜି ଫେରାର ଅଛନ୍ତି। ମୀନଙ୍କ ଜିଲା ଚିକିତ୍ସାଳୟରେ ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ଜୟପୁର ସଦର ଓ କୋରାପୁଟ ସଦର ଥାନାରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଛି। ତାଙ୍କ ପାଇଁ କୌଣସି ଓକିଲ ମାମଲା ଲଢ଼ିବେ ନାହିଁ ବୋଲି ଓକିଲ ସଂଘ ନିଷ୍ପତ୍ତି ନେଇଛି। ମାମଲାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଭାଜପା ପକ୍ଷରୁ ଜୟପୁର ବନ୍ଦ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଏସ୍‌ଡିପିଓ ଅଫିସ ସମ୍ମୁଖରେ ଗଣଧାରଣା ଓ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଅଭିଯୁକ୍ତ ତୁରନ୍ତ ଗିରଫ ନ ହେଲେ ୭ରେ କୋରାପୁଟ ବନ୍ଦ ଓ ୯ରେ ନବୀନ ନିବାସ ଘେରାଉ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ଚେତାବନୀ ଦେଇଥିଲେ। ଗତ ୨୪ ରାତିରେ ବାମୁଣି ଗାଁରେ ରହୁଥିବା ଏକ ପରିବାରର ସ୍ୱାମୀ, ସ୍ତ୍ରୀ ଓ ପୁଅ ଶୋଇଥିବା ବେଳେ ୨ଜଣ ଦୁର୍ବୃତ୍ତ ଘର ପଛ ପଟେ ପଶି ସ୍ୱାମୀଙ୍କୁ ମାଡ଼ ମାରି ପୁଅକୁ ମାରିଦେବାକୁ ଧମକ ଦେଇ ମହିଳାଙ୍କୁ ବଳାତ୍କାର କରିଥିଲେ।


ଗିରଫ ଅଭିଯୁକ୍ତ।

# ଫାଶରେ ପଡ଼ି କଲରାପତରିଆ ବାଘୁଣୀ ମୃତ

ଟିଗିରିଆ,୪।୧(ଡି.ଏନ୍.ଏ.)

କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଟିଗିରିଆର ଭିରୁଡା ଗ୍ରାମସ୍ଥିତ ସୋରିଷପାଳ ଜଙ୍ଗଲରୁ ମଙ୍ଗଳବାର କଲରାପତରିଆ ବାଘୁଣୀର ମୃତଦେହ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ଫାଶରେ ପଡ଼ି ଉକ୍ତ ବାଘୁଣୀର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଲୋକେ ସକାଳେ ଏହି ଜଙ୍ଗଲର ବ୍ରାହ୍ମଣୀ ତଇଲାଠାରେ ବାଘୁଣୀର ମୃତଦେହ ଦେଖି ବନବିଭାଗକୁ ଖବର ଦେଇଥିଲେ। ଟିଗିରିଆ ବନପାଳ ରାକେଶ ପ୍ରଧାନ ଏବଂ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଘୁଣୀକୁ ଗୋଟିଏ ଗାଡ଼ି କ୍ଲଚ ତାରରେ ତିଆରି ଲୁହା ଫାଶରେ ପଡ଼ିଥିବା ଦେଖିଥିଲେ। ପରେ ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ସହକାରୀ ବନସଂରକ୍ଷକ ଘନଶ୍ୟାମ ମୁଦୁଲି ଏବଂ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ମାଥୋର ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ବାଘୁଣୀର ମୃତଦେହ ଜବତ ପରେ ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ବଉଦା ବନଖଣ୍ଡି ନର୍ସରୀକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଛି। ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ସୁଶାନ୍ତ କୁମାର ବେହେରା, ଟିଗିରିଆ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ.ଚୌଧୁରୀ ଦୀପକ ରଞ୍ଜନ ମହାପାତ୍ର, ସାତକୋଶିଆ ବନ୍ୟଜନ୍ତୁ ଅଭୟାରଣ୍ୟର ଡା.କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ୟବଚ୍ଛେଦ ହୋଇଥିଲା। ଫାଶରେ ପଡ଼ିବା ପରେ ବାଘୁଣୀଟି ବହୁ ଚେଷ୍ଟା ସତ୍ତ୍ୱେ ସେଥିରୁ ଖସି ପାରିନାହିଁ। ଶେଷରେ ଶ୍ୱାସରୁଦ୍ଧ ହୋଇ ତା'ର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ କରିଥିବା ଡାକ୍ତରୀ ଦଳ କହିଛନ୍ତି। ବାଘୁଣୀକୁ ଅଢ଼େଇ ବର୍ଷ ହେବ ବୋଲି ଜଣାପଡ଼ିଛି।

୧୬ ସେପ୍ଟେମ୍ବର ୨୦୧୯ରେ ଟିଗିରିଆ ଅଞ୍ଚଳରେ ଗୋଟିଏ କଲରାପତରିଆ ବାଘୁଣୀର ମୃତ୍ୟୁ ହୋଇଥିଲା। ବନବିଭାଗ ପକ୍ଷରୁ ସେତେବେଳେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରାଯାଇନଥିଲା। ଏନେଇ ସେତେବେଳେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।



# ଯୁବଚାଷୀ ନିଜ ଅର୍ଥରେ କଲେ କଲ୍‌ଭର୍ଟ, ରାସ୍ତା

■ ବାରମ୍ବାର ଜଣାଇ ଶୁଣିଲାନି ପ୍ରଶାସନ
■ ନିଜ ଗଚ୍ଛିତ ଶସ୍ୟ ବିକି କାମ ଆରମ୍ଭ କରିଥିଲେ
■ କେନାଲ ଅପରପାର୍ଶ୍ୱରେ ରହୁଥିଲା ଚାଷୀଙ୍କ ଜମି
■ ବିଧାୟକ କଲେ ଉଦ୍‌ଘାଟନ

ମାଲକାନଗିରି,୪।୧ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏମ୍‌ଭି-୪୮ ଗ୍ରାମର ଯୁବଚାଷୀ ନିଜସ୍ୱ ଅର୍ଥରେ କଲ୍‌ଭର୍ଟ ଓ ମାଟିରାସ୍ତା ନିର୍ମାଣ କରିଛନ୍ତି। ଯୁବଚାଷୀ ହିରଣ୍ମୟ ସରକାରଙ୍କ ଏଭଳି ଉଦ୍ୟମ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ କରିବାରେ ସହାୟ ହୋଇଛି। ଏମ୍‌ଭି-୪୮ ଗ୍ରାମ ପାର୍ଶ୍ୱ ଦେଇ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି କେନାଲ। ମାତ୍ର ଚାଷୀଙ୍କ ଜମି କେନାଲ ଆର ପାର୍ଶ୍ୱରେ ରହିଛି। ଫଳରେ ଚାଷୀଙ୍କୁ ଚାଷ କରିବାକୁ ହେଲେ କେନାଲ ଆରପାର୍ଶ୍ୱକୁ ଯିବାକୁ ପଡୁଛି। ନିଜ ଅମଳ ଶସ୍ୟ ମୁଣ୍ଡରେ ବୋହି କେନାଲ ପାର କରି ଆଣିବାକୁ ହେଉଛି। ବର୍ଷ ବର୍ଷ ଧରି ସେମାନେ ଏହିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ ଉପରେ କଲ୍‌ଭର୍ଟ ନିର୍ମାଣ କଲେ ସବୁ ସମସ୍ୟା ସମାଧାନ ହୋଇପାରିବ ବୋଲି ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଚାଷୀମାନେ ବାରମ୍ବାର ଜଣାଉଥିଲେ। ଏନେଇ କିଛି ସୁଫଳ ନ ମିଳିବାରୁ ଗ୍ରାମର ଯୁବ ଚାଷୀ ହିରଣ୍ମୟ ସରକାର ଏଥିପାଇଁ ଅଣ୍ଟା ଭିଡ଼ିଥିଲେ। ନିଜ ଅର୍ଥରେ ସେ କେନାଲ ଉପରେ କଲ୍‌ଭର୍ଟ ନିର୍ମାଣ କଲେ। ଏଥିପାଇଁ ସେ ୨ ବର୍ଷର ନିଜ ଗଚ୍ଛିତ ଶସ୍ୟ ବିକ୍ରି କରିଦେଇଥିଲେ। କଲ୍‌ଭର୍ଟ ପରେ ପାର୍ଶ୍ୱ ରାସ୍ତା ପାଇଁ ଆରମ୍ଭ କଲେ ମାଟି ରାସ୍ତା। ଆଗକୁ ଆଉ ୨ଶହ ମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ହିରଣ୍ମୟ। ଏହି ରାସ୍ତା ଓ କଲ୍‌ଭର୍ଟ କେବଳ ଏମ୍‌ଭି ୪୮ ଗ୍ରାମର ଲୋକେ ନୁହନ୍ତି, କୋରୁକୋଣ୍ଡା ବ୍ଲକର ମୁଣ୍ଡିଗୁଡ଼ା ଗ୍ରାମର ଲୋକେ ମଧ୍ୟ ଯୋଗାଯୋଗ ସୁବିଧା ପାଇପାରିଛନ୍ତି। ମଙ୍ଗଳବାର ହିରଣ୍ମୟଙ୍କ ଏହି ରାସ୍ତା ଓ କଲ୍‌ଭର୍ଟକୁ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଉଦ୍‌ଘାଟନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଅଶୋକ ପରିଡ଼ା, ଜିଲା ସଭାପତି ନିମାଇ ପାଲ, ଜିଲା ସମ୍ପାଦକ ସଞ୍ଜୟ ସରକାର, ଜିଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।


ହିରଣ୍ମୟ ନିର୍ମାଣ କରିଥିବା ରାସ୍ତା ଓ କଲ୍‌ଭର୍ଟକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।
























## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୩୫,୪୧,୮୧୪ | ୫୪,୬୮,୩୭୧ | ୨୫,୫୬,୨୯,୪୭୫ |
| ଭାରତ | ୩,୪୯,୬୦,୨୬୧ | ୪,୮୨,୦୧୭ | ୩,୪୩,୦୬,୪୧୪ |
| ଓଡ଼ିଶା | ୧୦,୫୬,୬୬୦ | ୮୪୭୪(+୫୩) | ୧୦,୪୫,୩୭୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟର ୪ ଛାତ୍ରୀଛାତ୍ରଙ୍କୁ କରୋନା

ଡାବୁଗାଁ, ୪।୧(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଆଦର୍ଶ ବିଦ୍ୟାଳୟର ୪ଜଣ ଛାତ୍ରୀଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସ୍କୁଲକୁ ସାନିଟାଇଜ୍ କରିବାପାଇଁ ବୁଧବାର ଓ ଗୁରୁବାର ବିଦ୍ୟାଳୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଆକାନ୍ତ ଛାତ୍ରୀଛାତ୍ରଙ୍କ ଘରକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଛାତ୍ରୀ ଓ ୩ଜଣ ଛାତ୍ର ଅଛନ୍ତି। ସେମାନେ ସମସ୍ତେ ଷଷ୍ଠଶ୍ରେଣୀର ବୋଲି ଜଣାପଡ଼ିଛି। ଛାତ୍ରୀଛାତ୍ରମାନେ ନିଜ ନିଜ ଘରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡିଛି।

### ୭.୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

#### ଜେଲ ଗଲେ ବେପାରୀ



ନିମାପଡ଼ା,୪।୧(ଡି.ଏନ୍.ଏ.): ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି କାକଟପୁର ଥାନା ଅନ୍ତର୍ଗତ ମୁତୁଣିଆ ଗ୍ରାମ ଛକ ନିକଟରୁ ମଙ୍ଗଳବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ମୁତୁଣିଆ ଗ୍ରାମର ବିଭୁତି ଭୂଷଣ ସ୍ୱାଇଁ। ତାଙ୍କ ନିକଟରୁ ୭୪ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ତେବେ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୭ଲକ୍ଷ ୪୦ହଜାର ଟଙ୍କା ବୋଲି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏନେଇ ଏକ ମାମଲା(ନଂ.୫୭/୨୧-୨୨) ରୁଜୁ ପରେ ବିଭୁତି ଭୂଷଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଦାୟିତ୍ୱରେ ଥିବା ନିମାପଡ଼ା ଅବକାରୀ ଏସ୍‌ଆଇ ମମତା କୁମାରୀ ଦାସ ସଦଳବଳେ ଏହି ଚଢ଼ାଉ କରିଥିଲେ।

# ବ୍ୟାଘ୍ର କରିଡରରେ ଯୋଡ଼ିହେଲା ନନ୍ଦିନିଆ

- ବାଘ ଗଣନା ଲାଗି ଲାଗିଛି ୫୯ ଟ୍ରାପ୍ କ୍ୟାମେରା
- ଏପ୍ରିଲ ସୁଦ୍ଧା ସରିବ ସର୍ଭେ, ଅଗଷ୍ଟରେ ରିପୋର୍ଟ

ଢେଙ୍କାନାଳ ଅଫିସ, ୪।୧

ସାତକୋଶିଆ ବ୍ୟାଘ୍ର କରିଡ଼ରରେ ଯୋଡ଼ିହୋଇଛି ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ। ଜିଲାର କନ୍ଦରା ଏବଂ ନନ୍ଦିନିଆ ରିଜର୍ଭ ଫରେଷ୍ଟକୁ ଏଥିରେ ସାମିଲ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ନନ୍ଦିନିଆକୁ ସବୁଜ ସଙ୍କେତ ମିଳିଥିବାବେଳେ କନ୍ଦରା ପାଇଁ ସର୍ଭେ କାର୍ଯ୍ୟ ଜାରି ରହିଛି। କନ୍ଦରାରୁ ନନ୍ଦିନିଆ ଦେଇ ସାତକୋଶିଆ ଅଭୟାରଣ୍ୟକୁ ବାଘ ଚଲାପଥ ଭାବେ ଘୋଷଣା କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ଅପରପକ୍ଷେ ଜିଲାର ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ବାଘଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ଡିସେମ୍ବର ୨୦୨୧ରୁ ଅଭିଯାନ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ବନ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ୫୯ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। ଜଙ୍ଗଲରେ ଅବସ୍ଥିତ ଜଳାଶୟ ନିକଟରୁ ବାଘଙ୍କ ପାଦଚିହ୍ନ ସଂଗ୍ରହ କରାଯାଇ ପରୀକ୍ଷାନିରୀକ୍ଷା କରାଯାଉଛି। ଏପ୍ରିଲ୍ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ। ଏହାପରେ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଅଗଷ୍ଟ ସୁଦ୍ଧା ବାଘଗଣନା ସଂକ୍ରାନ୍ତ ପୂର୍ଣ୍ଣାଙ୍ଗ ରିପୋର୍ଟ ମିଳିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ରେ ଟ୍ରାପ୍ କ୍ୟାମେରାରେ ୭ କଲରାପତରିଆ ବାଘଙ୍କ ଫଟୋଚିତ୍ର କଏଦ ହୋଇଥିଲା। ତେବେ ଶିକାରୀଙ୍କ ପ୍ରାଦୁର୍ଭାବ ଯୋଗୁ ସମ୍ପୃକ୍ତ ଜଙ୍ଗଲଗୁଡ଼ିକର ନାମ ଗୋପନ ରଖାଯାଇଛି। ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କନ୍ଦରା ସମେତ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ ଅଧୀନ ଏକୁଲ-ସେକୁଲ ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରେ ବାଘ ରହିଥିବା ସମ୍ଭାବନା ରହିଛି। କାରଣ ଦୁଇବର୍ଷ ତଳେ ଉକ୍ତ ଅଞ୍ଚଳରୁ ଶିକାରୀମାନେ ୨ଟି ବାଘ ଶିକାର କରିଥିଲେ। ସେମାନଙ୍କ ଛାଲ ବିକ୍ରି ଯୋଜନାକୁ ବନ ବିଭାଗ ପଣ୍ଡ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣେ ଶିକ୍ଷକ ବନ୍ଧା ହୋଇଥିଲେ। ଜିଲାର ସଂରକ୍ଷିତ ଜଙ୍ଗଲରେ ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସମାନ୍ତରାଳ ଭାବେ ବାଘ ସଂଖ୍ୟାରେ ବୃଦ୍ଧି ଘଟୁଥିବା ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।



ଟ୍ରାପ୍ କ୍ୟାମେରାରେ ଧରାପଡ଼ିଥିବା କଲରାପତରିଆ।

# ସମୟ ଭିତରେ ସବୁ କାମ ସାର: ମୁଖ୍ୟ ଶାସନ ସଚିବ

### 'ଟାଉନ ପ୍ଲାନିଂ' ସ୍କିମ୍ ଅଞ୍ଚଳ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୪।୧(ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ବିଭିନ୍ନ ଅଞ୍ଚଳରେ ଟାଉନ୍ ପ୍ଲାନିଂ ସ୍କିମ୍ ଲୋକପ୍ରିୟତା ଯୋଗୁ ଏଥିରେ ଅଗ୍ରଗତି ପରିଲକ୍ଷିତ ହୋଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରୁ ଜଣାପଡ଼ିଛି। ବୈଠକରେ ବିଡିଏ ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂ ଟାଉନ୍ ପ୍ଲାନିଂ ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ।

ଉକ୍ତ ଯୋଜନାର ଅଗ୍ରଗତି ସମୀକ୍ଷାକରି ପ୍ରତି ଟାଉନ୍ ପ୍ଲାନିଂ ଅଞ୍ଚଳରେ ଗମନାଗମନ, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ନିମନ୍ତେ ଉତ୍ତମ ଭିତ୍ତିଭୂମି ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗ ଓ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ସ୍କିମ୍ ଅଞ୍ଚଳରେ ମୁଖ୍ୟ ରାସ୍ତାଗୁଡ଼ିକୁ ପୂର୍ତ୍ତ ବିଭାଗ ଏବଂ ଭିତର ରାସ୍ତାଗୁଡ଼ିକୁ ବିଡିଏ ନିର୍ମାଣ କରିବ। ଜଳ ଯୋଗାଣ ଏବଂ ନର୍ଦ୍ଦମା ପରିଚାଳନା ନିମନ୍ତେ ଦୂରଦର୍ଶୀ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍କିମ୍ ଅଞ୍ଚଳଗୁଡିକରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ନିମନ୍ତେ ସବିଶେଷ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଟାଟା ପାୱାର କେନ୍ଦ୍ରୀୟ ବିତରଣ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟ ସମୟାନୁବନ୍ଧିତ ଭାବେ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବିଡିଏ ଉପାଧ୍ୟକ୍ଷ ସିଂ କହିଛନ୍ତି, ରାଜଧାନୀର ଦ୍ରୁତବର୍ଦ୍ଧିଷ୍ଣୁ ସ୍ଥିତି ଦୃଷ୍ଟିରୁ ବିଡିଏ ଦ୍ୱାରା ୪୫ଟି ଟାଉନ୍ ପ୍ଲାନିଂ ସ୍କିମ୍ କରିବାକୁ ପ୍ରସ୍ତାବ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ଟି ସ୍କିମ୍ ଆରମ୍ଭ କରାଯାଇଛି। କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି। ଏହାଛଡ଼ା ଅନ୍ୟ ୯ଟି ସ୍କିମ୍ ପ୍ରାରମ୍ଭିକ ପ୍ରସ୍ତୁତି କାମ ମଧ୍ୟ ତ୍ୱରାନ୍ୱିତ ହୋଇଛି। ସ୍କିମ୍ ନମ୍ବର ୧,୨,୩ ଏବଂ ୪ରେ କ୍ଷେତ୍ରସ୍ତରୀୟ ସର୍ଭେ, ଜମି ଏକତ୍ରୀକରଣ, ସଂଶୋଧିତ ଜମି ପଟ୍ଟା ପ୍ରସ୍ତୁତି ଏବଂ ବଣ୍ଟନ କାର୍ଯ୍ୟ ଚାଲିଛି। ୧ରୁ ୨ମାସ ମଧ୍ୟରେ ସମସ୍ତ ସଂଶୋଧିତ ପଟ୍ଟା ଯୋଗାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ୪ଟି ସ୍କିମ୍ ସମୁଦାୟ ୧୬୦୦ ଏକର ଜମି ଉପରେ କରାଯାଉଛି। ଏସବୁରେ ପ୍ରାୟ ୧.୫୦ ଲକ୍ଷରୁ ଅଧିକ ଲୋକ ବସବାସ କରିପାରିବେ। ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ୪ଟି ସ୍କିମ୍‌ର ବିକାଶ ପାଇଁ ପ୍ରାୟ ୭୪୯ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାପଡିଛି।

# ଚାଲାଣବେଳେ ବଜ୍ରକାପ୍ତା ଉଦ୍ଧାର, ଅଭିଯୁକ୍ତ ଗିରଫ

### ଏସ୍‌ଟିଏଫ୍, ବନ ବିଭାଗର ମିଳିତ ଚଢ଼ାଉ

ଭୁବନେଶ୍ୱର,(ବ୍ୟୁରୋ)/ ବରଗଡ଼ ଅଫିସ, ୪।୧

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗର ମିଳିତ ଟିମ୍ ବଡ଼ଗଡ଼ ଜିଲା ଭେଡ଼େନ ଥାନା ନେଗୀପାଲି ଛକରେ ଚଢ଼ାଉ କରି ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଛି। ଏଥିସହ ଏହାକୁ ଚାଲାଣ କରୁଥିବା ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ନେଗୀପାଲି ଗ୍ରାମର ଜଗତ ଠେଲା(୧୯)। ଏସ୍‌ଟିଏଫ୍ ଅଭିଯୁକ୍ତ ଜଗତଙ୍କୁ ବଡ଼ଗଡ଼ ବନ ବିଭାଗକୁ ହସ୍ତାନ୍ତର କରିବା ପରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଉଦ୍ଧାର ବଜ୍ରକାପ୍ତାକୁ ସୁରକ୍ଷା ଦୃଷ୍ଟିରୁ ଏସ୍‌ଟିଏଫ୍ ବଡ଼ଗଡ଼ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ଉକ୍ତ ବଜ୍ରକାପ୍ତାକୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।



ଉଦ୍ଧାର ବଜ୍ରକାପ୍ତା

ତେବେ ଅଭିଯୁକ୍ତ ଜଣକ ବଜ୍ରକାପ୍ତାକୁ କେଉଁଠାରୁ ଆଣିଲେ ଏବଂ କେଉଁଠାକୁ ଚାଲାଣ କରୁଥିଲେ, ତାହା ଜଣାପଡ଼ିନାହିଁ। ଏନେଇ ଏସ୍‌ଟିଏଫ୍ ଓ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଗତ ଏକ ବଜ୍ରକାପ୍ତା ରଖିଥିବା ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସ୍ଥାନୀୟ ବନ ବିଭାଗକୁ ଜଣାଇଥିଲା। ସୋମବାର ବିଳମ୍ବିତ ରାତିରେ ସେ ବରଗଡ଼-ଭେଡ଼େନ ରାସ୍ତାର ନେଗୀପାଲି ଛକଦେଇ ଉକ୍ତ ବଜ୍ରକାପ୍ତାକୁ ଚାଲାଣ ଉଦ୍ଦେଶ୍ୟରେ ନେଇ ଯାଉଥିଲେ। ଏହି ସମୟରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ଏଯାଏ ମୋଟ ୨୨ଟି ବାଘ ଛାଲ, ୧୨ଟି ହାତୀ ଦାନ୍ତ, ୭ଟି ହରିଣ ଛାଲ, ୯ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୫୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ୬ ସପ୍ତାହ ମଧ୍ୟରେ ବାର୍ କାଉନ୍‌ସିଲ ନିର୍ବାଚନ କର: ହାଇକୋର୍ଟ



କଟକ ଅଫିସ,୪।୧

ରାଜ୍ୟ ବାର କାଉନ୍‌ସିଲ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହ ୬ସପ୍ତାହ ମଧ୍ୟରେ ଶେଷ କରିବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଭୋଟର ତାଲିକା ଅନୁସାରେ ନିର୍ବାଚନ ଆୟୋଜନ କରିବାକୁ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ବାର କାଉନ୍‌ସିଲକୁ କହିଛନ୍ତି। ଶେଷଥର ପାଇଁ ୨୦୧୪ ରେ ବାର କାଉନ୍‌ସିଲ ନିର୍ବାଚନ ହୋଇଥିଲା। ୨୦୧୯ ମେ' ୫ରୁ କାଉନ୍‌ସିଲର କାର୍ଯ୍ୟକାଳ ଶେଷ ହୋଇଯାଇଛି। ଅବଧି ଶେଷ ପରେ ମଧ୍ୟ ଦୀର୍ଘ ଦିନ ଧରି ନିର୍ବାଚନ କରାଯାଉ ନାହିଁ। ଫଳରେ ହଜାର ହଜାର ଆଇନଜୀବୀ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ। ତେଣୁ ତୁରନ୍ତ ନିର୍ବାଚନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ତଥା ବାର୍ କାଉନ୍‌ସିଲର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମହାନ୍ତି ଏବଂ ବାର କାଉନସିଲର ୩ଥର ସଦସ୍ୟ ରହିଥିବା ସିତାଂଶୁ ଦ୍ୱିବେଦୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଆଇନଜୀବୀ ମହଲରେ ସ୍ୱାଗତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି ଓ ଜି.ଏମ୍. ରଥ ମାମଲା ପରିଚାଳନା କରୁଥିଲେ।

OrissaPOST
HERE. NOW
English daily

WANTED

SENIOR SUB-EDITORS:-
- Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.

SENIOR REPORTERS:-
- Minimum 5 years of reporting experience in English media.

TRANSLATORS:-
- Well Versed in English and Oriya (Full Time).

Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.



ପୁରୀ ସମୁଦ୍ରରେ ମଙ୍ଗଳବାର ମତ୍ସ୍ୟଜୀବୀମାନେ ରବରଟ୍ୟୁବ୍ ବ୍ୟବହାର କରି ମାଛ ଧରୁଛନ୍ତି।

# ୭ ଜିଲାରେ ଘନକୁହୁଡ଼ି ସମ୍ଭାବନା

### ୧୦ ଡିଗ୍ରୀ ତଳେ ୫ ସହର

ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ଶୀତ ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୪ରୁ୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ରାଜ୍ୟରେ ୫ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୯, କେନ୍ଦୁଝରରେ ୯.୨, ଭବାନୀପାଟଣା ୯.୯ ଏବଂ ଟିଟିଲାଗଡ଼ରେ ସର୍ବନିମ୍ନ ତାପମାତ୍ରା ୯.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୧, କଟକ ୧୨.୬, ଭୁବନେଶ୍ୱର ୧୨.୮, ଅନୁଗୋଳ ୧୨, ବାରିପଦା ୧୧.୨, ଝାରସୁଗୁଡା ୧୦.୬, ହୀରାକୁଦ ୧୨.୧, ତାଳଚେର ୧୨ ଏବଂ ସୋନପୁରରେ ସର୍ବନିମ୍ନ ତାପାମାତ୍ର ୧୦.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବୁଧବାରଠାରୁ ରାଜ୍ୟରେ ଶୀତ କମିବା ସହ କୁହୁଡ଼ି ବଢ଼ିବ। ଆସନ୍ତା ଦୁଇଦିନ ଧରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଓଡିଶାକୁ ପଶ୍ଚିମା ବାୟୁ ପ୍ରବାହ ସମ୍ଭାବନା ଥିବାରୁ ଆସନ୍ତା ୮ ତାରିଖରୁ ୧୨ ତାରିଖ ଯାଏ ରାଜ୍ୟରେ ବର୍ଷା ହେବ। ୮ରୁ ୧୦ ତାରିଖ ମଧ୍ୟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ଏବଂ ୧୦ ରୁ ୧୨ ତାରିଖ ଯାଏ ଉତ୍ତର ଏବଂ ଉପକୂଳ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି।

# ୧୧ହଜାର ପର୍ଯ୍ୟଟକ ବୁଲିଲେ ନନ୍ଦନକାନନ

ବାରଙ୍ଗ,୪।୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ମଙ୍ଗଳବାର ଠାରୁ ପୁଣି ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ପର୍ଯ୍ୟଟକମାନେ ପ୍ରାଣୀ ଉଦ୍ୟାନର ବାଘ, ସିଂହ, ଭାଲୁ ଓ ତୃଣଭୋଜି ପ୍ରାଣୀଙ୍କୁ ଦେଖିବାର ମଜା ଉଠାଇଥିଲେ। ବଟାନିକାଲ ଗାର୍ଡେନରେ ବିଭିନ୍ନ କିସମର ଗଛଲତା, ଉଦ୍ୟାନ ବୁଲି ଦେଖିବା ସହିତ ପିଲାମାନଙ୍କୁ ଶିଶୁ ଉଦ୍ୟାନରେ ଦୋଳି ଖେଳାଇଥିଲେ। ତେବେ ବଣଭୋଜି ବନ୍ଦ ଥିବାରୁ ଉଦ୍ୟାନକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସି ନ ଥିବା ଦେଖିବାକୁ ମିଳିଥିଲା। ତେବେ ଉଭୟ ଉଦ୍ୟାନରେ ଓମିକ୍ରନ ପାଇଁ ସାମାଜିକ ଦୂରତ୍ୱ ସହ ସାନିଟାଇଜ, ଥର୍ମାଲ ସ୍କ୍ରିନିଂ କରାଯାଇ ପର୍ଯ୍ୟଟକଙ୍କୁ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ରହିଥିଲା। ନନ୍ଦନକାନନରେ ୧୧ ହଜାର ୧୨ଜଣ ପର୍ଯ୍ୟଟକ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୨୯୯ଜଣ ପର୍ଯ୍ୟଟକ ଆସିଥିବା ନନ୍ଦନକାନନର ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ବେହେରା କହିଛନ୍ତି। ପ୍ରକାଶ ଯେ, ନୂଆବର୍ଷରେ ନନ୍ଦନକାନନ ଭିଡ଼ ହେବା ଆଶଙ୍କା କରି ପର୍ଯ୍ୟଟକଙ୍କ ହିତ ଦୃଷ୍ଟିରୁ ୫ଦିନ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ କର୍ତ୍ତୃପକ୍ଷ ବନ୍ଦ ରଖିଥିଲେ।



ନନ୍ଦନକାନନ ଖୋଲିବାର ପ୍ରଥମ ଦିନରେ ପର୍ଯ୍ୟଟକଙ୍କ ଭିଡ଼।



**ଆଜିର ମନ୍ତବ୍ୟ**

"ଭାରତ-ଚାଇନା ସୀମାର ଘଟଣାକ୍ରମକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସ୍ପଷ୍ଟୀକରଣ ଦିଅନ୍ତୁ। ଦୁଇ ପଡ଼ୋଶୀ ସମାଧାନ ପାଇଁ ଆଲୋଚନା ଜାରି ରଖନ୍ତୁ।

– ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ତୁଷାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମିଶନାରି ଅଫ୍ ଚାରିଟିଜ୍‌କୁ ସହାୟତା

### ୧୩ ଅନୁଷ୍ଠାନ ପାଇଁ ୭୮.୭୬ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନାରିଜ ଅଫ୍ ଚାରିଟି ପ୍ରତି ସହାୟତାର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଥିବା ୧୩ଟି ଅନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୮ ଲକ୍ଷ ୭୬ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକରେ ଥିବା କୌଣସି ଅନ୍ତେବାସୀ ଯେପରି ଖାଦ୍ୟ ନିରାପତ୍ତା ଓ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ଗୁରୁତ୍ୱ ଦେବାକୁ ଡିସେମ୍ବର ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଅନୁରୋଧକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ୮ଟି ଜିଲାରେ ଥିବା ମିଶନାରିଜ ଅଫ୍ ଚାରିଟିର ୧୩ଟି ପ୍ରତିଷ୍ଠାନ ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ବିଭିନ୍ନ କୁଷ୍ଠାଶ୍ରମ ଓ ଅନାଥାଶ୍ରମରେ ରହୁଥିବା ୯୦୦ରୁ ଅଧିକ ଅନ୍ତେବାସୀ ଉପକୃତ ହେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପର ଲୋକଙ୍କ ସାହାଯ୍ୟ,ସହଯୋଗ ବିଶେଷଭାବରେ ଅନୁଭୂତ ହେବ। ଯୁକ୍ତିଯୁକ୍ତ କଥା ଓ ନିରପେକ୍ଷ ନ୍ୟାୟ ପ୍ରଦାନ କରି ବନ୍ଧୁଗହଣରେ ବହୁ ଚର୍ଚ୍ଚିତ ହେବେ। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ ସତ କିନ୍ତୁ ଏଥିପାଇଁ ବହୁତ ମେହେନତ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ।

**ବୃଷ**
ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେବେ। ଉଚ୍ଚଶିକ୍ଷା, ଗବେଷଣା, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ବନ୍ଧୁଙ୍କ ମୁହଁରେ ଗୋପନୀୟ କଥା ପ୍ରକାଶ କରି ନ ପାରିବାରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ବୃଥା ଭ୍ରମଣ ଓ ଅଯଥା ଗୁଡ଼ାଏ ମୂଳହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ**
ବିଚାରଧାରା ଅନୁଯାୟୀ ଦିନଟି ବିଶେଷ ସଫଳତା ପ୍ରଦାନ କରିବ। ପାରିବାରିକ ସଦ୍ଭାବରେ, ବୁଝାମଣା ମାଧ୍ୟମରେ ସୁଖ, ଶାନ୍ତି ଫେରି ଆସିବ। ସରକାରୀ ସ୍ତରରୁ ଅର୍ଥ ଲାଭକରି ଋଣ ପରିଶୋଧ କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, କୁଟୀର ଶିଳ୍ପ, କଳା, ସାହିତ୍ୟରେ ସମସ୍ୟା ସମାଧାନ ପୂର୍ବକ ଆଶା ପୂରଣ ହୋଇଯିବ।

**କର୍କଟ**
ବନ୍ଧୁଙ୍କ ସହାନୁଭୂତିଭରା କଥା ଏବଂ ପାରିବାରିକ ଆଶ୍ୱାସନା ହେତୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଇଚ୍ଛା ନ ଥିଲେ ମଧ୍ୟ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶାରୀରିକ ସୁସ୍ଥତା ସହ ଆର୍ଥିକ ଉନ୍ନତି ପାଇଁ ପ୍ରଯତ୍ନ କରିବେ।

**ସିଂହ**
ଆପଣଙ୍କ କଥା ଓ କାମ ବହୁଜନ ପ୍ରଶଂସିତ ହୋଇପାରେ। ପୂର୍ବରୁ ସମସ୍ୟା ରହିଥିଲେ ମଧ୍ୟ ପରିବାରର ସହମତିରେ କାମ କଲେ ଉପକୃତ ହେବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରତିଯୋଗିତାରେ, ମାଲିମକଦ୍ଦମାରେ,ଜମିଜମା କିଣାବିକାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଶତ୍ରୁତା ଓ ରୋଗପୀଡ଼ା କିମ୍ବା ଧାରକରଜଜନିତ ମାନସିକ ଅସ୍ଥିରତା ମନକୁ ବିଚଳିତ କରିବ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବହୁତ ବିଳମ୍ବିତ ସମୟରେ ପାଇବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ବନ୍ଧୁମାନେ ଭୁଲ୍ ବୁଝିବେ। ବ୍ୟବସାୟ ଓ ପରିବହନରେ ସଂକଟ ଦୂରେଇଯିବ କିନ୍ତୁ ଆଶାଜନକ ଲାଭ ନ ହୋଇପାରେ। ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଆଶା ପୂରଣ ହେବା ସଙ୍ଗକୁ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଦୀର୍ଘ ଦିନରୁ ସମ୍ପର୍କରେ ଭଟ୍ଟା ପଡ଼ିଯାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।

**ବିଛା**
ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ଦିଗରେ ବନ୍ଧୁମାନେ ସାହାଯ୍ୟ କରିବେ। ଅଭାବ ନ ଥିଲେ ମଧ୍ୟ ଅତ୍ୟଧିକ ଖର୍ଚ୍ଚ ଯୋଗୁ ମନରେ ସରସତା ରହିବ ନାହିଁ। କୃଷି, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବେ। କାନକୁହା କଥାକୁ ବିଶ୍ୱାସ କଲେ ପାରିବାରିକ ଅଶାନ୍ତି ସୃଷ୍ଟି ହେବ।

**ଧନୁ**
କର୍ମକ୍ଷେତ୍ର, ପରିବାର, ପ୍ରଶାସନ ଓ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ପ୍ରତିହତ କରିବେ। ଆନୁଷ୍ଠାନିକ କ୍ଷେତ୍ର, ଶିଳ୍ପ, ବାଣିଜ୍ୟ, ବ୍ୟବସାୟିକ ସ୍ତରରେ ରହିଥିବା ଟେନସନ୍ କମିଯିବ। ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ଭଲ। ଆତ୍ମୀୟ ସ୍ୱଜନଙ୍କ ସ୍ୱତନ୍ତ୍ର ନିମନ୍ତ୍ରିତ କ୍ରମେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

**ମକର**
ଆପଣଙ୍କ କଥା ଓ କାମରେ ତାଳମେଳ ଅଭାବରୁ ସମାଲୋଚିତ ହେବେ। କୌଣସି କାମ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ ବରଂ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି। ଖଳ ଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଆନୁଷ୍ଠାନିକ କାମ ମଧ୍ୟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ସ୍ୱାସ୍ଥ୍ୟ ପୂର୍ଣ୍ଣତଃ ଭଲ ନ ଥିଲେ ମଧ୍ୟ ନିୟନ୍ତ୍ରଣ ବାହାରକୁ ଯିବ ନାହିଁ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଈର୍ଷାପରାୟଣତା ଆପଣଙ୍କ ପାଇଁ ସମସ୍ୟାର କାରଣ ପାଲଟି ଯିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସଜାଡି ନେବେ। ଆପଣଙ୍କ କଥାକୁ ବିଶ୍ୱାସ କରି ମିତ୍ରମାନେ ସହଯୋଗର ହାତ ବଢ଼ାଇପାରନ୍ତି।

**ମୀନ**
ଆତ୍ମୀୟଙ୍କ ଶତ୍ରୁତା ଓ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସକାଶରୁ ଆନମନା ରହିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବକେୟା କାମ ଓ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବଭଳି ରହିବ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ ଦୁରୁଗାକୁ ବନ ମାଳତୀ,**
**ଧୂପ ନାହିଁ, ଦୀପ ନାହିଁ,**
**ତୁଚ୍ଛା ଆଳତି।**

ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ଘର ଝିଅ ନ ହେବ ବିଭା,**
**ହଁ ବୋଇଲେ ସେ ଦାଣ୍ଡରେ ଉଭା।**

କଥାରେ ଅଛି ଗାଳି ନ ସହଇ ବଡ଼ ଘର ଝିଅ, ମାଡ଼ ନ ସହଇ ଲହୁଣୀ କୋମଳ ଦେହ। ବଡ଼ ଘର ଝିଅ ମନ ମୋଟୀ, ବେପରୁଆ। ତାକୁ କ'ଣ କିଛି ଆକଟ କରି କହିଦେଲେ ସେ ସହିପାରେନି। ବାପଘରର ଦମ୍ଭ ଦେଖାଇ ଚାଲିଯାଏ। କଥା ଦାଣ୍ଡରେ ପଡିବା ଫଳରେ ଲାଜ କଥା ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ –
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଶା ବଟିକା ଖାଇ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଆଠଗଡ, ୪।୧ (ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ନର୍ଣ୍ଣେଇଲ ରାସ୍ତା ନିକଟ ଜଙ୍ଗଲରୁ ମଙ୍ଗଳବାର ନିଶା ବଟିକା ଖାଇଥିବା ଦମ୍ପତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେମାନଙ୍କୁ ଆଠଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଅନୁଗୋଳ ଜିଲା ଗୀତା ଗ୍ରାମ ଅନ୍ତର୍ଗତ ୧୬ ନଂ. ୱାର୍ଡର ଦେବେନ୍ଦ୍ରନାଥ ଦାସ (୬୨) ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ (୪୫)। ଖବରପାଇ ଆଠଗଡ଼ ପୋଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଛି। ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ କହିବାନୁଯାୟୀ, ପ୍ରାଥମିକ ତଦନ୍ତ ଅନୁସାରେ ଦେବେନ୍ଦ୍ରନାଥ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ବୋଲି ଜଣାପଡିଛି। ସେ ବହୁ ଧାର କରଜ କରିଥିଲେ। କିଛିଦିନ ତଳେ ଘରୁ ଚୋରି ହୋଇଥିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଧାର ଟଙ୍କା ଶୁଝିବା ଚିନ୍ତାରେ ଉଭୟ ଅନୁଗୋଳରୁ ଆସି ନର୍ଣ୍ଣେଇଲ ରାସ୍ତା ପାଖରେ ବାଇକ୍ ରଖି ଜଙ୍ଗଲକୁ ଯାଇ ନିଶା ବଟିକା ଖାଇ ଦେଇଥିବା ଆଶଙ୍କା କରାଯାଉଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ସୁପାରିସ...

ଶାରୀରିକ ସମ୍ପର୍କ ରଖିବା ବେଆଇନ। ୧୮ରୁ ୨୧ ବର୍ଷ ମଧ୍ୟରେ ଶାରୀରିକ ସମ୍ପର୍କ ରଖିଲେ ତାହା ଆଇନ ସମ୍ମତ। ଏବେ କେନ୍ଦ୍ର ସରକାର କହୁଛନ୍ତି କନ୍ୟାମାନଙ୍କ ପାଇଁ ଆଇନଗତ ବିବାହ ବୟସ ୧୮ ବର୍ଷ ପରିବର୍ତ୍ତେ ୨୧ ବର୍ଷ ହେଇଯିବ। ପୋକ୍‌ସୋ ଆଇନରୁ ବାହାରିଯିବା ପରେ ଏବଂ ବିବାହ ପୂର୍ବରୁ ଯେଉଁ କେତେକ ବର୍ଷ ରହିବ ସେଥିରେ ଅନେକେ ଅବିବାହିତା ମାତା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାପରେ ଭ୍ରୂଣ ହତ୍ୟା ବୃଦ୍ଧି ପାଇବା ଆଶଙ୍କା ମଧ୍ୟ ବଢୁଛି। ଏହାବ୍ୟତୀତ ଜୁଭେନାଇଲ ଜଷ୍ଟିସ ଆଣ୍ଡ କେୟାର ପ୍ରୋଟେକ୍ସନ ଆକ୍ଟ(ଜେଜେସିପିଏ) ଏବଂ ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ପ୍ରୋଟେକ୍ସନ ସ୍କିମ୍‌ରେ ଏହାର ପରିସର ୧୮ ବର୍ଷ ପର୍ଯ୍ୟନ୍ତ ରହୁଛି। ୧୮ ବର୍ଷରୁ ୨୧ ବର୍ଷ ମଧ୍ୟରେ ଯେଉଁ ଝିଅମାନେ ବାଲ୍ୟ ବିବାହରୁ ଉଦ୍ଧାର ହେବେ ସେମାନଙ୍କ ରକ୍ଷଣାବେକ୍ଷଣ ସମ୍ପର୍କରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଓଏସ୍‌ସିପିସିଆର୍ ଆହୁରି ମଧ୍ୟ କହିଛି, ଅର୍ଥନୈତିକ ଦୁରବସ୍ଥା, ପୁରୁଷ ପ୍ରାଧାନ୍ୟ, ସାମାଜିକ ବ୍ୟବସ୍ଥା, ପାଠ ପଢ଼ିବାର ସୁଯୋଗରୁ ବଞ୍ଚିତ ଭଳି ଅନେକ କାରଣ ଯୋଗୁ ଏବେ ମଧ୍ୟ ବାଲ୍ୟ ବିବାହ ଘଟୁଛି।

କେବଳ ଆଇନ ମାଧ୍ୟମରେ ବାଲ୍ୟବିବାହକୁ ରୋକାଯିବା ସମ୍ଭବ ହେଉନାହିଁ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ ବାଲ୍ୟ ବିବାହ ଆଇନ ଅଧୀନରେ ୨୦୨୦ରେ କେବଳ ୭୮୫ଟି ବାଲ୍ୟବିବାହ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୧୯ରେ ୫୨୩, ୨୦୧୮ରେ ୫୦୧ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ, ଆଇନଗତ ବିବାହ ବୟସ ପୂର୍ବରୁ ୨୩.୩% ଝିଅ ବିବାହ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଝିଅପୁଅଙ୍କ ବିବାହ ବୟସକୁ ସମାନ କରିବା ନେଇ ଅନେକ ତର୍କବିତର୍କ ଓ ଆଇନର ସଂଶୋଧନ ଲାଗି ଉଦ୍ୟମ ହୋଇଛି। ଏହି ପରିପ୍ରେକ୍ଷୀରେ ୨୦୦୮ରେ ଭାରତର ୧୮ତମ ଆଇନ କମିଶନ ଦେଇଥିବା ପ୍ରସ୍ତାବକୁ ଆଲୋଚନାକୁ ଆଣିବା ଲାଗି ଓଏସ୍‌ସିପିସିଆର୍ ଚିଠିରେ ଉଲ୍ଲେଖ କରିଛନ୍ତି। ଆଇନ କମିଶନ ଝିଅପୁଅମାନଙ୍କର ଆଇନଗତ ବିବାହ ବୟସ ସର୍ବନିମ୍ନ ୧୮ ବର୍ଷ ରଖିବା ଲାଗି ସୁପାରିସ କରିଥିଲେ।

## ଆଇଏଚ୍‌ୟୁ...

ବିରୋଧରେ କେତେ ପ୍ରଭାବୀ ତାହା ଜାଣିବାକୁ ଅଧିକ ଗବେଷଣା ଆବଶ୍ୟକ। ଅଧିକ ମ୍ୟୁଟେଶନ ଥିବାରୁ ଏହା ବହୁମାତ୍ରାରେ ସଂକ୍ରାମକ। ଏ ପର୍ଯ୍ୟନ୍ତ ବି.୧.୬୪୦.୨ ଅନ୍ୟ କେଉଁ ଦେଶରେ ଚିହ୍ନଟ ହୋଇଥିବା ନେଇ ରିପୋର୍ଟ ମିଳି ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଭାରିଆଣ୍ଟ ଟ୍ରାକିଂ ଡାଟାବେସ୍ ଜିଆଇଏସ୍‌ଏଆଇଡିରେ ନଭେମ୍ବର ୪ରେ ଏହି ଷ୍ଟ୍ରେନ୍ ବାବଦରେ ଅପ୍‌ଲୋଡ୍ କରାଯାଇଥିଲା। ନଭେମ୍ବରରେ ଡବ୍ଲ୍ୟୁଏଚ୍‌ଓ ଓମିକ୍ରନ୍ ଭାରିଆଣ୍ଟକୁ ଚିହ୍ନଟ କରିବା ବେଳକୁ ତାହା ଦକ୍ଷିଣ ଆଫ୍ରିକା, ଆମେରିକା, ବ୍ରିଟେନ, ଭାରତ, ୟୁରୋପୀୟ ଦେଶଗୁଡ଼ିକୁ ବ୍ୟାପିସାରିଥିଲା। ହେଲେ ଏବେ ସୁଦ୍ଧା ଅନ୍ୟ କେଉଁ ଦେଶରେ ଆଇଏଚ୍‌ୟୁ ଭାରିଆଣ୍ଟ ମାମଲା ଆସି ନ ଥିବାରୁ ତାହା ସେତେ ଚିନ୍ତାଜନକ ହୋଇ ନ ପାରେ ବୋଲି ଲଣ୍ଡନର ଇମ୍ପେରିଆଲ କଲେଜ ଭାଇରୋଲୋଜିଷ୍ଟ ଡ. ଥୋମାସ୍ ପିକକ୍ କହିଛନ୍ତି।

## ୫ ତଥ୍ୟ...

**୨.** ୨୦୨୧ ଡିସେମ୍ବର ୧୦ ତାରିଖ ପରଠୁ ମାର୍ସିଲେସ୍‌ରେ ଅନ୍ୟୂନ ୧୨ ଜଣ ଏଥିରେ ସଂକ୍ରମିତ ହୋଇଛନ୍ତି। ଅଧିକାଂଶ ଆଇଏଚ୍‌ୟୁ ସଂକ୍ରମିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ଆବଶ୍ୟକ ହୋଇଥିବାବେଳେ ଏହା ବର୍ତ୍ତମାନ ସୁଦ୍ଧା ବିଶେଷ ଚିନ୍ତାଜନକ ନୁହେଁ ବୋଲି କୁହାଯାଉଛି।

**୩.** ନୂଆ ଭାରିଆଣ୍ଟରେ ୪୬ଟି ମ୍ୟୁଟେଶନ ରହିଛି। ସେଥିରୁ ଇ୪୮୪କେ ମ୍ୟୁଟେଶନ ହେଉଛି ଭାକ୍ସିନ ପ୍ରତିରୋଧୀ ଏବଂ ଓମିକ୍ରନ୍‌ଠାରୁ ଅଧିକ ସଂକ୍ରାମକ।

**୪.** ଏଥିରେ ସଂକ୍ରମିତ ବ୍ୟକ୍ତିମାନଙ୍କ ଆଫ୍ରିକୀୟ ଦେଶ କାମେରୁନ୍ ଟ୍ରାଭେଲ ହିଷ୍ଟ୍ରି ରହିଥିବାରୁ ସେହି ରାଷ୍ଟ୍ର ସହ ଏହା ଜଡ଼ିତ ବୋଲି ବିବେଚନା କରାଯାଉଛି।

**୫.** ମେଡ୍‌ଆର୍‌ଏକ୍ସିଜିଭ୍ ଶୀର୍ଷକ ଏକ ନିବନ୍ଧରେ ଏହି ଷ୍ଟ୍ରେନ୍‌ର ଆବିଷ୍କାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଅଦ୍ୟାବଧି ଏନେଇ କୌଣସି ଏକାଡେମିକ୍ ଜର୍ନାଲରେ କିଛି ପ୍ରକାଶ ପାଇନାହିଁ। ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କିମ୍ବା ଅନ୍ୟ କୌଣସି ଦେଶ ପକ୍ଷରୁ ମଧ୍ୟ ଏକ ଭାରିଆଣ୍ଟ ରୂପେ ବର୍ଗୀକୃତ କରାଯାଇ ନାହିଁ।

## ଆଜିଠୁ ଦଶମ...

କପି ରୋକିବା ପାଇଁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ମାନଙ୍କ ପକ୍ଷରୁ ମୋଟ୍ ୭୨ ସ୍କ୍ୱାଡ୍ ଓ ବୋର୍ଡ ପକ୍ଷରୁ ୪୦ ସେଣ୍ଟ୍ରାଲ ସ୍କ୍ୱାଡ୍ ଗଠନ କରାଯାଇଛି। ଏହା ବ୍ୟତୀତ ନିଜ ଜିଲାରେ ପରୀକ୍ଷାକୁ ସୁବନ୍ଦୋବସ୍ତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆବଶ୍ୟକ ପଡେ ତେବେ ଅଧିକ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷାକେନ୍ଦ୍ରକୁ ସାନିଟାଇଜ କରାଯାଇଛି। ସାମାଜିକ ଦୂରତା ଓ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଶ୍ରେଣୀଗୃହରେ ସର୍ବାଧିକ ୨୪ ଜଣ ପରୀକ୍ଷାର୍ଥୀ ବସି ପରୀକ୍ଷା ଦେବା ପାଇଁ ନିଷ୍ପତ୍ତି ହୋଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକୁ ମୋବାଇଲ ନେବାକୁ ମନା କରାଯାଇଛି। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ମଧ୍ୟ ପରୀକ୍ଷା ହଲକୁ ଯିବା ପୂର୍ବରୁ ନିଜ ମୋବାଇଲକୁ ଲକରରେ ରଖି ଯିବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦ ଦିନରେ ହସ୍ପିଟାଲ...

ଟ୍ରେନିଂ ମଡ୍ୟୁଲ ଆଦି ବ୍ୟବସ୍ଥା କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବର୍ତ୍ତମାନ ପୁଣି ଅଧିକାରୀମାନଙ୍କର ବିଭିନ୍ନ ମନିଟରିଂ ଗ୍ରୁପ୍ ଓ ଜିଲାସ୍ତରୀୟ ଅବଜରଭର ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେହେତୁ ଏହି ଲହରରେ ସଂକ୍ରମଣ ଦ୍ରୁତଗତିରେ ବ୍ୟାପିବାର ଆଶଙ୍କା ରହିଛି, ସବୁ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନେବା ପାଇଁ ସମସ୍ତ ସମ୍ପୃକ୍ତ ପଦାଧିକାରୀ ଓ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ବରିଷ୍ଠ ଅଧିକାରୀମାନେ ଜିଲାକୁ ଗସ୍ତ କରି ଜିଲାସ୍ତରରେ ପରିସ୍ଥିତିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍.କେ. ଶର୍ମା ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ଏକ ଉପସ୍ଥାପନା ରଖିଥିଲେ। ସେ କହିଛନ୍ତି ଯେ ଓଡ଼ିଶାରେ ଓମିକ୍ରନ୍‌ର ସଂକ୍ରମଣ ସମ୍ପର୍କରେ ସତର୍କ ଦୃଷ୍ଟି ରଖାଯାଇଛି ଏବଂ ବିଦେଶାଗତ ଲୋକମାନଙ୍କର ନିୟମିତ ପରୀକ୍ଷା କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଚିକିତ୍ସା ପ୍ରୋଟୋକଲ ପ୍ରସ୍ତୁତ କରାଯିବ। ବିଭିନ୍ନ ଜିଲାଗୁଡ଼ିକରେ ଆବଶ୍ୟକ ପରିମାଣର ଔଷଧ, ଶଯ୍ୟା ଓ ଅକ୍ସିଜେନ ମହଜୁଦ ରହିଛି ବୋଲି ସେ କହିଛନ୍ତି।

ପୋଲିସ ଡିଜି ସୁନୀଲ ବଂଶଲ ରାଜ୍ୟରେ ଲୋକଙ୍କ ସହଯୋଗରେ କଟକଣାଗୁଡ଼ିକର ଅନୁପାଳନ କରାଯାଉଛି ଓ ଆଗାମୀ ଦିନରେ ଏହାକୁ ଆହୁରି ଜୋରଦାର କରାଯିବ ବୋଲି କହଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନାରେ ଅଂଶଗ୍ରହଣ କରି କୋଭିଡ୍ କଟକଣା ପାଳନ ସମୟରେ ଘର ଭିତର ଓ ବାହାରେ ଲୋକଙ୍କ ଭିଡ଼ ଉପରେ ନଜର ରଖିବା ପାଇଁ ମତ ଦେଇଛନ୍ତି। ଯେଉଁ ପଦକ୍ଷେପ ଦ୍ୱାରା କୋଭିଡ୍ ସଂକ୍ରମଣର ନିୟନ୍ତ୍ରଣ ହୋଇପାରିବ, ତା' ଉପରେ ଧ୍ୟାନ ଦେବାକୁ ସେ କହିଛନ୍ତି। ବୈଠକରେ ସୁନ୍ଦରଗଡ଼, ବଲାଙ୍ଗୀର, ଗଞ୍ଜାମ ଓ ବାଲେଶ୍ୱର ଜିଲାପାଳ ଏବଂ ବିଏମ୍‌ସି ଓ ସିଏମ୍‌ସିର କମିଶନର ସେମାନଙ୍କ ଅଞ୍ଚଳରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଯୋଗ ଦେଇଥିଲେ।


# classifieds Everyday

0674-2580101, 2549302




**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496.
D-22558

**GROOM WANTED**

ବୟସ- 34, Government Job ବିଧବା ସୁନ୍ଦର ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। ଯୋଗାଯୋଗ- 7077495623. D-22750




**SALE**

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455.
D- 22747

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Flat sale with Orera approval at Naharakanta Chhak, Rasulgarh, Bhubaneswar NH Facing. Contact: 6371401150.**
D-22709

**Ready to Move Two Storied Building over 3500sqft Land area with two accessible roads for Sale at Rajendranagar, Cuttack. Direct Buyers Call for Price – 8908899890.**
D-22743

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.**
D-71763

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008.
D-22629

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.**
D-22710




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.**
D-71757

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




For rent 3Big Room, Two Toilets, Big Kitchen, Big Balcony, 2nd Floor at Gautam Nagar, Bhubaneswar near for Tuner Hotel. Rent- 16,000/-, Call- 9437033691. D-70256




All types massage refreshing your body mind expert lady therapy. 7008773793.
D-71462

Ayurvedic full body massage, refresh your mind relaxed by expert lady therapist. Contact: 8480939300.
D-22667

Newly open full body massage ladies and gents. 8327740003, 8455985899.
D-71838

Newly Open Saikrupa Panchakarma Spa positively health benefits with expert. 8984068077. D-22723

One hour any therapy by expert therapist @800 only. 9078484455. D-71461

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit dt. 24.11.2021 before the Court of Executive Magistrate, Bhubaneswar. I Puspalata Mahapatra, At- Khanguria, Post- Bolgarh, Dist.- Khurdha after marriage have changed my name from Puspalata Mahapatra to Puspa Manjari Sathua according to my husband surname i.e. Krushna Chandra Sathua for all future purposes. A Puspalata Mahapatra and Puspa Manjari Sathua is same and one person. D-22746

By virtue of an affidavit sworn before the Notary Public, Kantamal, I Lalit Mohan Jagadala, S/o.- Abihotra Jagadala, R/o- At.- Sripura, PO.- Dharmasala, P.S.- Biramaharajpur, Dist.- Subarnapur do hereby declare that I have changed my surname from Lalit Mohan Jagadala to Lalit Jena. Henceforth I shall be known as Lalit Jena instead of Lalit Mohan Jagadala for an official and non official purpose. Lalit Jena deponent.
D-22748

**LEGAL NOTICE**

ଆମ୍ଭେ ଶ୍ରୀମତୀ ଜୟଶ୍ରୀ ମିଶ୍ର, ସ୍ୱା- ଚିନ୍ମୟ ମିଶ୍ର, ବାସସ୍ଥାନ- ପ୍ଲଟ୍ ନମ୍ବର MIG-II-63/6 ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି ଆମ୍ଭର ସ୍ୱାମୀଙ୍କର ଦୀର୍ଘକାଳୀନ ଅସୁସ୍ଥତା ତଥା ମାନସିକ ଅସନ୍ତୁଳନର ସୁଯୋଗ ନେଇ କିଛି ଖଳପ୍ରକୃତିର ଲୋକ ଆମ୍ଭର ବାସଗୃହ ପକ୍ଷେ ବିକ୍ରି ଦଲିଲ ଆଦି ତଥା ବିକ୍ରି ନିମନ୍ତେ ଏଗ୍ରିମେଣ୍ଟ ଇତ୍ୟାଦି କରାଇ ନେବାକୁ ଚେଷ୍ଟିତ ଅଛନ୍ତି। ଆମ୍ଭ ସ୍ୱାମୀଙ୍କର ଏକମାତ୍ର ଉତ୍ତରାଧିକାରୀ ନାବାଳିକା କନ୍ୟା ସାଇଇରାୟା ମିଶ୍ର ତରଫରୁ ଆମ୍ଭେ ମାତା ଗାର୍ଡ଼ିଅନ ହୋଇ ଉକ୍ତ ନୋଟିସ୍ ଦ୍ୱାରା ଜଣାଉଅଛୁ କି ଯଦି କୌଣସି ବ୍ୟକ୍ତି ଉପରୋକ୍ତ କାର୍ଯ୍ୟକଳାପରେ ସଂପୃକ୍ତ ଥାଆନ୍ତି ତା' ହେଲେ ଭବିଷ୍ୟତରେ ଆଇନ ଅଦାଲତ ପଦକ୍ଷେପ ଯୋଗୁ ଅପ୍ରୀତିକର ପରିସ୍ଥିତି ପାଇଁ ଆମ୍ଭେ ଦାୟୀ ହେବୁ ନାହିଁ।
ନୋଟିସ୍‌ଦାତା- ଶ୍ରୀମତୀ ଜୟଶ୍ରୀ ମିଶ୍ର
ଭୁବନେଶ୍ୱର, ତା ୨୩।୦୭।୨୦୧୯
ଧ-୨୨୭୪୫

# ରୋଡ୍ରିଗ୍ୱେଜ୍ ଜିତିଲେ ତୃତୀୟ ଷ୍ଟେଜ୍

**ଅଲ୍ କ୍ୱାଇସୁମା (ସୌଦି ଆରବ), ୪।୧(ପି.ଟି.):** ଚଳିତ ୪୪ତମ ଡାକାର ରାଲିରେ ଅଂଶଗ୍ରହଣ କରିଥିବା ଏକମାତ୍ର ଭାରତୀୟ ହାରିଥ୍ ନୋଆ ଷ୍ଟେଜ୍-୩ରେ ୨୯ତମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ସେ ସେର୍କୋ ଟିଭିଏସ୍ ରାଲି ଫ୍ୟାକ୍ଟ୍ରି ଟିମ୍‌ରୁ ପ୍ରତିନିଧିତ୍ୱ କରୁଛନ୍ତି। ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଜୋକ୍ୱିମ ରୋଡ୍ରିଗ୍ୱେଜ୍ ପ୍ରଥମ ଥର ଷ୍ଟେଜ୍ ବିଜେତା ହୋଇଛନ୍ତି। ଚଳିତବର୍ଷ ଡାକାର ରାଲିରେ ପ୍ରଦର୍ଶନକୁ ନେଇ ଭାରତୀୟ ରାଇଡର ରାଲିଜିପି କ୍ଲାସ ଓଭରଅଲ ର୍ୟାଙ୍କିଙ୍ଗରେ ୩୧ତମ ସ୍ଥାନକୁ ଉନ୍ନୀତ ହୋଇପାରିଛନ୍ତି। ନୋଆ ଷ୍ଟେଜ୍-୩କୁ ୨ ଘଣ୍ଟା, ୪୯ ମିନିଟ ଓ ୧୧ ସେକେଣ୍ଡ ଟାଇମିଂରେ ଶେଷ କରିଛନ୍ତି। ହିରୋ ମୋଟୋସ୍ପୋର୍ଟ୍ସ ଟିମ୍ ରାଲିର ପର୍ତ୍ତୁଗୀଜ ରାଇଡର ୨ଘଣ୍ଟା ୩୪ ମିନିଟ ଓ ୪୧ ସେକେଣ୍ଡ ଟାଇମିଂରେ ପ୍ରଥମ ଥର ଡାକାର ଷ୍ଟେଜ ଜିତିପାରିଛନ୍ତି। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା

## ଡାକାର ରାଲି

ରେଡ୍‌ବୁଲ୍ କେଟିଏମ୍ ଫ୍ୟାକ୍ଟ୍ରି ରେସିଂର ଅଷ୍ଟ୍ରେଲୀୟ ଡ୍ରାଇଭର ଟୋବି ପ୍ରାଇସ୍ ୨:୨୩.୪୪ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ବାସ୍ ଡାକାର କେଟିଏମ୍ ରେସିଂ ଟିମ୍‌ର ଆମେରିକୀୟ ଡ୍ରାଇଭର ମାସନ କ୍ଲିନ (୨:୩୫.୫୫ ସେକେଣ୍ଡ) ତୃତୀୟ ହୋଇଥିଲେ।



ତୃତୀୟ ଷ୍ଟେଜ୍ ଅବସରରେ ଜୋକ୍ୱିମ ରୋଡ୍ରିଗ୍ୱେଜ।

# ବାଂଲାଦେଶ ସ୍ଥିତି ଦୃଢ଼

**ମାଉଣ୍ଟ ମାଉଗାନୁଇ, ୪।୧**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ସ୍ଥିତି ଦୃଢ଼ କରି ବିଜୟ ସମ୍ଭାବନା ସୃଷ୍ଟି କରିଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡକୁ ୩୨୮ ରନରେ ଅଲଆଉଟ କରିବା ପରେ ବାଂଲାଦେଶ ୧୭୬. ୨ ଓଭରରେ ୪୫୮ ରନ ସଂଗ୍ରହ କରି ୧୩୦ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬୩ ଓଭରରେ ୫ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ନ୍ୟୁଜିଲାଣ୍ଡ ୫ ଉଇକେଟ ବାକି ରଖି ମାତ୍ର ୧୭ ରନର ଅଗ୍ରଣୀ ହାସଲ କରି ବିପଦରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ରସ୍ ଟେଲର ୩୭ ଓ ରଚିନ ରବିନ୍ଦ୍ର ୬ ରନକରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର ୱିଲ ୟଙ୍ଗ ସର୍ବାଧିକ ୬୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଟମ୍ ଲାଥମ ୧୪, ଡେଭିନ କନୱେ ୧୩ ରନକରି ଆଉଟ ହୋଇଥିଲେ। ହେନେରୀ ନିକୋଲ୍ସ ଓ ଉଇକେଟକିପର ବ୍ୟାଟର ଟମ୍ ବ୍ଲଣ୍ଡେଲ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର ଇବାଦୋତ ହୁସେନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ନ୍ୟୁଜିଲାଣ୍ଡକୁ ଜବରଦସ୍ତ ଝଟ୍‌କା ଦେଇଥିଲା। ୪ଟି ଉଇକେଟ ଅକ୍ତିଆର କରି ଇବାଦୋତ ନ୍ୟୁଜିଲାଣ୍ଡକୁ ସମସ୍ୟାରେ ପକାଇଛନ୍ତି। ସେହିପରି ତାସ୍କିନ ଅହମ୍ମଦ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪୦୧/୬ରୁ ଖେଳ ଆରମ୍ଭ କରି ବାଂଲାଦେଶ ମଙ୍ଗଳବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୟାସରି ଅଲି ୧୧ ଓ ମେହିଦି ହାସନ ମିରାଜ ୨୦ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୬ ଓ ୪୭ ରନକରି ଆଉଟ ହୋଇଥିଲେ। ତାସ୍କିନ ୫, ସୋରଫୁଲ ଇସ୍‌ଲାମ ୭ ରନକରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟ୍ରେଣ୍ଟ ବୋଲ୍ଟ ୪, ନିଲ ୱାଗନର ୩, ଟିମ ସୌଦି ୨, କାଏଲ ଜେମିସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ନେବାପରେ ଇବାଦୋତ ହୁସେନ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୩୨୮। ବାଂଲାଦେଶ ପ୍ରଥମ ଇନିଂସ- ୧୭୬.୨ ଓଭରରେ ୪୫୮। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୬୩ ଓଭରରେ ୧୪୭/୫ (ୱିଲ ୟଙ୍ଗ୍- ୬୯, ରସ ଟେଲର- ୩୭*, ଟମ୍ ଲାଥମ- ୧୪, ଇବାଦୋତ ହୁସେନ- ୪/୩୯, ତାସ୍କିନ ଅହମ୍ମଦ- ୧/ ୨୨)।

# ରଣଜୀ ଟ୍ରଫି ସ୍ଥଗିତ

**ନୂଆଦିଲ୍ଲୀ, ୪।୧ (ପି.ଟି.):** ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ଘରୋଇ କ୍ରିକେଟ କାର୍ଯ୍ୟସୂଚୀରେ ପଡ଼ିଛି। ରଣଜୀ ଟ୍ରଫି ଓ ସି.କେ. ନାଇଡୁ ଟ୍ରଫି ସମେତ ପ୍ରମୁଖ ଟୁର୍ନାମେଣ୍ଟଗୁଡ଼ିକ ସ୍ଥଗିତ ରଖିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ନିଷ୍ପତ୍ତି ନେଇଥିବା ଏହାର ସମ୍ପାଦକ ଜୟ ଶାହ ପ୍ରକାଶ କରିଛନ୍ତି। ନିକଟରେ ବେଙ୍ଗଲ ଟିମ୍‌ରେ ୫ ଖେଳାଳିଙ୍କ ସହ ୬ଜଣଙ୍କୁ କରୋନା ସଂକ୍ରମିତ ଚିହ୍ନଟ କରାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି ଶିବମ ଦୁବେଙ୍କର ମଧ୍ୟ କୋଭିଡ୍ ପଜିଟିଭ ଆସିଥିଲା। ବେଙ୍ଗାଲୁରୁ ଓ କୋଲକତା ସମେତ ୬ଟି ସହରରେ ରଣଜୀ ଟ୍ରଫି ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ଟୁର୍ନାମେଣ୍ଟ ଜାନୁୟାରୀ ୧୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। ସି.କେ ନାଇଡୁ ଟ୍ରଫି ମଧ୍ୟ ଏହି ମାସରେ ଆରମ୍ଭ ହୋଇଥାନ୍ତା। ସିନିୟର ମହିଳା ଟି୨୦ ଲିଗ୍ ଫେବୃୟାରୀରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Receptionist with Tele Caller (F), Tele Caller (F), Business Development Manager (M/F).
Qualification: +2 to above.
Sal.- 8,000/- to 15,000/-.
Address: Nuagon, Samantarapur, BBSR
Mob.: 8917333232

REQUIRED
HPCL Tangi (Cuttack) PETROL PUMP
MANAGER-1, SUPERVISOR-1, FILING STAFF-10
On 5 to 9 January 2022, 10:30 A.M. to 05:00 P.M.
Contact: 9438158020
8249040559 (WhatsApp)

Urgently Required
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 7351122597

WANTED
Female Nurses (ANM)
Required for a hospital in Bhubaneswar.
Contact - 8598983678, 8339966999,
E-mail : bhubaneswar.saaol@gmail.com

REQUIRED POONAM UNISEX SALON & SPA
1. Receptionist (1 No) Good qualification
2. ମହିଳା ଥେରାପିଷ୍ଟ ଆବଶ୍ୟକ
Bapuji Nagar, Bhubaneswar
Contact : 8917332216

NEED
JOB VACANCY
- GRAPHIC DESIGNER
- DTP OPERATOR
- OFFICE ASSISTANT
Send your updated Resume to
8249416516 (Whatsapp)

ଭୁବନେଶ୍ୱରରେ ଜଣେ ବୟସ୍କଙ୍କ ଘରେ ରହି ରୋଷେଇ ସହ ଘରର ଅନ୍ୟାନ୍ୟ ସମସ୍ତ କାମ ଓ ଜଗାରଖା ପାଇଁ ଜଣେ ୪୦ ବର୍ଷରୁ କମ୍ ଝଞ୍ଜାଳମୁକ୍ତ ମହିଳା ଆବଶ୍ୟକ। ରହିବା, ଖାଇବା ସହ ଅଭିଜ୍ଞତା ଓ ବିଶ୍ୱସନୀୟତା ଦେଖି ମାସିକ ୬୦୦୦ରୁ ୭୦୦୦ ଟଙ୍କା ଦରମା ଦିଆଯିବ।
ଯୋଗାଯୋଗ- 9438359101

Wanted Science Graduate & Areawise Distributors & Sales Rep. (All Orissa) for Soft Drink Industry at Jagatpur. ସାଇନ୍ସ ଗ୍ରାଜୁଏଟ୍, ଏରିଆୱାଇଜ ଡିଷ୍ଟ୍ରିବ୍ୟୁଟର୍ସ ଏବଂ ସେଲସ୍ ପ୍ରତିନିଧି (ଅଲ୍ ଓଡ଼ିଶା) ଆବଶ୍ୟକ। Jain 9827701330
arihantbeveragesindia@gmail.com

See Career Appointment on every Wednesday & Saturday

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ପ୍ରତିଷ୍ଠିତ ବୁଟିକ୍ ପାଇଁ ଆମେ **ଟେଲର୍** ଏବଂ **ମାଷ୍ଟର୍** (ପୁରୁଷ ଓ ମହିଳା) ଆବଶ୍ୟକ କରୁଛୁ । ଦରମା: ଟେଲର୍ – ୮ରୁ ୧୫ ହଜାର; ମାଷ୍ଟର– ୧୦ରୁ ୨୫ ହଜାର । ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:
8114843506 / 6370027823

**ପୂର୍ବ ତଟ ରେଳପଥ**

**ସାମଗ୍ରୀଗୁଡ଼ିକର ଯୋଗାଣ**

ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication/01, ତା.03.01.2022ରିଖ
ଟେଣ୍ଡର ସଂ. 40215804
ସାମଗ୍ରୀଗୁଡ଼ିକର ବିବରଣୀ : ମୋବାଇଲ ଟୁଲ ଭ୍ୟାନ୍ ନିମନ୍ତେ ରି-ରେଲିଙ୍ଗ୍ (Re-Railing) ଉପକରଣ ସେଟ୍, ଅନୁଲଗ୍ନକ-I ଅନୁଯାୟୀ ସବିଶେଷ ବିବରଣୀ। ମେକ୍-BEMCO କିମ୍ବା ଅନୁରୂପ।
ଟେଣ୍ଡର ମୂଲ୍ୟ : ₹31,17,614/-, EMD @ 2% : ₹62,350/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.01.2022ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ଟେଣ୍ଡରଦାତାମାନେ ବିଧିବଦ୍ଧ ଭାବେ EMD ଏବଂ ଟେଣ୍ଡର ନଥିପତ୍ର ମୂଲ୍ୟ ପୈଠ କରି ଇ-ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-696/M/21-22

GOVERNMENT OF ODISHA
**OFFICE OF THE SUPERINTENDING ENGINEER, SONEPUR (R&B) DIVISION, SONEPUR**
No. B-954
**E-Procurement Notice**
**BID IDENTIFICATION No. SE/R&B/SNPR/28/2021-22**
E-mail: eepwdsnpr@gmail.com, Phone: 06654-221081
No. 5541 Dt.31.12.21

1. The **Superintending Engineer, Sonepur (R&B) Division, Sonepur** on behalf of Governor of Odisha, invites **Percentage Rate** bids in Single Cover System in **Online Mode** for construction of Road & Building works detailed in the DTCN from the eligible class of contractors.
2. No. of work : 01 (One)
3. Tender Cost : Rs.6,000/- for Serial No. 1
4. Class of Contractor : "B" & "A" Class Contractor for Serial No. 1
5. Date and time available in website & receipt of Bids : From 10.00 A.M. of 06.12.2021 to 5.00 P.M. of 15.01.2022
6. Date of Opening of tender : 17.01.2022 at 11.30 A.M.
7. The bidders have to participate in online bidding only, further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

Sd./- Superintending Engineer, Sonepur (R&B) Division, Sonepur
OIPR-34081/11/0021/2122

# ସେମିରେ ଯୁବଜ୍ୟୋତି କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଟିଗିରିଆ,୪।୧ (ଡି.ଏନ.ଏ.):** ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ୍‌ଠାରେ ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବୁଦ୍ଧଦେବ କ୍ଲବ (ବୌଦ୍ଧ)କୁ ୪-୧ ଫିଲଡ଼ ଗୋଲରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ ପଙ୍କାଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରାର୍ଥମାର୍ଦ୍ଧର ୯ମ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ନଂ. ୩ ଖେଳାଳି ଲୋକମାନ ଖାଁ ପ୍ରଥମ, ୧୬ ମିନିଟ୍‌ରେ ନଂ. ୮ ଖେଳାଳି ଆଦିକ , ୨୫ ତମ ମିନିଟ୍‌ରେ ନଂ. ୧୦ ଖେଳାଳି ରେଣ୍ଟା ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବୁଦ୍ଧଦେବ କ୍ଲବର ନଂ. ୧୪ ଖେଳାଳି ଆକାଶ ଦାସ ୨୬ ମିନିଟ୍‌ରେ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୧୨ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ନାଇଜେରିଆ ଖେଳାଳି ବ୍ୟକ୍ତିଗତ ୨ୟ ଗୋଲ ସ୍କୋର କରି ଦଳକୁ ୪-୧ ଗୋଲରେ ବିଜୟୀ କରାଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ସଞ୍ଜୟ ମଲ୍ଲିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ସଞ୍ଜୀବ ଦାଶ ଓ ପ୍ରଦୀପ କୁମାର ଦାସ ସହଯୋଗ କରିଥିଲେ। ୪ର୍ଥ ରେଫରୀ ଭାବେ ପ୍ରତାପ କୁମାର ଦାଶ ଓ ସୁବାଷ ମୁଦୁଲି ଦାୟିତ୍ୱ ସମ୍ପାଦନ କରିଥିଲେ। ବୁଧବାର ୨ୟ ସେମିଫାଇନାଲ ମ୍ୟାଚ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ା ସହ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ତପନ ପ୍ରଧାନ କହିଛନ୍ତି।

# ତାମିଲ ଥାଲାଇଭାସ ବିଜୟୀ

**ବେଙ୍ଗାଲୁରୁ,୪।୧:** ପ୍ରୋ କବାଡି ଲିଗ୍ (ପିକେଏଲ୍)ରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ୟୁ ମୁମ୍ବା ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିବା ବେଳେ ଦ୍ୱିତୀୟ ମୁକାବିଲାରେ ତାମିଲ ଥାଲାଇଭାସ୍ ୩୯-୩୩ରେ ୟୁପି ଯୋଦ୍ଧାକୁ ପରାସ୍ତ କରିଛି। ତାମିଲ ଖେଳାଳିମାନେ ଅଧିପତ୍ୟ ବିସ୍ତାର କରି ଖେଳିଥିଲେ। ରେଡ ପଏଣ୍ଟ ବାବଦରେ ତାମିଲ ୨୧ ପଏଣ୍ଟ ପାଇଥିବା ବେଳେ ୟୁପି ୨୨ ପଏଣ୍ଟ ପାଇଥିଲା। ସୁପର ରେଡ୍‌ରେ ୟୁପି ୧ ଓ ତାମିଲ ୦ ପାଇଥିଲା। କିନ୍ତୁ ଅନ୍ୟ ପଏଣ୍ଟଗୁଡ଼ିକରେ ତାମିଲ ଆଗରେ ରହିଥିଲା। ଟ୍ୟାକଲ ପଏଣ୍ଟ ବାବଦରେ ତାମିଲ ୧୧ ଓ ୟୁପି ୯ ପଏଣ୍ଟ ପାଇଥିଲା। ତାମିଲ ୪ ଅଲଆଉଟ ପଏଣ୍ଟ ପାଇଥିବା ବେଳେ ୟୁପି ୨ ପାଇଥିଲା। ତାମିଲକୁ ୩ ଅତିରିକ୍ତ ପଏଣ୍ଟ ମିଳିଥିଲା। କିନ୍ତୁ ୟୁପି କୌଣସି ଅତିରିକ୍ତ ପଏଣ୍ଟ ପାଇ ନ ଥିଲା। ୟୁପିର ସୁରେନ୍ଦର ସିଂ ସର୍ବାଧିକ ୧୪, ପରଦୀପ ନରୱାଲ ୬ ପଏଣ୍ଟ ପାଇଥିଲେ। ଅନ୍ୟପଟେ ତାମିଲ ତରଫରୁ ମନଜିତ ୭ ଓ ଅଜିଙ୍କ୍ୟା ପାୱାର ୬ ପଏଣ୍ଟ ପାଇଥିଲେ।

**ହରିୟାଣା- ୟୁ ମୁମ୍ବା ମ୍ୟାଚ୍ ଡ୍ର**

କଡ଼ା ସଂଘର୍ଷପୂର୍ଣ୍ଣ ହରିୟାଣା- ୟୁ ମୁମ୍ବା ମ୍ୟାଚ୍ ୨୪- ୨୪ ପଏଣ୍ଟରେ ଡ୍ର ରହିଛି। ହରିୟାଣା ୧୫ ରେଡ୍ ପଏଣ୍ଟ ହାସଲ କରିଥିବା ବେଳେ ମୁମ୍ବା ୧୨ ପଏଣ୍ଟ ହାସଲ କରିଥିଲା। ତେବେ ଉଭୟ ଦଳ ୯ ଲେଖାଏ ଟ୍ୟାକଲ ପଏଣ୍ଟ ପାଇଥିଲେ। ମୁମ୍ବା ଅଲଆଉଟ ପଏଣ୍ଟ ୨ ଓ ଅତିରିକ୍ତ ପଏଣ୍ଟ ୧ ପାଇଥିବା ବେଳେ ହରିୟାଣା ପଏଣ୍ଟ ପାଇ ନ ଥିଲା।

**ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜି.: ଖୋର୍ଦ୍ଧା**

**୨୦୨୧-୨୨ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**

ବିଜ୍ଞାପନ ସଂଖ୍ୟା: ୦୧ ତା୦୪।୦୧।୨୦୨୨

ଏତଦ୍ୱାରା ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷୀ ଭାଇ/ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଏବଂ ପୁରୀ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି କ୍ରମେ ଉପରୋକ୍ତ ବ୍ଲକର ବିବେଚିତ ୯ଗୋଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ, ଯଥା: ଅଲଣ୍ଡା, ବଡ଼ଖାଡ଼, ବକ୍ରକୋଟ, କୃଷ୍ଣପ୍ରସାଦ, ମାଲୁଦ, ରାମଲେଙ୍କା, ତିତିପ, ସାତପଡ଼ା ଓ ନୂଆପଡ଼ା ଦ୍ୱାରା ଚଳିତ ଖରିଫ ୨୦୨୧-୨୨ ବିପଣନ ବର୍ଷ ପାଇଁ ତା୦୫।୦୧।୨୦୨୨ରିଖଠାରୁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଅନଲାଇନ୍ ମାଧ୍ୟମରେ ନାମ ପଞ୍ଜିକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ସଫା କରି ଏଫ୍‌ଏକ୍ୟୁମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ ଧାନ କ୍ରୟ କେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ନିକଟସ୍ଥ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ଲିଃରେ ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

**ଧାନର ସମବିସ୍ତୃତ ବିବରଣୀ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ.ମାନର ଧାନ ପାଇଁ ସର୍ବୋଚ୍ଚ ସୀମା | ଏଫ୍.ଏ.କ୍ୟୁ.ମାନର ଧାନର ନିର୍ଦ୍ଧାରିତ ସରକାରୀ ସହାୟକ ମୂଲ୍ୟ |
|---|---|---|---|
| ୧ | (କ) ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% | ୧. ସାଧାରଣ ଧାନ – ଟ.୧୯୪୦.୦୦ |
| | (ଖ) କାଠି, କୁଟା, ଧୂସ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ପଦାର୍ଥ। | ୧% | ୨. ଗ୍ରେଡ଼ ଏ ଧାନ – ଟ.୧୯୬୦.୦୦ |
| ୨ | ଖରାପ ବେରଙ୍ଗୀ ପାଣି ଫୁଲା ବା ପୋକା ଇତ୍ୟାଦି | ୫% | ଯୋଗାଯୋଗ<br>ଜିଲ୍ଲା ଯୋଗାଣ ଅଫିସ୍ କଣ୍ଟ୍ରୋଲ ରୁମ୍, ପୁରୀ: ଫୋନ୍: ୦୬୭୫୨-୨୨୨୨୨୮, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ପୁରୀ ଫୋନ୍: ୯୪୩୭୬୫୫୩୫୯, ଉପଜିଲ୍ଲାପାଳ, ପୁରୀ ଫୋନ୍: ୦୬୭୫୨-୨୨୨୦୫୯ |
| ୩ | ଅପରିପକ୍ୱ (କଞ୍ଚା, ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩% | |
| ୪ | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | |

ବି.ଦ୍ର.:
- ଚାଷୀଭାଇ ଓ ଭଉଣୀମାନେ ନାମ ପଞ୍ଜିକରଣ ବେଳେ ଦେଇଥିବା ପରିଚୟ ପତ୍ର/ଆଧାରକାର୍ଡ଼ ସହ ବ୍ୟାଙ୍କ ପାସ୍‌ବୁକ ଧାନ କ୍ରୟ କେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ।
- ବିକ୍ରୟ ପାଇଁ ଆସିଥିବା ଧାନ ଗୁଡ଼ିକ ବ୍ୟବସାୟ ଉପଯୋଗୀ, ଖାଦ୍ୟଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗା, ସମଆକାର ଓ ଏକ କିସମ ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥମୁକ୍ତ ହୋଇଥିବା ଆବଶ୍ୟକ।
- ଚାଷୀଭାଇମାନେ ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ଧାର୍ଯ୍ୟ ଦିବସରେ ସକାଳ ୮ ଘଟିକାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ଧାନ ବିକ୍ରୟ ପାଇଁ ଆଣିବାକୁ ଅନୁରୋଧ। ଚାଷୀଭାଇମାନେ ବିକ୍ରିକରିଥିବା ଧାନର ପ୍ରାପ୍ୟ ବା ସର୍ବନିମ୍ନ ସହାୟକ ମୂଲ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ୨୪ ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।
- ଧାନ ସଂଗ୍ରହ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରି ଯୋଗ୍ୟ ବଳକା ଧାନ ସହ ସଂଲଗ୍ନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣର ସୁବିଧା କରାଯାଇଅଛି। ଏଥି ସହିତ ଅଗ୍ରିମ ଟୋକନଟି ଧାନକ୍ରୟକାରୀ ସମିତି କାର୍ଯ୍ୟାଳୟରୁ ପ୍ରଥମେ ସଂଗ୍ରହ କରି ନିର୍ଦ୍ଧାରିତ କ୍ରୟ ଦିବସରେ ଧାନ ଆଣିବା ପାଇଁ ଅନୁରୋଧ।
- ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ, ସ୍ୱଚ୍ଛତା ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତବଦ୍ଧ।
- ଧାନ କ୍ରୟ ସମ୍ବନ୍ଧୀୟ କୌଣସି ଅଭିଯୋଗ ଯଦି ଥାଏ ତେବେ ଜିଲ୍ଲା କଣ୍ଟ୍ରୋଲ ରୁମ୍ ସହିତ ଯୋଗାଯୋଗ କରନ୍ତୁ। ଜିଲ୍ଲା କଣ୍ଟ୍ରୋଲ ରୁମ୍ ଜିଲ୍ଲା ଯୋଗାଣ ଅଫିସ୍ ମଧ୍ୟରେ ଖୋଲା ଯାଇଅଛି।
- କୋଭିଡ-୧୯ ନିୟମକୁ ଗୁରୁତର ସହ ପାଳନ କରନ୍ତୁ, ମାସ୍କ ପରିଧାନ କରନ୍ତୁ ଏବଂ ସାମାଜିକ ଦୂରତା ରକ୍ଷା କରନ୍ତୁ।

**"ଚାଷୀ ହସିଲେ, ଦୁନିଆ ହସେ"**

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ
ସ୍ୱା./- ଉପ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

**JOB FAIR (ନିଯୁକ୍ତି ମେଳା)**
ODISHA SKILL DEVELOPMENT AUTHORITY · National Career Service
Date: 07.01.2022 (10.00 A.M. - 3.00 P.M.)
Venue: ସରକାରୀ I.T.I., ପୁରୁଷୋତ୍ତମପୁର (ତାରାତାରିଣୀଛକ ନିକଟସ୍ଥ)
No. KK-188: ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଗଞ୍ଜାମସ୍ଥିତ ଆଦର୍ଶ ବୃତ୍ତି କେନ୍ଦ୍ର ମାଧ୍ୟମରେ ଏବଂ ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୂଲ୍ୟରେ ଆସନ୍ତା ୦୭।୦୧।୨୦୨୨ ତାରିଖରେ ଏକ "ନିଯୁକ୍ତି ମେଳା"ର ଆୟୋଜନ କରାଯାଉଅଛି। ଉକ୍ତ ମେଳାରେ ଅଷ୍ଟମରୁ ସ୍ନାତକ, I.T.I. ତଥା Diploma ପାସ୍/ଫେଲ୍ ହୋଇଥିବା ୧୮-୩୫ ବର୍ଷ ବୟସ୍କ ପ୍ରାର୍ଥୀଗଣ ଯୋଗଦାନ କରି ବେସରକାରୀ ସଂସ୍ଥାମାନଙ୍କରେ ନିଯୁକ୍ତିର ସୁଯୋଗ ହାସଲ କରନ୍ତୁ।
M.C.C., ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଗଞ୍ଜାମ, ବ୍ରହ୍ମପୁର
ଜିଲ୍ଲା ପ୍ରଶାସନ, ଗଞ୍ଜାମ, ଛତ୍ରପୁର
OIPR-14075/11/0001/2122

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC · ODISHA NEW OPPORTUNITIES · Mining Happiness

**ADVERTISEMENT FOR RECRUITMENT OF NON-EXECUTIVES IN OMC LTD.**

No. 65/OMC Date: 04.01.2022

OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries. The Corporation has registered annual turnover of Rs.5587 Crore in FY 2020-21 and is on a high growth trajectory.
The Corporation intends to fill up the Non-Executive posts in different disciplines as under:

**Vacancy:**
The vacancies are against the sanctioned regular posts. However, the candidates shall initially be appointed as Trainees for a period of 1 (One) year from the date of joining the post with consolidated stipend. On successful completion of training period, they shall be kept under probation for a period of one year during which the trainees shall be allowed the regular pay scale & other allowances.

| Sl. No. | Name of the Post & Grade | Scale of Pay | Basic Qualification | Total Vacancy | UR | SEBC | SC | ST |
|---|---|---|---|---|---|---|---|---|
| 1 | **Jr. Accountant** (Class- III Grade) | Pay Level-8 Rs. 29,200 to Rs.92,300 | Degree in Commerce from recognized University with Diploma in Computer Application/ PGDCA. | 27 (09-W) (01-PwD) | 14 (04-w) | 02 (01-w) | 05 (02-w) | 06 (02- w) |
| 2 | **Electrician-III** (Class- III Grade) | Pay Level-5 Rs. 21,700 to Rs.69,100 (02 extra increments at the time of entry into regular post) | HSC with ITI in Electrician, lineman/ wireman Trade from recognized institute with valid workman permits "A" certificate issued by the Competent Authority, **OR** HSC with ITI in Electrician, lineman/ wireman Trade from recognized institute with minimum Lineman- MV (with Learner Permit for Workman-HT) issued by Electrical Licensing Board, Odisha (ELBO). | 12 (04-W) | 06 (02-w) | 01 | 02 (01-w) | 03 (01-w) |
| **TOTAL** | | | | **39** | **20** | **03** | **07** | **09** |

- The online application portal for online application by the interested eligible candidates shall be made Go-live from 2.00 P.M. of 18.01.2022 till 11.59 P.M. of 07.02.2022, which will be available in OMC website **(https://omcltd.in)**.
- OMC Management reserves the right to cancel, amend or alter the above advertisement without assigning any reason thereof.
- Candidates are requested to visit Corporation website **https://omcltd.in**> Recruitment Portal at regular intervals for any notification, news, updates etc. relating to this recruitment.

| IMPORTANT DATES | |
|---|---|
| Starting Date of On-line Application Form | 02:00 PM of 18.01.2022 |
| Closing Date of On-line Application Form | 11:59 PM of 07.02.2022 |

Sd./- GENERAL MANAGER (P&A)

“ ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ?
କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ
ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

# ଚାକିରି ନାହିଁ

ଭାରତରେ ବେକାରି ହାର ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। ଭାରତୀୟ ଅର୍ଥନୀତି ମନିଟରିଂ ସେଣ୍ଟର (ସିଏମ୍‌ଆଇଇ) ଏ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏଥିରେ ଦର୍ଶାଇଛି ଯେ, ଡିସେମ୍ବର ୨୦୨୧ରେ ବେକାରି ସ୍ତର ୭.୯ %କୁ ବୃଦ୍ଧି ପାଇଛି, ଯାହା ଗତ ୪ ମାସ ମଧ୍ୟରେ ସର୍ବାଧିକ। ବେକାରି ହାର ଡିସେମ୍ବର ପୂର୍ବ ମାସରେ ସହରାଞ୍ଚଳରେ ୮.୨%ରୁ ୯.୩%କୁ ବୃଦ୍ଧି ପାଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୬.୪% ରୁ ୭.୩%କୁ ଛୁଇଁଛି। ଦେଖିବାକୁ ଗଲେ ବେକାରି ସଂଖ୍ୟା ବୃଦ୍ଧିରେ କୋଭିଡ୍-୧୯ ମହାମାରୀ ଏକମାତ୍ର କାରଣ ନୁହେଁ, ବରଂ ଏହା ପଛରେ ଆଉ କେତେକ ଅର୍ଥନୈତିକ ଝଟକାକୁ ଦାୟୀ କରାଯାଇପାରେ । ମାର୍ଚ୍ଚ ୨୦୨୦ରେ ଦେଶରେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ପ୍ରଥମେ ଲକ୍‌ଡାଉନ ଲାଗୁ କରାଯାଇ ଘରେ ରହିବାକୁ କୁହାଗଲା। ଲକ୍‌ଡାଉନ ମାଡ଼ରେ ଦେଶରେ ଶ୍ରମଶକ୍ତି ପ୍ରଭାବିତ ହେବା ସହ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଗଲା। ଲୋକେ ରୋଜଗାର ହରାଇ ଗାଁକୁ ଫେରି ଆସିଲେ। ଯେତିକି ଲୋକ ଫେରି ଆସିଲେ ସେମାନେ ପୁନର୍ବାର ନିଯୁକ୍ତି ଖୋଜିଲେ, କାମ ନୁହେଁ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାକିରି ଆଉ ମିଳୁନାହିଁ। ଲକ୍‌ଡାଉନରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟଗୁଡ଼ିକ ପ୍ରଭାବିତ ହେବାପୂର୍ବରୁ ୮ ନଭେମ୍ବର ୨୦୧୬ରେ ବିନା ବିଚାର ବିମର୍ଶରେ ଘୋଷଣା କରାଯାଇଥିବା ବିମୁଦ୍ରୀକରଣର ଧକ୍କାରେ ଦେଶର ଅନେକ ବ୍ୟବସାୟ ପ୍ରବଳ କ୍ଷତିଗ୍ରସ୍ତ ହୋଇଥିଲା କିମ୍ବା ଲୋପ ପାଇଯାଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ, ବିମୁଦ୍ରୀକରଣ ଏବଂ ତା'ପଛକୁ କୋଭିଡ୍‌ଜନିତ ଲକ୍‌ଡାଉନରେ ନିଯୁକ୍ତି ସୃଷ୍ଟି କରୁଥିବା ବ୍ୟବସାୟ ଏବଂ ଶିଳ୍ପ କ୍ଷତି ସହିଥିବାବେଳେ କେତେକ ହାତଗଣତି ଶିଳ୍ପପତିଙ୍କୁ ଅତ୍ୟଧିକ ଧନୀ କରିଛି। ଏହି ଅତ୍ୟଧିକ ଧନୀମାନେ ନୂତନ ନିଯୁକ୍ତି ସୃଷ୍ଟି କରିବା ପାଇଁ କୌଣସି ଇଚ୍ଛା ପ୍ରକାଶ କରିଥିବାର ଦେଖିବାକୁ ମିଳିନାହିଁ।

କେନ୍ଦ୍ର ଏବଂ ପ୍ରାୟ ସମସ୍ତ ରାଜ୍ୟ ସରକାର ବିରାଟକାୟ ବ୍ୟୟ ଅଟକଳ ଘୋଷଣା କରି ବିଭିନ୍ନ ଗୋଷ୍ଠୀଙ୍କୁ ସାହାଯ୍ୟ କରିବେ ବୋଲି କହିଲେ। ବାସ୍ତବ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକାରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ କୌଣସି ସିଧାସଳଖ ସାହାଯ୍ୟ ପହଞ୍ଚି ନ ଥିବାରୁ ଆଜି ପର୍ଯ୍ୟନ୍ତ ଚାହିଦା ଅନୁଯାୟୀ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ଏଠାରେ କେବଳ ସରକାରଙ୍କୁ ଦୋଷ ଦେଲେ ହେବ ନାହିଁ। ଭାରତର ବୃହତ୍ ବ୍ୟବସାୟୀ ଏବଂ ଶିଳ୍ପପତିମାନେ ସଦାସର୍ବଦା ଜାତୀୟ ସମ୍ପତ୍ତିକୁ ଘରୋଇ କରାଇନେବା ପାଇଁ ଲାଗିପଡ଼ିଥାଆନ୍ତି। ଏହା ବ୍ୟତୀତ ଭାରତର ଯୁବ ନାଗରିକ ନିଜକୁ ନିଯୁକ୍ତି ଉପଯୋଗୀ କରିବା ପାଇଁ କୌଣସି କୌଶଳ ଜ୍ଞାନ ବୃଦ୍ଧି କରିବାରେ ଚେଷ୍ଟା କରୁନାହାନ୍ତି। ବୃହତ୍‌କାୟ ଜନସଂଖ୍ୟା ଥିବା ସତ୍ତ୍ୱେ ଏହି ଦେଶର ଉତ୍ପାଦକୁ ବିଶ୍ୱ ବଜାରରେ ପସନ୍ଦ କରାଯାଏ ନାହିଁ। ଭାରତକୁ ଏକ 'ବିଶାଳ ବଜାର' ଭାବେ ଦେଖୁଥିବା ବିଶ୍ୱ ଏହାକୁ ଏକ ଉତ୍ପାଦନକାରୀ ଜାତି ଭାବେ ଗ୍ରହଣ କରେ ନାହିଁ। ଏଭଳି ପରିସ୍ଥିତି ଭାରତରେ ଦାରିଦ୍ର୍ୟ ବୃଦ୍ଧି କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜାନୁୟାରୀ ୧୯୯୭**

- କଲମ୍ବିଆର ଦକ୍ଷିଣ ପଶ୍ଚିମ ଭାଗରେ ଥିବା ଆଣ୍ଡିଜ ପାର୍ବତ୍ୟ ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୫୦୦ ଫୁଟ ତଳକୁ ଖସିପଡ଼ିବା ଫଳରେ ୩୩ ଜଣଙ୍କ ମୃତ୍ୟୁ।
- ସାଢ଼େ ତିନି କୋଟି ଟଙ୍କା ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ୪ ଜଣ ଜେଏମ୍‌ଏମ୍ ନେତା ତିହାର ଜେଲ୍‌ରୁ ଜାମିନରେ ଛାଡ଼ ପାଇଛନ୍ତି।
- ଦାର୍ଜିଲିଂ ଜିଲା କମିଟିକୁ ଭଙ୍ଗକରି ଏହା ସ୍ଥାନରେ ୩୫ ଜଣିଆ ଜିଲା ସଙ୍ଗଠନ କମିଟି କରିଥିବା ନେଇ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ପଶ୍ଚିମବଙ୍ଗ ଶାଖା ରାଜ୍ୟ କମିଟି ଘୋଷଣା କରିଛି।

## ଚିରନ୍ତନୀ

ଭୋଗ ରାଗ କେତେ କଣ
ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ
ନ ଶୁଣିଲେ କିଏ କାହିଁ।

-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 7 | | | | | 6 |
| | 6 | | | | | | | 3 |
| | | | | 4 | | | | 5 |
| | 8 | | 2 | | | | 3 | |
| 2 | 7 | | | | | 9 | | |
| 1 | | | | 9 | | | 6 | |
| | | | | | 3 | | 5 | 7 |
| 6 | 3 | | | | | | 1 | |
| | | 8 | | 1 | 4 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 3 | 4 | 1 | 2 | 9 | 5 |
| 1 | 4 | 3 | 9 | 2 | 5 | 6 | 7 | 8 |
| 2 | 5 | 9 | 6 | 7 | 8 | 1 | 3 | 4 |
| 5 | 8 | 1 | 7 | 3 | 9 | 4 | 6 | 2 |
| 9 | 2 | 6 | 5 | 1 | 4 | 3 | 8 | 7 |
| 4 | 3 | 7 | 2 | 8 | 6 | 9 | 5 | 1 |
| 8 | 1 | 5 | 4 | 9 | 3 | 7 | 2 | 6 |
| 7 | 9 | 4 | 8 | 6 | 2 | 5 | 1 | 3 |
| 3 | 6 | 2 | 1 | 5 | 7 | 8 | 4 | 9 |

ଗତକାଲିର ଉତ୍ତର

# ମୋ ଘର ହିଁ ମୋ ଦେବାଳୟ



ସହଦେବ ସାହୁ

ବର୍ଷ ଆରମ୍ଭର ପ୍ରଥମ ଦିନ ନିଜର ଈପ୍ସିତ ଠାକୁରଙ୍କ ମୂର୍ତ୍ତିକୁ ଦର୍ଶନ କଲେ ବର୍ଷଯାକ ଭଲରେ କଟିବ ବୋଲି ବିଶ୍ୱାସ କରୁଥିବା ଲୋକଟିଏ ଉକ୍ତ ଠାକୁରଙ୍କ ମୂର୍ତ୍ତି ଥିବା ମନ୍ଦିରକୁ ଯାଆନ୍ତି, ମୂର୍ତ୍ତିର ପାଖରେ ବା ସାମନାରେ ନ ପହଞ୍ଚିଲେ ଦର୍ଶନ ଭଲ ହେଲା ନାହିଁ ବୋଲି ଭାବନ୍ତି, ତେଣୁ ଦର୍ଶନାର୍ଥୀମାନଙ୍କ ଭିତରେ ପ୍ରବଳ ଭିଡ଼ ହୁଏ, ତାହା କିପରି ମୃତ୍ୟୁ ଆଣିପାରେ ତାହା ଜାନୁୟାରୀ ପହିଲାରେ ବୈଷ୍ଣୋଦେବୀଙ୍କ ଫାଟକ ଆଗରେ ଘଟିଥିବା ଦୁର୍ଘଟଣାରୁ ଜଣାପଡ଼ିଛି। ଜମ୍ମୁ ଓ କଶ୍ମୀରର କାଟ୍ରା ଇଲାକାରେ ଥିବା ତ୍ରିକୂଟ ପାହାଡ଼ ଉପରେ ମାତା ବୈଷ୍ଣୋବୀ ଦେବୀଙ୍କ ମନ୍ଦିର। ପ୍ରବଳ ଠେଲାପେଲା ଭିତରେ କେତେଲୋକ ତଳେ ପଡ଼ିଗଲେ ତ ସେମାନଙ୍କ ଉପରେ ପଛଆଡୁ ଠେଲିପେଲି ହୋଇ ଆସୁଥିବା ଭକ୍ତମାନେ ଚଢ଼ି ଚାଲିଗଲେ। ଏ ଦଳାଚକଟାରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି, ୨୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ୧୨ ଜଣ କେବେ ଭାବି ନ ଥିବେ ଯେ ସେମାନେ ଏମିତି ମୃତ୍ୟୁମୁଖରେ ପଡ଼ିବେ। କିନ୍ତୁ ବିଭିନ୍ନ ସମୟରେ ସେମାନେ ଖବର ରଖିଥିବେ ଯେ ଭକ୍ତମାନଙ୍କର ଦଳାଚକଟାରେ କେତେ ଜଣ ଭକ୍ତ ପ୍ରାଣ ହରାନ୍ତି। ଜଗନ୍ନାଥଙ୍କ ରଥଯାତ୍ରାରେ ରଥକୁ ଛୁଇଁବା ପାଇଁ ବା ରଥ ଦଉଡ଼ିକୁ ଟାଣିବା ଲାଗି ଯେଉଁ ପ୍ରବଳ ଠେଲାପେଲା ହୁଏ ତହିଁରେ କେହି ନା କେହି ପ୍ରାଣ ହରାଇଥାଏ, କିନ୍ତୁ ସେଭଳି ମରିଥିବା ଭକ୍ତମାନେ ଜଗନ୍ନାଥଙ୍କ ମୂର୍ତ୍ତି ଦର୍ଶନରେ ବେଶି ଦିନ ପୁଣି ଭଲରେ ବଞ୍ଚିବେ ବୋଲି ଆଶା କରି ପୁରୀକୁ ଆସିଥାନ୍ତି। ୧୯ଶ ଶତାବ୍ଦୀରେ ପ୍ରତିବର୍ଷ ଏପରି ଦୁର୍ଘଟଣା ଦେଖି ଇଂରେଜମାନେ ସେମାନଙ୍କର ଅଭିଧାନରେ 'ଜଗ୍‌ଗର୍‌ନାତ୍' ଶବ୍ଦର ମାନେ ଭକ୍ତଙ୍କ ଉପରେ ଚଢ଼ିଯାଉଥିବା ଠାକୁର ବୋଲି ଲେଖିପକାଇଲେ। ୧୯୯୦ପୂର୍ବ ସଂସ୍କରଣର ଚେମ୍ବର୍ସ ଡିକ୍ସନାରିରେ ଯେଉଁ ପ୍ରକାର ଲେଖା ହୋଇଛି ତାହାର ଓଡ଼ିଆ ରୂପାନ୍ତର ନିମ୍ନ ପ୍ରକାରେ ହେବ: ''ଜଗ୍‌ଗର୍‌ନାତ, ଜଗନ୍ନାଥ, ବିଷ୍ଣୁଙ୍କ ଏକ ଅବତାର, ଯାହାଙ୍କ ମୂର୍ତ୍ତି ନିଆହେଉଥିବା ଗାଡ଼ି ତଳେ ୟୁରୋପୀୟମାନଙ୍କ ମତରେ ଭକ୍ତମାନେ ନିଜକୁ ବଳି ଦେଉଥିଲେ: ସୁତରାଂ ଅବିରତ ଏକ କଠୋର ଧ୍ୱଂସକାରୀ ଶକ୍ତି ଅଥବା ଭକ୍ତି ଓ ବଳି ପାଇବାର ଏକ ବସ୍ତୁ: (ପ୍ରଥମଟି କାପିଟାଲ୍ ଲେଟର୍ ନ ହୋଇଥିଲେ) ଏକ ପ୍ରକାଣ୍ଡ ଲରି।'' ଏବେ ଇଂଲିଶ ଅଭିଧାନରେ ସଂଶୋଧନ ହୋଇ ଲେଖାଯାଉଛି ଯେ ''ଜଗନ୍ନାଥ ମାନେ ପ୍ରକାଣ୍ଡକାୟ, ଶକ୍ତିମାନ୍ ଓ କବଳକରୁଥିବା ଶକ୍ତି। ବୃହତ୍‌କାୟ ସରକାରୀ ଖର୍ଚ୍ଚକୁ କୁହାଯାଏ ଦି ଜଗ୍‌ଗରନାତ୍ ଅଫ୍ ପବ୍ଲିକ୍ ଏକ୍ସପେଣ୍ଡିଚର୍। ବଡ଼ ଗାଡ଼ିଟିଏ ଗଲେ କହନ୍ତି ଜଗ୍‌ଗରନାତ୍ ଅଣ୍ଡର୍ଡ ଥ୍ ଦି କନ୍ସ୍ରିସାଇଜ୍।''

ମୂର୍ତ୍ତିର ଦର୍ଶନ ଆଶାରେ ମନ୍ଦିର ଭିତରକୁ ପ୍ରବଳ ଭିଡ଼ ଭିତରେ ପଶିବା ଚେଷ୍ଟାକୁ ଆପଣ କ'ଣ କହିବେ ଏବଂ ସେମାନଙ୍କୁ ଏଦିଗରେ ପ୍ରବର୍ତ୍ତାଉଥିବା ଧର୍ମ-ପ୍ରବର୍ତ୍ତାମାନଙ୍କୁ କ'ଣ କହିବେ ? ଯଦି ଠାକୁର ଦର୍ଶନ ମଙ୍ଗଳକାରକ ସେଥିପାଇଁ ଚେଷ୍ଟା କରୁଥିବା ଲୋକର ଅମଙ୍ଗଳ କାହିଁକି ହୁଏ ? ଅତି ବିଶ୍ୱାସୀ କେତେକେ କହିବେ - ଠାକୁରେ ତାକୁ ନିଜ ପାଖକୁ ନେଇଗଲେ। ଏହିଭଳି କହୁଥିବା ଲୋକ ଯଦି କାହାରିକୁ ଅଚାନକ ମରିଯିବାର ଶୁଣେ ସେ କହେ ଯମ ନେଇଗଲା। ଯମ ନେବା ଆଉ ଠାକୁର ନେବା ଭିତରେ କି ପ୍ରଭେଦ ? ତାହା ତ ମନ ଭିତରର ! ସ୍ୱର୍ଗ ଓ ନରକ ନାମକ କୌଣସି ଜାଗା ନାହିଁ, ଦୁଇଟି ଯାକର ଧାରଣା ଧର୍ମାଳୁମାନଙ୍କ ମୁଣ୍ଡରେ ପୂରେଇଦିଆଯାଇଛି। କେହି ଦେଖିଲେ ସାକ୍ଷୀ ମିଳିଯିବ, ସରକାରଙ୍କ ଆଇନ ଅନୁଯାୟୀ ବିଚାରରେ ଦଣ୍ଡିତ ହେବ, କିନ୍ତୁ କେହି ନ ଦେଖୁଥିଲେ ଅର୍ଥାତ୍ ଲୁଚେଇଛପେଇ ଅନୈତିକ କାମ କଲେ ଦଣ୍ଡ ମିଳିବ ନାହିଁ, - ଏପରି ଘଟିଲେ ସମାଜରେ ଶାନ୍ତିଶୃଙ୍ଖଳା ରହିବ ନାହିଁ, ଧରା ନ ପଡ଼ିଲେ ଜୋର୍ ଯାହାର ମୁଲକ ତାହାର ହୋଇଯିବ, ତେଣୁ ମହାପୁରୁଷମାନେ, ଯାହାଙ୍କୁ ଆମେ ଧର୍ମ-ସଂସ୍ଥାପକ କହୁଛୁ, ଧର୍ମୀୟ ବିଚାର ପ୍ରଚାର କଲେ। ଇହ କାଳରେ କିଛି ଖରାପ କଲେ ପରକାଳରେ ଦଣ୍ଡ ମିଳିବ ; ଠାକୁର ସବୁ ଦେଖୁଛନ୍ତି, ମୃତ୍ୟୁ ପରେ ସେ ବିଚାର କରିବେ ତୁମେ ସ୍ୱର୍ଗକୁ ଯିବ କି ନର୍କକୁ। ସରକାରଙ୍କ ଆଇନ ଭଙ୍ଗ ପାଇଁ ସାକ୍ଷୀ-ପ୍ରମାଣ ଦରକାର, ଭଗବାନଙ୍କ ଆଇନ (ଯାହାକୁ ମାନିବା ତୁମର ଧର୍ମ, ବା କର୍ତ୍ତବ୍ୟ) ନ ମାନିଲେ ଭଗବାନ ଜାଣିବେ ଓ ପରଲୋକକୁ ଗଲାବେଳେ (ମୃତ୍ୟୁ ପରେ) ଦଣ୍ଡ ଦେବେ। ସରକାରଙ୍କ ଆଇନ ଭଙ୍ଗ କଲେ କ'ଣ ଆସାମୀ ଜଜ୍‌ଙ୍କ ଦର୍ଶନକୁ ଯାଉଛି? ତେବେ ନିଜର ଧର୍ମ ପାଳୁ ନ ଥିବା ଲୋକକୁ ଠାକୁରଙ୍କ ପାଖକୁ ଯିବାକୁ କହିବା ଭୁଲ୍। ତଥାପି ଧର୍ମଯାଜକମାନେ ଲୋକଙ୍କୁ ଭଣ୍ଡାଉଛନ୍ତି, ଠାକୁରଙ୍କ ପାଖରେ ଅଳି କର ସେ ସମ୍ଭାବ୍ୟ ଦଣ୍ଡରୁ ରକ୍ଷା କରିବେ। ଅଳିକୁ ପ୍ରାୟଶ୍ଚିତ୍ତ ଆଖ୍ୟା ଦେଇ ବେଶ୍ ରୋଜଗାର କରୁଛନ୍ତି ବିଭିନ୍ନ ଧର୍ମର ଯାଜକମାନେ। ଭଗବାନ କେବଳ ସଂସ୍କୃତ ଶ୍ଳୋକ ବୁଝିବେ ବୋଲି କହି ହିନ୍ଦୁ ଧର୍ମଯାଜକମାନେ ସଂସ୍କୃତ ବୁଝିପାରୁ ନ ଥିବା ଲୋକଙ୍କୁ ଭୁଲାଉଛନ୍ତି। ଧର୍ମଯାଜକ ମାନେ ନିଜକୁ ଧର୍ମସଂସ୍ଥାପକମାନଙ୍କ ବଂଶଧର କିମ୍ବା ଧର୍ମସଂସ୍ଥାପକମାନଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯାଜକଙ୍କ ଦାୟାଦ ବୋଲି ଧାରଣା ଦେଇ ଠାକୁର ଓ ମଣିଷ ଭିତରେ ମଧ୍ୟସ୍ଥ ସାଜିଛନ୍ତି ଏବଂ ମୂର୍ତ୍ତିକୁ ସେମାନେ ହିଁ ଠାକୁରର ଦୃଶ୍ୟମାନ ରୂପ ବୋଲି ପ୍ରଚାର କରିଥାନ୍ତି। ତେଣୁ ମନ୍ଦିରର ଚାରି କାନ୍ଥ ଭିତରେ ବାନ୍ଧିରଖିଥିବା ମୂର୍ତ୍ତିକୁ ଠାକୁର ବୋଲି ବିଶ୍ୱାସ ଜନ୍ମାନ୍ତି। ତେଣୁ ଲୋକେ ଗଡ୍ଡଳିକା ପ୍ରବାହରେ ମନ୍ଦିରକୁ ଯାଆନ୍ତି।

ନିଜ ଘର ଯେ ମନ୍ଦିର ହୋଇପାରେ ତାହା ଲୋକେ ଭାବନ୍ତି ନାହିଁ। ନିଜେ ଯେ ନିଜର ପ୍ରାର୍ଥନାକୁ ସୁଚାରୁରୂପେ ପ୍ରକାଶ କରିପାରିବେ ଏବଂ ଧର୍ମ ଯାଜକଙ୍କଠାରୁ ବେଶି ସନିର୍ବନ୍ଧରେ ପୂଜା କରିପାରିବେ, ତାହା ଲୋକେ ଯେପରି ଭୁଲିଯାଆନ୍ତି ସେଭଳି ପ୍ରଚାରରେ ପ୍ରାୟ ପ୍ରତ୍ୟେକ ମନ୍ଦିରର ପୂଜକମାନେ ସତତ ଲାଗିଥାଆନ୍ତି। କେତେକ ନିର୍ଦ୍ଦିଷ୍ଟ ଦିନରେ ଠାକୁର ଦର୍ଶନ ଇଚ୍ଛିତ ଫଳ ଦେବେ ବୋଲି ଗ୍ରନ୍ଥ ଲେଖିଦିଆଯାଇଛି, ଠାକୁରଙ୍କ ପୂଜା କେମିତି ହେବ ସେଥିଲାଗି କର୍ମକାଣ୍ଡ ତିଆରି ହୋଇଛି। ଠାକୁର ଯେପରି ଦେଖିପାରୁନାହାନ୍ତି ଯାହା ଅର୍ପଣ କରିବ ତାହାର ନାମ ନେବାକୁ ହେବ ଯଥା ଜବା କୁସୁମ ଦଦ୍ୟାମି। ଠାକୁର ସବୁକଥା ଜାଣନ୍ତି ବୋଲି କହୁଥିବା ଧର୍ମଯାଜକ ଭକ୍ତର ଠିକଣା ବି ଉଚ୍ଚାରଣ କରେ, ଯଥା ଜମ୍ବୁଦ୍ୱୀପେ ଉତ୍କଳ ପ୍ରଦେଶେ।

ବିବେକହୀନ ପ୍ରାର୍ଥନାରେ ନିଷ୍ଠା ନ ଥାଏ, ତେଣୁ ପୂଜାପାଠ ନିରର୍ଥକ। ପୁରୋହିତ କ'ଣ କହୁଛି ତାହା ତୁମେ ବୁଝିପାରୁନାହଁ ତ ତୁମର ଠାକୁର କେମିତି ବୁଝିବେ? ଆମ ଦେଶରେ ଧର୍ମର ଆରମ୍ଭ ଯେଉଁ ବେଦମାନଙ୍କ ସମୟରୁ ହୋଇଛି ତାହା ଦେବ ଓ ଦେବୀ ମାନଙ୍କୁ ପ୍ରକୃତି ବା ପରିବେଶର ବିଭିନ୍ନ ଶକ୍ତିର ସୂଚକ କରିଥିଲା, ଠାକୁରମାନେ ସର୍ବବ୍ୟାପୀ ଥିଲେ, ମୁନିଋଷିମାନେ ମୁକ୍ତ ଆକାଶ ତଳେ ଧ୍ୟାନ ବା ପୂଜାପାଠ କରୁଥିଲେ। ଠାକୁରମାନେ ଚାରିକାନ୍ଥ ଭିତରେ ବନ୍ଧା ହୋଇ ନ ଥିଲେ। ମଣିଷ ଚାଷୀ ହୋଇଗଲା ପରେ ଗୋଟିଏ ଗୋଟିଏ ଜାଗାରେ ସ୍ଥିର ହୋଇ ରହିଗଲା ତ ସିଏ ତା' ଠାକୁରକୁ ତା' ବାସସ୍ଥାନରେ ସ୍ଥିର କରି ରଖିଦେଲା, ଠାକୁର ବିଶ୍ୱସ୍ତରୀୟ ନ ହୋଇ ସ୍ଥାନୀୟ ହୋଇଗଲେ, ସେମାନଙ୍କ ମୂର୍ତ୍ତି ତିଆରି କରି ପୂଜା କରାଗଲା। ମୂର୍ତ୍ତିକୁ ଖରାବର୍ଷାରୁ ରକ୍ଷା କରିବା ପାଇଁ ଘର ତିଆରିହେଲା, ନାଁ ହେଲା ମନ୍ଦିର। ଠାକୁର ମୂର୍ତ୍ତି ରୂପେ ରହିବାରୁ ତା'ର ଦର୍ଶନ ହେଲା ଦେବଦର୍ଶନ।

ଭଗବାନଙ୍କୁ ଯିଏ ବିଶ୍ୱାସ କରେ ସେ କହେ ଯେ ଭଗବାନ ମଣିଷକୁ ବିବେକ ଦେଇଛନ୍ତି, ଯାହା ଅନ୍ୟ ପ୍ରାଣୀମାନଙ୍କଠାରେ ନାହିଁ, ଗଛଲତା ଜୀବନ୍ତ କିନ୍ତୁ ଅଚଳ, ସେମାନଙ୍କ ବିବେକ ବୋଲି ଜିନିଷ ନାହିଁ। ମନେରଖିବାକୁ ପଡ଼ିବ ଯେ ପ୍ରତ୍ୟେକ ଜୀବନ୍ତ ବସ୍ତୁର ସ୍ୱାୟବିକ କ୍ରିୟାକଳାପ ଅଛି, ଏହି କ୍ରିୟାକଳାପ ଅନ୍ତର୍ଦୃଷ୍ଟି ବା ଇନ୍‌ଟ୍ୟୁସନ ଯୋଗାଏ, ଉଦ୍ଭିଦ ବା ଇତର ପ୍ରାଣୀକୁ ବିନାଶ କରିବାର ବା କ୍ଷତିରେ ପକାଇବାର କୌଣସି ଉଦ୍ୟମ ତା' ନିକଟକୁ ଆସିଲେ ସେ ପ୍ରତିକ୍ରିୟା ଦେଖାଏ, ତାହା ହିଁ ଇନ୍‌ଟ୍ୟୁସନ, ଯାହା ଅଟୋମେଟିକ୍, ଆପେ ଆପେ ଆସିଯାଏ। ମଣିଷର ପ୍ରତିକ୍ରିୟା କେବଳ ଇନ୍‌ଟ୍ୟୁଟିଭ୍ ନୁହେଁ, ବିବର୍ତ୍ତନ ଫଳରେ ମଣିଷ ବିଚାର ବିମର୍ଶ କରିବା ବା ବିବେକ ଖଟାଇବା ଶିଖିଯାଇଛି, ବିବେକହୀନ କାର୍ଯ୍ୟ କେବେ ଧାର୍ମିକ ହେବ ନାହିଁ, ତାହା ଅନ୍ଧବିଶ୍ୱାସ ହୋଇପାରେ। ବିବେକ ଲଗାଅ, ଦେଖିବ ଘର ହିଁ ତୁମର ଦେବାଳୟ, ସେଇଠି ରହି ସନିର୍ବନ୍ଧରେ ଠାକୁରଙ୍କୁ ପ୍ରାର୍ଥନା କର, ମନ ଶାନ୍ତ ରହିବ, ଦେହ ସୁସ୍ଥ ରହିବ, ଅନ୍ତତଃ ଦଳାଚକଟାର ଆଶଙ୍କା ତ ରହିବ ନାହିଁ।

sahadevas@yahoo.com

# ଧର୍ମର ସଂଜ୍ଞା ଓ ପରିପାଳନ



ଡା. ଉମେଶ ଚନ୍ଦ୍ର ପାତ୍ର

ଯାହାର ଜନ୍ମ ହୋଇଛି ତା'ର ଅବଶ୍ୟ ମୃତ୍ୟୁ ହେବ। ଯାହାର ବିକାଶ ଅଛି ତା'ର ବିନାଶ ନିଶ୍ଚୟ। ଏହି ଦୃଷ୍ଟିକୋଣରୁ ଯେଉଁସବୁ ପ୍ରବୃତ୍ତି ଏକଦା ଖୁବ୍ ଶକ୍ତିଶାଳୀ ହୋଇ ମନୁଷ୍ୟକୁ ବିପଥରେ ନେଇଯାଇଥାନ୍ତି ସେହି ପ୍ରବୃତ୍ତି ସକଳର ବିଲୟ ଅବଶ୍ୟ ହେବ। ସେତେବେଳେ ଶରୀରର ତେଜ ନ ଥିବ, କାରଣ ଶରୀର ପ୍ରତି ମୁହୂର୍ତ୍ତରେ କ୍ଷୟ ହେଉଅଛି, କିନ୍ତୁ ତାହା ଦୃଶ୍ୟମାନ ହେଉନାହିଁ। ଯେପରି ଜଳମଧ୍ୟସ୍ଥିତ ଅପକ୍ୱ ଘଟ ମିଳାଇଯିବା ପରେ ତାହାର କ୍ଷୟ ଜଣାପଡ଼ିଥାଏ, ସେହିପରି ଶରୀର ବିନଷ୍ଟ ହେଲେ ଏହା ଜଣାଯାଇଥାଏ। ଯୌବନ, ସୌନ୍ଦର୍ଯ୍ୟ, ଜୀବନ, ଧନସଞ୍ଚୟ, ଐଶ୍ୱର୍ଯ୍ୟ, ପ୍ରିୟ ସମାଗମ - ଏସବୁ ଅନିତ୍ୟ। ଜ୍ଞାନୀଲୋକ ଏସବୁରେ ଆସକ୍ତ ହୁଅନ୍ତି ନାହିଁ । ଯେପରି ସମୁଦ୍ରରେ ଦୁଇଖଣ୍ଡ କାଷ୍ଠ (ଭିନ୍ନ ଭିନ୍ନ ଦିଗରୁ ଆସି) ମିଳିତ ହୁଅନ୍ତି, ମିଳିବା ପରେ ପୁଣି ଅଲଗା ହୋଇଯାନ୍ତି, ସେହିପରି ପ୍ରାଣୀମାନଙ୍କର ମିଳନ ପରେ ବିଚ୍ଛେଦ ହୋଇଥାଏ । ଶରୀର ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ଏହି ପଞ୍ଚଭୂତରେ ତିଆରି। ମୃତ୍ୟୁ ପରେ ଏମାନେ ପୁଣି ନିଜ ମୂଳ ଭୂତ ସଙ୍ଗେ ମିଶିଯାଇଥାନ୍ତି।

ପ୍ରକୃତରେ ଧର୍ମ କ'ଣ ଏବଂ ଏହାର ଆଧ୍ୟାତ୍ମିକତା ସହିତ କି ସମ୍ପର୍କ ରହିଛି, ନ ବୁଝିଲେ ଅଜସ୍ର ଅନୁଷ୍ଠାନ ମଧ୍ୟ ଧର୍ମକୁ ପ୍ରତିଷ୍ଠିତ କରିପାରିବ ନାହିଁ। କ୍ଷଣିକ ଉତ୍ତେଜନା, ଭାବୋନ୍ମତ୍ତତା ଏବଂ ନାନା ରଙ୍ଗର ପୋଷାକ ପରିଚ୍ଛଦ ବା ସାଜସଜ୍ଜା ଆଦି ପ୍ରକୃତରେ ଧର୍ମାଚରଣକୁ ବୁଝାଏ ନାହିଁ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଷାରେ- 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି, ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ୍ ଅସୀମ ହୋଇଉଠିଛନ୍ତି, ଋଷିଙ୍କୁ ବାଦଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି।' ଋଷି କେଉଁ ପ୍ରସଙ୍ଗରେ କାହିଁକି କେଉଁକଥା କହିଛନ୍ତି, ତାହା ନ ବୁଝି ନ ଜାଣି ସବୁଠାରେ ନିର୍ବିଚାରରେ ତାହା ପ୍ରୟୋଗ କଲେ ନିଶ୍ଚିତରୂପେ ଭ୍ରମାତ୍ମକ ହେବ। ଶାସ୍ତ୍ର କୁହେ - 'ଧର୍ମଃ ଯଃ ବାଧତେ ଧର୍ମଂ ନ ସ ଧର୍ମଃ କୁଧର୍ମଃ ସଃ। ଅବିରୋଧାତ୍ ତୁ ଯଃ ଧର୍ମଃ ସ ଧର୍ମଃ ସତ୍ୟବିକ୍ରମଃ।' ଯେଉଁ ଧର୍ମ ଅନ୍ୟ ଧର୍ମକୁ ବାଧା ଦିଏ, ତାହା ଧର୍ମ ନୁହେଁ, କୁଧର୍ମ। ଧର୍ମ ଅବିରୋଧିତା ଉପରେ ପ୍ରତିଷ୍ଠିତ। ଏକ ଧର୍ମ ଅନ୍ୟ ଧର୍ମ ବା ଧାର୍ମିକକୁ ବାଧା ଦିଏନାହିଁ, ବରଂ ତା'ର ପରିପୂରକ, ପରିପୋଷକ ହୋଇଥାଏ। ଧର୍ମକୁ ସମ୍ପ୍ରଦାୟ ସହିତ ଯୋଡ଼ି ବିକୃତ କରିବା ମଧ୍ୟ ଭୁଲ୍। ଉଦାହରଣତଃ କେହି କେହି ହିନ୍ଦୁଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ ଇତ୍ୟାଦି କହି ପାରସ୍ପରିକ କଳହ ସୃଷ୍ଟି କରନ୍ତି, ତାହା ଭୁଲ। ଏଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ମତ। ତେଣୁ ଖ୍ରୀଷ୍ଟ କି ରସୁଲ କିମ୍ବା ତଥାଗତ ହୁଅନ୍ତୁ, ସମସ୍ତେ ଯୁଗଧର୍ମାନୁଯାୟୀ ଏକ ବିଚାରଧାରାକୁ ଭିନ୍ନ ଭିନ୍ନ ଭାଷାରେ ବ୍ୟକ୍ତ କରିଛନ୍ତି। ତେଣୁ କୌଣସି ମତ ଅନ୍ୟମତଠାରୁ ଭିନ୍ନ ନୁହେଁ।

ଧର୍ମର ବାସ୍ତବ ସ୍ୱରୂପ ତା'ର ବ୍ୟୁତ୍ପତ୍ତିରୁ ବୁଝାଯାଇପାରେ। ଧର୍ମ ପଦଟି ଧୃ ଧାତୁରୁ ମନ୍ ପ୍ରତ୍ୟୟରେ ସୃଷ୍ଟ। ଧ୍ରିୟତେ (ଜୀବନଂ ବର୍ଦ୍ଧନଂ ଚାପି) ଯେନ ସଃ, ଧର୍ମଃ। ଅର୍ଥାତ୍ ଯାହା ଆମର ଜୀବନ ଓ ବୃଦ୍ଧିକୁ ଧରି ରଖେ, ତାହା ହିଁ ଧର୍ମ। ପ୍ରତ୍ୟେକ ଜୀବନସତ୍ତା ବଞ୍ଚିରହି ବଢ଼ି ଚାଲିବାକୁ ଇଚ୍ଛା କରେ। ମଣିଷ ପରି ବୃକ୍ଷଲତା, କୀଟପତଙ୍ଗ ସମସ୍ତେ ବଞ୍ଚି ବଢ଼ି ଚାଲିବାକୁ ପ୍ରୟାସ କରନ୍ତି, କେହି କାଳର କରାଳ ଗର୍ଭରେ ଲୁଚିଯିବାକୁ ଚାହେଁ ନା। ଏହି ବଞ୍ଚିବା ଓ ବଢ଼ିବା ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ହେଲେ ମଧ୍ୟ ଏକ ପ୍ରକାର ବିଚାରଧାରା ପୋଷଣ କରେ। ମାଛଟି ବଞ୍ଚିବା ପାଇଁ ଜଳକୁ ଛାଡ଼ିପାରେ ନାହିଁ କି ବାଘ, ସିଂହ ଶିକାରକୁ। ପ୍ରତ୍ୟେକ ସ୍ୱତନ୍ତ୍ର ଭାବେ ସୃଷ୍ଟ ଓ ବିକଶିତ। ପ୍ରତ୍ୟେକର ବୈଶିଷ୍ଟ୍ୟ ଆଧାରିତ ବଞ୍ଚିବା-ବଢ଼ିବା ହେଉଛି ତା'ର ପ୍ରକୃତ ଧର୍ମ। ଧର୍ମ ହେଉଛି ମରଣର ବିପରୀତଧର୍ମୀ-ଜିଜୀବିଷା। ଆଚାରପ୍ରଭବଃ ଧର୍ମଃ ଅର୍ଥାତ୍ ଧର୍ମାଚରଣ ମାଧ୍ୟମରେ ପରିସ୍ଫୁଟ ହୁଏ। ଆମର ବଞ୍ଚିବା ବଢ଼ିବା ଯେତେ ସହଜ, ସାବଲୀଳ ଓ ସୁଗମ ହୋଇଉଠେ, ଆମର ଜୀବନ ସେତେ ସୁଖଶାନ୍ତିମୟ ହୋଇଥାଏ। ଉପନିଷଦ କୁହେ - 'କୁଶଳାନ୍ନ ପ୍ରମଦିତବ୍ୟମ' ଅର୍ଥାତ୍ ଆତ୍ମସୁରକ୍ଷାକାରୀ ମଙ୍ଗଳମୟ କର୍ମରେ ତ୍ରୁଟି କରିବା ଅନୁଚିତ। ଧର୍ମର ନିଷ୍ଠାପୂତ ପାଳନ ଦ୍ୱାରା ଜୀବନ ସ୍ୱୟଂ ସୁରକ୍ଷିତ ହୁଏ, ଜୀବ ମଙ୍ଗଳର ଅଧିକାରୀ ହୁଏ।

ଆମର ଏହି ଆତ୍ମା ପରମାତ୍ମାଙ୍କ ଅଂଶବିଶେଷ। ଆତ୍ମାକୁ ନେଇ ଆମର ଜୀବନ। ପରିପୋଷକ କର୍ମ ସାଧନ ଦ୍ୱାରା ଜୀବନ ସତ୍ ଚିତ୍ ଆନନ୍ଦକୁ ନିଜ ଭିତରେ ଉପଲବ୍ଧି କରିଥାଏ। ଏହି ଈଶ୍ୱରମୁଖୀ କର୍ମ ହିଁ ସଦାଚାର। ଈଶ୍ୱର ହିଁ ସତ୍ ଅର୍ଥାତ୍ ଶାଶ୍ୱତ। ଆମର ଆତ୍ମା ମଧ୍ୟ ଚିରନ୍ତନ, କିନ୍ତୁ ଶରୀର ନଶ୍ୱର। ଶରୀରକୁ ଆଶ୍ରୟ କରି ଆତ୍ମାର ଆଗମନ ସମ୍ଭବ ହୋଇଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଶରୀରକୁ ପରମେଶ୍ୱରଙ୍କ ମନ୍ଦିର ବୋଲି ଆଖ୍ୟାୟିତ କରିଛନ୍ତି। ଆତ୍ମା ଓ ଶରୀର ସହିତ ମନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏଣୁ ଆତ୍ମା, ମନ ଓ ଶରୀରର ସର୍ବବିଧ କଲ୍ୟାଣସାଧନ ହିଁ ଧର୍ମ ।

ମନୁଷ୍ୟ ଶରୀରସ୍ଥ ପଞ୍ଚେନ୍ଦ୍ରିୟ ଦ୍ୱାରା ତାକୁ ଭିନ୍ନ ଭିନ୍ନ ସମୟରେ, ଭିନ୍ନ ଭିନ୍ନ ଇନ୍ଦ୍ରିୟଠାରୁ ଅଲଗା ଅଲଗା ସୁଖ ଅନୁଭୂତ ହୋଇଥାଏ, ଯେପରି ଆଖି ସର୍ବଦା ଭଲ ଦୃଶ୍ୟ ଦେଖିବାକୁ ଇଚ୍ଛା କରିଥାଏ, ଜିଭ ସୁସ୍ୱାଦୁ ଭୋଜନ ଲୋଡ଼େ, ସେହିପରି ସୁଲଳିତ ସଙ୍ଗୀତ କାନକୁ ଭଲ ଶୁଭିଥାଏ, ଭିନ୍ନ ଭିନ୍ନ ଇନ୍ଦ୍ରିୟସକଳ ଦ୍ୱାରା ଅନୁଭବ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ, କିନ୍ତୁ ଏ ଭିନ୍ନତା ମଧ୍ୟରେ ଏକତା ଓ ସମତ୍ୱ କେଉଁଭାବରେ ଥାଏ? ତାହା ହେଉଛି 'ଆତ୍ମସନ୍ତୋଷ'। ଏହି ସବୁଥିରେ ମନୁଷ୍ୟ ସନ୍ତୋଷ ଅନୁଭବ କରିଥାଏ ଯେଉଁ ସନ୍ତୋଷ ସବୁବେଳେ ସବୁ ମନୁଷ୍ୟ ଇଚ୍ଛା କରିଥାନ୍ତି, କିନ୍ତୁ ସେହି ସନ୍ତୋଷ ସ୍ଥାୟୀ ନ ହେବା କାରଣରୁ ଜୀବନକୁ ସନ୍ତୁଷ୍ଟ ଜୀବନ ବୋଲି କୁହାଯାଇ ନ ଥାଏ, ପୁଣି ସନ୍ତୋଷ ମିଳିଲେ ଆହୁରି ଅଧିକ ସନ୍ତୋଷ ପ୍ରତ୍ୟେକେ ଆଶା କରିଥାନ୍ତି। ଏପରି କାହିଁକି ହୋଇଥାଏ? ଇନ୍ଦ୍ରିୟସକଳ ଦ୍ୱାରା ହେଉଥିବା ଅନୁଭବର କେନ୍ଦ୍ର ହେଉଛି ମନୁଷ୍ୟର ମନ, ବୁଦ୍ଧି ଏବଂ ସଂସ୍କାର, ଯାହାକୁ ସାମୂହିକ ରୂପରେ ଆତ୍ମା ନାମ ଦିଆଯାଇଛି । ଆତ୍ମା ହିଁ ସନ୍ତୁଷ୍ଟ ତଥା ଅସନ୍ତୁଷ୍ଟ, ଦୁଃଖୀ ଅଥବା ସୁଖୀ ହୋଇଥାଏ। ଏହି କାରଣରୁ ବି ମନୁଷ୍ୟକୁ ପାପାତ୍ମା, ପୁଣ୍ୟାତ୍ମା କୁହାଯାଇଥାଏ। ଜ୍ଞାନ, ଆନନ୍ଦ, ପ୍ରେମ ଓ ଶାନ୍ତି ହିଁ ଆତ୍ମତୃପ୍ତିର ମୂଳଦୁଆ ଯ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ କପଡ଼ାରେ ବିଭିନ୍ନ ଜିନିଷ ତିଆରି କରି ଅଭିନବ ଧୌନ୍ଦିୟାଲ ଏବଂ ବାସନ୍ତୀ ଭେଲୁରି ପରିବେଶ ଉପଯୋଗୀ ଫ୍ୟାଶନ୍ ଓ ନାରୀ ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁଛନ୍ତି। ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ ରଙ୍ଗ ଓ ସୂତାରେ ପାରମ୍ପରିକ କୌଶଳରେ କୋଟ୍, ଶାଲ୍, ସ୍କାର୍ଫ, ସକ୍ସ, କ୍ୟାପ୍, ଗ୍ଲୋଭ୍ସ ଓ ବ୍ୟାଗ୍ ଆଦି ଜିନିଷ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟ ଲାଗି ସେ ବର୍ଷାଜଳ, ସୌରଶକ୍ତିର ଉପଯୋଗ କରୁଛନ୍ତି। ଅଭିନବ ଡିଜାଇନ ଓ ଉତ୍ପାଦନ ଦାୟିତ୍ୱ ନେଇଥିବାବେଳେ ବାସନ୍ତୀ ମାର୍କେଟିଂ ଏବଂ ସେଲ୍ କଥା ବୁଝୁଛନ୍ତି। ସେମାନେ ୨୦୧୫ରେ ଟେକ୍ସଟାଇଲ୍ ଡିଜାଇନ୍ ଷ୍ଟୁଡିଓ 'ପିଓଲି' ଗଠନ କରି ଉତ୍ତରାଖଣ୍ଡର କୁମାଁଓ ଅଞ୍ଚଳରୁ ଅଭିଯାନ ଆରମ୍ଭ କରିଥିଲେ। ସେଠାକାର ଏକ ଜଙ୍ଗଲୀ ଫୁଲ ପିଓଲି ନାମାନୁସାରେ ଏହାର ନାମକରଣ କରାଯାଇଛି। ସାମଗ୍ରୀଗୁଡ଼ିକୁ ପିଓଲି ବ୍ରାଣ୍ଡରେ ବିକ୍ରି କରାଯାଉଛି। ଉଭୟ ଅଭିନବ ଏବଂ ବାସନ୍ତୀ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ଅହମ୍ମଦାବାଦ୍‌ରୁ ଡିଜାଇନ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ଏହି ଔଦ୍ୟୋଗିକ କାର୍ଯ୍ୟରେ କାର୍ବନ ନିର୍ଗମନ ହେଉ ନ ଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଛି। ରଙ୍ଗ ଲାଗି ସ୍ଥାନୀୟ ଅଞ୍ଚଳର ଏକପ୍ରକାର ଗଛର ମଞ୍ଜିକୁ ବ୍ୟବହାର କରାଯାଉଛି। କଚ୍ଛରୁ ରାସାୟନିକ ସାର ବ୍ୟବହାର ହୋଇ ନ ଥିବା କପା, ଆସାମରୁ ସିଲ୍କ, ତିବ୍ବତରୁ ଉଲ୍ ଆଦି ସଂଗ୍ରହ କରି ଜିନିଷ ତିଆରି କରୁଛନ୍ତି। ଡାଇଂଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକ୍ରିୟାରେ ସେମାନେ ସଂରକ୍ଷିତ ବର୍ଷାଜଳ ବ୍ୟବହାର କରୁଛନ୍ତି। ଏଥିରେ ବହୁ ମହିଳା କାମ କରି ମାସକୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଉତ୍ପାଦର ସର୍ବନିମ୍ନ ମୂଲ୍ୟ ୨,୦୦୦ରୁ ଆରମ୍ଭ ହୋଇ ଟ୩୦,୦୦୦ଙ୍କା ଯାଏ ରହିଛି। ଏବେ ପିଓଲିର ଉତ୍ପାଦ ସବୁ ଭାରତ ସମେତ ଇଂଲଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, ଚାଇନା ଏବଂ ଦକ୍ଷିଣ କୋରିଆରେ ବିକ୍ରି କରାଯାଉଛି।

# ପାଠକ ଶ୍ରେଷ୍ଠ ବିଚାରକ

## ରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକୁ ଧ୍ୱଂସ କରିବ

ମହାଶୟ,
ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ବ୍ୟାଙ୍କିଙ୍ଗ ଆଇନ (ସଂଶୋଧନ) ବିଲ୍ ୨୦୨୧ ପ୍ରଣୟନ କରିବା ପାଇଁ ରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକୁ କର୍ପୋରେଟ୍‌ମାନଙ୍କୁ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଏକ ନୂଆ ନିୟମ ଆଣିବାକୁ ଯାଉଛନ୍ତି । ଏହା ବିରୋଧରେ ଭାରତର ବ୍ୟାଙ୍କ କର୍ମଚାରୀ ଏବଂ ସେମାନଙ୍କ ସଂଗଠନ ୨ ଦିନିଆ ଧର୍ମଘଟ କରି ସାରିଛନ୍ତି। ଏହି ବେପରୁଆ ଘରୋଇକରଣ ସାଧାରଣ ଜମାକାରୀଙ୍କ କଷ୍ଟ ଉପାର୍ଜିତ ସଞ୍ଚୟର ସୁରକ୍ଷା ତଥା ବ୍ୟାଙ୍କ କର୍ମଚାରୀଙ୍କ ଚାକିରି ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବାକୁ ସ୍ଥିର ହୋଇଛି। ବ୍ୟକ୍ତିଗତ ମାଲିକମାନଙ୍କୁ ଖୁସିର ସହିତ ଆର୍ଥିକ ସଞ୍ଚୟ ନାମରେ ଅଧିକରୁ ଅଧିକ ଟଙ୍କା ଲୁଟିବା ପାଇଁ ଅନୁମତି ଦେଇଛି । ଏହାଦ୍ୱାରା କର୍ପୋରେଟ୍‌ମାନେ ସେମାନଙ୍କର ନିଜସ୍ୱ ଶିଳ୍ପ, ଉଦ୍ୟୋଗ ଏବଂ ଅନୁଷ୍ଠାନର ସୁରକ୍ଷା ପାଇଁ ସ୍ୱାଧୀନ ହୋଇଯାଇଛନ୍ତି। ବ୍ୟାଙ୍କଗୁଡିକ ସହିତ ଡିଫଲ୍ଟ ଋଣର ପରିମାଣ (ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି-ଏନ୍‌ପିଏ) ଅଧିକ ବଢ଼ାଇ ଦେଇଛି, କାରଣ ଶିଳ୍ପାଞ୍ଚଳ ଟାଇକୁନ୍‌ମାନଙ୍କୁ ଏହିପରି ଋଣର ଅଧିକାଂଶ ଅଂଶ ଛାଡ଼ ହୋଇଛି କିମ୍ବା କରାଯାଇଛି କିମ୍ବା ରିଟିନ ଅଫ୍ ହୋଇଛି। ବର୍ତ୍ତମାନ କର୍ପୋରେଟ ସାର୍କମାନଙ୍କ ଦ୍ୱାରା ସହଜତା ହେତୁ ଏନ୍‌ପିଏ ଅଧିକ ବଢ଼ିବ, ଋଣର ପୋଷାକ ତଳେ ନିଜ ବ୍ୟାଙ୍କରୁ ବ୍ୟକ୍ତିଗତ ୱାଲେଟକୁ ଟଙ୍କା ସ୍ଥାନାନ୍ତର କରିବେ। ବିଗତ ଦିନରେ ଘରୋଇ ବ୍ୟାଙ୍କଗୁଡ଼ିକର ଯେଉଁ ଶୋଚନୀୟ ଅବସ୍ଥା ଦେଖାଦେଇଛି ତାହା ସମସ୍ତେ ଉପଲବ୍ଧି କରିଛନ୍ତି। ତେଣୁ ସରକାରଙ୍କର ଏପରି ବିପଦପୂର୍ଣ୍ଣ ପଦକ୍ଷେପ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ରସାତଳକୁ ଠେଲି ଦେବ। ଏହିପରି ଏକ ଡ୍ରାକୋନିୟନ ପଦକ୍ଷେପ ବିରୁଦ୍ଧରେ ଏକ ମିଳିତ ଶକ୍ତିଶାଳୀ ପ୍ରତିରୋଧ ସୃଷ୍ଟି କରିବାକୁ ବ୍ୟାଙ୍କ କର୍ମଚାରୀମାନେ ଅନ୍ତର୍ଭୁକ୍ତ ଥିବା ସମଗ୍ର ଶ୍ରମିକ ଶ୍ରେଣୀକୁ ଆଗକୁ ଆସିବାକୁ ହେବ।

**-ଅସିତ ମହାନ୍ତି, ସୁଜନପୁର, ଯାଜପୁର**

## ଅଧିକାରରୁ ବଞ୍ଚିତ କରା ନ ଯାଉ

ସ୍ମାର୍ଟ ହେଲ୍‌ଥ କାର୍ଡରେ ସାରା ଓଡ଼ିଶା ସାମିଲ ହୋଇଥିବା ଖବର ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠୁଛି, ସାରା ଓଡ଼ିଶାବାସୀ କ'ଣ କେବଳ ବିପିଏଲ୍‌କାର୍ଡଧାରୀଙ୍କର। ୨୦୧୪ରେ ଆରମ୍ଭ ହୋଇଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଯେଉଁମାନେ କାର୍ଡ ପାଇଥିଲେ, ସେମାନେ ୨୦୨୧ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ କାହିଁକି ବଞ୍ଚିତ ହେଲେ ? ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ସରକାର ଆଗକୁ ଯାଉଛି ନା ପଶ୍ଚାତ୍‌ପଦ ହେଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ଏହାର ସ୍ପଷ୍ଟୀକରଣ ଦିଅନ୍ତୁ। ଯେଉଁମାନେ ୨୦୧୪ର ସ୍ୱାସ୍ଥ୍ୟ କାର୍ଡ ପାଇଥିଲେ, ସେମାନେ ବର୍ତ୍ତମାନ ଅଧିକ ବୟସ୍କ। ସେମାନଙ୍କୁ ଏ ଅଧିକାରରୁ ବଞ୍ଚିତ କରା ନ ଯାଉ ।

**-ବିନୋଦ ଚନ୍ଦ୍ର ସାମଲ, ବନ୍ଧଟିଆ, ଧାମନଗର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
Bhubaneswar, Wednesday, January 5/2022



## ସଂକ୍ଷେପରେ

### ଇଡ୍‌କୋ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ହେମନ୍ତ



ଭୁବନେଶ୍ୱର,୪।୧: ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ହେମନ୍ତ ଶର୍ମା ମଙ୍ଗଳବାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି ଇଡ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଭୂପେନ୍ଦ୍ର ସିଂ ପୁନିଆ ଏହାର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଯୋଗଦେବାର ପ୍ରଥମ ଦିବସରେ ଶର୍ମା ଇଡ୍‌କୋର ବିଭିନ୍ନ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ସର୍ବପ୍ରଥମେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ୫-ଟି କାର୍ଯ୍ୟ ପ୍ରକ୍ରିୟାର ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାର ବିଭିନ୍ନ ନିୟମାବଳୀକୁ ଅନୁସରଣକରି କାର୍ଯ୍ୟ ସମ୍ପାଦନ କରିବାକୁ ଇଡ୍‌କୋ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେ ଉଦ୍‌ବୋଧନ ଦେଇଥିଲେ।

### ସେନ୍‌ସେକ୍ସ ୬୭୩ ପଏଣ୍ଟ ବୃଦ୍ଧି

ମୁମ୍ବାଇ,୪।୧: କୋଭିଡ କଟକଣା ଓ ଓମିକ୍ରନର ଭୟ ମଧ୍ୟରେ ଷ୍ଟକ ବଜାର କାରବାର ଭଲ ରହିଛି । ମଙ୍ଗଳବାରର କାରବାର ଅନୁସାରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୬୭୨. ୭୧ ପଏଣ୍ଟ (୧.୧୪%) ବୃଦ୍ଧି ପାଇ ୫୯,୮୫୫.୯୩ ଅଙ୍କରେ ସ୍ଥିର ରହିଥିଲାବେଳେ ନିଫ୍ଟି ୧୭୯.୫୫ ପଏଣ୍ଟ (୧.୦୨%) ବୃଦ୍ଧି ପାଇ ୧୭,୮୦୫.୨୫ ଅଙ୍କରେ ଶେଷ ହୋଇଛି। ସେନେସେକ୍ସର ପ୍ରମୁଖ ନିବେଶକଙ୍କ ମଧ୍ୟରୁ ଏନଟିପିସି , ଓଏନଜିସି,ରିଲାଏନ୍ସ, ଏସବିଆଇ , ପାୱାର ଗ୍ରୀଡ ଓ ଟାଇଟନ ଭଳି କମ୍ପାନୀର ନିବେଶ ଲାଭରେ ରହିଥିବା ଟେକ ମହିନ୍ଦ୍ରା , କୋଲ ଇଣ୍ଡିଆ ଏବଂ ଘରୋଇ ବ୍ୟାଙ୍କ ଓ ଫାର୍ମା କମ୍ପାନୀର ନିବେଶ କ୍ଷତିରେ ରହିଥିଲା।

# ପାଇନ ଲାବ୍‌କୁ ପୁଞ୍ଜି ଯୋଗାଇବ ଏସ୍‌ବିଆଇ

ମୁମ୍ବାଇ,୪।୧

ଦେଶର ଅଗ୍ରଣୀ ବ୍ୟବସାୟୀ କମର୍ସ ପ୍ଲାଟ୍‌ଫର୍ମ ପାଇନ୍ ଲାବ୍ସ ପକ୍ଷରୁ ୨୦ ମିଲିୟନ ଡଲାରର ଏକ ନୂତନ ନିବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତର ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ର ସହଯୋଗରେ ଏହା ହେବ ବୋଲି କମ୍ପାନୀ ସୂଚନା ଦେଇଛି। ଏହା ପୂର୍ବରୁ ୨୦୨୧ରେ ପାଇନ୍ ଲାବ୍ସ ନୂତନ ମାର୍କେଟର ଏକ ମାକ୍ୟୁ ସେଟ୍‌ରୁ ମୋଟ ରାଉଣ୍ଡ ଆକାର ୬୦୦ ମିଲିୟନ ଡଲାର ସଂଗ୍ରହ କରିଥିଲା ଏବଂ ଏହାକୁ ଆମେରିକାଭିତ୍ତିକ ଇନ୍‌ଭେସ୍କୋ ଡେଭଲପମେଣ୍ଟ ମାର୍କେଟ୍ ପାଣ୍ଠିରୁ ୧୦୦ମିଲିୟନ ଡଲାର ପାଣ୍ଠି ସଂଗ୍ରହକରି ଏହାକୁ ହ୍ରାସ କରିଥିଲା। ଅଫ୍‌ଲାଇନ୍ ପଏଣ୍ଟ-ଅଫ୍-ବିକ୍ରୟ ସମୟରେ ଏହାର ବଣିକ ବାଣିଜ୍ୟ ଅଫର ବୃଦ୍ଧି କରିବା ସହ ପାଇନ୍ ଲାବ୍ସ ବର୍ତ୍ତମାନ ବହୁମୂଲ୍ୟ, ଏହାର ନୂତନ ଲଞ୍ଚ ହୋଇଥିବା ଅନ୍‌ଲାଇନ ପେମେଣ୍ଟ ଉତ୍ପାଦର ସ୍କେଲରେ ବିନିଯୋଗ କରିବାକୁ ଚାହୁଁଛି ଏବଂ ବ୍ୟବସାୟୀମାନଙ୍କ ପାଇଁ ଏକ ସର୍ବଭାରତୀୟ ଅଂଶୀଦାର ଭାବେ ଉଭା ହୋଇଛି। ସେକ୍ୱିଆ କ୍ୟାପିଟାଲ, ଟେମାସେକ୍ ହୋଲ୍ଡିଂ, ଆକ୍ଟିସ୍, ପେପାଲ ଏବଂ ମାଷ୍ଟରକାର୍ଡ ଦ୍ୱାରା ସମର୍ଥିତ ପାଇନ୍ ଲାବ୍ସ, ଭାରତପେ, ମିସ୍‌ୱାଇପ୍, ପେଟିଏମ୍ ଏବଂ ରଜରପାଇ ଭଳି ଫିଣ୍ଟେକ୍

### ୨୦ ନିୟୁତ ଡଲାର ନିବେଶ

କମ୍ପାନୀଗୁଡିକ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ଭାରତର ସର୍ବବୃହତ୍ ବ୍ୟାଙ୍କ ପାଇ ଆମେ ଅତ୍ୟନ୍ତ ଆନନ୍ଦିତ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆମ ଉପରେ ବିଶ୍ୱାସ ରଖିଛି ଏବଂ ସେମାନଙ୍କୁ ଏହି ଯାତ୍ରାରେ ସ୍ୱାଗତ କରୁଛୁ ଯେଉଁଠାରେ ଆମେ ଅଫ୍‌ଲାଇନ୍ ଏବଂ ଲାଇନ ପ୍ଲାଟ୍‌ଫର୍ମରେ ବ୍ୟବସାୟୀମାନଙ୍କୁ ନିରାପଦ ତଥା ସୁରକ୍ଷିତ ପେମେଣ୍ଟ ଅଭିଜ୍ଞତା ସହିତ ସଶକ୍ତ କରୁଛୁ। ଏ ସମ୍ପର୍କରେ ପାଇନ୍ ଲାବ୍ସର ସିଇଓ ବି. ଅମ୍ରିଶ ରାଉ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଅନେକ ମାକ୍ୟୁ ନିବେଶକ ଆମର ବ୍ୟବସାୟ ମଡେଲ ଏବଂ ଅଭିବୃଦ୍ଧି ମଡେଲ ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଏହା ଏକ ସନ୍ତୋଷଜନକ ଅନୁଭବ । ଏସ୍‌ବିଆଇ ସହିତ ଏହି ଆସୋସିଏଶନ ଏକ ବ୍ୟକ୍ତିଗତ ସନ୍ତୋଷଜନକ ଅନୁଭୂତି, ଯେହେତୁ ମୁଁ ମୋର ଆର୍ଥିକ ସେବା ଏସ୍‌ବିଆଇର ଜଣେ ଟେକ୍ନୋକ୍ରାଟ ଭାବେ ଆରମ୍ଭ କରିଥିଲି। ପାଇନ୍ ଲ୍ୟାବ୍ସ ଏହାର ବାଏ ନାଓ ପେ ଲେଟର(ବିଏନ୍‌ପିଏଲ୍) ବ୍ୟବସାୟକୁ ଭାରତ ଏବଂ ଦକ୍ଷିଣ ପୂର୍ବ ଏସିଆରେ ବିସ୍ତାର କରୁଛି। କମ୍ପାନୀ ଏହାର ଏପ୍ରିଲ ୨୦୨୧ ରେ ଦକ୍ଷିଣ ପୂର୍ବ ଏସିଆର ଅନ୍ୟତମ ଅଗ୍ରଣୀ ଗ୍ରାହକ ଫିଣ୍ଟେକ୍ ପ୍ଲାଟ୍‌ଫର୍ମ ଅଧିଗ୍ରହଣ ସହିତ ଗ୍ରାହକ ଦେୟ ସ୍ଥାନକୁ ପ୍ରବେଶ କରିଛି ଏବଂ କ୍ୟୁଇକକ୍ଲିଭରର ୨୦୧୯ ଅଧିଗ୍ରହଣ ମାଧ୍ୟମରେ ଉପହାର, ପ୍ରିପେଡ୍ ଏବଂ ଗଚ୍ଛିତ ମୂଲ୍ୟ ବିଭାଗରେ ଏକ ଅଗ୍ରଣୀ ସ୍ଥାନ ପାଇଛି। ଜୁଲାଇ ୨୦୨୧ ରେ ପାଇନ୍‌ଲାବ୍ସ ୩ ବିଲିୟନ ଡଲାର ମୂଲ୍ୟରେ ୬୦୦ ମିଲିୟନ ଡଲାର ପାଣ୍ଠି ସଂଗ୍ରହ ରାଉଣ୍ଡ ବନ୍ଦ କରିଦେଲା। ଏହି ବିନିଯୋଗ କମ୍ପାନୀକୁ ଚଳିତ ବର୍ଷ କିମ୍ବା ଆସନ୍ତା ବର୍ଷ ପ୍ରାରମ୍ଭରେ ଆଇପିଓ ଲକ୍ଷ୍ୟରେ ରହିଛି ବୋଲି ଆଶା କରାଯାଉଛି।

# ରୁଚି ରିଟେଲର ଜିତିଲେ ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରା

କଟକ,୪।୧



'ରୁଚି' ଦୀର୍ଘ ୪୬ବର୍ଷ ଧରି ସଫଳ ଔଦ୍ୟୋଗିକ ଯାତ୍ରା ଭିତରେ ତା'ର ଗ୍ରାହକ, ରିଟେଲର, ଡିଲରବନ୍ଧୁ, ମହିଳା ଗୋଷ୍ଠୀ, କୃତୀ ଛାତ୍ରୀଛାତ୍ର ଓ ରାଜ୍ୟର ପ୍ରତିଭାଧର ବ୍ୟକ୍ତିତ୍ୱମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି ଆସୁଛି ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ତଥା ବିଶିଷ୍ଟ ଉଦ୍ୟୋଗୀ ଡ. ଶରତ କୁମାର ସାହୁ କହିଛନ୍ତି । ୨୦୧୬ରୁ ରୁଚି ଲକ୍ଷପତି ଯୋଜନାରେ ଅନେକ ରିଟେଲର ବନ୍ଧୁଙ୍କୁ ଲକ୍ଷାଧିକ ଟଙ୍କାର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରି ଆସୁଛି। ଏହି ଯୋଜନା ଅନୁସାରେ ରିଟେଲର ପ୍ରତିମାସରେ ୪୦ଟି ଲେଖାଏଁ ରୌପ୍ୟମୁଦ୍ରା ପଠାଯାଉଥିଲା ବେଳେ ୫ ବର୍ଷ ପୂରଣ କରିଥିବା ଏହି ଯୋଜନାରେ ଡିସେମ୍ବର ମାସରୁ ସର୍ବାଧିକ କୁପନ ପଠାଇଥିବା ରିଟେଲରଙ୍କୁ ଏକ ସ୍ୱର୍ଣ୍ଣମୁଦ୍ରା ଏବଂ ଅନ୍ୟମାନଙ୍କୁ ରୌପ୍ୟମୁଦ୍ରା ପ୍ରଦାନ କରାଯାଉଛି। ଡିସେମ୍ବରରେ ଅନୁଗୋଳ ଜିଲା ତାଳଚେର ବଡ଼ବଜାରର ରିଟେଲର ସଞ୍ଜୟ ସାହୁ ସର୍ବାଧିକ କୁପନ ପଠାଇ ସ୍ୱର୍ଣ୍ଣମୁଦ୍ରା ଓ ଅନ୍ୟମାନେ ରୌପ୍ୟମୁଦ୍ରା ବିଜେତା ହୋଇଛନ୍ତି। ସଂସ୍ଥାର ରିଟେଲର ବନ୍ଧୁମାନେ ଅଧିକରୁ ଅଧିକ କୁପନ ପଠାଇ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ପୁରସ୍କାର ଜିତନ୍ତୁ ବୋଲି ରୁଚି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଦିଲୀପ ସାହୁ, ଦେବବ୍ରତ ପଟ୍ଟନାୟକ, ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀରେ ୧୬୦ କୋଟି ବିନିଯୋଗ କରିବ ସ୍ୱସ୍ତି ଗ୍ରୁପ୍

ଭୁବନେଶ୍ୱର,୪।୧

ଓଡ଼ିଶା ହୋଟେଲ ଶିଳ୍ପର ବିକାଶ ସାଙ୍ଗକୁ ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟ ସ୍ତରର ସେବା ଓ ଆତିଥେୟତା ପ୍ରଦାନ କରିବାକୁ ସ୍ୱସ୍ତି ଗ୍ରୁପ୍ ଯୋଜନା କରିଛି। ଖୁବ୍‌ଶୀଘ୍ର ଉକ୍ତ ଯୋଜନା କାର୍ଯ୍ୟକାରୀ ସହ ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ପୁରୀର ସିପ ସରୁବାଲିଠାରେ ଗ୍ରୁପ୍‌ର ପ୍ରଥମ ପଞ୍ଚତାରକା ହୋଟେଲ 'ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟ'ର ଶୁଭାରମ୍ଭ ହେବାକୁ ଯାଉଛି। ବିଶେଷକରି ଏମ୍‌ଆଇସିଇ ଏବଂ ବିବାହ ଓ ପର୍ଯ୍ୟଟନକୁ ଆକର୍ଷିତ କରିବା ପାଇଁ ଏହା ଲକ୍ଷ୍ୟ ରଖିଛି। ଏହାର ଅନ୍ୟ ଏକ ବିଶେଷ ଆକର୍ଷଣ ହେଉଛି ବଙ୍ଗୋପସାଗରର ଜଳରାଶି ସହ ନୀଳ ଆକାଶକୁ ଦେଖିବା ପାଇଁ ଭୂମି ସ୍ତରରୁ ୧୫୦ଫୁଟ ଉଚ୍ଚରେ ସ୍କାଏ ଲାଉଞ୍ଜ ବାର୍‌ର ସୁବିଧା ରହିଛି। ଏହାର ୧୨୫ କକ୍ଷ ବିଶିଷ୍ଟ ବିଳାସପୂର୍ଣ୍ଣ କୋଠରି (୧୨ ମହଲାରେ ୫ପ୍ରିମିୟମ୍ ବିଳାସପୂର୍ଣ୍ଣ ବୃହତ୍ ସୁଟ୍ ଅନ୍ତର୍ଭୁକ୍ତ କରି) ସମୁଦ୍ରର ପ୍ରତ୍ୟକ୍ଷ ଦୃଶ୍ୟର ଉପଲବ୍ଧ ଗ୍ରାହକ ପାଇପାରିବେ।



ସିପ ସରୁବାଲିରେ ହେବ ସ୍ୱସ୍ତି ପ୍ରିମିୟମ ବିଚ୍ ରେସର୍ଟ

ଏ ସମ୍ପର୍କରେ ଏହାର ଅଧ୍ୟକ୍ଷ ଜେ.କେ. ମହାନ୍ତିଙ୍କ ନେତୃତ୍ୱରେ ସ୍ୱସ୍ତି ଗ୍ରୁପ୍ ୧୯୮୧ ରୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସଫଳତାର ସହ ପ୍ରୋତ୍ସାହିତ କରି ଆସୁଛି। ଏହି କମ୍ପାନୀ ୧୨୦୦ ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛି ଏବଂ ଦିଲ୍ଲୀ, କୋଲକାତା, ଅହମଦାବାଦ ଏବଂ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ଭଳି ସହରରେ ଏହି ପ୍ରିମିୟମ ବିଚ୍‌ର କାର୍ଯ୍ୟାଳୟ ରହିଛି। ଏହାର ରିସୋର୍ଟଗୁଡିକ ୩୭୫ ଲୋକଙ୍କୁ ସିଧାସଳଖ ନିଯୁକ୍ତି ଦେବ ଏବଂ ପରୋକ୍ଷରେ ସମସ୍ତ ବିକ୍ରେତାଙ୍କ ସମେତ ପ୍ରାୟ ୭୦୦ ଲୋକ ଉପକୃତ ହେବେ। ବିଶେଷକରି ସ୍ଥାନୀୟ ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ହୋଟେଲ ଇଣ୍ଡଷ୍ଟ୍ରିରେ ଅଭିଜ୍ଞତା ଥିବା କିମ୍ବା ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜରୁ ହୋଟେଲ ମ୍ୟାନେଜମେଣ୍ଟରେ ପାଠ୍ୟକ୍ରମ କରିଥିବା ପ୍ରାର୍ଥୀଙ୍କୁ ସୁଯୋଗ ମିଳିବ।

# ଆପଲ ୩ ଟ୍ରିଲିୟନ ଡଲାର କମ୍ପାନୀ ଭାବେ ବିବେଚିତ

ମୁମ୍ବାଇ,୪।୧

ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ 'ଆପଲ' ଆଉ ଏକ ସଫଳତା ହାସଲ କରିଛି। ସୋମବାର କମ୍ପାନୀର ମାର୍କେଟ ଭାଲ୍ୟୁ ୩ ଟ୍ରିଲିୟନ ଡଲାରକୁ ଛୁଇଁଛି ବୋଲି ଜଣାପଡ଼ିଛି। ୱାଲ୍‌ମାର୍ଟ, ଡିଜ୍‌ନୀ, ନେଟ୍‌ଫ୍ଲିକ୍ସ, ନାଇକି, ଏକ୍ସନ ମୋବିଲ, କୋକାକୋଲା, କମକାଷ୍ଟ, ମର୍ଗନ ଷ୍ଟାନ୍‌ଲି, ମ୍ୟାକ୍‌ଡୋନାଲ୍ଡସ୍, ଏଟିଏଣ୍ଡଟି, ଗୋଲ୍ଡମେନ ସକସ୍, ବୋଇଂ, ଆଇବିଏମ୍ ଓ ଫୋର୍ଡ ତୁଳନାରେ ଆପଲର ମାର୍କେଟ ଭାଲ୍ୟୁ ବର୍ତ୍ତମାନ ଅନେକ ଗୁଣ ବଢି ଯାଇଛି। ୧୯୭୬ ରେ ସ୍ଥାପିତ ଆପଲ ଅଗଷ୍ଟ ୨୦୧୮ରେ ୧ ଟ୍ରିଲିୟନ ଡଲାର ମାର୍କେଟ ଭାଲ୍ୟୁ ହାସଲ କରିଥିଲା। ଏହି ଉପଲବ୍ଧି ହାସଲ ଲାଗି ଆପଲକୁ ଦୀର୍ଘ ୪୨ ବର୍ଷ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଏହାର ୨ବର୍ଷ ପରେ କମ୍ପାନୀ ୨ ଟ୍ରିଲିୟନ ଡଲାରକୁ ପହଞ୍ଚିଥିଲା। ଗତ ୧୭ ମାସ ମଧ୍ୟରେ ଆପଲ ୩ ଟ୍ରିଲିୟନ ମାର୍କେଟ ଭାଲ୍ୟୁ କମ୍ପାନୀରେ ପରିଣତ ହୋଇଛି। ବିଶ୍ୱର ପ୍ରଥମ କମ୍ପାନୀ ଭାବେ ଏହି ସମ୍ମାନ ଓ ସ୍ୱୀକୃତି ମିଳିଛି ବୋଲି ଆପଲର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଶାନ୍ତି ମେମୋରିଆଲରେ ନୂଆ କ୍ୟାଥ୍ ଲାବ୍‌ର ଶୁଭାରମ୍ଭ



କଟକ,୪।୧

ଶାନ୍ତି ମେମୋରିଆଲ ହସ୍ପିଟାଲର କାର୍ଡିଓଲୋଜି ବିଭାଗ ପରିସରରେ ସୋମବାର ଏକ ନୂଆ ଷ୍ଟେଟ୍ ଅଫ୍ ଆର୍ଟ କ୍ୟାଥ୍ ଲାବ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ତଥା ଉନ୍ନତ କ୍ୟାଥ୍ ଲାବ୍ ଜରିଆରେ ରୋଗୀର କରୋନାରି ଆଞ୍ଜିଓଗ୍ରାଫି, ପେରିଫେରାଲ୍ ଆଞ୍ଜିଓଗ୍ରାଫି, ପିଟିସିଏ, ବିଏମ୍‌ଭି (ବେଲୁନ୍ ମିଟ୍ରାଲ ଭାଲ୍ଭୋପ୍ଲାଷ୍ଟି), ଇଲେକ୍ଟ୍ରୋଫିଜିଓଲୋଜି ଷ୍ଟଡି, ଆର୍‌ଏଫ୍‌ଏ ୨ଡି ଓ ୩ଡି ମ୍ୟାପିଂ ସହ ସ୍ଥାୟୀ ଭାବେ ପିସ୍‌ମେକର ପ୍ରତିରୋପଣ କରିବା ଆଦି କାର୍ଯ୍ୟ ଅତି ସହଜରେ ସମ୍ପାଦିତ ହୋଇପାରିବ। ଶାନ୍ତି ମେମୋରିଆଲ ହସ୍ପିଟାଲର ସିଏମ୍‌ଡି ତଥା ଚିଫ୍ ସର୍ଜନ ଡ. ଶ୍ରୀଜୟ ପଟ୍ଟନାୟକ କହିଛନ୍ତି, କଟକରେ ଏଭଳି କ୍ୟାଥ୍ ଲାବ୍ ସଂଖ୍ୟା ବହୁତ କମ୍ ରହିଛି। ଏହାର ଚିକିତ୍ସା ସୁବିଧା ହାସଲ କରିବା ଲାଗି ଲୋକମାନଙ୍କୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବା ଯାତ୍ରା କରିବାକୁ ପଡୁଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ.ପ୍ରିୟଦର୍ଶୀ ତ୍ରିପାଠୀ, ପ୍ରଫେସର ଜେ.ପି. ଦାସ, ମୃତ୍ୟୁଞ୍ଜୟ ବେହେରା, ପ୍ରଫେସର ସି.ଆର୍. ଦାସ, ଡ. ରେଖା ଦାସ, ଏସ୍.ଜେ. ବାଗ୍‌ଚୀଙ୍କ ସମେତ ପରିଚାଳନା କମିଟି ସଦସ୍ୟା ଓ ଶାନ୍ତି ମେମୋରିଆଲ ହସ୍ପିଟାଲର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଫୁରସତ୍

# ବଢୁଛି ମନୋବିଜ୍ଞାନୀଙ୍କ ମହତ୍ତ୍ୱ

**ଦଶନ୍ଧି ତଳେ କେବଳ ସ୍ୱାସ୍ଥ୍ୟଗତ ପରିସର ମଧ୍ୟରେ ସୀମିତ ହୋଇ ରହିଯାଇଥିଲା ମନୋବିଶେଷଜ୍ଞଙ୍କ ପରିସର। କେବଳ ଭାରତ ନୁହେଁ, ଅନ୍ୟ ଦେଶରେ ମଧ୍ୟ ସେମାନଙ୍କୁ ସେତେଟା ଗୁରୁତ୍ୱ ମିଳୁ ନ ଥିଲା। କୋଭିଡ୍-୧୯ ସମୟରେ ଲୋକଙ୍କ ମାନସିକ ସମସ୍ୟା ସହିତ ସମାନ୍ତରାଳ ଭାବେ ମନୋବିଜ୍ଞାନୀଙ୍କ ଗୁରୁତ୍ୱ ବଢ଼ିବାକୁ ଏକ ସଂଯୋଗ କୁହାଯାଇପାରେ। ହେଲେ ଚିକିତ୍ସା କ୍ଷେତ୍ରକୁ ବାଦ୍‌ଦେଲେ କ୍ରୀଡ଼ା, ରାଜନୀତି, ମନୋରଞ୍ଜନ, ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ଏବେ ଏଭଳି ବିଶେଷଜ୍ଞଙ୍କ ସହାୟତା ଲୋଡ଼ାପଡୁଛି।**



**ନୂଆଦିଲ୍ଲୀ:** ଦୁଇବର୍ଷ ହେଲା ବିଶ୍ୱକୁ ଅଣନିଃଶ୍ୱାସୀ କରିସାରିଲାଣି କରୋନା ମହାମାରୀ। ମହାମାରୀର ପ୍ରଭାବ ସିଧାସଳଖ ପଡ଼ିଛି ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ। ଜୀବନ, ସମ୍ଭାବନାକୁ ନେଇ ଅନିଶ୍ଚିତତା ବଢ଼ିଚାଲିଥିବା ବେଳେ ମନୋବିଜ୍ଞାନୀଙ୍କ ପରାମର୍ଶ ନେବାକୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା କିଛି ବର୍ଷ ମଧ୍ୟରେ ଟ୍ରେଣ୍ଡରେ ପରିଣତ ହୋଇଛି।

ଯୋଗାଣ-ଚାହିଦା ମଧ୍ୟରେ ଅନ୍ତର ଦୂର କରିବା ଲାଗି ବ୍ୟବସାୟିକ ପ୍ରତିଷ୍ଠାନ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। କୁଶଳୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବଢ଼ାଇବା, ମାନବସମ୍ବଳର ସୁଷମ ପରିଚାଳନା କରିବା ବେଳକୁ କର୍ମକ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା କାଠିକର ପାଠ ହେଉଛି। କର୍ମଚାରୀମାନେ ମାନସିକ ଅବସାଦର ଶିକାର ହେବା ଆଶଙ୍କା ଅନେକ ଗୁଣରେ ବଢ଼ିଯାଉଛି। ତେଣୁ କର୍ପୋରେଟ୍ ଜଗତ, କମ୍ପାନୀରେ ମନୋବିଜ୍ଞାନୀଙ୍କୁ ନିଯୁକ୍ତି ଦିଆଯାଉଛି। ସେହିପରି ସିନେମା ସେଟ୍, ଷ୍ଟାର୍ଟଅପ୍ ଭଳି ସୃଜନଶୀଳତା କ୍ଷେତ୍ର, ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତି ଜାଣିବା, କ୍ରୀଡ଼ା ପ୍ରତିଭାଙ୍କୁ ଚାପମୁକ୍ତ ରଖିବା ଲାଗି ମନୋଚିକିତ୍ସକଙ୍କ ସହାୟତା ନିଆଯାଉଥିବା ଆମେରିକାର ବିଶିଷ୍ଟ ମନୋବିଜ୍ଞାନୀ ଜଷ୍ଟିନ୍ ଏଣ୍ଡରସନ କହିଛନ୍ତି। ଗତ ୫-୬ବର୍ଷ ମଧ୍ୟରେ ସମତା, ବିବିଧତା ଏବଂ ସମାବେଶ ଭଳି କ୍ଷେତ୍ରରେ ଏମାନଙ୍କ ଚାହିଦା ୭୧ ପ୍ରତିଶତ ବଢ଼ିଛି। ଏହା କହିବା ଭୁଲ ହେବ ଯେ, ସବୁକ୍ଷେତ୍ରରେ ମନୋବିଜ୍ଞାନୀ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ତେବେ ସିଧାସଳଖ ନ ହେଲେ ମଧ୍ୟ ଏହାର ପୃଷ୍ଠଭୂମି ସହିତ ଜଡ଼ିତ ବ୍ୟକ୍ତିମାନଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପରାମର୍ଶ ନିଆଯାଉଛି ବୋଲି ଫ୍ଲୋରିଡାର ଜଣାଶୁଣା ମନୋବିଜ୍ଞାନୀ ଡା. ଫିଜି ପାର୍କ୍ସ କହିଛନ୍ତି।

ଅଫିସ୍ ପରିବେଶକୁ ଠିକ୍ ଭାବେ ବୁଝିବା, ଦଳଗତ କାର୍ଯ୍ୟକୁ ନିରୀକ୍ଷଣ କରିବା, ଏହାର ପ୍ରଭାବ ବିଷୟରେ ଜାଣିବା ଏବେକାର ସମୟରେ ସବୁଠାରୁ ବଡ଼ କାମ। ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ଏହା ବୁଝିବା ଆରମ୍ଭ କଲେଣି। ମାଇକ୍ରୋସଫ୍ଟ, ଗୁଗଲ, ଫେସ୍‌ବୁକ୍ ଭଳି ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକରେ କର୍ମଚାରୀଙ୍କ ମାନସିକ ଅବସ୍ଥା ଜାଣିବା ଲାଗି ମନୋବିଜ୍ଞାନୀଙ୍କୁ ମୋଟା ଅଙ୍କର ଦରମା ଦେଇ ନିଯୁକ୍ତି ଦିଆଯାଉଛି। ପୃଥିବୀର କ୍ଷମତାଶାଳୀ ରାଷ୍ଟ୍ର ଆମେରିକାର ସାର୍ବଜନୀନ ଜୀବନରେ ମଧ୍ୟ ମନୋବିଶେଷଜ୍ଞଙ୍କ ପ୍ରଭାବ ଅନୁଭୂତ ହେଲାଣି। ପୂର୍ବତନ ରାଷ୍ଟ୍ରପତି ଓବାମାଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ବାଇଡେନ୍ ପ୍ରଶାସନ ଯାଏ ଏକାଧିକ ପରାମର୍ଶଦାତା ଭାବେ ମନୋବିଜ୍ଞାନୀଙ୍କୁ ନିଯୁକ୍ତି ଦିଆଯାଇଛି। କୋଷ୍ଟାରିକାରେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ଏସ୍. ଟେଲସ୍ ଏହାର ଜଣେ ଉଦାହରଣ। ଆମେରିକା କଂଗ୍ରେସରେ ମଧ୍ୟ ଏଭଳି ବିଶେଷଜ୍ଞଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ବାଦ୍‌ଦେଲେ ମିଡିଆ, ଡକ୍ୟୁମେଣ୍ଟାରୀ ସିନେମା ପ୍ରସ୍ତୁତି, ଲୋକଙ୍କ ମାନସିକତାକୁ ବୁଝିବା ଭଳି ସ୍କ୍ରିପ୍ଟ ଲେଖିବା, କଳାକାର ଚୟନ ଏବଂ ସିନେମା ନିର୍ମାଣ ସମୟରେ ଅଭିନେତ୍ରୀ, ଅଭିନେତାଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେବାକୁ ସିନେ ନିର୍ମାତାମାନେ ମନୋବିଶେଷଜ୍ଞଙ୍କ ସହାୟତା ନେଉଛନ୍ତି।

### ୨୧ରେ ରିଲିଜ ହେବନି ପୃଥ୍ୱୀରାଜ



ମୁମ୍ବାଇ: ଅଭିନେତା ଅକ୍ଷୟ କୁମାର ଏବଂ ପୂର୍ବ ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲ୍ଲରଙ୍କ ଯୋଡି ଫିଲ୍ମ 'ପୃଥ୍ୱୀରାଜ' ଜାନୁୟାରୀ ୨୧ରେ ବଡ ପରଦାରେ ରିଲିଜ ହେବାର ଥିଲା। କିନ୍ତୁ ଓମିକ୍ରନ୍ କାରଣରୁ ଚଳଚ୍ଚିତ୍ରର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି। ହେଲେ ରିଲିଜ ତାରିଖ ଘୋଷଣା ହୋଇନାହିଁ। ଚନ୍ଦ୍ରପ୍ରକାଶ ଦ୍ୱିବେଦୀ ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାଟି ସମ୍ପୂର୍ଣ୍ଣ ରୂପେ ପୃଥ୍ୱୀରାଜ ଚୌହାନଙ୍କ ଜୀବନୀ ଉପରେ ଆଧାରିତ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



### କାର୍ତ୍ତିକଙ୍କ ହାତରେ ଏକାଧିକ ଅଫର

**ମୁମ୍ବାଇ:** ଓଟିଟିରେ ଧମାକାଦାର ଡେବ୍ୟୁ ପରେ କାର୍ତ୍ତିକ ଆର୍ଯ୍ୟନ ତାଙ୍କ ଭବିଷ୍ୟତକୁ ନେଇ ଖୁବ୍ ଆଶାବାଦୀ। ଅର୍ଜୁନ ପାଠକ ଭୂମିକାରେ ଓଟିଟିରେ ଦର୍ଶକଙ୍କ ଖୁବ୍ ନିକଟତର ହୋଇଥିବା କାର୍ତ୍ତିକଙ୍କ ହାତରେ ଚଳିତ ବର୍ଷ ଏକାଧିକ ଅଫର ଥିବା ସେ କହିଛନ୍ତି। ସେ କହିଛନ୍ତି ୨୦୨୨ରେ ସେ ଏକ ହାପି ନୋଟ ସହ ଏଣ୍ଟ୍ରି କରିଛନ୍ତି। ଆଗାମୀ ଦିନରେ ସେ ବିଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। କାର୍ତ୍ତିକ ଫ୍ରେଡି, କ୍ୟାପଟେନ୍ ଇଣ୍ଡିଆ, ଭୁଲ୍ ଭୁଲେୟା ୨, ଶେହଜାଦା ସମେତ ସାଜିଦ ନାଡିୟାଡୱାଲାଙ୍କ କିଛି ବିଗ୍ ଟିକେଟ ଫିଲ୍ମରେ ନଜର ଆସିବେ ବୋଲି ଜଣାପଡିଛି।

# ଚୁଟିରେ ୧୨ହଜାର କିଲୋର ବସ୍ ଟାଣିଲେ





### ଗିନିଜ୍ ବୁକ୍ ରେକର୍ଡ କଲେ ଭାରତୀୟ ମହିଳା

ନୂଆଦିଲ୍ଲୀ

ଚୁଟିର କରାମତି ଦେଖାଇ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖିଲେ ଜଣେ ଭାରତୀୟ ମହିଳା। ସମ୍ପ୍ରତି ଅଧିକାଂଙ୍କଠାରେ କେଶ ସମସ୍ୟା ଦେଖାଦେଉଥିବାବେଳେ ଭାରତୀୟ ମହିଳା ଆଶାରାଣୀ କିନ୍ତୁ ତାଙ୍କ ଚୁଟିରେ ୧୨ ହଜାର ୨୧୬ କିଲୋ ଓଜନର ଡବଲ ଡେକର ବସକୁ ଟାଣିପାରିଛନ୍ତି। ୨୦୧୬ରେ ଇଟାଲୀର ଏକ ସହର ମିଲାନରେ 'ଲୋ ସୋ ଡେଇ ରେକର୍ଡ' ଷ୍ଟେଜରେ ଆଶାରାଣୀ ନିଜର ଏପରି କାରନାମା ଦେଖାଇ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାମରେ କରିଥିଲେ। ସେଠାରେ ତାଙ୍କୁ 'ଆଇରନ କୁଇନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ଆଶାରାଣୀଙ୍କ ୭ମ ରେକର୍ଡ ଅଟେ। ଏହା ପୂର୍ବରୁ ୨୦୧୪ରେ ବ୍ରିଟେନ୍‌ର ଲିସେଷ୍ଟର ସୋ'ରେ ଦୁଇ ଆଖିର ସକେଟ୍‌ରେ ୧୫ କିଲୋ ଓଜନର ଭାରୀ ଜନିଷ ଉଠାଇ ରେକର୍ଡ କରିଥିଲେ।

## ମନେ ପଡ଼ନ୍ତି

### ଷୋଡ଼ଶ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଲଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୭୧୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଶୁକ୍ଳପକ୍ଷ ଚତୁର୍ଥୀ ତିଥି)



*Daddy*, ତମେ ପିତା ରୂପରେ ତ୍ୟାଗୀ, ବନ୍ଧୁ ରୂପରେ ସ୍ନେହୀ, ଗୁରୁ ରୂପରେ ଆଦର୍ଶ ବ୍ୟକ୍ତିତ୍ୱ ଥିଲ। ଆମ୍ଭେ ତୁମ୍ଭ ପାଖରେ ଚିରଋଣୀ। ତୁମର ଆଦର୍ଶ, ପରୋପକାରିତା ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନରେ ପାଥେୟ ହୋଇ ସର୍ବଦା ରହୁ। ତୁମର ଅମର ଆତ୍ମାର ସଦ୍‌ଗତି ମୋକ୍ଷପ୍ରାପ୍ତି ଓ ଶାନ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ପ୍ରାର୍ଥନା ।
**ଶ୍ରଦ୍ଧାଞ୍ଜଳି ସହ:** ପତ୍ନୀ: କୃଷ୍ଣପ୍ରିୟା ମହାନ୍ତି (ମିନୁ), ପୁତ୍ର: ପିଙ୍କୁ, ପୁତ୍ରବଧୂ: ସୁନିତା, କନ୍ୟା: ଜୁଲି, ମିଲି, ସିକନ୍, ଜ୍ୱାଇଁ: ସୌମ୍ୟ, ସତ୍ୟ, ସନ୍ଦିପ୍, ନାତି/ନାତୁଣୀ: ମେଘା, ମେଧା, ବାବେନା, ଦିପିନା ।
ଧ-୨୨୭୫୧

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଏହା କେବଳ ଏକ ବିଜ୍ଞାପନ ନୁହେଁ, ଏହା ଆପଣଙ୍କ ପ୍ରତି Fordର ପ୍ରତିଶ୍ରୁତି।

ଯେ ସମର୍ଥନ ଦେଇଥିଲୁ,
ଆଗକୁ ମଧ୍ୟ ଦେବା ଜାରି ରଖିବୁ।

ଆପଣଙ୍କ ସହିତ ଅଛୁ,
ଆଗକୁ ବି ରହିବୁ।

ବିନା କୌଣସି ଅସୁବିଧାରେ,
ସବୁ ପ୍ରକାରର ସମସ୍ୟାର ସମାଧାନ କରିବୁ।

ଆପଣଙ୍କର ସମସ୍ତ ଆବଶ୍ୟକତାଗୁଡ଼ିକର
ଯତ୍ନ ନେବୁ।

ସବୁଠାରୁ ଭଲ ସେବା ପ୍ରଦାନ କରିବାର ପ୍ରତିଶ୍ରୁତି କରିଛୁ,
ପୁରା କରିବୁ।

ଏତେ ଦୂର ସାଥୀ ହୋଇ ଆସିଛୁ,
ଏବେ ଆହୁରି ବହୁତ ଦୂର ସାଥୀ ହୋଇ ଚାଲିବୁ।

ଏହା ହେଉଛି ଆମର ଫ୍ୟାମିଲୀ ବାଲା କମିଟମେଣ୍ଟ।
କାରଣ ଫ୍ୟାମିଲୀ ତ ଫ୍ୟାମିଲୀ ହୋଇଥାଏ।

***Ford.*** *କିଛି ଅଲଗା, ଫ୍ୟାମିଲି ଭଳି ଅନୁଭବ।*

## #CommittedToServe

**ସୁବିଧା**
240ରୁ ଅଧିକ ସହରରେ
ସାର୍ଭିସ୍ ନେଟ୍ୱର୍କ

DIAL-A-FORD
1800-419-3000

**ପାରଦର୍ଶିତା**
ସାର୍ଭିସ୍ ପ୍ରାଇସ୍ କାଲ୍କୁଲେଟର୍ -
ଆପଣ ଯେତେ ମୂଲ୍ୟ
ଦେଖିବେ କେବଳ ସେତିକି
ହିଁ ପଇଠ କରିବେ

**ବିଶ୍ୱାସ**
ବିସ୍ତାରିତ ୱାରେଣ୍ଟୀ
ଏବଂ ପାର୍ଟସ୍ ଉପଲବ୍ଧତାର
ପ୍ରତିଶ୍ରୁତି

**ସେବା**
24x7 ରୋଡ୍‌ସାଇଡ୍
ସହାୟତା
1800-209-7400,
1800-103-7400

24x7 ଗ୍ରାହକ
ସହାୟତା
1800-419-2500

ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୫/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, January 5/2022 | ପୃଷ୍ଠା-୧



## ଶାର୍ଦ୍ଦୂଳଙ୍କ ଶ୍ରେଷ୍ଠ ବୋଲିଂ

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତର ଶାର୍ଦ୍ଦୂଳ ଠାକୁର ୭ ଉଇକେଟ ସଫଳତା ପାଇଛନ୍ତି।

୦୮

୦୨

## କେଜରିୱାଲଙ୍କୁ କରୋନା

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କରୋନାରେ ସଂକ୍ରମିତ ହୋଇଛନ୍ତି। ମଙ୍ଗଳବାର ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି।





ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦେଓଗାଁରେ ଆଦିବାସୀଙ୍କ ରଣହୁଙ୍କାର

**ସଂରକ୍ଷଣ ଲାଗୁ ନ କରିବା ଯାଏ ଆନ୍ଦୋଳନ ଚାଲିବ**

ଦେଓଗାଁ, ୪ା୧ (ଡି.ଏନ୍.ଏ.)

ଆଦିବାସୀ କଲ୍ୟାଣ ସଂଘ ତରଫରୁ ବଲାଙ୍ଗୀରରେ ମହାସମାବେଶ ପରେ ମଙ୍ଗଳବାର ଦେଓଗାଁରେ ବ୍ଲକସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସହସ୍ରାଧିକ ଆଦିବାସୀ ମହିଳାପୁରୁଷ ସ୍ଥାନୀୟ ନେହେରୁ ଖେଳପଡିଆରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧାରଣ କରି ଏକ ଶୋଭାଯାତ୍ରାରେ ଦେଓଗାଁ ବ୍ଲକ କାର୍ଯ୍ୟାଳୟ ମୁଖ୍ୟଗେଟ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରକାର ଆଦିବାସୀଙ୍କ ପାଇଁ ରହିଥିବା ସଂରକ୍ଷଣକୁ ଉଚ୍ଛେଦ କରିଥିବାରୁ ବିକ୍ଷୋଦ୍‌ଗାର କରାଯାଇଥିଲା। ସଂରକ୍ଷଣ ଲାଗୁ ନ କଲେ ନିର୍ବାଚନ କରାଇ ଦେବୁନାହିଁ ବୋଲି ସେମାନେ ଚରମବାଣୀ ଶୁଣାଇଥିଲେ । ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତରେ ତାଲା ପକାଇ ସରକାରୀ କଳକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ପରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କ ଉପସ୍ଥିତିରେ ବିଡିଓ ମୁରଲୀଧର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦେଓଗାଁ ବ୍ଲକ ସଭାପତି ସୁଦାମ ଚରଣ ଭୋଇ, ଘନଶ୍ୟାମ ପ୍ରଧାନୀ, ସନ୍ତୋଷ ପୁଟା, ମହେନ୍ଦ୍ର ମଲ୍ଲିକ, ହରି ମାଝୀ, ବନମାଳୀ କୁଅଁର, କୁଡାମିର୍ଦ୍ଧା ସମାଜ ଜିଲା ସମ୍ପାଦକ ବିଜୟ କୁମାର କାଲସାଏ, ଟିକେଲାଲ ଧରୁଆ, ମଧୁ ପ୍ରଧାନୀ ପ୍ରମୁଖ ବିକ୍ଷୋଭ ସଭାରେ ବକ୍ତବ୍ୟ ରଖିଥିଲେ।

# ସଂରକ୍ଷଣ ଅସନ୍ତୋଷ ବଢୁଛି

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

- ଅଡୁଆରେ ସ୍ଥାନୀୟ ନେତା
- ନିରାଶଙ୍କୁ ମନାଇବା ବଡ଼ ଚ୍ୟାଲେଞ୍ଜ
- ୧୦ ପରେ ହେବ ତାରିଖ ଘୋଷଣା

ଭୁବନେଶ୍ୱର,୪ା୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ପାଖେଇ ଆସୁଥିବାବେଳେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ସାନି ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି। ଏଥିରେ ଓବିସି ସଂରକ୍ଷଣକୁ ବାଦ୍ ଦିଆଯାଇଛି। ଆସନ୍ତା ୧୦ ତାରିଖରେ ରାଜ୍ୟ ନିର୍ବାଚନ କମିଶନ(ଇସି) ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହା ପରେ ଯେ କୌଣସି ମୁହୂର୍ତ୍ତରେ ନିର୍ବାଚନ ଘୋଷଣା କରାଯାଇପାରେ। ହେଲେ ଇତିମଧ୍ୟରେ ଆସନ ସଂରକ୍ଷଣକୁ ନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଦଳୀୟ ନେତାମାନେ ପରସ୍ପର ଉପରକୁ ଦୋଷ ଠେଲି ଆଶାୟୀଙ୍କ ଆକ୍ରୋଶରୁ ବର୍ତ୍ତିବାକୁ ଉଦ୍ୟମ ଚଳାଇଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ ପାଇଥିବା ସ୍ଥାନ ସଂରକ୍ଷଣ ତାଲିକା ମାମଲା ହାଇକୋର୍ଟଙ୍କୁ ଯିବା ପରେ ଏହାର ସାନି ପ୍ରକାଶନ ପାଇଁ ରାଜ୍ୟ ସରକାର ଅଦାଲତଙ୍କୁ ଜଣାଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ଚଳିତ ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ହଟିଯାଇଛି। କୋର୍ଟ ନିର୍ଦ୍ଦେଶ ଦେବା ପରେ ୨୦୨୧ ଡିସେମ୍ବର ୨୪ରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଯେଉଁ ଚିଠା ତାଲିକା ପ୍ରକାଶ ପାଇଛି ସେଥିରେ ପ୍ରଥମ ତାଲିକା ତୁଳନାରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଅନୁସୂଚିତ ଜନଜାତି ପାଇଁ ୭ ଜିଲା ପରିଷଦ ଆସନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ପାଇଁ ୫ ଜିଲା ପରିଷଦ ଆସନ ସଂରକ୍ଷିତ ରହିଛି। ସେହିପରି ୧୦ ଜିଲା ପରିଷଦ ଆସନ ଅଣସଂରକ୍ଷିତ ଏବଂ ୮ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ରାଜ୍ୟ ସରକାର ୫୦ପ୍ରତିଶତ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ପୂର୍ବ ବିଜ୍ଞପ୍ତିରେ ପ୍ରକାଶ କରିଥିବା ବେଳେ ସାନି ବିଜ୍ଞପ୍ତିରେ ମଧ୍ୟ ସମାନ ସଂଖ୍ୟକ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିଛନ୍ତି। ☞ପୃଷ୍ଠା-୪

## ୧୦ରେ ସର୍ବଦଳୀୟ ବୈଠକ ଡାକିଲେ ଇସି

ଭୁବନେଶ୍ୱର,୪ା୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ଖୁବ୍‌ଶୀଘ୍ର ତାରିଖ ଘୋଷଣା ହେବାକୁ ଯାଉଛି। ନିର୍ବାଚନକୁ କିପରି ଅବାଧ, ନିରପେକ୍ଷ କରାଯିବ ସେ ନେଇ ରାଜ୍ୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳର ବୈଠକ ଡାକିଛନ୍ତି। ଆସନ୍ତା ୧୦ତାରିଖ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଗୀତଗୋବିନ୍ଦ ସଦନରେ ଏହି ସର୍ବଦଳୀୟ ବୈଠକ ବସିବ। ଏନେଇ ମଙ୍ଗଳବାର କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବୈଠକରେ ନିର୍ବାଚନ ନେଇ ରାଜନୈତିକ ଦଳର ପ୍ରତିନିଧିମାନେ ନିଜ ନିଜର ମତ ରଖିବେ। ଜିଲା ପରିଷଦଗୁଡ଼ିକର କାର୍ଯ୍ୟକାଳ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ ହେବ। ନିୟମ ଅନୁସାରେ କାର୍ଯ୍ୟକାଳ ୫ ବର୍ଷ ଶେଷ ହେବା ପୂର୍ବରୁ ପଞ୍ଚାୟତର ସାଧାରଣ ନିର୍ବାଚନ ହେବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ସୁଦ୍ଧା ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

## ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୪ା୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ଏହି ବୈଠକ ବସିବାକୁ ଥିବାବେଳେ ଯେଉଁ ମନ୍ତ୍ରୀମାନେ ନିଜ ଏରିଆରେ ଥିବେ ସେମାନେ ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରୁ ଡିଜିଟାଲ ମାଧ୍ୟମରେ ଯୋଡ଼ି ହୋଇପାରିବେ। ୨୦୨୨ ବର୍ଷରେ ଏହା ହେଉଛି ପ୍ରଥମ କ୍ୟାବିନେଟ୍ ବୈଠକ। ଏଥର କ୍ୟାବିନେଟ୍‌ରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ। ମୁଖ୍ୟତଃ ରାଜସ୍ୱ, ଅର୍ଥ, ଆଇନ, ପଞ୍ଚାୟତିରାଜ, ପୂର୍ତ୍ତ ଓ ଖଣି ବିଭାଗ ଆଦିର ଗୋଟାଏ ଲେଖା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବ। ଗତ ୩୧ ତାରିଖରେ ରାଜ୍ୟ ସରକାରଙ୍କ ଏକ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏବେ ଆଉ ଥରେ ବସିବାକୁ ଯାଉଛି। ଗତ ୨୦ ଦିନ ମଧ୍ୟରେ ୩ ଥର କ୍ୟାବିନେଟ୍ ବସିସାରିଲାଣି। ☞ପୃଷ୍ଠା-୪

## ବଜାରକୁ ଆସିଲା ମୋନଲ୍ଲୁପିରାଭିର୍

**୩୫ ଟଙ୍କାରେ ଆଣିବ ଡକ୍ଟର ରେଡ୍ଡୀସ୍**

ମୁମ୍ବାଇ, ୪ା୧

ନିକଟରେ ଜରୁରିକାଳୀନ ବ୍ୟବହାର ନିମନ୍ତେ ଅନୁମତି ପାଇଥିବା ସିପ୍‌ଲାର କୋଭିଡ୍ ଔଷଧ ମୋନଲୁପିରାଭିର୍ ସୋମବାର ଭାରତରେ ଲଞ୍ଚ ହୋଇଛି। ୫ ଦିନିଆ କୋର୍ସ ବିଶିଷ୍ଟ ଏହି କ୍ୟାପ୍‌ସୁଲ ଦାମ୍ ୧୩୯୯ ଟଙ୍କା ରହିଛି। ସାମାନ୍ୟରୁ ମଧ୍ୟମ ଧରଣର




କରୋନା ସଂକ୍ରମିତଙ୍କଠାରେ ଏହି ଔଷଧ ବ୍ୟବହାର କରାଯିବ। ମୋନ୍‌ଲୁପିରାଭିର୍ ୮୦୦ ମିଲିଗ୍ରାମ୍ ବିଶିଷ୍ଟ କ୍ୟାପ୍‌ସୁଲ୍‌କୁ ଦିନକୁ ୨ ଥର ହିସାବରେ ୫ ଦିନ ପାଇଁ ବ୍ୟବହାର କରାଯାଇପାରିବ। ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ)ର ବିଶେଷଜ୍ଞ ପ୍ୟାନେଲ ମୋନଲୁପିରାଭିର୍‌କୁ କଟକଣା ମଧ୍ୟରେ ଜରୁରିକାଳୀନ ବ୍ୟବହାର ନିମନ୍ତେ ଅନୁମତି ଦେଇଥିଲେ। ତେବେ ଏକାଧିକ କମ୍ପାନୀ ଏବେ ଏହି ଆଣ୍ଟିଭାଇରାଲ ପିଲ୍ ଉତ୍ପାଦନ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ସେମାନଙ୍କ ମଧ୍ୟରେ ହେଟେରୋ, ସନ୍ ଫାର୍ମା, ନାଟ୍‌କୋ, ଡକ୍ଟର ରେଡ୍ଡୀସ୍ ଭଳି କମ୍ପାନୀ ରହିଛନ୍ତି। ଆସନ୍ତା ସପ୍ତାହରେ ଡକ୍ଟର ରେଡ୍ଡୀସ୍ ଲାବୋରେଟୋରୀ ମୋଲ୍‌ଫ୍ଲୁ ନାମରେ ୨୦୦ ମିଲିଗ୍ରାମ୍ ବିଶିଷ୍ଟ ଏହି କ୍ୟାପ୍‌ସୁଲ ଆଣିବାକୁ ଯାଉଛି। ପ୍ରତି କ୍ୟାପ୍‌ସୁଲ୍‌ର ମୂଲ୍ୟ ୩୫ ଟଙ୍କା ରହିବ ଏବଂ ଗୋଟିଏ ଷ୍ଟ୍ରିପ୍‌ରେ ୧୦ଟି ପିଲ୍ ଆସିବ ବୋଲି କମ୍ପାନୀର ଜଣେ ମୁଖପାତ୍ର କହିଛନ୍ତି।



ଓଟ ମାଲିକମାନେ ମିର୍ଜାପୁର ବିନ୍ଧ୍ୟାଞ୍ଚଳ ଦେଇ ପ୍ରବାହିତ ଗଙ୍ଗାନଦୀର ଅଗଭୀର ଜଳପଥ ଅତିକ୍ରମ କରୁଛନ୍ତି।

# ଘାଟିରୁ ଖସିଲା କାର୍: ୩ ମୃତ, ୭ ଗୁରୁତର

ରାଇକିଆ,୪ା୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ନିକଟ କରଡ଼ା ଘାଟିରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି। ପିକ୍‌ନିକ ପାଇଁ ଯାଉଥିବା କାର୍ ଭାରସାମ୍ୟ ହରାଇ ଘାଟିରୁ ପ୍ରାୟ ୨୦୦ ଫୁଟ ତଳକୁ ଖସି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଲିଉଦାସ ପରିଛା, ସବିନ ଦିଗାଲ ଓ ସକିଲ ନାୟକ। ଗୁରୁତର ଆହତମାନଙ୍କୁ ଫୁଲବାଣୀ ଓ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତାହତମାନେ ରାଇକିଆ ଥାନା ଅନ୍ତର୍ଗତ ଗୁମାମହା ଓ ସୁଗଡ଼ବାଡ଼ି ପଞ୍ଚାୟତ ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ଗୁମାମହା ଓ ସୁଗଡ଼ବାଡ଼ି ପଞ୍ଚାୟତ ଅଞ୍ଚଳର ୧୦ଜଣ ଯୁବକ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଜାଇଲୋ କାର୍‌ରେ ଗଞ୍ଜାମ ଜିଲା ସୋରଡ଼ା ଦାନ୍ତିଲିଙ୍ଗି ଅଭିମୁଖେ ବାହାରିଥିଲେ। ସେଠାରେ ପିକ୍‌ନିକ୍ କରିବା ଯୋଜନା ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ କରଡ଼ା ଘାଟିର ପ୍ରଥମ ବୁଲାଣିରେ କାର୍ ଭାରସାମ୍ୟ ହରାଇବାରୁ ଡାହାଣ ପାର୍ଶ୍ୱରେ ଘାଟି ତଳକୁ ପ୍ରାୟ ୨୦୦ଫୁଟ ଖାଲକୁ ଖସି ପଡିଥିଲା। ଜଙ୍ଗଲ ଏବଂ ଶୂନଶାନ ଅଞ୍ଚଳରେ କାର୍ ଖସି ପଡ଼ିଥିବାରୁ ଦୁର୍ଘଟଣା ସମ୍ପର୍କରେ ବିଳମ୍ବରେ ଜଣାପଡ଼ିଥିଲା। ଖବରପାଇ ରାଇକିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେତେବେଳକୁ ଲିଉଦାସ ଏବଂ ସବିନଙ୍କର ମୃତ୍ୟୁ ଘଟି ସାରିଥିଲା। ଗୁରୁତର ଅବସ୍ଥାରେ ସକିଲଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା।



ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

# ସୁମିତଙ୍କ ଘରେ ରହିବେ ତପସ୍ୱିନୀ



- ଭରଣପୋଷଣ ବାବଦ ଦେବେ ମାସିକ ୧୭ହଜାର
- ସୁରକ୍ଷା ଅଧିକାରୀ, ପୋଲିସ ଉପସ୍ଥିତିରେ ଘର ଯାଞ୍ଚ ହେଲା
- ଜିଲାଜଜ୍‌ଙ୍କ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ସୁମିତ: ଓକିଲ

ବ୍ରହ୍ମପୁର ଅଫିସ, ୪ା୧

ଶାଶୁ ଘରେ ରହିବା ପାଇଁ ଦୀର୍ଘ ୪୪ଦିନ ଧରି ଶୀତ କାକରରେ ପଡ଼ି ନ୍ୟାୟିକ ସଂଗ୍ରାମ ଜାରି ରଖିବା ପରେ ବ୍ରହ୍ମପୁରର ତପସ୍ୱିନୀଙ୍କୁ ମିଳିଛି ନ୍ୟାୟ। ସୋମବାର ଜିଲାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଦେଇଥିବା ରାୟ ଅନୁସାରେ ତପସ୍ୱିନୀ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ତାଙ୍କ ଶାଶୁ ଘରେ ରହିବେ। ତାଙ୍କ ଭରଣପୋଷଣ ବାବଦକୁ ୧୭ହଜାର ଟଙ୍କା ଲେଖାଏ ପ୍ରତି ମାସ ୧୦ତାରିଖ ସୁଦ୍ଧା ସୁମିତ ଦେବେ। ଘରେ ରହିବା ସମୟରେ କୌଣସି ପକ୍ଷ କାହା ପ୍ରତି ଆକ୍ଷେପମୂଳକ ଆଚରଣ ପ୍ରଦର୍ଶନ କରିବେ ନାହିଁ। ଏହି ଆଦେଶ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଦାଲତ ଜିଲାପାଳ, ଏସ୍‌ପି ଏବଂ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଆଦେଶ ମୁତାବକ ସୁରକ୍ଷା ଅଧିକାରିଣୀ ଏବଂ ପୋଲିସ ସୁମିତଙ୍କ ଘରେ ପହଞ୍ଚି ତାଙ୍କ ବାପା ପ୍ରମୋଦ ସାହୁଙ୍କ ସହ ଆଲୋଚନା କରିବା ସହ କେଉଁ ଘରେ ତପସ୍ୱିନୀ ରହିବେ ତାକୁ ଯାଞ୍ଚ କରିଥିଲେ। ଘର ସଫାସଫି କରିବାକୁ ୨ଦିନ ଲାଗିବ ବୋଲି ପ୍ରମୋଦ ସୁରକ୍ଷା ଅଧିକାରିଣୀଙ୍କୁ କହିବା ପରେ ତପସ୍ୱିନୀ ତୁରନ୍ତ ଘରେ ପ୍ରବେଶ କରିବାକୁ ନେଇ ପ୍ରଶ୍ନ ଉଠିଛି। କୋର୍ଟଙ୍କ ରାୟକୁ ତପସ୍ୱିନୀ ସ୍ୱାଗତ କରିଛନ୍ତି। ଭଗବାନଙ୍କ ଉପରେ ବିଶ୍ୱାସ ରହିଛି, ତେଣୁ ନ୍ୟାୟର ଜୟ ହୋଇଛି ବୋଲି ସେ କହିଛନ୍ତି। ଏଥିସହିତ ତାଙ୍କୁ ଏହି ନ୍ୟାୟ ଲଢ଼େଇରେ ସହଯୋଗ କରି ଆସୁଥିବା ସମାଜସେବୀ ପ୍ରମିଳା ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷରେ ସୁମିତ ଏବେ କେଉଁଠି ଥିବା ଜଣାପଡ଼ି ନ ଥିବାବେଳେ ଜିଲାଜଜ୍‌ଙ୍କ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ତାଙ୍କ ଓକିଲ ସୁରେନ୍ଦ୍ର ବେହେରା କହିଛନ୍ତି।

ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀଙ୍କ ପକ୍ଷରୁ ରୁଜୁ ହୋଇଥିବା ପିଟିଶନ ଉପରେ ପର୍ଯ୍ୟାୟକ୍ରମେ ଶୁଣାଣି ହୋଇ ଗତ ୨୦ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା, ସୁମିତ ଘରଭଡ଼ା ନେଇ ତପସ୍ୱିନୀଙ୍କୁ ରଖିବେ ଏବଂ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ। ଏଥିରେ ତପସ୍ୱିନୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ତାଙ୍କ ଶାଶୁଘରେ ସମସ୍ତଙ୍କ ସହ ମିଶିକରି ରହିବେ ବୋଲି ଚାହୁଁଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସପକ୍ଷରେ ନ ଆସିବାରୁ ତପସ୍ୱିନୀ ଶାଶୁଘର ଆଗରେ ଧାରଣା ଜାରି ରଖିଥିଲେ। ଏହାକୁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଚ୍ୟାଲେଞ୍ଜ କରି ଜିଲା କୋର୍ଟରେ ଅପିଲ କରିଥିଲେ। ସେହି ସମୟରେ ସ୍ଥାନୀୟ କେତେଜଣ ମହିଳା ତପସ୍ୱିନୀଙ୍କ ସପକ୍ଷରେ ଏକତ୍ରିତ ହୋଇ ସୁମିତଙ୍କ ଘର ଗ୍ରୀଲ୍ ଭାଙ୍ଗି ଧସେଇ ପଶି ତପସ୍ୱିନୀଙ୍କୁ ମଧ୍ୟ ପୂରାଇଥିଲେ। କିନ୍ତୁ ଘର ଭିତର ମୁଖ୍ୟଫାଟକ ବନ୍ଦ ଥିବାରୁ ଭିତରକୁ ଯାଇ ନ ପାରି ଗ୍ୟାରେଜରେ ରହିଥିଲେ। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ବ୍ରହ୍ମାନଗରରେ ଧାରା ୧୪୪ ଜାରି କରାଯାଇଛି। ୨୦ ତାରିଖରେ ଦିଆଯାଇଥିବା ରାୟକୁ ☞ପୃଷ୍ଠା-୪

## ସଂକ୍ଷେପରେ

### ‘ସୂର୍ଯ୍ୟ ନମସ୍କାର’ ନିର୍ଦ୍ଦେଶନାମାକୁ ମୁସଲିମ୍ ଲ ବୋର୍ଡର ବିରୋଧ

**ନୂଆଦିଲ୍ଲୀ,୪ା୧:** କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ‘ଆଜାଦି କା ଅମୃତ ମହୋତ୍ସବ’ କାର୍ଯ୍ୟକ୍ରମରେ ସୂର୍ଯ୍ୟ ନମସ୍କାରକୁ ସାମିଲ ପ୍ରସ୍ତାବକୁ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ’ ବୋର୍ଡ ପକ୍ଷରୁ ବିରୋଧ କରାଯାଇଛି। ଏଥିରେ ଭାଗ ନ ନେବା ପାଇଁ ବୋର୍ଡ ସଂଖ୍ୟାଲଘୁ ଛାତ୍ରୀଛାତ୍ରୀଙ୍କୁ ପରାମର୍ଶ ଦେଇଛି। ବୋର୍ଡ ସମ୍ପାଦକ ଖାଲିଦ ସୈଫୁଲ୍ଲା ରହମାନି ଏକ ବିବୃତିରେ କହିଛନ୍ତି, ସ୍କୁଲ ଶିକ୍ଷା ସଚିବଙ୍କ ପକ୍ଷରୁ ଏକ ସର୍କୁଲାର ଆସିଛି। ଏଥିରେ ସ୍ୱାଧୀନତା ଦିବସ ପାଳନର ଏକ ଅଂଶ ରୂପେ ୩୦,୦୦୦ ସ୍କୁଲରେ ସୂର୍ଯ୍ୟ ନମସ୍କାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାକି ସମ୍ବିଧାନ ପ୍ରଦତ୍ତ ଅଧିକାରଗୁଡ଼ିକର ବିରୁଦ୍ଧାଚରଣ। ସରକାର ଜାନୁୟାରୀ ୧ରୁ ସୂର୍ଯ୍ୟ ନମସ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଷୟ ଉପରେ ଜାନୁୟାରୀ ୨୬ରେ ଏକ ମ୍ୟୁଜିକାଲ ପ୍ରୋଗ୍ରାମର ଆୟୋଜନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଭାରତରେ ମୁସଲମାନମାନେ ମୂର୍ତ୍ତିପୂଜାରେ ବିଶ୍ୱାସ କରୁ ନ ଥିବାରୁ ସୂର୍ଯ୍ୟ ନମସ୍କାର ଅସାମ୍ବିଧାନିକ ଏବଂ ମିଥ୍ୟା ଦେଶାତ୍ମବୋଧ କହି ରହମାନି ଏହାକୁ ବିରୋଧ କରିଛନ୍ତି।

### ରୋଟମାକ୍ ମାଲିକ ବିକ୍ରମ କୋଠାରୀଙ୍କ ପରଲୋକ



**କାନପୁର, ୪ା୧:** ପେନ୍ କିଙ୍ଗ୍ ନାମରେ ଜଣାଶୁଣା ତଥା ରୋଟୋମାକ୍ ଗ୍ରୁପ୍‌ର ମାଲିକ ବିକ୍ରମ କୋଠାରୀଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ଉତ୍ତରପ୍ରଦେଶ କାନପୁର ସ୍ଥିତ ତାଙ୍କ ବାସଭବନ ବାଥରୁମ୍‌ରେ ସକାଳେ ଅଚେତ ଅବସ୍ଥାରେ ପଡ଼ିଥିବା ତାଙ୍କ ଚାକର ଦେଖିବାକୁ ପାଇଥିଲେ। ଦୁର୍ଘଟଣା ସମୟରେ ସେ ଘରେ ଏକୁଟିଆ ଥିଲେ। ତାଙ୍କ ସ୍ତ୍ରୀ ସାଧନା ଏବଂ ପୁଅ ରାହୁଲ ଲକ୍ଷ୍ନୌରେ ରହିଥିଲେ। ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ବିକ୍ରମ କୋଠାରୀ ରୋଟମାକ୍ ସହ ଦମ୍ ପାନ ମସାଲା କମ୍ପାନୀର ମଧ ମାଲିକ। ତାଙ୍କ ନାମରେ ହଜାର ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ଆସିଥିଲା। ବ୍ୟାଙ୍କରୁ ସେ ପ୍ରାୟ ୭,୮୦୦ କୋଟି ଟଙ୍କା ଠକେଇରେ ସମ୍ପୃକ୍ତି ନେଇ ମାମଲା ରହିଥିଲା। ୨୦୧୮ ଫେବୃୟାରୀରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ୨ ବର୍ଷ ଜେଲରେ ରହିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଥିଲା। ଅସୁସ୍ଥତା କାରଣରୁ ତାଙ୍କୁ ଜାମିନ ମିଳିଥିଲା।

### ଭୂସ୍ଖଳନରେ ୧୪ ମୃତ

**ବେଜିଂ, ୪ା୧:** ଚାଇନାର ଗୁଇଝୌ ପ୍ରଦେଶ ବିଜିଇ ସହରରେ ସୋମବର ରାତିରେ ଭୂସ୍ଖଳନ ଯୋଗୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏକ କନଷ୍ଟ୍ରକଶନ୍ ସାଇଟ୍‌ରେ ମାଟି ଧସିଯିବା ଯୋଗୁ ବହୁ ସଂଖ୍ୟାରେ ଲୋକ ଏଥିରେ ପୋତି ହୋଇଯାଇଥିଲେ। ମଙ୍ଗଳବାର ସୁଦ୍ଧା ୧୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ ହୋଇଛି।

# ଦିଲ୍ଲୀରେ ସପ୍ତାହାନ୍ତ କର୍ଫ୍ୟୁ



ଭୋପାଳ ରେଳ ଷ୍ଟେଶନରେ ଜଣେ ମେଡିକାଲ ଛାତ୍ରୀ ଯାତ୍ରୀମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରୁଛନ୍ତି।

ନୂଆଦିଲ୍ଲୀ, ୪ା୧

- ପୂର୍ଣ୍ଣ କ୍ଷମତାରେ ଚାଲିବ ମେଟ୍ରୋ, ବସ୍
- ଏମ୍‌ସ ଡାକ୍ତରଙ୍କ ଛୁଟି ବାତିଲ

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ମଙ୍ଗଳବାର ସପ୍ତାହାନ୍ତ କର୍ଫ୍ୟୁ ଜାରି ପାଇଁ ଘୋଷଣା କରିଛନ୍ତି। ଆସନ୍ତା ୮ ତାରିଖରୁ ଏହି କଟକଣା ଲାଗୁହେବ। ତେବେ ଏହି ସମୟ ମଧ୍ୟରେ ମେଟ୍ରୋ ଏବଂ ବସ୍ ଚଳାଚଳରେ କଟକଣା ମୁକ୍ତ ହେବ ଏବଂ ଏହା ପୂର୍ଣ୍ଣ କ୍ଷମତା ଅନୁସାରେ ଯାତ୍ରୀଙ୍କୁ ପରିବହନ କରିପାରିବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ମଙ୍ଗଳବାର କହିଛନ୍ତି। ଦିଲ୍ଲୀରେ କରୋନା ମାମଲା ବଢ଼ିଥିଲେ ହେଁ ଓମିକ୍ରନ୍ ଭାରିଆଣ୍ଟ ସେତେ ବିପଜ୍ଜନକ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଏଥିରେ ସାମାନ୍ୟ ଲକ୍ଷଣ ରହିଥିବାବେଳେ ଘରେ ଆଇସୋଲେଶନରେ ରହି ଚିକିତ୍ସିତ ହେଲେ ଆକ୍ରାନ୍ତ ସୁସ୍ଥ ହୋଇପାରିବେ। ତେବେ ସମସ୍ତଙ୍କୁ ଏ ଦିଗରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସିସୋଡିଆ କହିଛନ୍ତି। ଅନ୍ୟପକ୍ଷରେ ୫୦ ପ୍ରତିଶତ ଯାତ୍ରୀଙ୍କୁ ନେଇ ଟ୍ରେନ୍, ବସ୍ ଚଳାଚଳ କଲେ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ଭିଡ଼ ବଢ଼ିବ, ଯାହା କି କରୋନା ସଂକ୍ରମଣ ବଢ଼ାଇବ। ତେଣୁ କୋଭିଡ୍ ପ୍ରୋଟୋକଲ ଅନୁସାରେ ପୂର୍ଣ୍ଣକ୍ଷମତାରେ ବସ୍ ଏବଂ ମେଟ୍ରୋ ଚଳାଚଳ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ଜାତୀୟ ରାଜଧାନୀରେ କରୋନା ଅପ୍‌ଡେଟ୍ ସମ୍ପର୍କରେ ସେ ଅପ୍‌ଡେଟ୍ ଦେଇଛନ୍ତି। ଗତ ୮-୧୦ ଦିନ ମଧ୍ୟରେ ଦିଲ୍ଲୀରେ ୧୧,୦୦୦ ଜଣ ସଂକ୍ରମିତ ହୋଇଛନ୍ତି। ୩୫୦ ଜଣ ହସ୍ପିଟାଲରେ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୪ ଜଣଙ୍କ ପାଇଁ ଅକ୍ସିଜେନ୍ ଆବଶ୍ୟକ ପଡ଼ିଛି। ସେହିପରି ୭ ଜଣ ଭେଣ୍ଟିଲେଟରରେ ଥିବା ସେ ସୂଚନା ଦେଇଛନ୍ତି। କୋଭିଡ୍ ମାମଲା ବୃଦ୍ଧିକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍‌ସର ସମସ୍ତ ଡାକ୍ତରଙ୍କ ଶୀତକାଳୀନ ଛୁଟି ବାତିଲ କରାଯାଇଛି। ଏ ନେଇ ସୋମବାର ଏମ୍‌ସ ଦିଲ୍ଲୀ ସମସ୍ତ ଡାକ୍ତର କର୍ମଚାରୀଙ୍କୁ ନୋଟିସ ଜାରି କରିଛି। ଛୁଟିରେ ଥିବା କର୍ମଚାରୀମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି।

## ୪ ବଡ଼ ସହରରେ ବେଶି ସଂକ୍ରମଣ

ନୂଆଦିଲ୍ଲୀ, ୪ା୧

- ଦେଶରେ ୧୮୯୨ ଓମିକ୍ରନ୍ ମାମଲା
- ଦିନକରେ ୩୭,୩୭୯ କୋଭିଡ୍ ସଂକ୍ରମିତ



ଦେଶର ପ୍ରମୁଖ ସହରଗୁଡ଼ିକରେ କ୍ରମାଗତ ଭାବେ ଉପରମୁହାଁ ହୋଇଚାଲିଛି କରୋନା ସଂକ୍ରମଣ। ମୁମ୍ବାଇ, ଦିଲ୍ଲୀରେ କୋଭିଡ୍ ମାମଲା ଶୀର୍ଷରେ ଥିବାବେଳେ ବେଙ୍ଗାଲୁରୁ, କୋଲକାତା ଆଦି ସହରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦ୍ରୁତ ସଂକ୍ରାମକ ଓମିକ୍ରନ୍ ଯୋଗୁ ଏହି ପ୍ରମୁଖ ସହରଗୁଡ଼ିକରେ ତୃତୀୟ ଲହର ସ୍ଥିତି ଉପୁଜିଛି। ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଓମିକ୍ରନ୍ ପହଞ୍ଚିସାରିଛି। ମଙ୍ଗଳବାର ଦେଶରେ କେବଳ ଓମିକ୍ରନ୍ ମାମଲା ୧୮୯୨କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୫୬୮ ଏଥିରେ ଆକ୍ରାନ୍ତ ହୋଇଥିବାବେଳେ, ଦିଲ୍ଲୀରେ ୩୮୨, କେରଳରେ ୧୮୫, ରାଜସ୍ଥାନରେ ୧୭୪, ଗୁଜରାଟରେ ୧୫୨, ତାମିଲନାଡୁରେ ୧୨୧ ମାମଲା ରିପୋର୍ଟ ହୋଇଛି। ଓମିକ୍ରନ୍ ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୬୬ ଜଣ ସୁସ୍ଥ କିମ୍ବା ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇସାରିଛନ୍ତି।

ଓମିକ୍ରନ୍ ସଂକ୍ରମଣ ବୃଦ୍ଧି ଯୋଗୁ ଦେଶରେ ଦିନକରେ ୩୭,୩୭୯ ମାମଲା ଚିହ୍ନଟ ହୋଇଛି। ମଙ୍ଗଳବାର ମୋଟ ସକ୍ରିୟ ମାମଲା ୧,୭୧,୮୩୦କୁ ବୃଦ୍ଧି ପାଇଛି। ୧୨୪ ନୂଆ ମୃତ୍ୟୁକୁ ମିଶାଇ ସମୁଦାୟ ମୃତ୍ୟୁସଂଖ୍ୟା ୪,୮୨,୦୧୭କୁ ବଢ଼ିଛି। ସୋମବାର ଦିଲ୍ଲୀରେ ୪,୦୯୯ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୮,୦୮୨ ମାମଲା ସାମ୍ନାକୁ ଆସିଛି। ତେବେ ୯୦ ପ୍ରତିଶତ ଆକ୍ରାନ୍ତଙ୍କଠାରେ କରୋନା ଲକ୍ଷଣ ଦେଖାଯାଉନାହିଁ। ସେହିପରି ବେଙ୍ଗାଲୁରୁ ଏବଂ କୋଲକାତାରେ ଦିନକରେ ଯଥାକ୍ରମେ ୧୦୪୧ ଏବଂ ୨୮୦୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ମୋଟ ସଂକ୍ରମଣର ୦.୪୯ ପ୍ରତିଶତ ସକ୍ରିୟ ମାମଲା ରହିଛି। ମଙ୍ଗଳବାର ଦୈନିକ ପଜିଟିଭ୍ ହାର ୩.୨୪ ପ୍ରତିଶତ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେପଟେ ୧୫ରୁ ୧୮ ବର୍ଷ ପିଲାଙ୍କ ନିମନ୍ତେ ସୋମବାରଠାରୁ ଟିକାକରଣ ଆରମ୍ଭ ହୋଇଥିବାବେଳେ ୪୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଥମ ଡୋଜ୍ ନେଇସାରିଛନ୍ତି।

### କେଜରିୱାଲଙ୍କୁ କରୋନା



ନୂଆଦିଲ୍ଲୀ, ୪ା୧

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କରୋନାରେ ସଂକ୍ରମିତ ହୋଇଛନ୍ତି। ମଙ୍ଗଳବାର ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିବା ସେ ଟୁଇଟ୍ କରିଛନ୍ତି। କରୋନାର ସାମାନ୍ୟ ଲକ୍ଷଣ ରହିଛି ଏବଂ ସେ ନିଜକୁ ଘରେ ଆଇସୋଲେଶନରେ ରଖିଥିବା କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ କୋଭିଡ୍ ଟେଷ୍ଟ କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ଉତ୍ତରାଖଣ୍ଡ ନିର୍ବାଚନ ଉପଲକ୍ଷେ କେଜ୍‌ରିୱାଲ ସୋମବାର ଡେରାଡୁନ୍‌ରେ ଆମ୍ ଆଦମୀ ପାର୍ଟି (ଏଏପି)ର ନବ ପରିବର୍ତ୍ତନ ଯାତ୍ରାକୁ ସମ୍ବୋଧନ କରିଥିଲେ। ଏଥିସହ ମଙ୍ଗଳବାର ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ବୈଠକରେ ମଧ ସାମିଲ ହୋଇଥିଲେ।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୪ା୧

ଦକ୍ଷିଣ କଶ୍ମୀରର କୁଲଗାମ୍ ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଏ ନେଇ ମଙ୍ଗଳବାର ସୂଚନା ଦିଆଯାଇଛି। ଉଭୟ ଆତଙ୍କବାଦୀ ସ୍ଥାନୀୟ ବାସିନ୍ଦା ହୋଇଥିବା ଥିବା ଲସ୍କର-ଇ-ତୋଇବା ଏବଂ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ସହ ସେମାନଙ୍କ ଲିଙ୍କ୍ ଥିଲା ବୋଲି ପୋଲିସ କହିଛି। ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ସେହି ସମୟରେ ଆତଙ୍କବାଦୀମାନେ ଗୁଳିଚାଳନା କରିବାରୁ ସୁରକ୍ଷାକର୍ମୀମାନେ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲେ।

## ବିଲିୟନେୟାର ଏଲିଜାବେଥ୍ ଦୋଷୀ

### ନିବେଶକଙ୍କୁ ଠକେଇ ମାମଲା



ସାନ୍ ଫ୍ରାନ୍ସିସ୍କୋ, ୪ା୧

ଆମେରିକୀୟ ହେଲ୍‌ଥକେୟାର କମ୍ପାନୀ ଥେରାନୋସ୍‌ର ପ୍ରତିଷ୍ଠାତା ତଥା ଯୁବ ବିଲିୟନେୟାର ଏଲିଜାବେଥ୍ ହୋମସ୍ ନିବେଶକଙ୍କୁ ଠକିବା ମାମଲାରେ ସୋମବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶରୀରରେ ଥିବା ସମସ୍ତ ରୋଗର ଗମ୍ଭୀରତା ଜାଣିବା ନିମନ୍ତେ ରକ୍ତ ପରୀକ୍ଷା ପାଇଁ ଏକ ନକଲି ଡିଭାଇସ୍ ବିକଶିତ କରି ସେ ନିବେଶକଙ୍କୁ ଠକିଥିବା ଅଭିଯୋଗ ଆସିଥିଲା। ୩୭ ବର୍ଷୀୟା ଏଲିଜାବେଥ୍ ତାଙ୍କ ନିବେଶକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ତାଙ୍କର ଷ୍ଟାର୍ଟଅପ୍ କମ୍ପାନୀ ଥେରାନୋସ୍ ବିକଶିତ କରିଥିବା ରକ୍ତ ପରୀକ୍ଷା ଉପକରଣ ମାତ୍ର କିଛି ବୁନ୍ଦା ରକ୍ତ ଟେଷ୍ଟ କରି ଶରୀରର ସମସ୍ତ ରୋଗ ସମ୍ପର୍କରେ ଜଣାଇପାରିବ ବୋଲି ସେ କହିଥିଲେ। ଏପରି ଉପକରଣ ଏବେ ସୁଦ୍ଧା ବିକଶିତ ହୋଇ ନ ଥିବାରୁ ନିବେଶକମାନେ ତାଙ୍କ କମ୍ପାନୀରେ ଅର୍ଥ ଲଗାଇଥିଲେ। ଏହି ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କ ନାମରେ ଥିବା ପ୍ରତ୍ୟେକ ମାମଲାରେ ଏବେ ତାଙ୍କୁ ୨୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ। ଏଲିଜାବେଥ୍ ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସଙ୍କ ପରି ଏକ ଗମ୍ଭୀର ଶବ୍ଦରେ କଥା ପାଇଁ ମଧ ବେଶ୍ ପରିଚିତ ଥିଲେ। ତେବେ ଏପରି କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବାକୁ ସେ କଥାହେବା ବେଳେ ନିର୍ଦ୍ଦିଷ୍ଟ ଡିଭାଇସ୍ ବ୍ୟବହାର କରୁଥିଲେ ବୋଲି କୁହାଯାଉଛି।

୨୦୦୩ରେ ଏଲିଜାବେଥ୍ ଥେରୋନୋସ୍ କମ୍ପାନୀ ପ୍ରତିଷ୍ଠା କରିଥିଲେ। ତାଙ୍କ କମ୍ପାନୀର ମୂଲ୍ୟ ୯ ବିଲିୟନ ଡଲାରକୁ ମଧ ଛୁଇଁଥିଲା। ୨୦୧୫ରେ ତାଙ୍କ ନକଲି ଡିଭାଇସ୍ ଏବଂ ନିବେଶକଙ୍କୁ ଠକେଇ ମାମଲା ସାମ୍ନାକୁ ଆସିଥିଲା।



ଗଲୱାନ ଉପତ୍ୟକାରେ ଯବାନମାନେ ନବବର୍ଷ ପାଳନ ଅବସରରେ ଜାତୀୟ ପତାକା ଧରି ଫଟୋ ପାଇଁ ପୋଜ୍ ଦେଉଛନ୍ତି।

### ଗଲୱାନରେ ଉଡ଼ିଥିଲା ତ୍ରିରଙ୍ଗା

ନୂଆଦିଲ୍ଲୀ, ୪ା୧

ନୂଆବର୍ଷର ପ୍ରଥମ ଦିନରେ ଚାଇନା ସୈନ୍ୟ ଗଲୱାନ ଘାଟିରେ ପତାକା ରଖିଥିବାର ଭିଡିଓ ଓ ଫଟୋ ସାମ୍ନାକୁ ଆସିବା ପରେ ଭାରତୀୟ ସେନା ମଧ ସେଠରେ ତ୍ରିରଙ୍ଗା ଉଡ଼ାଇଥିବାର ଫଟୋ ଜାରି କରାଯାଇଛି। କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଏହି ଫଟୋ ଟୁଇଟ୍ କରିଛନ୍ତି। ନୂଆବର୍ଷରେ ଭାରତୀୟ ସୈନ୍ୟ ଗଲୱାନ ଘାଟିରେ ତ୍ରିରଙ୍ଗା ଉଡ଼ାଇଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଚାଇନା ସୀମା ସହ ବିବାଦୀୟ ସ୍ଥାନରୁ ଦୂରରେ ତ୍ରିରଙ୍ଗା ଉତ୍ତୋଳନ କରାଯାଇଛି। ଚାଇନା ସୈନ୍ୟ ଗଲୱାନ ଘାଟିରେ ନିଜ ପତାକା ରଖିଥିବା ନେଇ ଗ୍ଲୋବାଲ ଟାଇମ୍ସ ଏକ ଭିଡିଓ ଟୁଇଟ୍ କରିଥିଲା। ଭାରତ ସୀମା ନିକଟ ଗଲୱାନ ଘାଟିରେ ‘ଇଞ୍ଚେ ଜାଗା ନ ଛାଡ଼ିବା’ ନୀତିରେ ପିଏଲ୍‌ଏ ସେନା ଜାନୁୟାରୀ ୧ରେ ଚାଇନା ଲୋକଙ୍କୁ ନୂଆବର୍ଷର ଅଭିନନ୍ଦନ ବାର୍ତ୍ତା ଦେଇଥିବା ଟୁଇଟ୍‌ରେ ଉଲ୍ଲେଖ କରାଯାଇଥିଲା। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଏହି ଫଟୋ ଶେୟାର କରିଛନ୍ତି। ତେବେ ଚାଇନା ବିବାଦୀୟ ସ୍ଥାନରେ ପତାକା ଉତ୍ତୋଳନ କରି ନ ଥିବା ଭାରତୀୟ ସେନା ସୂତ୍ରରୁ ଜଣାଯାଇଥିଲା।

## ଇତିହାସ ରଚିଲେ ହରପ୍ରୀତ

ଲଣ୍ଡନ,୪ା୧



ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ଶିଖ୍ ହରପ୍ରୀତ ଚଣ୍ଡୀ ଇତିହାସ ରଚିଛନ୍ତି। ବ୍ରିଟେନ ସେନା ଅଧିକାରୀ ତଥା ଫିଜିଓଥେରାପିଷ୍ଟ ହରପ୍ରୀତ ପ୍ରଥମ ଅଶ୍ୱେତ ମହିଳା ଭାବେ ବିନା କାହାରି ସମର୍ଥନ ଓ ସହାୟତାରେ ଏକାକୀ ଦକ୍ଷିଣ ମେରୁରେ ଟ୍ରେକିଂ କରିଛନ୍ତି। ଆଣ୍ଟାର୍କଟିକାରେ ଏହି ବିରଳ ସଫଳତା ହାସଲ ପରେ ତାଙ୍କ ନିକଟକୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦକ୍ଷିଣ ମେରୁରେ ପ୍ରବଳ ହିମପାତ ହେଉଥିବାବେଳେ ୩୨ ବର୍ଷୀୟା ହରପ୍ରୀତ ସୋମବାର ସେଠାରେ ପାଦ ଥାପିଥିଲେ। ଏଥିପାଇଁ ତାଙ୍କୁ ୪୦ ଦିନ ଧରି ୭୦୦ ମାଇଲ (୧,୧୨୭ କି.ମି.) ଯାତ୍ରା କରିବାକୁ ପଡ଼ିଥିଲା। ବିଯୁକ୍ତ ୫୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଓ ୬୦ କି.ମି. ବେଗରେ ବହୁଥିବା ପବନ ଆଗରେ ହରପ୍ରୀତ ହାର ନ ମାନି ଯାତ୍ରା ଜାରି ରଖିଥିଲେ। ନିଜ ଅଭିଯାନ ସମ୍ପର୍କରେ ଲାଇଭ୍ ବ୍ଲଗ୍‌ରେ ହରପ୍ରୀତ ଉଲ୍ଲେଖ କରିଛନ୍ତି,ବରଫପାତ ମୋତେ ଦକ୍ଷିଣ ମେରୁରେ ପହଞ୍ଚିବା ପାଇଁ ଅଟକାଇପାରି ନ ଥିଲା। ୩ ବର୍ଷ ପୂର୍ବେ ମେରୁ ଜଗତ ସମ୍ପର୍କରେ ମୋର କିଛି ଧାରଣା ନ ଥିଲା। କିନ୍ତୁ ଏବେ ଏହି ସଫଳତା ହାସଲ କରିଛି। ଏଥିଲାଗି ପ୍ରେରଣା ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ।

## କଂଗ୍ରେସର ମାରାଥନ ବେଳେ ଦଳାଚକଟା ସ୍ଥିତି

ବରେଲି,୪ା୧



### ୩ ଝିଅ ଆହତ

ଉତ୍ତର ପ୍ରଦେଶର ବରେଲିଠାରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଆୟୋଜିତ ମାରାଥନ୍ ବେଳେ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୩ ଝିଅ ଆହତ ହୋଇଛନ୍ତି। ଅନୁମତିଠାରୁ ଅଧିକ ସଂଖ୍ୟକ ଝିଅ ଉକ୍ତ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ଏଭଳି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି। କଂଗ୍ରେସ ଏହାକୁ ଏକ ଷଡ଼ଯନ୍ତ୍ର ରୂପେ ଅଭିହିତ କରି ଜିଲା ପ୍ରଶାସନର ଅବହେଳା ଯୋଗୁ ଏପରି ଘଟିଥିବା ଅଭିଯୋଗ ଆଣିଛି। ତେବେ ବିରୋଧୀ ଦଳ ଝିଅମାନଙ୍କୁ ନେଇ ଶସ୍ତା ରାଜନୀତି କରୁଥିବା ଭାଜପା ସମାଲୋଚନା କରିଛି। ନିର୍ବାଚନ ମୁହାଁ ୟୁପିର ବିଭିନ୍ନ ସ୍ଥାନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ମହିଳା କୈନ୍ଦ୍ରିକ କାର୍ଯ୍ୟସୂଚୀ ଅନୁସାରେ ‘ମୁଁ ଜଣେ ଝିଅ, ଲଢ଼ିପାରିବି’ ଅଭିଯାନ ଚାଲିଛି। ଏହି କ୍ରମରେ ମଙ୍ଗଳବାର ଦଳ ପକ୍ଷରୁ ବରେଲିର ଏକ ସ୍କୁଲ ପଡ଼ିଆରେ ମାରାଥନର ଆୟୋଜନ କରାଯାଇଥିଲା। ଏଥିରେ ଭାଗନେବା ପାଇଁ ପୂର୍ବାହ୍ନ ୯ରୁ ବହୁସଂଖ୍ୟକ ଝିଅ ଭିଡ଼ ଜମାଇଥିଲେ। ଅନେକଙ୍କ ମୁହଁରେ ମାସ୍କ ନ ଥିଲା। ସାମାଜିକ ଦୂରତ୍ୱକୁ ଏଥିରେ ଉଲ୍ଲଂଘନ କରାଯାଇଥିଲା। ସଂଖ୍ୟା ଅଧିକ ଥିବାରୁ ଝିଅମାନେ ପରସ୍ପର ଉପରେ ପଡ଼ିଯାଇଥିଲେ। ଏନେଇ ସିଟି ମାଜିଷ୍ଟ୍ରେଟ୍ ରାଜୀବ ପାଣ୍ଡେ କହିଛନ୍ତି, ମାରାଥନରେ ୨୦୦ ଝିଅଙ୍କୁ ସାମିଲ କରିବାକୁ ଅନୁମତି ଦିଆଯାଇଥିଲା। ମାରାଥନ ବିଜେତାଙ୍କୁ ସ୍କୁଟି ପୁରସ୍କାର ଦିଆଯିବ ବୋଲି ଆୟୋଜକମାନେ ଘୋଷଣା କରିବାରୁ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ିଯାଇଥିଲା। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ଥାନୀୟ କଂଗ୍ରେସ ନେତା ତଥା ବରେଲିର ପୂର୍ବତନ ମେୟର ସୁପ୍ରିୟା ଆରୋନ କହିଛନ୍ତି, ନୂଆବର୍ଷରେ ଲୋକେ ବୈଷ୍ଣୋଦେବୀ ପୀଠକୁ ଯାଇଥିଲେ। ସେଠାରେ ଘଟିଥିବା ଦଳାଚକଟାକୁ କ’ଣ କୁହାଯିବ। ଆଗକୁ ବଢ଼ିବା ପାଇଁ ଉଦ୍ୟମ କରିବା ମଣିଷର ପ୍ରବୃତ୍ତି।

## ମୁମ୍ବାଇରେ ଅଟକ ଉତ୍ତରାଖଣ୍ଡ ମହିଳା

ବେଙ୍ଗାଲୁରୁ,୪ା୧




### ବୁଲ୍ଲି ବାଈ ମାମଲା
### ଇଞ୍ଜିନିୟରିଂ ଛାତ୍ର ଗିରଫ

ବିବାଦୀୟ ‘ବୁଲ୍ଲି ବାଈ’ ମାମଲାରେ ମୁମ୍ବାଇ ପୋଲିସ ମଙ୍ଗଳବାର ବେଙ୍ଗାଲୁରୁର ଜଣେ ୨୧ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ (ଜଣେ ମହିଳା)ଙ୍କୁ ଅଟକ ରଖିଛି। ଗତବର୍ଷ ନିଷିଦ୍ଧ ଘୋଷିତ ‘ସୁଲ୍ଲି ଡିଲ୍ସ’ ଆପ୍‌ରେ ମହିଳାଙ୍କୁ ନିଲାମ କରାଯିବା ସମ୍ପର୍କିତ ବିଜ୍ଞାପନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ନିକଟରେ ଉକ୍ତ ଆପ୍‌କୁ କ୍ଲୋନ କରାଯାଇ ‘ବୁଲ୍ଲି ବାଈ’ ନାମରେ ଅନ୍ୟ ଏକ ଆପ୍ ତିଆରି କରାଯାଇଛି। ଏଥିରେ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫଜାଇଙ୍କ ସମେତ ବହୁ ମୁସଲମାନ ମହିଳାଙ୍କୁ ଅନ୍‌ଲାଇନ୍‌ରେ ନିଲାମ କରାଯିବ ବୋଲି ବିଜ୍ଞାପନ ଦିଆଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଜଣାଶୁଣା ମହିଳା ଖବରଦାତା, ଆକ୍ଟିଭିଷ୍ଟ, ଅଭିନେତ୍ରୀ ଓ ଆର୍ଟିଷ୍ଟଙ୍କ ବିନା ଅନୁମତିରେ ସେମାନଙ୍କ ଫଟୋଗୁଡ଼ିକୁ ସେଥିରେ ନିଲାମ ପାଇଁ ରଖାଯାଇଛି। ଏହି ପ୍ରସଙ୍ଗ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି କୁକାର୍ଯ୍ୟକୁ ମହିଳା ଅଧିକାର କର୍ମୀମାନେ ଦୃଢ଼ ନିନ୍ଦା କରିଛନ୍ତି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଏବଂ ଆଇପିସିର ବିଭିନ୍ନ ଦଫା ବଳରେ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଥିବାବେଳେ ମୁମ୍ବାଇ ପୋଲିସ ସୋମବାର ସନ୍ଧ୍ୟାରେ ବିଶାଳ କୁମାରଙ୍କୁ ପଚରାଉଚରା ପାଇଁ ସମନ କରିଥିଲା। ମୁମ୍ବାଇ ପୋଲିସର ସାଇବର ସେଲ୍ ଡିସିପି ରଶ୍ମି କରନଡିକାର ତାଙ୍କୁ ୧୦ ଘଣ୍ଟା ଧରି ଜେରା କରିବା ପରେ ଗିରଫ କରି ମୁମ୍ବାଇକୁ ଆଣିଥିଲେ। ମଙ୍ଗଳବାର ତାଙ୍କୁ ବାନ୍ଦ୍ରା ମେଟ୍ରୋପଲିଟାନ୍ କୋର୍ଟରେ ହାଜର କରାଯିବା ପରେ ଜାନୁୟାରୀ ୧୦ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦିଆଯାଇଛି।

ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଉତ୍ତରାଖଣ୍ଡର ଜଣେ ମହିଳା। ସେ ବୁଲ୍ଲି ବାଈ ଆପ୍‌ର ୩ଟି ଆକାଉଣ୍ଟ ହ୍ୟାଣ୍ଡେଲ କରୁଥିଲେ। ବେଙ୍ଗାଲୁରୁର କୁମାରସ୍ୱାମୀ ଲେଆଉଟ୍ ଅଞ୍ଚଳରେ ରହୁଥିବା ବିଶାଳ କୁମାର ଜଣେ ଇଞ୍ଜିନିୟରିଂ ଛାତ୍ର। ଉଭୟେ ପରସ୍ପରକୁ ଜାଣନ୍ତି। ବିଶାଳ କୁମାର ଉକ୍ତ ଆପ୍‌ରେ ଖାଲସା ସୁପ୍ରିମାସିଷ୍ଟ ନାମରେ ଏକ ଆକାଉଣ୍ଟ ଖୋଲିଥିଲେ। ଡିସେମ୍ବର ୩୧ରେ ସେ ଅନ୍ୟ ଆକାଉଣ୍ଟଗୁଡ଼ିକର ନାମ ବଦଳାଇ ଫେକ୍ ଖାଲସା ଆକାଉଣ୍ଟ ହୋଲ୍ଡର୍ସଙ୍କ ନାମ ରଖିଥିଲେ ବୋଲି ମୁମ୍ବାଇ ପୋଲିସ କହିଛି। ସେପଟେ ଦିଲ୍ଲୀ ପୋଲିସ ମଧ ଗିଟ୍‌ହବ୍ ପ୍ଲାଟ୍‌ଫର୍ମକୁ ବୁଲ୍ଲି ବାଈ ଆପ୍‌ର ଡେଭେଲପରଙ୍କ ସମ୍ପର୍କରେ ତଥ୍ୟ ମାଗିଛି। ଏଭଳି ଅପମାନଜନକ କଣ୍ଟେଣ୍ଟଗୁଡ଼ିକୁ ବ୍ଲକ୍ ଓ ରିମୁଭ୍ କରିବା ପାଇଁ ଟୁଇଟରକୁ ଦିଲ୍ଲୀ ପୋଲିସ କହିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓମ୍ ଅଏଲ ଆଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ ପକ୍ଷରୁ ଫ୍ରଜିଟ୍ ମିଟ୍ ଦ ପ୍ରେସ୍, କ୍ରିଷ୍ଟାଲ ହଲ, ମେ ଫେୟାର କନଭେନଶନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡରେସନ ପକ୍ଷରୁ ଯତୀନ୍ଦ୍ର କୁମାର ରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା, ଲୋହିଆ ଏକାଡେମୀ, ରୋଡ ନଂ.୮, ୟୁନିଟ-୯, ପୂର୍ବାହ୍ନ ୧୧ଟା ୩୦।
- କଲ୍ଟ.ଫିଟ୍ ଫିଟନେସ ସେଣ୍ଟରର ଶୁଭାରମ୍ଭ, ପାଲ ହାଇଟ୍ସ, ଜୟଦେବ ବିହାର, ଅପରାହ୍ନ ୫ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

# ଚିଲିକାରେ ପକ୍ଷୀ ସଂଖ୍ୟା ୧୬% କମିଲା

ବାଲୁଗାଁ,୪।୧(ଡି.ଏନ୍.ଏ.)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ମଙ୍ଗଳବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ମୋଟ ୧୦ଲକ୍ଷ ୭୪ହଜାର ୧୭୩ଟି ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତବର୍ଷ ୧୨ଲକ୍ଷ ୪୨ହଜାର ୮୨୬ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧ଲକ୍ଷ ୬୮ହଜାର ୬୫୩ ପକ୍ଷୀ ଅର୍ଥାତ୍ ୧୬ପ୍ରତିଶତ ହ୍ରାସ ପାଇଥିବା ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସେହିପରି ୧୫.୫୩ ବର୍ଗ କି.ମି ପରିବ୍ୟାପ୍ତ ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୯୭ପ୍ରଜାତିର ୩ଲକ୍ଷ ୫୮ହଜାର ୮୮୯ଟି ପକ୍ଷୀଙ୍କ ସମାଗମ ହୋଇଛି। ଗତବର୍ଷ ଏଠାରେ ୪ ଲକ୍ଷ ୨୪ହଜାର ୬୮୮ପକ୍ଷୀଙ୍କ ସମାଗମ ହୋଇଥିଲା। ଏଠାରେ ମଧ୍ୟ ଚଳିତ ବର୍ଷ ୬୫ ହଜାର ୮୮୯ଟି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି । ଗତ ବର୍ଷ ୧୯୦ ପ୍ରଜାତିର ସ୍ଥାନୀୟ ଓ ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୩ଟି ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାଯାଇଛି। ସେଥିମଧ୍ୟରୁ ବିଦେଶାଗତ ୧୦୭ ଓ ସ୍ଥାନୀୟ ୭୬ ପ୍ରଜାତିର ପକ୍ଷୀ ଅଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦନ ପିଣ୍ଟେଲ୍ ୧ଲକ୍ଷ ୭୨ହଜାର ୨୮୫, ଗଡୱାଲ୧ଲକ୍ଷ ୫୩ହଜାର ୯୮୫, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୫୦ହଜାର ୮୪୩ ଏବଂ ଗଡୱିଟ୍ ୫୫ହଜାର ୩୦୩ ସଂଖ୍ୟାରେ ଅଛନ୍ତି । ତେବେ ଚିଲିକାର ଶୋଭା ବର୍ଦ୍ଧନକାରୀ ସବୁଠାରୁ ଆକର୍ଷଣୀୟ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ କିଛିବର୍ଷ ହେବ ଲୋପ ପାଇ ଗତ ବର୍ଷ ଏହି ପକ୍ଷୀ ମାତ୍ର ୭୧ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ କିନ୍ତୁ ଏହି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୨୦୪୦ରେ ପହଞ୍ଚିଛି। ପକ୍ଷୀ ପ୍ରେମୀ ଓ ବିଶାରଦଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ ବହୁ ବର୍ଷ ଧରି ଚିଲିକାରେ ଦେଖିବାକୁ ମିଳୁନଥିବା ମଙ୍ଗୋଲଏଡ଼ଗଲ ପ୍ରଜାତିର ପକ୍ଷୀ ଚଳିତ ବର୍ଷ ୨ଟି ଦେଖାଯାଇଛି ।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳକୁ ନିୟୋଜିତ କରାଯାଇଥିଲା। ନଳବଣରେ କେବଳ ୬ଟି ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨, ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ତଥା ବାଲିପାଟପୁର ଠାରୁ ସାତ ଭାୟା, ରମ୍ଭା, ମଙ୍ଗଳାଯୋଡ଼ି ଠାରୁ ଭୂଷଣ୍ଡପୁର, ସୋରଣ ଠାରୁ ନଈରୀ, କୃଷ୍ଣପ୍ରସାଦ, କାଳିଜାଇ ଠାରୁ ଚନ୍ଦ୍ରାପୁଟ, ସାତପଡ଼ା ଠାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦ ଠାରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରିଥିଲେ। ପକ୍ଷୀ ଗଣନାକାରୀଙ୍କୁ ମୋଟ ୨୧ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ମଙ୍ଗଳବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପକ୍ଷୀଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟ୍‌ର ନିର୍ଦ୍ଦେଶକ ଡ.ବିଭାସ ପାଣ୍ଡବ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବ୍ରହ୍ମପୁର ସର୍କଲ ପ୍ରଶାନ୍ତ କୁମାର ମିଶ୍ର, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଜ୍ୟୋତି କୋଟାଲ, ଏସିଏଫ୍ ଶରତ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୦୬ ଜଣ ଗଣନା କାର୍ଯ୍ୟରେ ସାମିଲ୍ ହୋଇ ଦିଗ୍‌ଦର୍ଶନ ଦେଇଥିଲେ। ତେବେ ସମଗ୍ର ଚିଲିକାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ହ୍ରାସର କାରଣ ସମ୍ପର୍କରେ ପିସିସିଏଫ୍ ପ୍ରଶାନ୍ତ ମିଶ୍ର କହିଛନ୍ତି, ଚିଲିକାରେ ଜଳସ୍ତର ଅଧିକା ଥିବା ହେତୁ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବିଶେଷକରି ତଟବର୍ତ୍ତୀ ଅଞ୍ଚଳ ଚାଷଜମି ଉପରେ ନିର୍ଭର କରି ସମାଗମ ହୋଇଥିବା ସେ କହିଛନ୍ତି।

### ଏବର୍ଷ ୧୦ଲକ୍ଷ ୭୪ହଜାର ୧୭୩ ପକ୍ଷୀଙ୍କ ଆଗମନ



### ୫ ବର୍ଷର ଚିଲିକାରେ ପକ୍ଷୀ ସାରଣୀ

| ମସିହା | ଚିଲିକା | ନଳବଣ |
|---|---|---|
| ୨୦୧୮ | ୮,୯୩, ୩୯୦ | ୩,୨୦, ୮୨୬ |
| ୨୦୧୯ | ୧୦,୪୭,୯୬୮ | ୩,୯୩,୫୪୧ |
| ୨୦୨୦ | ୧୧,୦୫,୦୪୦ | ୪,୦୬,୩୦୮ |
| ୨୦୨୧ | ୧୨,୪୨,୮୨୬ | ୪,୨୪,୬୮୮ |
| ୨୦୨୨ | ୧୦,୭୪,୧୭୩ | ୩,୫୮,୮୮୯ |

## ନନ୍ଦନକାନନରେ ୧୩ ଶାବକ ଜନ୍ମ, କୃଷ୍ଣସାର ମୃଗ ମୃତ




ବାରଙ୍ଗ,୪।୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବିଭିନ୍ନ ଏନ୍‌କ୍ଲୋଜର ଓ ତୃଣଭୋଜି ସଫାରିରେ ରହୁଥିବା କୃଷ୍ଣସାର ମୃଗ, କୁଜି ହରିଣ, ଚିତ୍ରା ହରିଣ, ପାଇନାପୁଲ ଓ ପାରାକିଟ ଆଦି ପଶୁପକ୍ଷୀ ମଙ୍ଗଳବାର ୧୩ ଶାବକ ଜନ୍ମ ଦେଇଥିବା ବେଳେ ଗୋଟିଏ କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ତୃଣଭୋଜି ସଫାରିରେ ରହୁଥିବା ୫ବର୍ଷର ଅଣ୍ଡିରା କୃଷ୍ଣସାର ମୃଗ ଦୀର୍ଘଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ମଙ୍ଗଳବାର ସକାଳେ ତା'ର ମୃତ୍ୟୁ ଘଟିଛି। ସେହିପରି ପ୍ରଥମ ଶାବକ ଭାବେ ପ୍ରାଣୀ ଉଦ୍ୟାନର ତୃଣଭୋଜି ସଫାରିରେ ୫ଟି ଚିତ୍ରାହରିଣ ଶାବକ, ୭୦ନମ୍ବର ଏନ୍‌କ୍ଲୋଜରରେ୨ଟି କୁଜି ହରିଣ ଶାବକ, ୬୭ ନମ୍ବର (ଖ) ଏନ୍‌କ୍ଲୋଜରରେ ଗୋଟିଏ ଚିତ୍ରାହରିଣ, ୬୬ ନମ୍ବର ଏନ୍‌କ୍ଲୋଜରରେ ୩ଟି କୃଷ୍ଣସାର ମୃଗ, ବିହଙ୍ଗ ସରଣୀରେ ଗୋଟିଏ ପାଇନାପୁଲ ଓ ଗୋଟିଏ ପାରାକିଟ ଶାବକ ଜନ୍ମ ହୋଇଛନ୍ତି। ସମସ୍ତ ନବଜାତ ଶାବକ ଓ ମା' ସୁସ୍ଥ ଥିବା ଜଣାପଡିଛି ।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ବାରଙ୍ଗ,୪।୧(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ବରିମୁଣ୍ଡ ଗ୍ରାମ ନିକଟ କୁଆଖାଇ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରିମୁଣ୍ଡ ଗ୍ରାମର ନୀଳମଣି ନାୟକ(୭୦)। ପୂର୍ବାହ୍ନରେ ନୀଳମଣି କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ମଧ୍ୟାହ୍ନ ୧ଟା ୩୦ରେ ଗ୍ରାମର କେତେଜଣ ଯୁବକ ଜଣେ ବୃଦ୍ଧଙ୍କ ମୃତଦେହ ନଦୀକୂଳରେ ଭାସୁଥିବା ଦେଖି ଜବତ କରି ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### କଥା ହେବାକୁ ମୋବାଇଲ ନେଇ ୧.୨୦ଲକ୍ଷ ଠକିନେଲେ

**ବାରଙ୍ଗ,୪।୧(ଡି.ଏନ୍.ଏ.):** କଥା ହେବାକୁ କହି ମୋବାଇଲ ଫୋନ ନେଇ ୨ଜଣ ଯୁବତୀ ୧ଲକ୍ଷ ୨୦ହଜାର ଟଙ୍କା ଠକି ନେଇଥିବା ଗୋଡିସାହି ଫାଣ୍ଡିରେ ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆଣିଛନ୍ତି ଠକେଇର ଶିକାର ହୋଇଥିବା ତିଗିରିଆର ବିନ୍ଧାଣିଆ ଗ୍ରାମର ସୁରେଶ ସେଠୀ। ସୂଚନା ମୁତାବକ, ସୁରେଶ ରାମଦାସପୁରରେ ଥିବା ଆଷ୍ଟୋଲ ନାମକ ଏକ ପାଇପ କମ୍ପାନୀରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ତିଗିରିଆର ପରିଚିତ ଜଣେ ଯୁବତୀ ଗୋଡିସାହି ବଜାରରେ ପହଞ୍ଚି ସୁରେଶଙ୍କୁ ସାହାଯ୍ୟ କରିବାକୁ ଡାକିଥିଲେ। ପରେ ସୁରେଶ ସେଠାରେ ପହଞ୍ଚିବା ପରେ ଫୋନ କରିଥିବା ଯୁବତୀଙ୍କ ସହ ଅନ୍ୟଜଣେ ଯୁବତୀ ଥିବା ଦେଖିଥିଲେ। ଫୋନ କରିଥିବା ଯୁବତୀ କଥା ହେବାକୁ କହି ସୁରେଶଙ୍କଠାରୁ ମୋବାଇଲ ନେଇଥିଲେ। କିଛି ସମୟ ପରେ ଦୁଇଟି ମେସେଜ୍ ଆସିଥିଲା। ପ୍ରଥମ ମେସେଜ୍‌ରେ ୯୯ହଜାର ୫ଶହ ଓ ଦ୍ୱିତୀୟ ମେସେଜ୍‌ରେ ୨୦ହଜାର ୩୩୦ଟଙ୍କା ତାଙ୍କ ଆକାଉଣ୍ଟରୁ କଟିଥିବା ଦେଖିବାକୁ ପାଇଥିଲେ। ଅନ୍ୟ ଏକ ମେସେଜ୍‌ରେ ୧ଲକ୍ଷ ଟଙ୍କା ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ପ୍ରୋସେସିଂ ଥିବା ଜାଣିବା ପରେ ବ୍ଲକ କରିଥିଲେ। ଏହାପରେ ସୁରେଶ ଉଭୟ ଯୁବତୀଙ୍କୁ ନେଇ ଗୋଡିସାହି ଫାଣ୍ଡିରେ ପହଞ୍ଚି ଅଭିଯୋଗ କରିଥିଲେ। ଯୁବତୀଦ୍ୱୟ ତିଗିରିଆର ଏକ ଦୋକାନରେ କାର୍ଯ୍ୟ କରନ୍ତି। ପୋଲିସ ଯୁବତୀଦ୍ୱୟଙ୍କ ସହ ଦୋକାନ ମାଲିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ଦାୟିତ୍ୱ ଗ୍ରହଣ କଲେ ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ନୂଆ ଟ୍ରାଫିକ ଡିସିପି ଭାବେ ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ୍.ସୁଶ୍ରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୨୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦେବା ପରେ ସେ ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ କେସିଙ୍ଗାରେ ଥିଲି, ଭୁବନେଶ୍ୱରକୁ ନୂଆ ଆସିଛି। ଏଠାରେ ଥିବା ସମସ୍ୟା ସମ୍ପର୍କରେ ପ୍ରଥମେ ଅବଗତ ହେବି ଓ ଏହି ସମସ୍ୟାର ସମାଧାନ ପାଇଁ ସର୍ବୋତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିବି। ଏଥିସହ ସହରର ସ୍ଥିତି ସୁଧାରିବା ଓ ଲୋକଙ୍କ ଆତଯାତ ଜୀବନଶୈଳୀରେ ସୁଧାର ଆଣିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି। ସୁଶ୍ରୀଙ୍କ ପାଇଁ ଟ୍ୱିନ୍‌ସିଟିର ଟ୍ରାଫିକ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ହେବ। ସହରର ଟ୍ରାଫିକ୍ ଜାମ୍ ହଟାଇବା ସହ ନିୟମ ଉଲ୍ଲଂଘନକାରୀଙ୍କୁ ସେ କିଭଳି ସାବାଡ଼୍ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ଏସ୍. ସୁଶ୍ରୀ ୧୯୯୫ ଅକ୍ଟୋବର ୨୨ରେ କେରଳ କୋଲାମ ଜିଲାରେ ଜନ୍ମଗ୍ରହଣ କରିଥିଲେ। ୨୦୧୮ରେ ଭାରତୀୟ ପୋଲିସ ସେବା ପରୀକ୍ଷାରେ ୧୫୧ ର୍‍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହ ମାତ୍ର ୨୩ ବର୍ଷ ବୟସରେ ସେ ଦେଶର ସର୍ବକନିଷ୍ଠ ଆଇପିଏସ୍ ଅଫିସର ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ଓଡ଼ିଶା କ୍ୟାଡରରେ ଯୋଗଦେଇ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଏସ୍‌ଡିପିଓ ହୋଇଥିଲେ।



ଡିସିପି ଏସ୍.ସୁଶ୍ରୀ



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଉଦ୍‌ଘାଟିତ ନାଟ୍ୟ ମହୋତ୍ସବ-୨୦୨୨ରେ ପରିବେଷିତ ନାଟକ 'ଚିଠି'ର ଏକ ଦୃଶ୍ୟ।

## ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତି ଫେରାଇ ଆଣିବାକୁ ଦାବି

ପୁରୁଣା ଭୁବନେଶ୍ୱର, ୪।୧(ଡି.ଏନ୍.ଏ)

ଶ୍ରୀଲିଙ୍ଗରାଜଙ୍କ ଭୀମପୁର ମୌଜାର ଭୂସମ୍ପତ୍ତି ଖାତା ନଂ. ୧୯୩୫ ହାଲ ଖାତା ନଂ ୪୩୩ ଯାହାକି ଚଞ୍ଚକତା ପୂର୍ବକ କେତେଜଣ ବ୍ୟକ୍ତି ନିଜ ନାମରେ କରିନେଇଛନ୍ତି। ଏହାସହ ସେଠାରେ ଅଟ୍ଟାଳିକା ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ଏକାମ୍ର ଜନଜାଗରଣ ମଞ୍ଚ ଏବଂ ଅନ୍ୟ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ତୁରନ୍ତ ନିର୍ମାଣ ବନ୍ଦ କରି ଠାକୁରଙ୍କ ଭୂସମ୍ପତ୍ତି ଜମିକୁ ଫେରାଇ ଆଣିବାକୁ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ବିମଳ ଚନ୍ଦ୍ର ପରମଗୁରୁ, ଗୋପୀନାଥ ପ୍ରଧାନ, ଦିଲୀପ ସୁବୁଦ୍ଧି, ବିନୋଦିନୀ ସେନାପତି, ସୌମ୍ୟରଞ୍ଜନ ପଣ୍ଡା ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

DSPL-372

## ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା ( ୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜିକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

**ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | | | |
|---|---|---|---|
| ୧. | ଷ୍ଟୁଡେଣ୍ଟ ଆଇ କାର୍ଡ | ୨. | ଆଧାର କାର୍ଡ |
| ୩. | ଡ୍ରାଇଭିଂ ଲାଇସେନ୍‌ସ୍ | ୪. | ପ୍ୟାନ୍ କାର୍ଡ |
| ୫. | ପାସ୍‌ପୋର୍ଟ | ୬. | ପେନ୍‌ସନ୍ ପାସ୍‌ବୁକ୍ |
| ୭. | NPR ସ୍ମାର୍ଟ କାର୍ଡ | ୮. | ଭୋଟର କାର୍ଡ |
| ୯. | ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. | ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର
OIPR-10003/13/0122/2122

## ମାର୍କେଟ ବିଲ୍ଡିଂ ବନ୍ଦ କଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୪।୧(ବ୍ୟୁରୋ)

- ଉଠାଦୋକାନୀଙ୍କୁ ଉଠାଇବା ଜିଦ୍‌ରେ ଅଟଳ
- ଆଜି ବିଏମ୍‌ସି ସହ ସଂଘର ଆଲୋଚନା

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏମାନଙ୍କ ପାଇଁ ମାର୍କେଟ ପରିସରରେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାସହ ଅଯଥା ଭିଡ଼ ହେଉଛି। ଏପରି ଅଭିଯୋଗ ଆଣି ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମଙ୍ଗଳବାର ଜଣେ ମହିଳା ଉଠା ଦୋକାନୀ ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ କରିବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂକୁ ବ୍ୟବସାୟୀ ସଂଘ ବନ୍ଦ ଘୋଷଣା କରିଥିଲା। ଘଟଣାସ୍ଥଳରେ ବିଏମ୍‌ସି ଅଧିକାରୀ ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉତ୍ତେଜିତ ବ୍ୟବସାୟୀମାନଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ବିଏମ୍‌ସି ଅଧିକାରୀଙ୍କ ସହ ସଂଘର ଏକ ବୈଠକ ଡକାଯାଇଛି। ସେଠାରେ ଦୋକାନୀମାନେ ନିଜ ସମସ୍ୟା ସମ୍ପର୍କରେ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିବେ। ଯଦି ସନ୍ତୋଷଜନକ ପ୍ରତିଶ୍ରୁତି ମିଳିଲା, ତେବେ ସେମାନେ ଆନ୍ଦୋଳନରୁ ହଟିବା ସହ ଦୋକାନ ଖୋଲିବେ। ନଚେତ୍ ସେମିତି ଦୋକାନ ବନ୍ଦ ରଖି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ଚେତାବନୀ ଦେଇଛି। ମାର୍କେଟ୍ ବିଲ୍ଡିଂରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି। ଲଗାତର ଦୁଇ ତିନିଦିନ ହେବ କେତେଜଣ ଉଠା ଦୋକାନୀ ମାରପିଟ୍, ଝଗଡ଼ା, ଗାଡ଼ି ଭଙ୍ଗାରୁଜା ଆଦି କରୁଥିବା ସଂଘ ଅଭିଯୋଗ ଆଣିଛି। ସେମାନେ ମାର୍କେଟ୍ ବିଲ୍ଡିଂ ମଝିରେ ବସି ବ୍ୟବସାୟ କରୁଛନ୍ତି। ଯିଏ ପାରୁଛି ଯେଉଁଠି ବସି ବେପାର କରୁଛି। ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଗ୍ରାହକ ଓ ସ୍ଥାୟୀ ଦୋକାନ ମାଲିକଙ୍କୁ ମଧ୍ୟ ଧମକ ଦେଉଛନ୍ତି। ଗାଡ଼ି ଭଙ୍ଗାରୁଜା କରୁଛନ୍ତ। ସେମାନଙ୍କ ପାଇଁ ମାର୍କେଟ୍ ବିଲ୍ଡିଂରେ ଅଯଥା ଗହଳି ହେଉଛି। ରାସ୍ତାରେ ଯାଆ ଆସ କରି ହେଉନାହିଁ। ସାଧାରଣ ଲୋକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କରୋନା ସମୟରେ ଭିଡ଼ ମଧ୍ୟ ଜମୁଛି। ଭିଡ଼ର ସୁଯୋଗ ନେଇ ଚୋରି ଓ ନାନା ଅପରାଧ ଘଟୁଛି। ଉଠା ଦୋକାନୀଙ୍କ ପାଇଁ ଦୋକାନ ଭଡ଼ା ନେଇ ବେପାର କରୁଥିବା ବ୍ୟବସାୟୀଙ୍କର ଘାଟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।



ବ୍ୟବସାୟୀମାନେ ଦୋକାନ ବନ୍ଦ କରି ହୋହଲ୍ଲା କରୁଛନ୍ତି।

## ବିଜ୍ଞାନଭିତ୍ତିକ କର୍ମଶାଳା

**ବାଲିପାଟଣା,(ଡି.ଏନ୍.ଏ.):** ଅଠାନ୍ତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଏକ ବିଜ୍ଞାନଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ, ପ୍ରଫେସର ବିଭୂତି ଭୂଷଣ ମିଶ୍ର, ପ୍ରଫେସର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଅନ୍ଧବିଶ୍ୱାସକୁ ପରିହାର କରି ବିଜ୍ଞାନନୁମୋଦିତ ହୋଇ ସମାଜର ହିତ ପାଇଁ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ଆଲୁମ୍ନି କମିଟି ସଭ୍ୟ ଅଜୟ ଦାସ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସାହୁ ପରିଚାଳନା କରିଥିଲେ।

# ଭୁବନେଶ୍ୱର ଡିସିପି ଅଫିସ୍ ସିଲ୍

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ଏକାଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବା ପରେ ଭୁବନେଶ୍ୱର ବାଣୀବିହାରସ୍ଥିତ ଡିସିପି ଅଫିସକୁ ସିଲ୍ କରିଦିଆଯାଇଛି। ଜନସାଧାରଣ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନରଙ୍କ ପକ୍ଷରୁ ମଙ୍ଗଳବାରଠାରୁ ୨ଦିନ ବନ୍ଦ କରାଯାଇଛି। ଏହି ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ପାଳନ କରି କାର୍ଯ୍ୟାଳୟ ପରିସରରେ ପରିମଳ ସେବା ଚାଲିବ। ବିଏମ୍‌ସିର ପ୍ରାଧିକୃତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କାହାକୁ ଡିସିପି ଅଫିସ୍ ଭିତରକୁ କିମ୍ବା ବାହାରକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ପଜିଟିଭ୍ ଚିହ୍ନଟ ହୋଇଥିବା କର୍ମଚାରୀଙ୍କୁ ନିଜ ନିଜ ବାସସ୍ଥାନରେ ପୃଥକ୍ ଭାବେ



### ଅଭିଯୋଗ ପାଇଁ ଗେଟ୍‌ରେ ଲାଗିଲା ଡ୍ରପ୍ ବକ୍ସ

ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ବିଏମ୍‌ସି କଣ୍ଟ୍ରୋଲ ରୁମ୍ ନଂ.୭୮୪୭୮୭୩୦୪୦ କିମ୍ବା ୧୯୨୯କୁ ଯୋଗାଯୋଗ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏପଟେ କମିଶନରେଟ ପୋଲିସ ମଧ୍ୟ ଲୋକଙ୍କ ସହଯୋଗ ଲୋଡ଼ିଛି। ଏହି ସମୟ ମଧ୍ୟରେ ଜନସାଧାରଣ ସେମାନଙ୍କ ଜରୁରିକାଳୀନ ଅଭିଯୋଗ ପତ୍ରକୁ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ରଖାଯାଇଥିବା ଡ୍ରପ୍ ବକ୍ସରେ ପକାଇବାକୁ ଅନୁରୋଧ କରାଯାଇଛି।




କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ।

## ସଂକ୍ଷେପରେ

### ଧଉଳି ଶାନ୍ତିସ୍ତୁପ ନବୀକରଣ କାର୍ଯ୍ୟ ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର, ୪।୧(ଡି.ଏନ୍.ଏ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୮ତାରିଖରେ ଧଉଳି ଶାନ୍ତିସ୍ତୁପ ମରାମତି ଓ ନବୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ମଙ୍ଗଳବାର ଉକ୍ତ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୦ ଲକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନରୁ ୧କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟ ଓଡିଶା ସେତୁ ନିର୍ମାଣ ନିଗମକୁ ଦିଆଯାଇଛି। ଏଥିରେ ଶାନ୍ତିସ୍ତୁପର ମରାମତି ହେବା ସହ କାରୁକାର୍ଯ୍ୟର ମଧ ମରାମତି ହେବ ବୋଲି ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଏହି ଅବସରରେ ଧଉଳି ଗ୍ରାମର ସମିତି ସଭ୍ୟ ଭଗବାନ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ମନ୍ତ୍ରୀଙ୍କୁ ରାଜପଥରୁ ପାଛୋଟି ନିଆଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଫୁଲ କୁମାର ସ୍ୱାଇଁ, ସୁଦର୍ଶନ ସାହୁ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ମାନସ ରଞ୍ଜନ ସ୍ୱାଇଁ, ଦିଲୀପ କାଳିଆ, ପ୍ରସନ୍ନ ରାଉତ ବାବୁଲି ମହାନ୍ତି, ଦିଲୀପ ପଣ୍ଡା ଏବଂ ସୁଦର୍ଶନ ପ୍ରଧାନ ଉପସ୍ଥିତ ଥିଲେ।

### ୯ରେ ମା'କୁ ସମ୍ମାନ ଦେଶକୁ ସମ୍ମାନ ସମାରୋହ

**ଭୁବନେଶ୍ୱର, ୪।୧(ଡି.ଏନ୍.ଏ):** ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବୀଣାପାଣି ନାଟ୍ୟସଂସ୍ଥା ପକ୍ଷରୁ ''ମା'କୁ ସମ୍ମାନ ଦେଶକୁ ସମ୍ମାନ'' ସମାରୋହ ସ୍ଥାନୀୟ ସୂଚନାଭବନଠାରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କନ୍ୟାରତ୍ନ ଚିନ୍ତା, ବ୍ୟଥା ଓ କୃତିତ୍ୱର ବାର୍ତ୍ତାକୁ ନେଇ 'ସେଭ୍ ଗର୍ଲ ସେଭ୍ ଇଣ୍ଡିଆ' ସମ୍ମାନ ସଞ୍ଚାଳିତ ହେବ। ଏହି ଉପଲକ୍ଷେ 'କନ୍ୟା ରତନ କର ଯତନ' ସ୍ମରଣିକା ପ୍ରକାଶିତ ହେବ। ସମାରୋହରେ ନାରୀ ନିର୍ଯାତନା ଘଟଣାବଳୀ ଉପରେ ଆଧାରିତ ପ୍ରଦର୍ଶନୀ ଆୟୋଜିତ କରାଯିବ। ଏଥିସହ ପ୍ରତିଭାଦୀପ୍ତା କନ୍ୟା ରତ୍ନମାନଙ୍କର ଚିତ୍ର, ନୃତ୍ୟ, ସଙ୍ଗୀତ, ଅଭିନୟ ଓ ବକ୍ତୃତା କାର୍ଯ୍ୟକ୍ରମ ରହିଛି। ଏହି ସମସ୍ତ ପ୍ରତିଯୋଗୀଙ୍କୁ 'କନ୍ୟାରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ପରିବେଶ ସଚେତନତା

**ଭୁବନେଶ୍ୱର, ୪।୧ (ବ୍ୟୁରୋ) :** ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ପରିବେଶ ସଚେତନତା ଉପରେ କର୍ମଶାଳା ଓ ସାଧାରଣ ସଭା ସୋମବାର ୟୁନିଟ୍-୧ରେ ଅନୁଷ୍ଠିତ ହୋଇଛି। ସମିତି ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଧୀରେନ ବାରିକ ସ୍ୱରଚିତ ଜଗନ୍ନାଥ ଜଣାଣ ପାଠ କରିଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି ନିକଟରେ ସ୍ୱର୍ଗାରୋହଣ କରିଥିବା ସମସ୍ତ ଅବସରପ୍ରାପ୍ତ ସଭ୍ୟ ମନୋରଞ୍ଜନ ପଟ୍ଟନାୟକ, ବନବିହାରୀ ସାହୁ, ପୂର୍ଣ୍ଣ ନନ୍ଦ ସାହାଣୀ, ରାମ ପ୍ରସାଦ ଖାଡାଙ୍ଗା, ଡେପୁଟି କମାଣ୍ଡର ଉଦୟ ଚନ୍ଦ୍ର ଦାଶ, କେଦାରନାଥ ସାହୁ ଓ କରୋନାରେ ପ୍ରାଣ ହରାଇଥିବା ସମସ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମିନିଟ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟବକ୍ତା ମନସ୍ତତ୍ୱବିତ୍ ଅବସରପ୍ରାପ୍ତ ପ୍ରଫେସର ଡ.ଗୋପାଳକୃଷ୍ଣ ନନ୍ଦ ବରିଷ୍ଠ ନାଗରିକମାନେ କରୋନା ସମୟରେ ସ୍ୱଚ୍ଛତାର ସହ ଉତ୍ତମ ପରିବେଶରେ କିପରି ଜୀବନଯାପନ କରିପାରିବେ ସେ ବିଷୟରେ କହିଥିଲେ। ହୃଦରୋଗ ବିଶେଷଜ୍ଞ ଡ.ଦିବ୍ୟ ସୁନ୍ଦର ମହାନ୍ତି, ସମିତିର କୋଷାଧକ୍ଷ ଉମେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟବକ୍ତା ଡ. ନନ୍ଦଙ୍କୁ ସମ୍ମାନିତ କରିଥିଲେ। ବିଜୟକୃଷ୍ଣ ମହାନ୍ତି ବାର୍ଷିକ ବିବରଣୀ ପାଠ, ସଙ୍ଗଠକ ସମ୍ପାଦକ ନୀଳମୋହନ ତ୍ରିପାଠୀ ବିସ୍ତୃତ ବିବରଣୀ ଦେଇଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ସମିତିର ସଭାପତି ଭାବେ ସୂର୍ଯ୍ୟମଣୀ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବାମନ ଚରମ ପଣ୍ଡା, ଉପ ସଭାପତି ଦେବେନ୍ଦ୍ର ନାଥ ଶତପଥୀ, ସୁରେଶ ସାହୁ ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି , କେଶବ ଚନ୍ଦ୍ର ମହାନ୍ତି, ଗୁରୁ ଚରଣ ମହାନ୍ତି ପ୍ରମୁଖଙ୍କ କାର୍ଯ୍ୟକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ।

## ନାଇଜର ହଷ୍ଟେଲ ସପ୍ତାହେ କଣ୍ଟେନମେଣ୍ଟ

**ଖୋର୍ଦ୍ଧା ଅଫିସ, ୪।୧**

କରୋନାରେ ସଂକ୍ରମିତ ହୋଇଥିବା ଭୁବନେଶ୍ୱର ନାଇଜରର ୩୧ଜଣ ଛାତ୍ରୀଛାତ୍ରଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଗଙ୍ଗା, ଯମୁନା ଓ କାବେରୀ ହଷ୍ଟେଲକୁ ସାନିଟାଇଜ କରାଯାଇଛି ବୋଲି ନାଇଜର ରେଜିଷ୍ଟ୍ରାର ଅଭୟ ନାୟକ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ହଷ୍ଟେଲକୁ ସୋମବାର ରାତିରୁ ୧୦ ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

## ଆଗାମୀ ନିର୍ବାଚନରେ ହିନ୍ଦୁତ୍ୱକୁ ମୁଖ୍ୟ ପ୍ରସଙ୍ଗ କରିବ ଅଖିଳ ଭାରତ ହିନ୍ଦୁ ମହାସଭା

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ବ୍ରତଧର ଜେୟର ସ୍ୱାମୀ ତ୍ରିଦଣ୍ଡୀ ମହାରାଜ ଯୋଗଦେଇ କହିଲେ, ହିନ୍ଦୁ ମହାସଭା ଆଗାମୀ ପଞ୍ଚାୟତ ନିର୍ବାଚନରେ ହିନ୍ଦତ୍ୱକୁ ହିଁ ମୁଖ୍ୟ ପ୍ରସଙ୍ଗ କରିବ। ବିଧର୍ମୀ ଶକ୍ତି ସନାତନ ସଂସ୍କୃତିର ବିଲୋପ ସାଧନ ପାଇଁ ପ୍ରୟାସ କରୁଛନ୍ତି। ଶାସନରେ ଥିବା ଦଳମାନେ ଧର୍ମନିରପେକ୍ଷତା ନାଁରେ ସଂଖ୍ୟାଲଘୁ ତୁଷ୍ଟିକରଣରେ ମାତିଛନ୍ତି। ଓଡ଼ିଶା ସରକାର ପଞ୍ଚାୟତ ନିର୍ବାଚନରେ ଖ୍ରୀଷ୍ଟିୟାନ ଭୋଟ ହାତେଇବା ଆଶାରେ ବିବାଦୀୟ ମିଶ୍‌ନାରିଜ ଅଫ୍ ଚାରିଟିକୁ ସହାୟତା ଘୋଷଣା କରିଛନ୍ତି। ଓଡ଼ିଶାରୁ ପଡ଼ୋଶୀ ରାଜ୍ୟର କଂସେଇଖାନାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗୋଚାଲାଣ ଚାଲିଛି। ହେଲେ ପୁରୀ ଜଗନ୍ନାଥ ମନ୍ଦିର ରତ୍ନ ଭଣ୍ଡାର ପ୍ରସଙ୍ଗରେ ସରକାରଙ୍କ ଭୂମିକା ସନ୍ଦେହଜନକ ମନେ ହେଉଛି। ହିନ୍ଦୁ ମଠ ମନ୍ଦିର ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବାର ଆବଶ୍ୟକତା ରହିଛି। ଓଡ଼ିଶାରେ ବିଧର୍ମୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ମାତ୍ର ଦୁର୍ଭାଗ୍ୟଜନକ ଭାବରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ସବୁ ପ୍ରସଙ୍ଗରେ ମୂକ ଦର୍ଶକ ସାଜିଛନ୍ତି ବୋଲି ମହାରାଜ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳର ଓଡ଼ିଶା ରାଜ୍ୟ ଅଧକ୍ଷା ଗୀତା ଚୟନ ଓ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଆଚାର୍ଯ୍ୟ ମାନବ ପ୍ରକାଶ ଉପସ୍ଥିତ ଥିଲେ।

## ଅଧିକାର, କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ଥିଲେ ରାଜକିଶୋର

**ଭୁବନେଶ୍ୱର, ୪।୧(ବ୍ୟୁରୋ)**

ଗାନ୍ଧୀବାଦୀ ଚିନ୍ତକ ଓ ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ର, ସାଧାରଣ ଲୋକ ଓ ନ୍ୟାୟ ଅଧିକାରୀ' ଶୀର୍ଷକ ସ୍ମାରକୀ ଗାନ୍ଧୀ ବକ୍ତୃତମାଳାରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ଅରିଜିତ ପଶାୟତ ଭର୍ଚ୍ଚୁଆଲରେ ଯୋଗଦେଇଥିଲେ। ଭାରତ ସମ୍ବିଧାନର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରି ସେ କହିଲେ, ମଣିଷ ଅଧିକାର ଜାହିର କରିବା ସହ କର୍ତ୍ତବ୍ୟ ମଧ ପାଳନ କରିବା ଦରକାର। ସମ୍ମାନର ସହ ବଞ୍ଚିବା ହେଉଛି ପ୍ରକୃତ ଜୀବନ। ମଣିଷ ଅନ୍ୟକୁ ଖୁସି ଦେଲେ ଆନନ୍ଦ ମିଳିଥାଏ। ରାଜକିଶୋର ନାୟକ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ବକ୍ତୃତାମାଳା

ଯଥେଷ୍ଟ ସଚେତନ ଥିଲେ ବୋଲି ପଶାୟତ କହିଥିଲେ। ମୁଖ୍ୟବକ୍ତା ଭାବେ ନିର୍ବାଚନ କମିଶନରଙ୍କ ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ କହିଥିଲେ, ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିକୁ ଆଦର୍ଶ ଭାବେ ଗ୍ରହଣ କରିଥିଲେ ରାଜକିଶୋର। ଦିନ ଦୁଃଖୀଙ୍କ ଦୁଃଖ ଲାଘବ କରିବା ଥିଲା ତାଙ୍କର ମୁଖ୍ୟ କାମ। ଫାଉଣ୍ଡେଶନ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରି ସ୍ୱର୍ଗତ ନାୟକଙ୍କ ଛାତ୍ର ବତ୍ସଳତା, ଦାରିଦ୍ର୍ୟତା ପ୍ରତି ଥିବା ସମବେଦନା, ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ ଭଳି କାମ ସମ୍ବନ୍ଧରେ ଆଲୋଚନା କରିଥିଲେ। ତାଙ୍କ ସେବା ମନୋଭାବକୁ ବର୍ତ୍ତମାନର ରାଜନେତାମାନେ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅଧାପିକା ଡ. ଅପର୍ଣ୍ଣା ମହାନ୍ତି କହିଥିଲେ, ସେ ଦରିଦ୍ର ନଥିଲେ ମଧ ଦରିଦ୍ରଙ୍କ ପ୍ରତି ତାଙ୍କର ଦରଦ ଥିଲା। ରାଜକିଶୋର ନାୟକଙ୍କ ପୁତ୍ର ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଅସହାୟ ଓ ଗରିବଙ୍କ ପ୍ରତି ବିନା ଦ୍ୱିଧାରେ ବାପା ସାହାଯ୍ୟର ହାତ ବଢ଼ାଉଥିଲେ। ସାହାଯ୍ୟ କରିବା ପାଇଁ ପାଉଥିବା ପେନ୍‌ସନ ଅର୍ଥ ପ୍ରତି ମାସରେ ପାଟକୁରାର ଗରିବ ଓ ରୋଗଗ୍ରସ୍ତ ଲୋକଙ୍କୁ ପ୍ରଦାନ କରୁଥିଲେ ବୋଲି କହିଥିଲେ। ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନର ସଭାପତି ପ୍ରହ୍ଲାଦ ସିଂହ ଏଥିରେ ଅଧକ୍ଷତା କରିଥିବାବେଳେ ନୀଳୟକାନ୍ତ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ କୋଷାଧକ୍ଷ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର: କଲେଜରେ ଉତ୍ତେଜନା

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାରସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ମଙ୍ଗଳବାର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। କଲେଜରେ ଜଣେ ଅଧାପକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ଫଳରେ ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ଅଧାପକ କ୍ଷମା ମାଗିବା ସହ କଲେଜରେ ୟୁରିନାଲ ଓ ପାର୍କିଂ ବ୍ୟବସ୍ଥା କରିବା ଆଦି କେତେକ ଦାବି ନେଇ ରାସ୍ତାକୁ ଓହ୍ଲାଇଥିଲେ। କଲେଜ



ଛାତ୍ରୀମାନେ ପୋଲିସ ନିକଟରେ ଅଭିଯୋଗ କରୁଛନ୍ତି।

ସମ୍ମୁଖ ରାସ୍ତାକୁ ଅବରୋଧ କରିବାରୁ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ରମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ନୟାପଲ୍ଲୀ ଥାନା ପୋଲିସ ଟିମ୍ ସହ ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇବା ପରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଲିଖିତ ଅଭିଯୋଗ କରିବାକୁ ପୋଲିସ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲା। ହେଲେ ସେମାନେ ଥାନାରେ ଲିଖିତ ଅଭିଯୋଗ କରିନଥିବା ଥାନା ସୂତ୍ରରୁ ଜଣାପଡିଛି। ଏନେଇ ସଞ୍ଜୀବ କହିଛନ୍ତି, ଛାତ୍ରଛାତ୍ରୀ ଯେଉଁ ଦାବି ରଖିଥିଲେ ସେ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ। କର୍ତ୍ତୃପକ୍ଷ ସେମାନଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତୁ



@ ତେଜସ୍ୱିନୀ



@ ବିଦ୍ୟୁତ ରଞ୍ଜନ



@ ସତ୍ୟ



@ ସାଇ ଦିବ୍ୟାଂଶ



@ ପ୍ରଦେଶ

## ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ମଦନପୁରସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକତା ରହିଛି ବୋଲି କହିଛନ୍ତି। କୁଳପତି ତ୍ରିପାଠୀ ଆଗାମୀ ଦିନରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଗବେଷଣାତ୍ମକ ପ୍ରକାଶନ ସମ୍ପର୍କରେ କହିଥିଲେ। ଏଥିସହ ଓଡ଼ିଶାର ସାଂସ୍କୃତିକ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖପତ୍ର 'ରୂପାୟନ', ପତ୍ରିକା 'ସଂସ୍କୃତି' ଏବଂ ଓଡ଼ିଶାର ବରପୁତ୍ର ଉପରେ ଆଧାରିତ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ମଙ୍ଗଳବାର ଗୁରୁ ଧନେଶ୍ୱର ସ୍ୱାଇଁ ମର୍ଦ୍ଦଳ ବାଦନ କରୁଛନ୍ତି।




କ୍ଷତିପୂରଣ ଦାବିରେ ପୁରୀ କୃଷକ ବଜାରର ବିସ୍ଥାପିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ୨୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।

# ଚିନାବାଦାମରେ କୋଡ଼ାଖୁସା

**ଚି**ନାବାଦାମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏତିକି ବେଳେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶଁବାଳୁଆ ନ ହେବା ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ନ ଲାଗିବା ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।



# ଆମ୍ବ ବଉଳର ଯତ୍ନ



**ଆ**ମ୍ବବଉଳ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ। ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ୍ତୁ।

# କାଜୁ ବିହନ ଚୟନ

**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବର କ୍ଷୟପ୍ରାପ୍ତ ଜମି ପାଇଁ ୪×୪ମିଟର ଦୂରତାରେ ଏବଂ ୦ ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦-୮୦ଟି ଗଛ ଏବଂ ନୀରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।



# ଡାଲୁଅ ଧାନତଳି

**ଡା**ଲୁଅ ଧାନ ଚାଷ କରୁଥିଲେ ତଳି ପ୍ରସ୍ତୁତି ସମ୍ପର୍କରେ କେତୋଟି କଥା ଜାଣିବା ଆବଶ୍ୟକ। ଏକ ହେକ୍ଟର ଚାଷ ସକାଶେ ୨୫ ଡେସିମିଲି. ଜମିରେ ତଳି ପଡ଼େ। ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଭଲ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

ବିହନ କିସମ: ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ। ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଳିବା ନିମନ୍ତେ ନାଳି ମାନ ରଖନ୍ତୁ। ଏହାଦ୍ୱାରା ବି ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ। ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇବା ଜରୁରୀ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଦରକାର।



## ସୂର୍ଯ୍ୟମୁଖୀ ସମ୍ପର୍କରେ...

ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରିବା ଆବଶ୍ୟକ।



## ଏ ମାସର କୃଷି ସୂଚନା

**ଡାଲିଜାତୀୟ ଫସଲ :** ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିଟ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

**ପନିପରିବା**

**ଆଳୁ :** ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ। ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଭଲ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ। ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍ସିଲ୍ ସହ ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା କାମ ଶୀଘ୍ର ସାରି ଦିଅନ୍ତୁ।

**କୋବି :** କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରି ପିଠିଆ ପୋକ, କରଡିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି. ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲ କୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା ଆଦି ଶାଗ ଚାଷ କରନ୍ତୁ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଆବଶ୍ୟକ। ତରଭୁଜର ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା, ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍।

**ଲିଚୁ ଓ ସପେଟା :** ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ। ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ।

**ଫୁଲ :** ଖରାଟିଆ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ଗୋପାଳନ :** ଗାଈଙ୍କ ଠାରେ ପ୍ରସୂତୀ ସମସ୍ୟା ତଥା ଭୂତାଣୁ ଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ଛେଳି ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**କୁକୁଡ଼ା ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମତ୍ସ୍ୟଚାଷ :** ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି
ଭୁବନେଶ୍ୱର -୩

## ଆଖୁଚାଷ ପାଇଁ ବିହନ ଚୟନ

**ଛ**ଅରୁ ଆଠ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ। ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ। ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ। ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ୧୨ ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ। ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।



# ଚାଷୀଙ୍କ ପାଇଁ...

➤ରବି ମକା ଚାଷ କରିଥିଲେ ମନେ ରଖନ୍ତୁ ଫସଲ ୬-୭ ସପ୍ତାହର ହୋଇଗଲେ ଦ୍ୱିତ ଥର ପାଇଁ କୋଡ଼ାଖୁସ କରି ଏକର ପ୍ରତି ୮କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମାଟିର ବତରକୁ ଦେଖି ଜଳସେଚନ କରନ୍ତୁ । କୌଣସି ଅବସ୍ଥାରେ ୬ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। କାଣ୍ଡବିନ୍ଧା ପୋକ ଦମନ ସକାଶେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ଚିଲୋନିସ୍ ପରାଶ୍ରୟୀ ପୋକର ଅଣ୍ଡା ୧୦ ଦିନ ଅନ୍ତରରେ ୨ଥର ଛାଡ଼ି ପାରିବେ।

➤ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ ।

➤ସବୁଜ ଗୋଖାଦ୍ୟ ଫସଲ: ଓଟ୍ ଫସଲ ୩ ସପ୍ତାହର ହୋଇଗଲେ କୋଡ଼ାଖୁସା କରି ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ(୩୫ କେଜି ୟୁରିଆ) ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ପିଲ ବାହାରିବା ଓ କେଣ୍ଡା ସଞ୍ଚାର ଅବସ୍ଥା ଜଳସେଚନର ସଙ୍କଟ କାଳ। ଏହି ସମୟରେ ଜମିର ବତର ଦେଖି ପାଣି ମଡ଼ାନ୍ତୁ। ବର୍ସିମ ଘାସରେ ପ୍ରତି ୧୦ ଦିନ ଅନ୍ତରରେ ଜଳସେଚନ କରିପାରିବେ।



# ଫ୍ରେଞ୍ଚ୍ ବିନ୍



**ପ**ରିବା ଓ ମଞ୍ଜି ପାଇଁ ଫରାସୀ ବିନ୍ (ଫ୍ରେଞ୍ଚ୍ ବିନ୍) ଚାଷ କରାଯାଏ। ଏହା ମାଟିର ଉର୍ବରତା ବଢ଼ାଇବା ସହିତ ମିଶ୍ରିତ ଫସଲ ଓ ଅନ୍ତଃଫସଲ ହିସାବରେ ନିଆଯାଇଥାଏ। ଏଥିରେ ପୁଷ୍ଟିସାର ସହିତ ଯଥେଷ୍ଟ ପରିମାଣର ଖଣିଜ ଲବଣ ଓ ଭିଟାମିନ୍ ରହିଛି। ଏପରି ଶିମ୍ବ ଉତ୍ପାଦନରେ ଆମ ରାଜ୍ୟର କନ୍ଧମାଳ, କୋରାପୁଟ ଓ କଟକ ଜିଲା ବେଶ୍ ଅଗ୍ରଣୀ।

**କିସମ**

ଆମ ରାଜ୍ୟର ସବୁ ଅଞ୍ଚଳରେ ଏହା ଚାଷ ହୋଇଥାଏ। ଉର୍ବର, ଦୋରସା ମାଟି ଏହି ଚାଷ ପାଇଁ ଭଲ। ଏହା ସାଧାରଣତଃ ଶୀତଦିନିଆ ଫସଲ। ଶୁଷ୍କ ଜଳବାୟୁରେ ଏପରି ଚାଷ ଭଲ ହୋଇଥାଏ। ବାୟୁମଣ୍ଡଳର ଉତ୍ତାପ ୩୫ ଡିଗ୍ରୀ ସେଲସିୟସରୁ ଅଧିକ ଓ ଶୀତ ଋତୁରେ ବର୍ଷା ହେଲେ ଫୁଲ ଝଡ଼ିଯାଏ। ତେବେ ପାହାଡ଼ିଆ ଅଞ୍ଚଳରେ ବର୍ଷା ଦିନେ ଏହି ଚାଷ ହୋଇଥାଏ। ଫରାସୀ ବିନ୍‌ର ଉନ୍ନତ କିସମଗୁଡ଼ିକ ହେଲା-(ବୁଦା) ଆର୍କା କୋମଳ, ପୁଷା ପାର୍ବତୀ, କଣ୍ଟେଣ୍ଡର, ଆର୍କା ଅନୁପ୍; (ଲଟା) ଫେନୋମିନା ଲଙ୍ଗ, ପୁଷା ହିମଲତା, କେଣ୍ଟୁକି ୱଣ୍ଡର, ଜମ୍ପ, କେନ୍ଦୁଝର ଲୋକାଲ୍, ପଟାଙ୍ଗି ଲୋକାଲ୍, ଉଦୟଗିରି ଲୋକାଲ ଇତ୍ୟାଦି। ଅନ୍ୟାନ୍ୟ କିସମ ମଧ୍ୟରେ ରହିଛି- ଆର୍କା ସୁବିଧା, ଆର୍କା ବୋଲ୍ଟ, ଆର୍କା ଶରଥ, ଆର୍କା ଅର୍ଜୁନ, ଆର୍କା ସୁକୋମଳ ମଧ୍ୟ ଲୋକପ୍ରିୟ।

**ବିହନ ଓ ଖତସାର**

୧ ଏକର ଫରାସୀ ବିନ୍ ଚାଷ ପାଇଁ ୨୦-୩୦ କିଗ୍ରା (ବୁଦା) ଓ ୧୦-୧୨ କିଗ୍ରା (ଲଟା) ମଞ୍ଜି ଦରକାର। ବିହନକୁ ବୁଣିବାର ସପ୍ତାହକ ପୂର୍ବରୁ ବୋନୋମିଲ ଏକ ଗ୍ରାମ (ଏକ କିଗ୍ରା ମଞ୍ଜି ପ୍ରତି)ରେ ବିଶୋଧନ କରି ବୁଣିବାର ଅଧ ଘଣ୍ଟା ପୂର୍ବରୁ ବୀଜାଣୁ ଉପଚାର କଲେ ଫସଲ ଭଲ ରୂପେ ବଢ଼ିଥାଏ। ବୁଦା ବିନ୍‌କୁ ୩୦-୪୫ ସେମି X ୧୦ସେମି ଓ ଲଟା ବିନ୍‌କୁ ୯୦ ସେମି X ୨୦ସେମି ଦୂରତାରେ ମୁଖ୍ୟ ଜମିରେ ଲଗାଯାଏ। ଏକର ପ୍ରତି ୧୦୦ କୁଇଣ୍ଟାଲ ଖତ ସହ ୨୦:୩୦:୨୦ କିଗ୍ରା ଏନ.ପି.କେ. (ଅର୍ଥାତ୍ ଡ.ଏ.ପି. ୬୬ କିଗ୍ରା, ୟୁରିଆ ୧୮ କିଗ୍ରା ବା ସିଏଏନ୍ ୩୨ କିଗ୍ରା ଓ ପଟାସ୍ ସାର ୩୩ କିଗ୍ରା) କେବଳ ଯବକ୍ଷାରଜାନ ଅଧା ପରିମାଣ ୪ ସପ୍ତାହ ବେଳକୁ ଦିଆଯିବାକୁ ଛାଡି ଅବଶିଷ୍ଟ ସାର ଓ ଖତ ମୂଳ ସାର ଭାବେ ପ୍ରୟୋଗ କରାଯାଏ। ବିନ୍ ଫସଲରେ ଅଣୁସାରର ଆବଶ୍ୟକତା ଥିବାରୁ ଲଗାଇବା ସମୟରେ ଏକର ପ୍ରତି ୪ କିଗ୍ରା ମିଶ୍ରିତ ଅଣୁସାର ଦିଆଯାଏ କିମ୍ବା ବଢୁଥିବା ସମୟରେ ଏକ ଗ୍ରାମ ଲିଟର ପ୍ରତି ସିଞ୍ଚନ କରାଯାଏ।



ଡା. ପରେଶ କୁମାର ପଣ୍ଡା

**ଘାସ, ଜଳ, ରୋଗପୋକ ପରିଚାଳନା ଓ ଅମଳ**

ଫରାସୀ ବିନ୍ ଲଗାଇବାର ମାସେ ମଧ୍ୟରେ ଗଛ ମୂଳକୁ ଦୁଇ ଥର କୋଡା ଖୋସା କରି ଘାସ ବାଛି ଓ ମୂଳରେ ମାଟି ଦେଇ ଦରକାର ଅନୁଯାୟୀ ଗଛ ମାଡିବା ସମୟରେ ବାଉଁଶ କଣି ବା ଡାଳ ଠେକରା ଦିଆଯାଏ। ରାସାୟନିକ ତୃଣନାଶକ-ଫ୍ଲୁକ୍ଲୋରାଲିନ୍ ୭୫ ପ୍ରତିଶତ ଇ.ସି. (ବାସାଲିନ୍ ୮୦୦ ମିଲି ଏକର ପ୍ରତି) ମଞ୍ଜି ବୁଣିବାର ପୂର୍ବଦିନ ବତର ଥିବା ମାଟିରେ ଦେଇ ସାମାନ୍ୟ ଖୁସାଇ ଦେଲେ ଅନାବନା ଗଛ ଉଠି ନ ଥାଏ। ମକା ସହ ବିନ୍ ଚାଷରେ ରଞ୍ଜା ଦରକାର ପଡି ନ ଥାଏ। ଗଛରେ ପ୍ରଥମ ୩ ଟିକିଆ ପତ୍ର ବାହାରିବା ସମୟରେ ସାଇକୋସେଲ୍ ଏକ ଗ୍ରାମ ୨.୫ ଲିଟର ପାଣି ପ୍ରତି ୧୫ଦିନ ଅନ୍ତରରେ ସିଞ୍ଚନ କଲେ ଗଛ ଛୋଟ ରହି ଶୀଘ୍ର ଫୁଲ ଆସିଥାଏ ଓ ଅମଳ ବଢ଼ିଥାଏ। ୭-୧୫ ଦିନ ଅନ୍ତରରେ ଜଳସେଚନ କରାଯାଏ।

ମୋଜାଇକ୍ ରୋଗ ନିୟନ୍ତ୍ରଣ ସକାଶେ ଡାଇମିଥୋଏଟ୍ ୨ ମିଲି, କୋଣିଆ ପତ୍ର ଦାଗ ନିୟନ୍ତ୍ରଣ ପାଇଁ କାର୍ବେଣ୍ଡାଜିମ୍ ୧.୫ ଗ୍ରାମ, ଯାଦୁରା ରୋଗ ନିୟନ୍ତ୍ରଣ ଲାଗି ସିଓସି ୪ ଗ୍ରାମ + ପ୍ଲାଣ୍ଟୋମାଇସିନ୍ ୧ ଗ୍ରାମ (ଲିଟର ପ୍ରତି) ସିଞ୍ଚନ କରାଯାଏ। ଅନ୍ୟ ରୋଗପୋକ ପରିଚାଳନା ଶିମ୍ବ ପରି ହୋଇଥାଏ। ଏକର ପ୍ରତି ୪୦-୬୦ (ବୁଦାଜାତୀୟ) ଓ ୬୦-୮୦ କୁଇଣ୍ଟାଲ (ଲଟାଜାତୀୟ) କଞ୍ଚା ବିନ୍ ଅମଳ ମିଳିଥାଏ। ପ୍ରଥମ ଅମଳ ୫୦-୫୫ ଦିନରେ ହୋଇ ଫସଲ ଅବଧି ୭୫ରୁ ୯୦ ଦିନରେ ହୋଇଥାଏ।

-ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

# ଶାର୍ଦ୍ଦୂଳଙ୍କୁ ୭ ଉଇକେଟ


ଶାର୍ଦ୍ଦୂଳ ଠାକୁର

ଜୋହାନ୍ସବର୍ଗ,୪।୧

ୱାଣ୍ଡରର୍ସ ଷ୍ଟାଡିୟମରେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଦକ୍ଷିଣ ଆଫ୍ରିକା ଅଗ୍ରଣୀ ହାସଲ କରିଛି। ତେବେ ମ୍ୟାଚ୍ ରୋମାଞ୍ଚକ ମୋଡ୍ରେ ପହଞ୍ଚିଛି। ଭାରତୀୟ ଦ୍ରୁତ ବୋଲର ଶାର୍ଦ୍ଦୂଳ ଠାକୁର ୬୧ ରନ ବ୍ୟୟ କରି ୭ ଉଇକେଟ ଅକ୍ତିଆର କରିବା ସହ ଭାରତର ପ୍ରତ୍ୟାବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଭାରତ ପ୍ରଥମ ଇନିଂସରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୬୩.୧ ଓଭରରେ ୨୦୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୭୯.୪ ଓଭରରେ ୨୨୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ୨୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୮୫ ରନ କରିଛି। ଫଳରେ ଭାରତ ୮ ଉଇକେଟ ହାତରେ ରଖି ୫୮ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଚେତେଶ୍ୱର ପୂଜାରା ୩୫ ଓ ଅଜିଙ୍କ୍ୟ ରାହାନେ ୧୧ ରନକରି ଅପରାଜିତ ଅଛନ୍ତି। ଅଧିନାୟକ ଲୋକେଶ ରାହୁଲ ୮ ରନକରି ମାର୍କୋ ଜାନସେନଙ୍କ ବଲରେ ଦ୍ୱିତୀୟ ସ୍ଲିପ୍ରେ ଏଡେନ ମାରାକ୍ରାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ୨୩ ରନକରି ମୟଙ୍କ ଅଗ୍ରୱାଲ ଡୁଏନ ଓଲିଭରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।

### ଭାରତର ପ୍ରତ୍ୟାବର୍ତ୍ତନ

ଓଭରନାଇଟ୍ ସ୍କୋର ୩୫/୧ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅଲଆଉଟ ହୋଇଥିଲା। ଦ୍ୱିତୀୟ ଦିବସରେ ଠାକୁରଙ୍କ ଦମ୍ଦାର ବୋଲିଂ ବଳରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା। ଅପରାଜିତ ଥିବା ଅଧିନାୟକ ଡିନ୍ ଏଲଗାର ଓ କିଗାନ ପିଟରସନ ଯଥାକ୍ରମେ ୧୧ ଓ ୧୪ ରନରୁ ଖେଳ ଆରମ୍ଭ କରିଥିଲେ। ଏଲଗାର ୨୮ ରନ କରି ଠାକୁରଙ୍କ ବଲ୍ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ପିଟରସନ ୬୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦ୍ୱିତୀୟ ସ୍ଲିପ୍ରେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଦ୍ୱାରା ଆଉଟ ହୋଇଥିଲେ। ରାସି ଭାନ ଡେର ଡୁସେନ ମାତ୍ର ୧ ରନ କରିଥିବା ବେଳେ ପନ୍ତଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ୨୧ ରନ କରିଥିବା ବେଳେ କାଏଲ ଭେରେନ ଠାକୁରଙ୍କ ବଲ୍ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ୬୦ ବଲରୁ ୬ ଚୌକା ଓ ୧ ଛକା ସହ ଦ୍ରୁତ ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଟେମ୍ବା ବଭୁମା ପନ୍ତଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଖାତା ଖୋଲିବା ପୂର୍ବରୁ କାଗିସୋ ରାବାଡ଼ା ମିଡ୍ ଅନ୍ରେ ମହମ୍ମଦ ସିରାଜଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। କେଶବ ମହାରାଜ ୨୯ ବଲରୁ ୩ ଚୌକା ସହ ୨୧ ରନ କରିଥିବା ବେଳେ ବୁମ୍ରାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ମାର୍କୋ ଜାନସେନ ୨୧ ରନକରି ଏକ୍ସଟ୍ରା କଭର ଅଞ୍ଚଳରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଷଷ୍ଠ ଶିକାର ହୋଇଥିଲେ। ଶେଷରେ ଲୁନ୍‌ଗି ଏନ୍‌ଗିଡି ଅନ୍ତିମ ଉଇକେଟ ଭାବେ ଖାତା ଖୋଲିବା ପୂର୍ବରୁ ଠାକୁରଙ୍କ ବଲରେ ଉଇକେଟ ପଛରେ ପନ୍ତଙ୍କୁ କ୍ୟାଚ ଦେଇଥିଲେ। ଏଥିସହ ଠାକୁର କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ୧୯୯୨ ପରେ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପରେ ୱାଣ୍ଡରର୍ସରେ ଠାକୁର ଯୁଗ୍ମ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ମାଥ୍ୟୁ ହୋଗାର୍ଡ ୨୦୦୪-୦୫ରେ ସମାନ ୬୧ ରନ ବ୍ୟୟ କରି ୭ ଉଇକେଟ ଅକ୍ତିଆର କରିଥିଲେ। ବୋଲିଂରେ ଭାରତ ପାଇଁ ଠାକୁର ସର୍ବାଧିକ ୭, ମହମ୍ମଦ ସାମି ୨, ଯଶପ୍ରୀତ ବୁମ୍ରା ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୦୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୭୯.୪ ଓଭରରେ ୨୨୯/ଅଲଆଉଟ (ପିଟରସନ- ୬୨, ବଭୁମା- ୫୧, ଏଲଗାର- ୨୮, ଭେରେନ- ୨୧, ଜାନସେନ- ୨୧, ମହାରାଜ- ୨୧, ଠାକୁର- ୭/୬୧, ସାମି- ୨/୫୨, ବୁମ୍ରା- ୧/୪୯)। ଭାରତ ଦ୍ୱିତୀୟ ଇନିଂସ: ୮୫/୨ (ପୂଜାରା- ୩୫*, ରାହାନେ- ୧୧*, ଓଲିଭର- ୧/୨୨, ଜାନସେନ- ୧/୧୮)।

### ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ପାଇଁ ଶ୍ରେଷ୍ଠ ବୋଲିଂ ଫିଗର

| ବୋଲିଂ | ବୋଲର | ଭେନ୍ୟୁ | ମସିହା |
|---|---|---|---|
| ୭/୬୧ | ଶାର୍ଦ୍ଦୂଳ ଠାକୁର | ଜୋହାନ୍ସବର୍ଗ | ୨୦୨୧/୨୨* |
| ୭/୬୬ | ରବିଚନ୍ଦ୍ରନ ଅଶ୍ୱିନ | ନାଗପୁର | ୨୦୧୫/୧୬ |
| ୭/୮୭ | ହରଭଜନ ସିଂ | କୋଲକାତା | ୨୦୦୪/୦୫ |
| ୭/୧୨୦ | ହରଭଜନ ସିଂ | କେପଟାଉନ | ୨୦୧୦/୧୧ |

# ଗ୍ରୀନ୍ସ ୨ ରନରେ ବିଜୟୀ

ଭୁବନେଶ୍ୱର, ୪।୧(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍ସ କ୍ଲବ ମାତ୍ର ୨ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୦.୫ ଓଭରରେ ୧୩୪ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଜେ. ପାଣ୍ଡେ ସର୍ବାଧିକ ୪୦ ରନ କରିଥିବାବେଳେ ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଟାଉନ୍ କ୍ଲବର ଶ୍ଳୋକ ସଂକଳ୍ପ ଚମତ୍କାର ବୋଲିଂ କରି ୭ ଓଭରରେ ୨ଟି ମେଡେନ ନେବାସହ ମାତ୍ର ୭ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ସ୍ୱସ୍ତି ସ୍ୱୟମ ନନ୍ଦ ୩ଟି ଉଇକେଟ ନେଇଥିଲେ। ୧୩୫ ରନ ବିଜୟ ଲକ୍ଷ୍ୟରେ ଟାଉନ୍ କ୍ଲବ ପୂରା ୩୫ ଓଭର ଖେଳିଥିଲେ ହେଁ ୬ ଉଇକେଟ ହରାଇ ୧୩୨ ରନରେ ସୀମିତ ରହି ଯାଇଥିଲା। ସ୍ୱସ୍ତି ସ୍ୱୟମ ୩୩, ଅଧିନାୟକ ଆୟୁଷ ଅମ୍ଳାନ ୨୫ ରନ କରି ଆଉଟ ହୋଇଥିବାବେଳେ ଆୟୁଷ୍ମାନ ଜେନା ୨୮ ରନରେ ଅପରାଜିତ ରହିଥିଲେ। ବିଜୟୀ ଦଳର ଅଧିନାୟକ ଅଭିଜିତ ମହାନ୍ତି ଓ ଅଂଶୁମାନ ରାଜଗୁରୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ପାଇଁ ଶ୍ଳୋକ ସଂକଳ୍ପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରଜିତ ସିଂ ଅତିଥିଭାବେ ଯୋଗଦେଇଥିଲେ। ଅମ୍ପାୟର ସୁରେଶ ଦାଶ ଓ ଶରତ ସାହୁ ମ୍ୟାଚ ପରିଚାଳନା କରିଥିଲେ।



ଶ୍ଳୋକ ସଂକଳ୍ପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ମା’ ଚର୍ଚ୍ଚିକା ଚେସ୍: ସୌମ୍ୟଙ୍କୁ ଟାଇଟଲ

ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି)

ବାଙ୍କୀ ଚେସ୍ ଆସୋସିଏଶନ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨ୟ ମା’ ଚର୍ଚ୍ଚିକା ଅନ୍‌ଲାଇନ୍ ଓପନ ଚେସ୍ରେ ଫିଡେ ମାଷ୍ଟର ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ସୌମ୍ୟ ୬.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆନ୍ଧ୍ରପ୍ରଦେଶର ମହେନ୍ଦ୍ର ତେଜା ମେକଲା ରନର୍ସଅପ୍ ଓ କଟକର ରବୀନ୍ଦ୍ର ଓଝା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ୬ ପଏଣ୍ଟ ଲେଖାଏ ପାଇଛନ୍ତି। ଅଷ୍ଟ୍ରେଲିଆର ପ୍ରବୀନ୍ ଜିଭା ଓ ବାଲେଶ୍ୱରର ଅମରେନ୍ଦ୍ର ଖମାରି ମଧ୍ୟ ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଆଦିତ୍ୟ ବିକ୍ରମ ମିଶ୍ର, ସଙ୍କେତ ସାଗର ଦାଶ (ଉଭୟେ ୫.୫ ପଏଣ୍ଟ), ମନୋଜ କୁମାର ତ୍ରିପାଠୀ, ଚନ୍ଦନ କୁମାର ପ୍ରଧାନ, ଦିବ୍ୟଜ୍ୟୋତି ରାଉତ (ସମସ୍ତେ ୫ ପଏଣ୍ଟ), ଜ୍ଞାନ ରଞ୍ଜନ ପରିଡ଼ା ଓ ଏନ. ସୁନ୍ଦର ରାଜନ (ଉଭୟେ ୪.୫) ଟପ୍-୧୨ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶ୍ରେୟାସ କୁମାର ବେହୁରିଆ, ଉଦୟ ପରିଡ଼ା, ରିୟାଂଶ ମହାପାତ୍ର, ହିରନ ନସ୍କର, ଅଂଶୁମାନ ପତି, ବାଳିକା ପ୍ରତିଯୋଗୀ ଅଭିକା ଦାସ ଓ ଭେଟେରାନ ଖେଳାଳି ଭୀମସେନ ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗୁଗଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତା ଉଦ୍‌ଘାଟନ କରାଯାଇଥିଲା। ମୁମ୍ବାଇସ୍ଥିତ ରୟାଲ ଡ୍ରାଏ ଫ୍ରୁଟ୍ସର ସେଲ୍ସ ଆଣ୍ଡ ମାର୍କେଟିଂ ମୁଖ୍ୟ ଅମରେଶ ମିଶ୍ର ମୁଖ୍ୟ ଅତିଥି ଏବଂ ସ୍ଥପତି ତନୁସୋଭନ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବାଙ୍କୀ ଚେସ୍ ଆସୋସିଏଶନ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ସମ୍ପାଦକ ଚନ୍ଦନ କୁମାର ପ୍ରଧାନ, ପରାମର୍ଶଦାତା ଦେବାଶିଷ ପାଣିଗ୍ରାହୀ, ମୁଖ୍ୟ ଆର୍ବିଟର ଦୀପକ କୁମାର ପଲାଇ, ସହକାରୀ ଆର୍ବିଟର ପ୍ରଭାତ ନାଥ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।


ସୌମ୍ୟରଞ୍ଜନ ମିଶ୍ର

# କିଟ୍ ମହିଳା, ଉତ୍କଳ ପୁରୁଷ ଦଳ ବିଜୟୀ

**ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ (ମହିଳା/ପୁରୁଷ) ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ୧୬ଟି ଲେଖାଏ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ଏଲଏନ୍‌ଆଇପି ଗ୍ୱାଲିୟରକୁ ପରାସ୍ତ କରିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ପୁରୁଷ ଦଳ ଔରଙ୍ଗାବାଦର ବି.ଆର. ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।

# ନ୍ୟାଶନାଲ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ସ୍ଥଗିତ

**ନୂଆଦିଲ୍ଲୀ, ୪।୧ (ପି.ଟି.):** କୋଭିଡ୍‌ଜନିତ ପରିସ୍ଥିତି ଯୋଗୁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଜାନୁୟାରୀ ୨୭ରୁ ୨୯ ପର୍ଯ୍ୟନ୍ତ ଭୋପାଳଠାରେ ହେବାକୁଥିବା ନ୍ୟାଶନାଲ ୟୁଥ୍ ଚାମ୍ପିୟନଶିପ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଘୁଞ୍ଚାଇ ଦେଇଛି। କୁଏଟରେ ମାର୍ଚ୍ଚ ୧ରୁ ୪ ହେବାକୁ ଥିବା ୪ର୍ଥ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଲାଗି ନ୍ୟାଶନାଲ ୟୁଥ୍ ଚାମ୍ପିୟନଶିପ୍‌କୁ ସିଲେକ୍ସନ ଟ୍ରାଏଲ୍ସ ଭାବେ ବିବେଚନା କରାଯାଏ। ମାତ୍ର କୋଭିଡ୍ କାରଣରୁ ୪ର୍ଥ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଥିବାରୁ ଏଏଫ୍ଆଇ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଚିଲିକାରେ ପକ୍ଷୀ ସଂଖ୍ୟା ୧୬% କମିଲା

ବାଲୁଗାଁ,୪।୧(ଡି.ଏନ୍.ଏ.)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ମଙ୍ଗଳବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ମୋଟ ୧୦ଲକ୍ଷ ୭୪ହଜାର ୧୭୩ଟି ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତବର୍ଷ ୧୨ଲକ୍ଷ ୪୨ହଜାର ୮୨୬ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧ଲକ୍ଷ ୬୮ହଜାର ୬୫୩ ପକ୍ଷୀ ଅର୍ଥାତ୍ ୧୬ପ୍ରତିଶତ ହ୍ରାସ ପାଇଥିବା ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସେହିପରି ୧୫.୫୩ ବର୍ଗ କି.ମି ପରିବ୍ୟାପ୍ତ ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୯୭ପ୍ରଜାତିର ୩ଲକ୍ଷ ୫୮ହଜାର ୮୮୯ଟି ପକ୍ଷୀଙ୍କ ସମାଗମ ହୋଇଛି। ଗତବର୍ଷ ଏଠାରେ ୪ ଲକ୍ଷ ୨୪ହଜାର ୭୮୮ପକ୍ଷୀଙ୍କ ସମାଗମ ହୋଇଥିଲା। ଏଠାରେ ମଧ୍ୟ ଚଳିତ ବର୍ଷ ୬୫ ହଜାର ୮୮୯ଟି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି । ଗତ ବର୍ଷ ୧୯୦ ପ୍ରଜାତିର ସ୍ଥାନୀୟ ଓ ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୩ଟି ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାଯାଇଛି। ସେଥିମଧ୍ୟରୁ ବିଦେଶାଗତ ୧୦୭ ଓ ସ୍ଥାନୀୟ ୭୬ ପ୍ରଜାତିର ପକ୍ଷୀ ଅଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦନ ପିଣ୍ଟେଲ୍ ୧ଲକ୍ଷ ୭୨ହଜାର ୨୮୫, ଗଡୱାଲ୧ଲକ୍ଷ ୫୩ହଜାର ୯୮୫, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୫୦ହଜାର ୮୪୩ ଏବଂ ଗଡୱିଟ୍ ୫୫ହଜାର ୩୦୩ ସଂଖ୍ୟାରେ ଅଛନ୍ତି । ତେବେ ଚିଲିକାର ଶୋଭା ବର୍ଦ୍ଧନକାରୀ ସବୁଠାରୁ ଆକର୍ଷଣୀୟ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ କିଛିବର୍ଷ ହେବ ଲୋପ ପାଇ ଗତ ବର୍ଷ ଏହି ପକ୍ଷୀ ମାତ୍ର ୭୧ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ କିନ୍ତୁ ଏହି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୨୦୪୦ରେ ପହଞ୍ଚିଛି। ପକ୍ଷୀ ପ୍ରେମୀ ଓ ବିଶାରଦଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ ବହୁ ବର୍ଷ ଧରି ଚିଲିକାରେ ଦେଖିବାକୁ ମିଳୁନଥିବା ମଙ୍ଗୋଲଏଡ଼ଗଲ ପ୍ରଜାତିର ପକ୍ଷୀ ଚଳିତ ବର୍ଷ ୨ଟି ଦେଖାଯାଇଛି ।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳକୁ ନିୟୋଜିତ କରାଯାଇଥିଲା। ନଳବଣରେ କେବଳ ୬ଟି ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨, ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ତଥା ବାଲିପାଟପୁର ଠାରୁ ସାତ ଭାୟା, ରମ୍ଭା, ମଙ୍ଗଳାଯୋଡ଼ି ଠାରୁ ଭୂଷଣ୍ଡପୁର, ସୋରଣ ଠାରୁ ନଈରୀ, କୃଷ୍ଣପ୍ରସାଦ, କାଳିଜାଇ ଠାରୁ ଚନ୍ଦ୍ରାପୁଟ, ସାତପଡ଼ା ଠାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦ ଠାରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରିଥିଲେ। ପକ୍ଷୀ ଗଣନାକାରୀଙ୍କୁ ମୋଟ ୨୧ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ମଙ୍ଗଳବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପକ୍ଷୀଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟ୍‌ର ନିର୍ଦ୍ଦେଶକ ଡ.ବିଭାସ ପାଣ୍ଡବ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବ୍ରହ୍ମପୁର ସର୍କଲ ପ୍ରଶାନ୍ତ କୁମାର ମିଶ୍ର, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଜ୍ୟୋତି କୋଟାଲ, ଏସିଏଫ୍ ଶରତ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୦୬ ଜଣ ଗଣନା କାର୍ଯ୍ୟରେ ସାମିଲ୍ ହୋଇ ଦିଗ୍‌ଦର୍ଶନ ଦେଇଥିଲେ। ତେବେ ସମଗ୍ର ଚିଲିକାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ହ୍ରାସର କାରଣ ସମ୍ପର୍କରେ ପିସିସିଏଫ୍ ପ୍ରଶାନ୍ତ ମିଶ୍ର କହିଛନ୍ତି, ଚିଲିକାରେ ଜଳସ୍ତର ଅଧିକା ଥିବା ହେତୁ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବିଶେଷକରି ତଟବର୍ତ୍ତୀ ଅଞ୍ଚଳ ଚାଷଜମି ଉପରେ ନିର୍ଭର କରି ସମାଗମ ହୋଇଥିବା ସେ କହିଛନ୍ତି।

### ଏ ବର୍ଷ ୧୦ ଲକ୍ଷ ୭୪ ହଜାର ୧୭୩ ପକ୍ଷୀଙ୍କ ଆଗମନ



### ୫ ବର୍ଷର ଚିଲିକାରେ ପକ୍ଷୀ ସାରଣୀ

| ମସିହା | ସମଗ୍ର ଚିଲିକା | ନଳବଣ |
|---|---|---|
| ୨୦୧୮ | ୮,୯୩, ୩୯୦ | ୩,୨୦, ୮୨୬ |
| ୨୦୧୯ | ୧୦,୪୭,୯୬୮ | ୩,୯୩,୫୪୧ |
| ୨୦୨୦ | ୧୧,୦୫,୦୪୦ | ୪,୦୬,୩୦୮ |
| ୨୦୨୧ | ୧୨,୪୨,୮୨୬ | ୪,୨୪,୭୮୮ |
| ୨୦୨୨ | ୧୦,୭୪,୧୭୩ | ୩,୫୮,୮୮୯ |

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ



**ଖୋର୍ଦ୍ଧା ଅଫିସ,୪।୧:** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ମଙ୍ଗଳବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ଏସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପଲ୍ଲାତୋଟାପଡ଼ା ପଞ୍ଚାୟତର ଜାମୁସାହି-ବେରୁହାଁ ଏବଂ ପଲା-ଗୁଡୁମ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ବାଜପୁର ଓ ନନ୍ଦପୁରକୁ ସଂଯୋଗୀକରଣ ବାଜପୁର-ଦୁର୍ଗାପୁର ରାସ୍ତା, ବେଣାପଞ୍ଜରୀରୁ ଛତ୍ରମା, ଟାଙ୍ଗୀ ବ୍ଲକର ରମ୍ଭାବିଲରୁ ଡମଣଭୂଇଁ, ନିରାକାରପୁରରୁ ତାଳପଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଅନୁରୂପ ଭାବେ ବ୍ରଜମୋହନପୁର ପଞ୍ଚାୟତ କାର୍ଯ୍ୟାଳୟ, ମିଶନ ଶକ୍ତି ଗୃହ ଏବଂ ଏକ କଲ୍ୟାଣ ମଣ୍ଡପର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବିଜ୍ଞାନଭିତ୍ତିକ କର୍ମଶାଳା

**ବାଲିପାଟଣା,୪।୧(ଡି.ଏନ୍.ଏ.):** ଅଠାନ୍ତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଏକ ବିଜ୍ଞାନଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ, ପ୍ରଫେସର ବିଭୂତି ଭୂଷଣ ମିଶ୍ର, ପ୍ରଫେସର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଅନ୍ଧବିଶ୍ୱାସକୁ ପରିହାର କରି ବିଜ୍ଞାନନୁମୋଦିତ ହୋଇ ସମାଜର ହିତ ପାଇଁ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରିବାକୁ ଉପସ୍ଥିତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମ୍ନି କମିଟି ସଭ୍ୟ ଅଜୟ ଦାସ, ମହେଶ୍ୱର ବେହେରା ଓ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସାହୁ କର୍ମଶାଳା ପରିଚାଳନା କରିଥିଲେ।

### ଲିଙ୍ଗରାଜଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ଦାବି

**ପୁରୁଣା ଭୁବନେଶ୍ୱର,୪।୧(ଡି.ଏନ୍.ଏ):** ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତିକୁ କେତେଜଣ ବ୍ୟକ୍ତି ହଡପ କରିନେଇଛନ୍ତି। ଏହି ଭୂସମ୍ପତ୍ତି ଫେରାଇ ଆଣିବାକୁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାରଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଶ୍ରୀଲିଙ୍ଗରାଜଙ୍କ ଭୀମପୁର ମୌଜାର ଭୂସମ୍ପତ୍ତି ଖାତା ନଂ. ୧୯୩୫ ହାଲ ଖାତା ନଂ ୪୩୩ ଯାହାକି ଚକ୍ରକତା ପୂର୍ବକ କେତେଜଣ ବ୍ୟକ୍ତି ନିଜ ନାମରେ କରିନେଇଛନ୍ତି। ଏହାସହ ସେଠାରେ ଅଟ୍ଟାଳିକା ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ଏକାମ୍ର ଜନଜାଗରଣ ମଞ୍ଚ ଏବଂ ଅନ୍ୟ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ରାଜସ୍ୱ ବିଭାଗ ନିର୍ଦ୍ଦେଶ ପରେ ମନ୍ଦିର ପ୍ରଶାସନ ଏନେଇ ଏକ ମାମଲା ରୁଜୁ କରି ଚୁପ ବସି ପଡିଛି। ତୁରନ୍ତ ଠାକୁରଙ୍କ ଭୂସମ୍ପତ୍ତି ଜମିକୁ ଫେରାଇ ଆଣିବାକୁ ଦାବି ହୋଇଛି।

## ଦାୟିତ୍ୱ ଗ୍ରହଣ କଲେ ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ



ନୂଆ ଟ୍ରାଫିକ୍ ଡିସିପି ଏସ୍.ସୁଶ୍ରୀ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ନୂଆ ଟ୍ରାଫିକ ଡିସିପି ଭାବେ ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ୍.ସୁଶ୍ରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୨୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦେବା ପରେ ସେ ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ କେସିଙ୍ଗାରେ ଥିଲି, ଭୁବନେଶ୍ୱରକୁ ନୂଆ ଆସିଛି। ଏଠାରେ ଥିବା ସମସ୍ୟା ସମ୍ପର୍କରେ ପ୍ରଥମେ ଅବଗତ ହେବି ଓ ଏହି ସମସ୍ୟାର ସମାଧାନ ପାଇଁ ସର୍ବୋତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିବି। ଏଥିସହ ସହରର ସ୍ଥିତି ସୁଧାରିବା ଓ ଲୋକଙ୍କ ଆତଯାତ ଜୀବନଶୈଳୀରେ ସୁଧାର ଆଣିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି। ସୁଶ୍ରୀଙ୍କ ପାଇଁ ଟ୍ୱିନ୍‌ସିଟିର ଟ୍ରାଫିକ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ହେବ। ସହରର ଟ୍ରାଫିକ୍ ଜାମ୍ ହଟାଇବା ସହ ନିୟମ ଉଲ୍ଲଂଘନକାରୀଙ୍କୁ ସେ କିଭଳି ସାବାଡ୍ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ଏସ୍. ସୁଶ୍ରୀ ୧୯୯୫ ଅକ୍ଟୋବର ୨୨ରେ କେରଳ କୋଲାମ ଜିଲାରେ ଜନ୍ମଗ୍ରହଣ କରିଥିଲେ। ୨୦୧୮ରେ ଭାରତୀୟ ପୋଲିସ ସେବା ପରୀକ୍ଷାରେ ୧୫୧ ର୍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହ ମାତ୍ର ୨୩ ବର୍ଷ ବୟସରେ ସେ ଦେଶର ସର୍ବକନିଷ୍ଠ ଆଇପିଏସ୍ ଅଫିସର ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ଓଡିଶା କ୍ୟାଡରରେ ଯୋଗଦେଇ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଏସ୍‌ଡିପିଓ ହୋଇଥିଲେ।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଉଦ୍‌ଘାଟିତ ନାଟ୍ୟ ମହୋତ୍ସବ-୨୦୨୨ରେ ପରିବେଷିତ ନାଟକ 'ଚିଠି'ର ଏକ ଦୃଶ୍ୟ।

## ନାଇଜର ହଷ୍ଟେଲ ସପ୍ତାହେ କଣ୍ଟେନମେଣ୍ଟ

**ଖୋର୍ଦ୍ଧା ଅଫିସ/ଜଟଣୀ,୪।୧(ଡି.ଏନ୍.ଏ.):** ଭୁବନେଶ୍ୱର ନାଇଜରର ୩୧ଜଣ ଛାତ୍ରୀଛାତ୍ର କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନର ମୁଣ୍ଡ ବ୍ୟଥା ବଢ଼ିଛି। ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଗଙ୍ଗା, ଯମୁନା ଓ କାବେରୀ ହଷ୍ଟେଲକୁ ସାନିଟାଇଜ କରାଯାଇଛି ବୋଲି ନାଇଜର ରେଜିଷ୍ଟ୍ରାର ଅଭୟ ନାୟକ ସୂଚନା ଦେଇଛନ୍ତି। ଏତେସଂଖ୍ୟକ ଛାତ୍ରୀଛାତ୍ର ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ହଷ୍ଟେଲକୁ ସୋମବାର ରାତିରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

### ନନ୍ଦନକାନନରେ ୧୩ ଶାବକ ଜନ୍ମ, କୃଷ୍ଣସାର ମୃଗ ମୃତ

ବାରଙ୍ଗ,୪।୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବିଭିନ୍ନ ଏନ୍‌କ୍ଲୋଜର ଓ ତୃଣଭୋଜି ସଫାରିରେ ରହୁଥିବା କୃଷ୍ଣସାର ମୃଗ, କୁଜି ହରିଣ, ଚିତ୍ରା ହରିଣ, ପାଇନାପୁଲ ଓ ପାରାକିଟ ଆଦି ପଶୁପକ୍ଷୀ ମଙ୍ଗଳବାର ୧୩ ଶାବକ ଜନ୍ମ ଦେଇଥିବା ବେଳେ ଗୋଟିଏ କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ତୃଣଭୋଜି ସଫାରିରେ ରହୁଥିବା ୫ବର୍ଷର ଅଣ୍ଡିରା କୃଷ୍ଣସାର ମୃଗ ଦୀର୍ଘଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ମଙ୍ଗଳବାର ସକାଳେ ତା'ର ମୃତ୍ୟୁ ଘଟିଛି। ସେହିପରି ପ୍ରଥମ ଶାବକ ଭାବେ ପ୍ରାଣୀ ଉଦ୍ୟାନର ତୃଣଭୋଜି ସଫାରିରେ ୫ଟି ଚିତ୍ରାହରିଣ ଶାବକ, ୭୦ନମ୍ବର ଏନ୍‌କ୍ଲୋଜରରେ୨ଟି କୁଜି ହରିଣ ଶାବକ, ୬୭ ନମ୍ବର (ଖ) ଏନ୍‌କ୍ଲୋଜରରେ ଗୋଟିଏ ଚିତ୍ରାହରିଣ, ୬୬ ନମ୍ବର ଏନ୍‌କ୍ଲୋଜରରେ ୩ଟି କୃଷ୍ଣସାର ମୃଗ, ବିହଙ୍ଗ ସରଣୀରେ ଗୋଟିଏ ପାଇନାପୁଲ ଓ ଗୋଟିଏ ପାରାକିଟ ଶାବକ ଜନ୍ମ ହୋଇଛନ୍ତି। ସମସ୍ତ ନବଜାତ ଶାବକ ଓ ମା' ସୁସ୍ଥ ଥିବା ଜଣାପଡିଛି।

### ନଦୀରେ ବୁଡ଼ି ବୃଦ୍ଧ ମୃତ

ବାରଙ୍ଗ,୪।୧(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବରିମୁଣ୍ଡ ଗ୍ରାମ ନିକଟ କୁଆଖାଇ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରିମୁଣ୍ଡ ଗ୍ରାମର ନୀଳମଣି ନାୟକ(୭୦)। ପୂର୍ବାହ୍ନରେ ନୀଳମଣି କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜିକରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ମଧ୍ୟାହ୍ନରେ ଗ୍ରାମର କେତେଜଣ ଯୁବକ ଜଣେ ବୃଦ୍ଧଙ୍କ ମୃତଦେହ ନଦୀକୂଳରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଏହାପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ମଞ୍ଚେଶ୍ୱର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମାର୍କେଟ୍ ବିଲ୍ଡିଂ ବନ୍ଦ କଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୪।୧(ବ୍ୟୁରୋ)

- ଉଠାଦୋକାନୀଙ୍କୁ ଉଠାଇବା ଜିଦ୍‌ରେ ଅଟଳ
- ଆଜି ବିଏମ୍‌ସି ସହ ସଂଘର ଆଲୋଚନା

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏମାନଙ୍କ ପାଇଁ ମାର୍କେଟ ପରିସରରେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାସହ ଅଯଥା ଭିଡ଼ ହେଉଛି। ଏପରି ଅଭିଯୋଗ ଆଣି ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମଙ୍ଗଳବାର ଜଣେ ମହିଳା ଉଠା ଦୋକାନୀ ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ କରିବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂକୁ ବ୍ୟବସାୟୀ ସଂଘ ବନ୍ଦ ଘୋଷଣା କରିଥିଲା। ଘଟଣାସ୍ଥଳରେ ବିଏମ୍‌ସି ଅଧିକାରୀ ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉତ୍ତେଜିତ ବ୍ୟବସାୟୀମାନଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ବିଏମ୍‌ସି ଅଧିକାରୀଙ୍କ ସହ ସଂଘର ଏକ ବୈଠକ ଡକାଯାଇଛି। ସେଠାରେ ଦୋକାନୀମାନେ ନିଜ ସମସ୍ୟା ସମ୍ପର୍କରେ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିବେ। ଯଦି ସନ୍ତୋଷଜନକ ପ୍ରତିଶ୍ରୁତି ମିଳିଲା, ତେବେ ସେମାନେ ଆନ୍ଦୋଳନରୁ ହଟିବା ସହ ଦୋକାନ ଖୋଲିବେ। ନଚେତ୍ ସେମିତି ଦୋକାନ ବନ୍ଦ ରଖି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ଚେତାବନୀ ଦେଇଛି। ମାର୍କେଟ୍ ବିଲ୍ଡିଂରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି। ଲଗାତର ଦୁଇ ତିନିଦିନ ହେବ କେତେଜଣ ଉଠା ଦୋକାନୀ ମାରପିଟ୍, ଝଗଡ଼ା, ଗାଡ଼ି ଭଙ୍ଗାରୁଜା ଆଦି କରୁଥିବା ସଂଘ ଅଭିଯୋଗ ଆଣିଛି। ସେମାନେ ମାର୍କେଟ୍ ବିଲ୍ଡିଂ ମଝିରେ ବସି ବ୍ୟବସାୟ କରୁଛନ୍ତି। ଯିଏ ପାରୁଛି ଯେଉଁଠି ବସି ବେପାର କରୁଛି। ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଗ୍ରାହକ ଓ ସ୍ଥାୟୀ ଦୋକାନ ମାଲିକଙ୍କୁ ମଧ୍ୟ ଧମକ ଦେଉଛନ୍ତି। ଗାଡ଼ି ଭଙ୍ଗାରୁଜା କରୁଛନ୍ତ। ସେମାନଙ୍କ ପାଇଁ ମାର୍କେଟ୍ ବିଲ୍ଡିଂରେ ଅଯଥା ଗହଳି ହେଉଛି। ରାସ୍ତାରେ ଯାଆ ଆସ କରି ହେଉନାହିଁ। ସାଧାରଣ ଲୋକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କରୋନା ସମୟରେ ଭିଡ଼ ମଧ୍ୟ ଜମୁଛି। ଭିଡ଼ର ସୁଯୋଗ ନେଇ ଚୋରି ଓ ନାନା ଅପରାଧ ଘଟୁଛି। ଉଠା ଦୋକାନୀଙ୍କ ପାଇଁ ଦୋକାନ ଭଡ଼ା ନେଇ ବେପାର କରୁଥିବା ବ୍ୟବସାୟୀଙ୍କର ଘାଟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।





ବ୍ୟବସାୟୀମାନେ ଦୋକାନ ବନ୍ଦ କରି ହୋହଲ୍ଲା କରୁଛନ୍ତି।

DSPL-372

## ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜିକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

**ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

# ଚିଠା ତାଲିକାକୁ ନେଇ ବଢୁଛି ଅସନ୍ତୋଷ

ଖୋର୍ଦ୍ଧା ଅଫିସ, ୪।୧

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ପଦବୀ ସଂରକ୍ଷିତ ଚିଠା ତାଲିକା ପ୍ରକାଶ ପାଇଛି। ଏହି ପଦବୀ ପାଇଁ ବିଭିନ୍ନ ବର୍ଗ ସଂରକ୍ଷିତ ରହିଛି। ତେବେ ଚିଠା ତାଲିକାରେ ପ୍ରକାଶିତ ସଂରକ୍ଷିତ ଆସନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରୁ ଓବିସି ସଂରକ୍ଷଣ ଉଚ୍ଛେଦ ପରେ ଏବେ ବିଭିନ୍ନ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ଏନେଇ ବିଭିନ୍ନ ଆଦିବାସୀ ଏବଂ ସାମାଜିକ ଅନୁଷ୍ଠାନ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଜଟଣୀ ବ୍ଲକ ଅନ୍ତର୍ଗତ ପଧାନସାହି ଗ୍ରାମପଞ୍ଚାୟତର ସଂରକ୍ଷିତ ତାଲିକା ଉପରେ ଅସନ୍ତୋଷ ପ୍ରକାଶ କରି ସାମାଜିକକର୍ମୀ ନାମକ ସାମାଜିକ ଅନୁଷ୍ଠାନର

### ଅନଶନରେ ବସିଲେ ଗ୍ରାମବାସୀ

କର୍ମକର୍ତ୍ତା ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ସରପଞ୍ଚ ପଦବୀରେ ତଫସିଲଭୁକ୍ତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଆଜିକୁ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପଞ୍ଚାୟତ ସାଧାରଣ ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣର ସୁବିଧା ରହିଛି। ତଫସିଲଭୁକ୍ତ ବର୍ଗ ଜାତିର ଲୋକେ ଉପେକ୍ଷିତ ହେଉଛନ୍ତି। ସମ୍ବିଧାନିକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛୁ। ପୂର୍ବ ଚିଠା ପ୍ରସ୍ତାବିତ ତାଲିକାରେ ସରପଞ୍ଚ ପଦବୀ ତଫସିଲଭୁକ୍ତ ଜାତି ପାଇଁ ସଂରକ୍ଷଣ ରହିଥିଲା। ତେବେ ପୁନଃ ପ୍ରକାଶିତ ତାଲିକାରେ ଏହି ବର୍ଗଙ୍କୁ ଉପେକ୍ଷା କରାଯାଇ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଅଗଣତାନ୍ତ୍ରିକ। ପୂର୍ବ ତାଲିକା ଅନୁଯାୟୀ ତଫସିଲଭୁକ୍ତ ଜାତି ବର୍ଗଙ୍କୁ ସୁଯୋଗ ଦେବା ପାଇଁ ଭାସ୍କର ସାମଲ, ବ୍ରଜମୋହନ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ପପୁ ଭୋଇ, ବିମ୍ବାଧର ଭୋଇ ପ୍ରମୁଖ ଦାବି କରିଛନ୍ତି। ଦାବି ଉପରେ ପୁନଃ ବିଚାର ନ କରାଯିବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ସେମାନେ କହିଛନ୍ତି।

ସେହିପରି ଜଟଣୀ ବ୍ଲକ ଯାଳାଁ ପଞ୍ଚାୟତର ଲୋକେ ସଂରକ୍ଷଣ ପରିବର୍ତ୍ତନ ନେଇ ପ୍ରତିବାଦ କରିଛନ୍ତି। ସେମାନେ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି, ଏହି ପଞ୍ଚାୟତ ପୂର୍ବରୁ ସାଧାରଣ ବର୍ଗ(ମହିଳା) ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏବେ ଚିଠା ସଂରକ୍ଷଣ ତାଲିକାରେ ସରପଞ୍ଚ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଞ୍ଚାୟତରେ ୮୧୦୭ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୦୫୮ ସାଧାରଣ ବର୍ଗ। ଏଣୁ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରଖିବାକୁ ସୁବ୍ରତ ଶେଖର ପଟ୍ଟନାୟକ, ସୁନିଲ କୁମାର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

### ଓବିସି ଉଚ୍ଛେଦ ଅଗଣତାନ୍ତ୍ରିକ

ଓବିସି କୋଟା ଉଚ୍ଛେଦ ପ୍ରତିବାଦରେ ଭାରତ ଏକତା ମିଶନ (ଭୀମ ଆର୍ମି) ଖୋର୍ଦ୍ଧା ଶାଖା ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଓବିସି ଉଚ୍ଛେଦ ବେଆଇନ ଏବଂ ଅଗଣତାନ୍ତ୍ରିକ ବୋଲି ସଭାପତି ସୁନୀଲ ନାୟକ, ଉପସଭାପତି ତୋଫାନ ଘଡେଇ, ସମ୍ପାଦକ ସର୍ବେଶ୍ୱର ନାୟକ, ମୋହନ ବେହେରା, ନିରଞ୍ଜନ ସେଠୀ ପ୍ରମୁଖ କହିଛନ୍ତି।

### ଆଦିବାସୀଙ୍କୁ ଅଣଦେଖା

ରାଜ୍ୟ ଶବର ସଂଘ ସଭାପତି ବିଦ୍ୟାଧର ଦେହୁରୀ କହିଛନ୍ତି, ରାଜ୍ୟ ସରକାର ଆଦିବାସୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି। ଶବର ଶ୍ରେଣୀର ଲୋକଙ୍କୁ ଅଣଦେଖା କରାଯାଇଛି। ପୂର୍ବରୁ ଆଦିବାସୀ ସମ୍ପ୍ରଦାୟ ପାଇଁ ସଂରକ୍ଷିତ ଆସନ ଥିଲା। ତେବେ ସମ୍ପ୍ରତି ପ୍ରକାଶିତ ତାଲିକାରେ ଏହି ସମ୍ପ୍ରଦାୟକୁ ବାଦ୍ ଦିଆଯାଇଛି। ସାମ୍ବିଧାନିକ ନିୟମାନୁଯାୟୀ ସଂରକ୍ଷଣ ଆସନ ବ୍ୟବସ୍ଥା କରାଯାଇ ଶବର ସମ୍ପ୍ରଦାୟଙ୍କୁ ରାଜନୈତିକ କ୍ଷେତ୍ରରେ ଅଧିକାର ପ୍ରଦାନ ଲାଗି ଦେହୁରୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

**ନିରାକାରପୁର,୪।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାରେ ମାଙ୍କଡ଼ା ପଥର ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ନିରାକାରପୁର ଥାନା ପୋଲିସ ମଙ୍ଗଳବାର ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ (ଓଡି ୧୩ଏଚ୍ ୯୬୩୨) ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ହେଲେ ପୁରୀ ଜିଲା ତିଗିରିଆ ଗ୍ରାମର ସୁଦର୍ଶନ ଜେନା। ଏନେଇ ଥାନାରେ ଏକ ମାମଲା(ନଂ.୧/୨୨) ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ଆଜି ଲୋକାର୍ପଣ ହେବ ଶିଳ୍ପ ତାଲିମ କେନ୍ଦ୍ର

**କୃଷ୍ଣପ୍ରସାଦ,୪।୧(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧମରେ ଲୋକାର୍ପଣ କରିବେ। ଏନେଇ ସ୍ଥାନୀୟ ପ୍ରଶାସନ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ମନୋଜ କୁମାର ନାୟକ, ଆଇଆଇସି ଦିଲୀପ କୁମାର ସ୍ୱାଇଁ , ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ପ୍ରମୋଦ କୁମାର ଧର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୱେତା ସୁଚରିତା ଦାସ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିର, ଲକ୍ଷ୍ମୀଧର ସାହୁ, ଅଭୟ ମହାପାତ୍ର, ଶାନ୍ତନୁ କୁମାର ମାଝୀ, ବିଜୟ କୁମାର ତରେଇ, ହେମନ୍ତ କୁମାର ଜେନା, ଅନୀତା ନାୟକ, ପ୍ରବୀର କୁମାର ନାୟକ ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି।

### ଚୋରି ଉଦ୍ୟମ ଅଭିଯୋଗ, ଯୁବକ ଗିରଫ

**ଯାଁଳା,୪।୧(ଡି.ଏନ୍.ଏ.):** ଚୋରି ଉଦ୍ୟମ ଅଭିଯୋଗରେ ଇଣ୍ଡୋଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗଙ୍ଗପଡ଼ା ଅଞ୍ଚଳର ପ୍ରକାଶ ସାହୁ। ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡା ପୁରୁଣା ଟୋଲଗେଟ୍ ନିକଟରେ ଲୁହା ରଡ୍ ଓ ପାଇପ୍ ରହିଥିଲା। ସୋମବାର ଦୁଇଜଣ ଦୁର୍ବୃତ୍ତ ଏହି ସାମଗ୍ରୀକୁ ଚୋରି କରୁଥିବା ବେଳେ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଗୋଡାଇବା ପରେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧/୨୨) ରୁଜୁକରି ପ୍ରକାଶଙ୍କୁ ଧରିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।



କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ।

## କଥା ହେବାକୁ ମୋବାଇଲ ନେଇ ୧.୨୦ଲକ୍ଷ ଠକିନେଲେ

ବାରଙ୍ଗ,୪।୧(ଡି.ଏନ୍.ଏ.)

କଥା ହେବାକୁ କହି ଗୋଡିସାହି ବଜାରରେ ତିଗିରିଆର ବିନ୍ଧାଣିଆ ଗ୍ରାମର ସୁରେଶ ସେଠୀଙ୍କଠାରୁ ମୋବାଇଲ ଫୋନ ନେଇ ୨ଜଣ ଯୁବତୀ ୧ଲକ୍ଷ ୨୦ହଜାର ଟଙ୍କା ଠକି ନେଇଥିବା ଗୋଡିସାହି ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସୁରେଶ ରାମଦାସପୁରରେ ଥିବା ଆଷ୍ଟୋଲ ନାମକ ଏକ ପାଇପ କମ୍ପାନୀରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ତିଗିରିଆର ପରିଚିତ ଜଣେ ଯୁବତୀ ଗୋଡିସାହି ବଜାରରେ ହଇରାଣ ହେଉଥିବାରୁ ସୁରେଶଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ପରେ ସୁରେଶ ସେଠାରେ ପହଞ୍ଚିବା ପରେ ଫୋନ କରିଥିବା ଯୁବତୀଙ୍କ ସହ ଅନ୍ୟ ଜଣେ ଯୁବତୀ ଥିବା ଦେଖିଥିଲେ। ଫୋନ କରିଥିବା ଯୁବତୀ ଅନ୍ୟ ଜଣଙ୍କ ସହ କଥା ହେବାକୁ କହି ସୁରେଶଙ୍କଠାରୁ ମୋବାଇଲ ନେଇଥିଲେ। କିଛି ସମୟ ପରେ ଯୁବତୀଙ୍କଠାରୁ ସୁରେଶ ମୋବାଇଲ ଆଣିଥିଲେ। ଏହାପରେ ଦୁଇଟି ମେସେଜ୍ ଆସିଥିଲା। ପ୍ରଥମ ମେସେଜ୍‌ରେ ୯୯ହଜାର ୫ଶହ ଓ ଦ୍ୱିତୀୟ ମେସେଜ୍‌ରେ ୨୦ହଜାର ୩୩୦ଟଙ୍କା ତାଙ୍କ ଆକାଉଣ୍ଟରୁ କଟିଥିବା ଦେଖିବାକୁ ପାଇଥିଲେ। ଅନ୍ୟ ଏକ ମେସେଜ୍‌ରେ ୧ଲକ୍ଷ ଟଙ୍କା ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ପ୍ରୋସେସିଂ ଥିବା ଜାଣିବା ପରେ ବ୍ଲକ କରିଥିଲେ। ଏହାପରେ ସୁରେଶ ଉଭୟ ଯୁବତୀଙ୍କୁ ନେଇ ଗୋଡିସାହି ଫାଣ୍ଡିରେ ପହଞ୍ଚି ଅଭିଯୋଗ କରିଥିଲେ। ଯୁବତୀଦ୍ୱୟ ତିଗିରିଆର ଏକ ଦୋକାନରେ କାର୍ଯ୍ୟ କରୁଥିବାବେଳେ ଖବର ପାଇ ଦୋକାନ ମାଲିକ ଆସି ଫାଣ୍ଡିରେ ପହଞ୍ଚିଥିଲେ। ପୋଲିସ ଯୁବତୀଦ୍ୱୟଙ୍କ ସହ ଦୋକାନ ମାଲିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### କୂଅରେ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଯାଁଳା,୪।୧(ଡି.ଏନ୍.ଏ.)

ମେଣ୍ଢାଶାଳ ଫାଣ୍ଡି ଅନ୍ତର୍ଗତ ପାଣିଓଳା ଗ୍ରାମରେ ସୋମବାର କୂଅରେ ପଡ଼ି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ୯ବର୍ଷର ପୁଅ ରଶ୍ମିରଞ୍ଜନ ସାହୁ(ସାନୁ)। ସାନୁ ତାଙ୍କ ସାଙ୍ଗଙ୍କ ସହ ଫସଲ ବାରିରେ ଖେଳୁଥିବା ବେଳେ କୂଅରେ ଗଳିପଡ଼ିଥିଲେ। ପରିବାର ଲୋକ ପହଞ୍ଚି ସାନୁଙ୍କୁ କୂଅରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୌରାଞ୍ଚଳର ୧୧ ୱାର୍ଡ ସଂରକ୍ଷିତ

ଖୋର୍ଦ୍ଧା ଅଫିସ,୪।୧

ରାଜ୍ୟ ସରକାର ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷର ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ୱାର୍ଡ ମଧ୍ୟରେ ସ୍ଥାନ ପାଇଥିବା ସାହିଗୁଡ଼ିକର ସ୍ଥାନ କିଛି ପରିବର୍ତ୍ତନ କରାଯାଇ ୱାର୍ଡ ବିଭକ୍ତିକରଣ କରାଯାଇଥିବା ଚିଠାରେ ଉଲ୍ଲେଖ ରହିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଖୋର୍ଦ୍ଧା ପୌରାଞ୍ଚଳର ୨୨ଟି ୱାର୍ଡ ମଧ୍ୟରୁ ୧, ୩, ୫, ୬, ୭, ୮, ୧୨, ୧୬, ୨୦ ଓ ୨୨ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଛି।

### ପୌର ନିର୍ବାଚନ ଚିଠା ପ୍ରସ୍ତାବ ପ୍ରକାଶିତ

୨, ୧୦, ୧୩, ୧୫, ୧୭, ୧୮, ୧୯ ଓ ୨୧ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନମ୍ବର ୯ ଓ ୧୪ ଅନୁସୂଚିତ ଜାତି (ଏସ୍‌ସି) ମହିଳା ଏବଂ ୧୧ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି (ଏସ୍‌ଟି) ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଜଟଣୀ ପୌରାଞ୍ଚଳର ୨୩ଟି ୱାର୍ଡ ମଧ୍ୟରୁ ୧, ୨, ୬, ୭, ୧୦, ୧୪, ୧୫, ୧୯ ଓ ୨୧ ନମ୍ବର ଅଣସଂରକ୍ଷିତ ରହିଛି। ୯, ୧୧, ୧୨, ୧୩, ୧୬, ୧୭, ୧୮, ୨୨ ଓ ୨୩ ନମ୍ବର ୱାର୍ଡ ମହିଳା, ୩ ଓ ୮ ନଂ. ୱାର୍ଡ ଅନୁସୂଚିତ ଜାତି (ମହିଳା) ଏବଂ ୨୦ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ୱାର୍ଡ ନମ୍ବର ୫ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ୧୧ଟି ୱାର୍ଡ ମଧ୍ୟରୁ ୧, ୫, ୯ ଓ ୧୧ନଂ. ୱାର୍ଡ ଅଣସଂରକ୍ଷିତ ରହିଛି। ୪, ୫ ଓ ୧୦ ନଂ. ୱାର୍ଡ ମହିଳା, ୬ ଓ ୭ ନଂ. ୱାର୍ଡ ଅନୁସୂଚିତ ଜାତି (ମହିଳା), ୮ ନଂ. ୱାର୍ଡ ଅନୁସୂଚିତ ଜନଜାତି (ମହିଳା) ଏବଂ ୩ ନଂ. ୱାର୍ଡ ଅନୁସୂଚିତ ଜାତି ନିମନ୍ତେ ସଂରକ୍ଷିତ ରହିଛି। ବାଣପୁର ଏନ୍‌ଏସିର ୧୫ଟି ୱାର୍ଡ ମଧ୍ୟରୁ ନମ୍ବର ୧, ୨, ୩, ୫, ୬, ୯ ଓ ୧୦ ଅଣସଂରକ୍ଷିତ ରହିଛି। ୪, ୭, ୮, ୧୪ ଓ ୧୫ ନମ୍ବର ୱାର୍ଡ ମହିଳା, ୧୨ନଂ. ୱାର୍ଡ ଅନୁସୂଚିତ ଜନଜାତି (ମହିଳା) ଏବଂ ୧୩ ନଂ. ୱାର୍ଡ ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ଜଟଣୀ,୪।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ପୌର ପରିଷଦ ଅଞ୍ଚଳର ବାଛରା ଓ କୁଦିଆରୀ ଗ୍ରାମଠାରେ ମଙ୍ଗଳବାର ବିଧାୟକ ସୁରେଶ କୁମାର ରାଉତରାୟ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବାଛରା ୧୩ନଂ. ୱାର୍ଡର ମେଳଣ ପଡିଆଠାରେ ମିନିପାର୍କ, ମଠସାହି ଶିଶୁ ଉଦ୍ୟାନ, ସୁନ୍ଦରା ସାହି ଶିଶୁ ଉଦ୍ୟାନ, ଜିମ୍ ସ୍ଥଳ ଓ ଜଟଣୀ ପାଇକ ସଙ୍ଘ ଘର ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ସେହିପରି କୁଦିଆରୀ ୨୧ ଓ ୨୨ନଂ. ୱାର୍ଡରେ ମିଶନ ଶକ୍ତି ଘର ଓ ରନିଂ ଟ୍ରାକ୍, ଜାଗୁଲେଇ ସାହି ରାସ୍ତା, ଲୁସେନ ରାୟ ଘର ରାସ୍ତା ନବୀକରଣର ଶୁଭ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ରାଉତରାୟ, ସଂଗ୍ରାମ କେଶରୀ ରାଉତରାୟ, ପୌର ଯନ୍ତ୍ରୀ ଦୀପକ ରଥ, କାଳନ୍ଦୀ ନାୟକ, ଲୁସେନ ରାୟ, ନଗର ସଭାପତି ଅଶୋକ ମଙ୍ଗରାଜ, କଳିଙ୍ଗ ସାହୁ, କାଶୀନାଥ ନାୟକ, ମାନସ ମଙ୍ଗରାଜ, ଦିଲୁ ବଳିଆରସିଂ, ବିକ୍ରମ ମହାପାତ୍ର, ବାଇନ ପ୍ରଧାନ, ତପୁ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ହରି ସୁବୁଦ୍ଧି, ଧନେଶ୍ୱର ମଙ୍ଗରାଜ, ରାଜେନ୍ଦ୍ର ମହାପାତ୍ର, ଚନ୍ଦ୍ରକାନ୍ତ ନାୟକ, ଲଳିତେଶ୍ୱର ବରାଳ, ସୁଲୁ ରଥ, ପ୍ରଭାକର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରି ପକ୍ଷରୁ ବିଶ୍ୱ ବ୍ରେଲ ଦିବସ

ଜଟଣୀ,୪।୧(ଡି.ଏନ୍.ଏ.)

ଜଟଣୀ ରୋଟାରି କ୍ଲବ ପକ୍ଷରୁ ବିଶ୍ୱ ବ୍ରେଲ ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଜଟଣୀ ପାତ୍ରପଡାସ୍ଥିତ ଶ୍ରୀହର୍ଷ ମେମୋରିଅଲ ଦିବ୍ୟାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ରୋଟାରିଆନଙ୍କ ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କୁ ଖୁସି ବାଣ୍ଟିବା ପାଇଁ ପ୍ରୟାସ କରାଯାଇଥିଲା। ଅଧ୍ୟକ୍ଷା ସଞ୍ଜୁକ୍ତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ରୋଟାରି କ୍ଲବର ସଭାପତି ରୋଟାରିଆନ ରସିକ ପଟେଲ, ସମ୍ପାଦକ ବି.ବି. ମହାନ୍ତିଙ୍କ ସମେତ ଡ. ପି.କେ. ପଣ୍ଡା, ପ୍ରସାଦ ଜଗଦ୍ଦେବ, ପଦାରବିନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜିତୁ


@ ତେଜସ୍ୱିନୀ


@ ବିଦ୍ୟୁତ ରଞ୍ଜନ


@ ସତ୍ୟ


@ ସାଇ ଦିବ୍ୟାଂଶ


@ ପ୍ରଦେଶ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ମଦନପୁରସ୍ଥିତ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପର୍ଯ୍ୟଟକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୁଳପତି ତ୍ରିପାଠୀ ଆଗାମୀ ଦିନରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଗବେଷଣାତ୍ମକ ପ୍ରକାଶକ ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଶାର ସାଂସ୍କୃତିକ ବିକାଶ ପାଇଁ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିଆ ଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ମୁଖପତ୍ର 'ରୂପାୟନ', ସମ୍ବାଦ ଭିତ୍ତିକ ପତ୍ରିକା 'ସଂସ୍କୃତି', ଓଡ଼ିଶାର ବରପୁତ୍ର ଉପରେ ଆଧାରିତ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ମଙ୍ଗଳବାର ଗୁରୁ ଧନେଶ୍ୱର ସ୍ୱାଇଁ ମର୍ଦ୍ଦଳ ବାଦନ କରୁଛନ୍ତି।


 କ୍ଷତିପୂରଣ ଦାବିରେ ପୁରୀ କୃଷକ ବଜାରର ବିସ୍ଥାପିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି।



ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ୨୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ପଞ୍ଜିକା ସଂଶୋଧନ ଉପରେ ଆଲୋଚନା

ପୁରୀ ଅଫିସ, ୪।୧: ବଡଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ପଞ୍ଜିକା ସମନ୍ୱୟ କମିଟିର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ୨୦୨୨-୨୩ ବର୍ଷର ପଞ୍ଜିକା ପାଣ୍ଡୁଲିପି ଉପରେ ଆଲୋଚନା ହୋଇଥିଲା। ପଞ୍ଜିକାରେ ସଂଶୋଧନ କରାଯାଇ ଚୂଡ଼ାନ୍ତ ପଞ୍ଜିକା ପ୍ରସ୍ତୁତ କରାଯାଇଛି। ସଂଶୋଧନ ହୋଇଥିବା ଉକ୍ତ ପଞ୍ଜିକା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବା ପରେ ଆସନ୍ତା ଦୁଇ ତିନିଦିନ ଭିତରେ ପଞ୍ଜିକା ପ୍ରକାଶ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଶ୍ରୀମନ୍ଦିର ପୁରୋହିତ ପଦ୍ମନାଭ ମହାପାତ୍ର, ସଂଗ୍ରାମ ମହାପାତ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା, ଆର୍ତ୍ତତ୍ରାଣ ପୂଜାପଣ୍ଡା, ମୁକ୍ତିମଣ୍ଡପ ସଭା ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ମାଧବ ପଣ୍ଡା, ଦୁର୍ଗା ପ୍ରସାଦ ମିଶ୍ର, ରାଧାରମଣ ପଞ୍ଜିକା ପକ୍ଷରୁ ସତ୍ୟବ୍ରତ ଗରାବଡୁ, ଦେବବ୍ରତ ଗରାବଡୁ, ଦଇତା ପତି ନିଯୋଗ ପକ୍ଷରୁ ଗଣେଶ ପ୍ରସାଦ ଦାସ ମହାପାତ୍ର, ଶ୍ରୀମନ୍ଦିର କମ୍ପାଇଣ୍ଡର ରବିନାରାୟଣ ମିଶ୍ର ଏବଂ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ପଞ୍ଜିକାର, ବିଭିନ୍ନ ଅଧିକାରୀ ଏବଂ କେତେକ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନ୍ୟାୟ ପାଇଁ ୫ ବର୍ଷ ପରେ ପୁଣି ଅନଶନ

ପିପିଲି, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)- ପାରିବାରିକ ଜମି ବିବାଦ ନେଇ ୫ବର୍ଷ ହେବ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଅନଶନରତ ପରିବାର ଧାରଣା ଦେଉଥିଲେ। ଏବେ ପୁଣି ପୂରା ପରିବାର ମଙ୍ଗଳବାର ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପିପିଲି କଣ୍ଟି ପଞ୍ଚାୟତ ନିଜିଗଡକୁରୁଖୀ ଗ୍ରାମର ସୁରଥ ଧଳ ତାଙ୍କ ସ୍ତ୍ରୀଙ୍କ ସହ ୩ ପୁଅ ବୋହୂ ନାବାଳକ ନାତୁଣୀନାତିଙ୍କୁ ନେଇ ଧାରଣାରେ ବସିଛନ୍ତି। ଧାରଣା ସ୍ଥଳରେ ବିଭିନ୍ନ ଅଭିଯୋଗ ଓ ଦାବି ଲିଖିତ ପୋଷ୍ଟରରେ ସ୍ଥାନୀୟ ସରପଞ୍ଚ ପ୍ରକାଶ ଧଳଙ୍କ ଫଟୋ ଲଗାଇ 'ଆମ ପ୍ରାପ୍ୟ ଜମିକୁ ଫେରାଇ ଦିଅ ଓ ଆମକୁ ନ୍ୟାୟ ଦିଅ' ଦାବିରେ ବସିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମଧ ଦାବି କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ପରିବାର ଲୋକେ କହିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ୫-ଟି ଶାସନ ଓ ମା'କୁ ସମ୍ମାନ ଓ ମହିଳାଙ୍କୁ ନ୍ୟାୟ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଅନଶନକାରୀ ପରିବାର ସଦସ୍ୟ ମାନଗୋବିନ୍ଦ ଧଳଙ୍କ କହିବା ଅନୁଯାୟୀ, ପିପିଲି ତହସିଲଦାର ସପନ କୁମାର ନନ୍ଦ ତାଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ହେଲେ ତହସିଲଦାର ମାନଗୋବିନ୍ଦଙ୍କ କଥାକୁ ପ୍ରତ୍ୟାଖ୍ୟାନ କରି ଗଣମାଧ୍ୟମକୁ ଅନଶନକାରୀ ପରିବାର କ'ଣ ଅଭିଯୋଗ କରିଛନ୍ତି ପଚାରି ଫୋନ କାଟି ଦେଇଛନ୍ତି। ସୂଚନା ଥାଉକି, ପିପିଲି ତହସିଲଦାରଙ୍କ ନାମରେ ଫନି କେଲେଙ୍କାରୀ, ବାଲିଘାଟ ଦୁର୍ନୀତି, ଜମି ଦୁର୍ନୀତି ଭଳି ଅନେକ ସଙ୍ଗୀନ ଅଭିଯୋଗ ହୋଇଛି। ଏପଟେ ଅନଶନକାରୀ ମଧ ପିପିଲି ତହସିଲଦାର ବାଲି ମାଫିଆ ଓ ପେସାଦାର ଅପରାଧୀମାନଙ୍କୁ ଘଣ୍ଟ ଘୋଡାଉଥିବା କହିଛନ୍ତି। ତହସିଲଦାରଙ୍କ ଏପରି କାର୍ଯ୍ୟକଳାପରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ତେବେ ଜିଲା ପ୍ରଶାସନ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି। ଅନ୍ୟପଟେ ଖୁବ୍‌ଶୀଘ୍ର ତହସିଲଦାରଙ୍କ ଉପରେ ୫-ଟି ଛାଟ ପଡିପାରେ ବୋଲି ଚର୍ଚ୍ଚା ହେଉଛି।

# ଚିଲିକାରେ ପକ୍ଷୀ ସଂଖ୍ୟା ୧୬% କମିଲା

ବାଲୁଗାଁ,୪।୧(ଡି.ଏନ୍.ଏ.)

## ଏବର୍ଷ ୧୦ ଲକ୍ଷ ୭୪ ହଜାର ୧୭୩ ପକ୍ଷୀଙ୍କ ଆଗମନ



ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ମଙ୍ଗଳବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ମୋଟ ୧୦ଲକ୍ଷ ୭୪ହଜାର ୧୭୩ଟି ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତବର୍ଷ ୧୨ଲକ୍ଷ ୪୨ହଜାର ୮୨୬ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧ଲକ୍ଷ ୬୮ହଜାର ୬୫୩ ପକ୍ଷୀ ଅର୍ଥାତ୍ ୧୬ପ୍ରତିଶତ ହ୍ରାସ ପାଇଥିବା ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସେହିପରି ୧୫.୫୩ ବର୍ଗ କି.ମି ପରିବ୍ୟାପ୍ତ ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୯୭ପ୍ରଜାତିର ୩ଲକ୍ଷ ୫୮ହଜାର ୮୮୯ଟି ପକ୍ଷୀଙ୍କ ସମାଗମ ହୋଇଛି। ଗତବର୍ଷ ଏଠାରେ ୪ ଲକ୍ଷ ୨୪ହଜାର ୬୮୮ପକ୍ଷୀଙ୍କ ସମାଗମ ହୋଇଥିଲା। ଏଠାରେ ମଧ ଚଳିତ ବର୍ଷ ୬୫ ହଜାର ୮୮୯ଟି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି। ଗତ ବର୍ଷ ୧୯୦ ପ୍ରଜାତିର ସ୍ଥାନୀୟ ଓ ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୩ଟି ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାଯାଇଛି। ସେଥିମଧ୍ୟରୁ ବିଦେଶାଗତ ୧୦୭ ଓ ସ୍ଥାନୀୟ ୭୬ ପ୍ରଜାତିର ପକ୍ଷୀ ଅଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦନ ପିଣ୍ଟେଲ୍ ୧ଲକ୍ଷ ୭୨ହଜାର ୨୮୫, ଗଡୱାଲ୧ଲକ୍ଷ ୫୩ହଜାର ୯୮୫, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୫୦ହଜାର ୮୪୩ ଏବଂ ଗଡୱିଟ୍ ୫୫ହଜାର ୩୦୩ ସଂଖ୍ୟାରେ ଅଛନ୍ତି। ତେବେ ଚିଲିକାର ଶୋଭା ବର୍ଦ୍ଧନକାରୀ ସବୁଠାରୁ ଆକର୍ଷଣୀୟ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ କିଛିବର୍ଷ ହେବ ଲୋପ ପାଇ ଗତ ବର୍ଷ ଏହି ପକ୍ଷୀ ମାତ୍ର ୭୧ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ କିନ୍ତୁ ଏହି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୨୦୪୦ରେ ପହଞ୍ଚିଛି। ପକ୍ଷୀ ପ୍ରେମୀ ଓ ବିଶାରଦଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ତେବେ ବହୁ ବର୍ଷ ଧରି ଚିଲିକାରେ ଦେଖିବାକୁ ମିଳୁନଥିବା ମଙ୍ଗୋଲଏଡ଼ଗଲ ପ୍ରଜାତିର ପକ୍ଷୀ ଚଳିତ ବର୍ଷ ୨ଟି ଦେଖାଯାଇଛି।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳକୁ ନିୟୋଜିତ କରାଯାଇଥିଲା। ନଳବଣରେ କେବଳ ୬ଟି ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨, ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ତଥା ବାଲିପାଟପୁର ଠାରୁ ସାତ ଭାୟା, ରମ୍ଭା, ମଙ୍ଗଳାଯୋଡ଼ି ଠାରୁ ଭୂଷଣ୍ଡପୁର, ସୋରଣ ଠାରୁ ନଇରୀ, କୃଷ୍ଣପ୍ରସାଦ, କାଳିଜାଈ ଠାରୁ ଚନ୍ଦ୍ରାପୁଟ, ସାତପଡ଼ା ଠାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦ ଠାରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରିଥିଲେ। ପକ୍ଷୀ ଗଣନାକାରୀଙ୍କୁ ମୋଟ ୨୧ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ମଙ୍ଗଳବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପକ୍ଷୀଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟ୍‌ର ନିର୍ଦ୍ଦେଶକ ଡ.ବିଭାସ ପାଣ୍ଡବ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବ୍ରହ୍ମପୁର ସର୍କଲ ପ୍ରଶାନ୍ତ କୁମାର ମିଶ୍ର, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଜ୍ୟୋତି କୋଟାଲ, ଏସିଏଫ୍ ଶରତ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୦୬ ଜଣ ଗଣନା କାର୍ଯ୍ୟରେ ସାମିଲ୍ ହୋଇ ଦିଗ୍‌ଦର୍ଶନ ଦେଇଥିଲେ। ତେବେ ସମଗ୍ର ଚିଲିକାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ହ୍ରାସର କାରଣ ସମ୍ପର୍କରେ ପିସିସିଏଫ୍ ପ୍ରଶାନ୍ତ ମିଶ୍ର କହିଛନ୍ତି, ଚିଲିକାରେ ଜଳସ୍ତର ଅଧିକା ଥିବା ହେତୁ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବିଶେଷକରି ତଟବର୍ତ୍ତୀ ଅଞ୍ଚଳ ଚାଷଜମି ଉପରେ ନିର୍ଭର କରି ସମାଗମ ହୋଇଥିବା ସେ କହିଛନ୍ତି।

**୫ ବର୍ଷର ଚିଲିକାରେ ପକ୍ଷୀ ସାରଣୀ**

| ମସିହା | ଚିଲିକା | ନଳବଣ |
|---|---|---|
| ୨୦୧୮ | ୮,୯୩, ୩୯୦ | ୩,୨୦, ୮୨୬ |
| ୨୦୧୯ | ୧୦,୪୭,୯୬୮ | ୩,୯୩,୫୪୧ |
| ୨୦୨୦ | ୧୧,୦୫,୦୪୦ | ୪,୦୬,୩୦୮ |
| ୨୦୨୧ | ୧୨,୪୨,୮୨୬ | ୪,୨୪,୬୮୮ |
| ୨୦୨୨ | ୧୦,୭୪,୧୭୩ | ୩,୫୮,୮୮୯ |

### କ୍ଷତିପୂରଣ, ଥଇଥାନ ଦାବି କଲେ ଗ୍ରୀନ୍‌କାର୍ଡଧାରୀ ଓ ଭୂମିହୀନ ପରିବାର

ପୁରୀ ଅଫିସ ୪।୧

କ୍ଷତିପୂରଣ ଏବଂ ଥଇଥାନ ଦାବି କରି ମଙ୍ଗଳବାର ୨୧ ଜଣ ଗ୍ରୀନ୍‌କାର୍ଡଧାରୀ ଓ ଭୂମିହୀନ ପରିବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଗଣଧାରଣା ଦେଇଥିଲେ। ପରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀ କହିଛନ୍ତି, ସରକାର ସମଙ୍ଗ ମୌଜାରେ ୨୧ଟି ଭୂମିହୀନ ଏବଂ ଗ୍ରୀନକାର୍ଡଧାରୀ ପରିବାରକୁ ୪ ଡିସିମିଲ ଲେଖାଏ ଜମି ପ୍ରଦାନ କରିଥିଲେ। ପରେ ଭୂମିହୀନ ଏବଂ ଗ୍ରୀନକାର୍ଡଧାରୀମାନେ ସେମାନଙ୍କ ଯାଗାରେ ପଥର ପାଚେରୀ କରିଥିଲେ। ମାତ୍ର ପ୍ରଶାସନ ଉକ୍ତ ସ୍ଥାନରେ କୃଷକ ବଜାର କରିବା ନିମନ୍ତେ ଉକ୍ତ ପାଚେରୀକୁ ଭାଙ୍ଗି କୃଷକ ବଜାର ନିର୍ମାଣ କରିଥିଲା। ଏହାକୁ ବିରୋଧ କରିବାରୁ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସେହି ପାଖରେ ଯାଗାଦେବା ସହ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ମାତ୍ର ଅନେକ ବର୍ଷ ବିତିଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ କ୍ଷତିଗ୍ରସ୍ତମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଉପଜିଲାପାଳ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରୁଛନ୍ତି। ମାତ୍ର ସେମାନଙ୍କ ସମସ୍ୟାର ସମାଧାନ ହେଉନାହିଁ। ତେଣୁ ପ୍ରଶାସନ କ୍ଷତିଗ୍ରସ୍ତଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶୀଘ୍ର ସମସ୍ୟାର ସମାଧାନ କରୁ ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି କ୍ଷତିଗ୍ରସ୍ତଗମାନେ ସୂଚନା ଦେଇଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ



ନୂଆ ଟ୍ରାଫିକ୍ ଡିସିପି ଏସ୍.ସୁଶ୍ରୀ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ନୂଆ ଟ୍ରାଫିକ ଡିସିପି ଭାବେ ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ୍.ସୁଶ୍ରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୨୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦେବା ପରେ ସେ ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ କେସିଙ୍ଗାରେ ଥିଲି, ଭୁବନେଶ୍ୱରକୁ ନୂଆ ଆସିଛି। ଏଠାରେ ଥିବା ସମସ୍ୟା ସମ୍ପର୍କରେ ପ୍ରଥମେ ଅବଗତ ହେବି ଓ ଏହି ସମସ୍ୟାର ସମାଧାନ ପାଇଁ ସର୍ବୋତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିବି। ଏଥିସହ ସହରର ସ୍ଥିତି ସୁଧାରିବା ଓ ଲୋକଙ୍କ ଆତଯାତ ଜୀବନଶୈଳୀରେ ସୁଧାର ଆଣିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି। ସୁଶ୍ରୀଙ୍କ ପାଇଁ ଟ୍ୱିନ୍‌ସିଟିର ଟ୍ରାଫିକ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ହେବ। ସହରର ଟ୍ରାଫିକ୍ ଜାମ୍ ହଟାଇବା ସହ ନିୟମ ଉଲ୍ଲଂଘନକାରୀଙ୍କୁ ସେ କିଭଳି ସାବାଡ଼୍ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ଏସ୍. ସୁଶ୍ରୀ ୧୯୯୫ ଅକ୍ଟୋବର ୨୨ରେ କେରଳ କୋଲାମ ଜିଲାରେ ଜନ୍ମଗ୍ରହଣ କରିଥିଲେ। ୨୦୧୮ରେ ଭାରତୀୟ ପୋଲିସ ସେବା ପରୀକ୍ଷାରେ ୧୫୧ ର୍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହ ମାତ୍ର ୨୩ ବର୍ଷ ବୟସରେ ସେ ଦେଶର ସର୍ବକନିଷ୍ଠ ଆଇପିଏସ୍ ଅଫିସର ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ଓଡିଶା କ୍ୟାଡରରେ ଯୋଗଦେଇ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଏସ୍‌ଡିପିଓ ହୋଇଥିଲେ।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଉଦ୍‌ଘାଟିତ ନାଟ୍ୟ ମହୋତ୍ସବ-୨୦୨୨ରେ ପରିବେଷିତ ନାଟକ 'ଚିଠି'ର ଏକ ଦୃଶ୍ୟ।

## ବିଦ୍ୟୁତ୍ ଦରବୃଦ୍ଧି ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟିର ପଦଯାତ୍ରା

ପିପିଲି, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)

ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିଦ୍ୟୁତର୍ ଅହେତୁକ ଦର ବୃଦ୍ଧି ପ୍ରତିବାଦ ଓ ଅନ୍ୟ ଦାବିରେ ମଙ୍ଗଳବାର ପିପିଲି ଡେଲାଙ୍ଗ ଛକଠାରୁ ଏକ ପଦଯାତ୍ରା ପିପିଲି ଇଲେକ୍ଟ୍ରି କାର୍ଯ୍ୟାଳୟକୁ ଯାଇଥିଲା। ଏଏପିର ଡେଲାଙ୍ଗ-ପିପିଲି ପ୍ରଭାରୀ ମହମ୍ମଦ ଇସ୍‌ମାଇଲଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଥିଲା। ବିଜୁଳି ଦର ବୃଦ୍ଧିକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିସହ ପ୍ରତି ପରିବାରକୁ ୨୦୦ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଇବା, ସାଧାରଣ ଲୋକଙ୍କ ବିଦ୍ୟୁତ୍ କାଟ ନ କରି ବକେୟା ରାଶିକୁ କିସ୍ତି ଅନୁଯାୟୀ ଆଦାୟ କରିବାକୁ ଦାବି କରି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପିପିଲି ବ୍ଲକ ଏଏପି ସଭାପତି ମହମ୍ମଦ ହୁସେନ, ସମ୍ପାଦକ ଜଲଫୁଙ୍କର ଅଲ୍ଲିସାହା, ଉପଦେଷ୍ଟା ରଣଧୀର ପଟ୍ଟନାୟକ, ରମେଶ ମଲ୍ଲିକ, ସୁରେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

DSPL-372

### ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

ଟୀକାକରଣ ପାଇଁ ଯୋଗ୍ୟତା - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

ପଞ୍ଜିକରଣ ଉପାୟ - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

ଟୀକାର ନାମ - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

ଟୀକା ନେବାପରେ ମଧ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ

ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

# ମାର୍କେଟ ବିଲ୍ଡିଂ ବନ୍ଦ କଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୪।୧(ବ୍ୟୁରୋ)

- ଉଠାଦୋକାନୀଙ୍କୁ ଉଠାଇବା ଜିଦ୍‌ରେ ଅଟଳ
- ଆଜି ବିଏମ୍‌ସି ସହ ସଂଘର ଆଲୋଚନା

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏମାନଙ୍କ ପାଇଁ ମାର୍କେଟ ପରିସରରେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାସହ ଅଯଥା ଭିଡ଼ ହେଉଛି। ଏପରି ଅଭିଯୋଗ ଆଣି ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ କିଛି ସୁଫଳ ମିଳୁନାହିଁ। ମଙ୍ଗଳବାର ଜଣେ ମହିଳା ଉଠା ଦୋକାନୀ ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ କରିବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂକୁ ବ୍ୟବସାୟୀ ସଂଘ ବନ୍ଦ ଘୋଷଣା କରିଥିଲା। ଘଟଣାସ୍ଥଳରେ ବିଏମ୍‌ସି ଅଧିକାରୀ ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉତ୍ତେଜିତ ବ୍ୟବସାୟୀମାନଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ବିଏମ୍‌ସି ଅଧିକାରୀଙ୍କ ସହ ସଂଘର ଏକ ବୈଠକ ଡକାଯାଇଛି। ସେଠାରେ ଦୋକାନୀମାନେ ନିଜ ସମସ୍ୟା ସମ୍ପର୍କରେ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିବେ। ଯଦି ସନ୍ତୋଷଜନକ ପ୍ରତିଶ୍ରୁତି ମିଳିଲା, ତେବେ ସେମାନେ ଆନ୍ଦୋଳନରୁ ହଟିବା ସହ ଦୋକାନ ଖୋଲିବେ। ନଚେତ୍ ସେମିତି ଦୋକାନ ବନ୍ଦ ରଖି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ଚେତାବନୀ ଦେଇଛି। ମାର୍କେଟ୍ ବିଲ୍ଡିଂରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି। ଲଗାତର ଦୁଇ ତିନିଦିନ ହେବ କେତେଜଣ ଉଠା ଦୋକାନୀ ମାରପିଟ୍, ଝଗଡ଼ା, ଗାଡ଼ି ଭଙ୍ଗାରୁଜା ଆଦି କରୁଥିବା ସଂଘ ଅଭିଯୋଗ ଆଣିଛି। ସେମାନେ ମାର୍କେଟ୍ ବିଲ୍ଡିଂ ମଝିରେ ବସି ବ୍ୟବସାୟ କରୁଛନ୍ତି। ଯିଏ ପାରୁଛି ଯେଉଁଠି ବସି ବେପାର କରୁଛି। ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଗ୍ରାହକ ଓ ସ୍ଥାୟୀ ଦୋକାନ ମାଲିକଙ୍କୁ ମଧ ଧମକ ଦେଉଛନ୍ତି। ଗାଡ଼ି ଭଙ୍ଗାରୁଜା କରୁଛନ୍ତ। ସେମାନଙ୍କ ପାଇଁ ମାର୍କେଟ୍ ବିଲ୍ଡିଂରେ ଅଯଥା ଗହଳି ହେଉଛି। ରାସ୍ତାରେ ଯାଆ ଆସ କରି ହେଉନାହିଁ। ସାଧାରଣ ଲୋକମାନେ ମଧ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କରୋନା ସମୟରେ ଭିଡ଼ ମଧ ଜମୁଛି। ଭିଡ଼ର ସୁଯୋଗ ନେଇ ଚୋରି ଓ ନାନା ଅପରାଧ ଘଟୁଛି। ଉଠା ଦୋକାନୀଙ୍କ ପାଇଁ ଦୋକାନ ଭଡ଼ା ନେଇ ବେପାର କରୁଥିବା ବ୍ୟବସାୟୀଙ୍କର ଘାଟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।





ବ୍ୟବସାୟୀମାନେ ଦୋକାନ ବନ୍ଦ କରି ହୋହଲ୍ଲା କରୁଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୪।୧।୨୦୨୨

| | |
|---|---|
| ୪,୧୫,୨୩୩ ଟଙ୍କା | |
| ସୁନା | ୭.୨୦୦ ଗ୍ରାମ |
| ରୁପା | ୨୮.୭୦୦ ଗ୍ରାମ |

# ମାନୁନାହାନ୍ତି କୋଭିଡ୍ କଟକଣା

## ସଂକ୍ରମଣ ବ୍ୟାପିବା ଆଶଙ୍କା

- ପ୍ରଶାସନ ପକ୍ଷରୁ ଚଢ଼ାଉ
- ୩ ଦୋକାନ ସିଲ୍

**ପୁରୀ ଅଫିସ, ୪।୧:**

ପୁରୀ ଜିଲାରେ ପୁଣି କରୋନା ଏବଂ ଓମିକ୍ରନ୍‌ର ପ୍ରଭାବ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ପୁରୀ ସହରକୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରୁ ଲୋକେ ଆସୁଛନ୍ତି। ତେଣୁ ଏଠାରେ ସଂକ୍ରମଣ ଆଶଙ୍କା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପୁଣି ପଦକ୍ଷେପ ନେବାକୁ ଅଣ୍ଟା ଭିଡ଼ିଛି। କୋଭିଡ୍ କଟକଣା ଉଲ୍ଲଂଘନ କରୁଥିବା ବ୍ୟକ୍ତି ଏବଂ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମଙ୍ଗଳବାର କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ବଡ଼ଦାଣ୍ଡସ୍ଥିତ ଶନି ମନ୍ଦିର ଛକ ନିକଟ ନିଳାଦ୍ରୀ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ୩ଟି ଦୋକାନକୁ ସିଲ୍ କରାଯାଇଛି। ଲୋକେ ମାସକ ପିନ୍ଧି ନ ଥିବାବେଳେ ଦୋକାନ ପରିସରରେ ଭିଡ଼ ଜମାଇଥିଲେ।



ପ୍ରଶାସନ ପକ୍ଷରୁ ନୀଳାଦ୍ରି ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ଦୋକାନକୁ ସିଲ୍ କରାଯାଉଛି ।

ଖବର ପାଇ ପୋଲିସ ଓ ପୌରସଂସ୍ଥା ଟିମ୍ ଉକ୍ତ ଦୋକାନଗୁଡ଼ିକରେ ଚଢ଼ାଉ କରି ସିଲ୍ କରିଥିଲେ। ସେହିପରି ନୂଆବର୍ଷ ପୂର୍ବରାତିରେ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ମେଡିକାଲ ଛକସ୍ଥିତ ଏକ ଶପିଂ ମଲ୍‌କୁ ସିଲ୍ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଚେକିଂକୁ କଡ଼ାକଡ଼ି କରାଯାଇଛି। ସେହିପରି ପୁରୀ ସହରରେ ୩ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେବା ପରେ କଣ୍ଟେନମେଣ୍ଟ ଫେରିଛି। ପୁରୀ ପୌରାଞ୍ଚଳର ୧୧ ନମ୍ବର ୱାର୍ଡ ଅଧୀନ ହୋଟେଲ ସୋନା ଇଣ୍ଟରନ୍ୟାଶନାଲ ଏବଂ ଆଖପାଖ ଅଞ୍ଚଳକୁ ସୋମବାରଠାରୁ ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି ହୋଟେଲରେ ରହୁଥିବା ଜଣେ ପର୍ଯ୍ୟଟକ ଓ ଦୁଇଜଣ କର୍ମଚାରୀ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳର ଲୋକେ ବାହାରକୁ କିମ୍ବା ବାହାର ଲୋକେ ଭିତରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୌରସଂସ୍ଥା ପକ୍ଷରୁ ସମସ୍ତ ଆବଶ୍ୟକ ଜିନିଷ ସେଠାକାର ଲୋକଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ତେବେ ପ୍ରଶାସନର ନିର୍ଦ୍ଦେଶନାମାକୁ ଲୋକେ ମାନୁନାହାନ୍ତି। ସମ୍ପୃକ୍ତ ପର୍ଯ୍ୟଟକମାନେ ବେଳାଭୂମିରେ ବୁଲୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଅପରପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲାରେ କରୋନା ସ୍ଥିତିକୁ ନେଇ ପୋଲିସ ଓ ପୌରସଂସ୍ଥା ପକ୍ଷରୁ ବ୍ୟାପକ ଚେକିଂ ଚାଲିଛି। ଯେଉଁମାନେ କଟକଣା ଉଲ୍ଲଂଘନ କରୁଛନ୍ତି, ସେମାନଙ୍କଠାରୁ ଫାଇନ ଆଦାୟ କରାଯାଉଛି। ସେହିପରି ଏକ ଜଏଣ୍ଟ ଟିମ୍ ଗଠନ ହୋଇଛି। ଏହି ଟିମ୍ ସମସ୍ତ ହୋଟେଲ ଓ ପର୍ଯ୍ୟଟକଙ୍କ ଉପରେ ନଜର ରଖିବା ସହ ଚେକିଂ କରିବ।



କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ।

## ସଂକ୍ଷେପରେ

### ୧୦ହଜାର ଟଙ୍କା ଜରିମାନା ଆଦାୟ

ନିମାପଡ଼ା,୪।୧(ଡି.ଏନ୍.ଏ.): ମହାମାରୀ କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ନିମାପଡ଼ା ଥାନା ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖଙ୍କ ଉପସ୍ଥିତିରେ ଦୋଳବେଦୀ ଛକ, ଜୟଶ୍ରୀ ଛକ, ଗୋଲେଇ ଛକ ଓ ଚାରିଛକ ବଜାରଠାରେ ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚେକିଂ ବେଳେ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶିଶିର କୁମାର ମହାନ୍ତି ଉପସ୍ଥିତ ଥିଲେ। ମାସ୍କ ବ୍ୟବହାର କରୁ ନ ଥିବା ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ମିଶ୍ର କହିଛନ୍ତି।

### ଆଜିଠୁ ସେବାୟତ ପରିବାର ପିଲାଙ୍କୁ ଟିକା

ପୁରୀ ଅଫିସ, ୪।୧: କରୋନାକୁ ପ୍ରତିହତ କରିବା ଲାଗି ଦେଶରେ ୧୫ରୁ ୧୮ବର୍ଷ ବୟସର ପିଲାଙ୍କ ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାରଠାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ପରିବାର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ପରିବାରରେ ଥିବା ୧୫ରୁ ୧୮ବର୍ଷ ବୟସର ପିଲାଙ୍କୁ ଟିକାକରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନିଯୋଗର ସଭାପତି ଓ ସମ୍ପାଦକମାନଙ୍କୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ପୂର୍ବାହ୍ନ ୯ରୁ ଅପରାହ୍ନ ୧ଟା ଏବଂ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବଡ଼ଦାଣ୍ଡସ୍ଥିତ ନିଳାଦ୍ରୀ ଭକ୍ତ ନିବାସ ପରିସରରେ ଟିକାକାରଣ ହେବ। ଏଥିପାଇଁ ପିଲାଙ୍କ ଅଧାର କାର୍ଡ ଓ ସ୍ୱାସ୍ଥ୍ୟବୀମା କାର୍ଡର ନକଲ ବାଧତାମୂଳକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ହରିଜନ ବର୍ଗଙ୍କ ପାଇଁ ସଂରକ୍ଷଣ କାଏମ ରଖିବାକୁ ଦାବି

ପୁରୀ ଅଫିସ, ୪।୧: ଡେଲାଙ୍ଗ ବ୍ଲକ ଅଧୀନ ଜେନାପୁର ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ପୂର୍ବରୁ ଜାରି ହୋଇଥିବା ହରିଜନ ବର୍ଗଙ୍କ ପାଇଁ ସଂରକ୍ଷଣକୁ କାଏମ ରଖିବା ନିମନ୍ତେ ଦାବି କରି ଜେନାପୁର ବାସିନ୍ଦାଙ୍କ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଅଭିଯୋଗକାରୀ କହିଛନ୍ତି, ସରପଞ୍ଚ ଏବଂ ସମିତି ସଭ୍ୟ ଆସନ ନିମନ୍ତେ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ହରିଜନ ଶ୍ରେଣୀଙ୍କ ନିମନ୍ତେ ସଂରକ୍ଷିତ ରହିଥିଲା। ତେବେ ପଞ୍ଚାୟତର ଅନେକ ଗ୍ରାମରେ ହରିଜନ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। କିନ୍ତୁ ହରିଜନ ବର୍ଗ ଏଠାରେ ଅବହେଳିତ ହୋଇଆସୁଛନ୍ତି। ଦୀର୍ଘ ୨୫ବର୍ଷ ହେଲା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷଣ ରହି ଆସୁଛି। ରାଜନୈତିକ ଆକ୍ରୋଶମୂଳକ ଉଦ୍ଦେଶ୍ୟ ରଖି ସରପଞ୍ଚ ଏବଂ ସମିତି ସଭ୍ୟ ନିମନ୍ତେ ସାଧାରଣ ବର୍ଗ ପାଇଁ ବର୍ତ୍ତମାନ ନୂଆ ଘୋଷଣାନାମା ଅନୁଯାଇ ବିଜ୍ଞପ୍ତି ପ୍ରକାଶ ପାଇଛି । ତେଣୁ ଏହାକୁ ବିରୋଧ କରାଯାଉଛି। ସରକାର ଉକ୍ତ ସମସ୍ୟା ଉପରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ପୁରୀରେ ସନ୍ଦିଗ୍ଧ ପାରାକୁ ନେଇ ଚର୍ଚ୍ଚା

**ପୁରୀ ଅଫିସ, ୪।୧:**

ରାଜଗାଙ୍ଗପୁର ଓ କେନ୍ଦ୍ରାପଡ଼ା ପରେ ପୁରୀରେ ଏକ ସନ୍ଦିଗ୍ଧ ପାରାକୁ ଦେଖିବାକୁ ମିଳିଛି। ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ବୀରହରେକୃଷ୍ଣପୁର ରାହାଙ୍ଗିରିଆ ଅଞ୍ଚଳରୁ ମଙ୍ଗଳବାର ଏହି ପାରା ଧରାପଡ଼ିଛି। ପାରାଟି ଚାଇନାରୁ ଆସିଥିବା ଓ ଗୋଇନ୍ଦା କାର୍ଯ୍ୟ ଲାଗି ନିୟୋଜିତ କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଉକ୍ତ ପାରାର ଦୁଇ ଗୋଡ଼ରେ ରିଙ୍ଗ୍ ଥିବାବେଳେ ପାଟିରେ କେମିକାଲ ସଦୃଶ କିଛି ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ପୋଲିସ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ପାରାକୁ ଉଦ୍ଧାର କରିଛନ୍ତି।



ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ତାଙ୍କ ଘର ଛାତରେ କିଛି ପାରା ବସି ଧାନ ଖାଉଥିଲେ। ଧାନ ଖାଇ ସାରିବା ପରେ କେବଳ ଗୋଟିଏ ପାରାକୁ ଛାଡ଼ି ଅନ୍ୟ ସବୁ ପାରା ଉଡ଼ିଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଜଣକ ପାରା ପାଖକୁ ଯାଇ ତାକୁ କାବୁ କରି ନେଇଥିଲେ। ପାରାର ଦୁଇ ଗୋଡ଼ରେ ଦୁଇଟି ବଳା ଥିବାବେଳେ ସେଥିରେ ଚାଇନା ଭାଷାରେ କିଛି ଲେଖା ହେବା ସହ ଲୋଗୋ ରହିଛି। ଉକ୍ତ ବଳାର ନମ୍ବରିଂ କରାଯାଇଛି। ପାରାର ଡାହାଣ ଗୋଡରେ ୦୦୩୫ ଓ ବାମ ପାର୍ଶ୍ୱରେ ୩୭ ନମ୍ବର ଲେଖାଯାଇଛି। ସେହିପରି ପାରା ମୁହଁରେ କିଛି କେମିକାଲ ଲାଗିଥିବା ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟକ୍ତି ପାରାଟିକୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇବାରୁ ତା' ପାଟିରୁ କିଛି କେମିକାଲ ବାହାରିଥିଲା। ଡାକ୍ତର ଔଷଧ ଦେବା ପରେ ପାରା ସୁସ୍ଥ ଅନୁଭବ କରିଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ, ପାରାଟି ବହୁ ଦୂରରୁ ଉଡ଼ି ଉଡ଼ି ଏଠାକୁ ଆସିଛି, ଫଳରେ ତା' ଅବସ୍ଥା ଖରାପ ରହିଛି। ଅନ୍ୟପକ୍ଷରେ ଏ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି।

# ଦିବ୍ୟାଙ୍ଗ ସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି

## ପିପିଡବ୍ଲ୍ୟୁଓ ପକ୍ଷରୁ ବିଶ୍ୱ ବ୍ରେଲ୍ ଦିବସ

**ନିମାପଡ଼ା,୪।୧(ଡି.ଏନ୍.ଏ.):**

ନିମାପଡ଼ାପିଙ୍ଗଳାକ୍ଷୀପବ୍ଲିକଓ୍ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲୁଓ) ପକ୍ଷରୁ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ବ୍ରେଲ ଦିବସ ପାଳିତ ହୋଇଯାଇଛି। ମହାତ୍ମା ଲୁଇବ୍ରେଲଙ୍କ ଜନ୍ମ ଦିବସକୁ ବିଶ୍ୱ ବ୍ରେଲ ଦିବସ ଭାବେ ପାଳନ କରାଯାଇଥାଏ। ଲୁଇବ୍ରେଲଙ୍କ ଉଦ୍ଭାବନା ଯୋଗୁ ଦୃଷ୍ଟି ଦିବ୍ୟାଙ୍ଗମାନେ ଶିକ୍ଷା ସମେତ ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିଛନ୍ତି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଅତିଥିଭାବେ ପିପିଡବ୍ଲୁଓ ସଭାପତି ଗଗନ ବିହାରୀ ଦାଶ, ପିଙ୍ଗଳାକ୍ଷୀ ସ୍ୱତନ୍ତ୍ର କଲେଜର ଅଧକ୍ଷ ଜମିରୁଲ୍ ଇସ୍‌ଲାମ, ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ପ୍ରଭାକର ତ୍ରିପାଠୀ, ଶୈକ୍ଷିକ ପରାମର୍ଶଦାତା ତେଜରାଜ ସେଠ୍, ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହିଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ରେଲ ପଠନ, ଲିଖନ, ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ପଦ୍ମଲୋଚନ ମହାନ୍ତି, ଦୀପକ କୁମାର ମାଝି, ନିହାର ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

## ଆଜି ବାହ୍ୟ ଚିଲିକାରେ ପକ୍ଷୀ ଗଣନା

**ବ୍ରହ୍ମଗିରି,୪।୧(ଡି.ଏନ୍.ଏ.):**

ବ୍ରହ୍ମଗିରି ରେଞ୍ଜ୍ ଅଧୀନ ବାହ୍ୟ ଚିଲିକା ତଥା ସ୍ଥଳଭାଗ ଉପକୂଳୀୟ ଅଞ୍ଚଳରେ ଥିବା ଜଳାଶୟମାନଙ୍କରେ ବୁଧବାର ପକ୍ଷୀ ଗଣନା କରାଯିବ। ଏନେଇ ବ୍ରହ୍ମଗିରି ରେଞ୍ଜ୍ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ସେମାନଙ୍କ ମଧ୍ୟରୁ କେତେକ ପକ୍ଷୀ ଚିଲିକା ଉପକୂଳରେ ଥିବା ଗ୍ରାମାଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଆସି ସେଠାରେ ଥିବା ଜଳାଶୟମାନଙ୍କରେ ରହିଥାନ୍ତି। ଫଳରେ ଏମାନଙ୍କ ସଂଖ୍ୟା ଜାଣିବା ପାଇଁ ବନ ବିଭାଗ ପକ୍ଷରୁ ଗଣନା କାର୍ଯ୍ୟ କରାଯିବ। ଏହି ଗଣନାରେ ୧୬ଜଣ ସାମିଲ ହୋଇଥିବା ବେଳେ ୪ଟି ଟିମ୍ ଗଠନ କରାଯାଇଛି। ଏନେଇ ବନ ବିଭାଗ କର୍ମଚାରୀ, ପରିବେଶବିତ୍, ପକ୍ଷୀ ବିଶାରଦ ପ୍ରମୁଖ ସାମିଲ ହୋଇଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ ଅଫିସରୁ ଚୋରି

**ଗୋପ,୪।୧(ଡି.ଏନ୍.ଏ.):**

ଗୋପ ତହସିଲ କାର୍ଯ୍ୟାଳୟ ଅଧୀନ ମହଲପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ୬ଟି ଫ୍ୟାନ୍ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଏନେଇ ମଙ୍ଗଳବାର ରାଜସ୍ୱ ନିରୀକ୍ଷକ ଜଗନ୍ନାଥ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ଗୋପ ଥାନା ପୋଲିସ ଏକ ମାମଲା (ନଂ.୧/୨୨)ରୁଜୁକରି ତଦନ୍ତ ଚଳାଇଛି। ଏଥିସହ ସାଇଣ୍ଟିଫିକ ଟମ୍ ପହଞ୍ଚି ମଧ୍ୟ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ରାଜସ୍ୱ ନିରୀକ୍ଷକ ବିଶ୍ୱାଳ ସୋମବାର କାର୍ଯ୍ୟାଳୟ କାମ ସାରି ଘରକୁ ଯାଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଚୋରି ହୋଇଥିବା ନେଇ ଦେଖିବାକୁ ପାଇଥିଲେ। ଏନେଇ ସେ ତହସିଲଦାର ଏସ.କେ ସାର୍ଗିଙ୍କୁ ସୂଚନା ଦେବା ସହିତ ଗୋପ ଥାନାରେ ଅଭିଯୋଗ ଦେଇଥିଲେ।

## ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ପୁରୀ ଅଫିସ, ୪।୧:**

ବଳିଆପଣ୍ଡା ନିକଟ ଆଶ୍ରମ ଛକଠାରେ ଜଣେ ଓଟ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟ ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ବେଟ୍ରିକ୍ସ ସ୍କୁଲ ଅଞ୍ଚଳର ଜଗନ୍ନାଥ ଜେନା (୨୨)। ପୋଲିସ ତାଙ୍କଠାରୁ ଗୋଟିଏ ଲୁହା ପାଇପ୍ ଜବତ କରିଛି । ଏ ନେଇ କେସ୍ ନଂ. ୧୮୧/୨୧ ରୁଜୁ ହୋଇଛି। ପୂର୍ବରୁ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ମନୋଜ କୁମାର ଦାସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତୁ



@ ତେଜସ୍ୱିନୀ



@ ବିଦ୍ୟୁତ ରଞ୍ଜନ



@ ସତ୍ୟ



@ ସାଇ ଦିବ୍ୟାଂଶ



@ ପ୍ରଦେଶ

## ବାର୍‌ହା ଆକ୍ରମଣରେ ନାବାଳିକା ସମେତ ୩ ଗୁରୁତର

**କଣାସ, ୪।୧(ସ୍ୱ.ପ୍ର.):**

ବାର୍‌ହା ଆକ୍ରମଣରେ ମଙ୍ଗଳବାର କଣାସ ଗ୍ରାମର ଜଣେ ନାବାଳିକାଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଖୋର୍ଦ୍ଧା ଅଞ୍ଚଳରୁ ଏକ ବାର୍‌ହା କଖାରୁବସ୍ତ ଗ୍ରାମ ପାଖରେ ରାଜୁଆ ନଦୀ ପାରି ହୋଇ ଚାଲିଆସିଥିଲା। ପରେ ସେ ବୈଦ୍ୟନାଥପାଟଣା, ବଡାସ, ବାଲିପାଟଣା, ଦୋକନ୍ଦା ଗ୍ରାମ ଦେଇ ଦୟା ନଦୀ ଅତିକ୍ରମ କରି କଣାସ ହାଟ ନିକଟ ଚାଷଜମିରେ ପହଞ୍ଚିଥିଲା। କଣାସ ଗ୍ରାମର ବାବୁଲି ସେଠୀ (୫୦) ନିଜ ଜମିରେ କାମ କରୁଥିବାବେଳେ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ସେଠାରେ ଉପସ୍ଥିତ ଥିବା ଲୋକେ ଏହା ଦେଖି ପାଟିତୁଣ୍ଡ କରିବାରୁ ବାର୍‌ହା କଣାସ ଗ୍ରାମକୁ ଚାଲିଯାଇଥିଲା। ରୁବି ଗୁମାନସିଂହ (୩୦) ନିଜ ଘର ବାରିପଟେ ଥିବାବେଳେ ତାଙ୍କୁ ଆକ୍ରମଣ କରିଥିଲା। ପରେ କିଛି ବାଟ ଯାଇ ୧୦ ବର୍ଷୀୟା ଅନନ୍ୟା ଭୋଳଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଏହି ୩ଜଣଙ୍କୁ ଉଦ୍ଧାର କରାଯାଇ କଣାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବାବୁଲି ଓ ରୁବିଙ୍କୁ ପୁରୀ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଡେଲାଙ୍ଗ ବନ ବିଭାଗର କର୍ମଚାରୀମାନେ କଣାସ ଗ୍ରାମରେ ପହଞ୍ଚି ବାର୍‌ହାକୁ ଖୋଜାଖୋଜି କରି ନ ପାଇବାରୁ ଫେରିଯାଇଥିବା ଜଣାପଡ଼ିଛି।





ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ମଙ୍ଗଳବାର ଗୁରୁ ଧନେଶ୍ୱର ସ୍ୱାଇଁ ମର୍ଦ୍ଦଳ ବାଦନ କରୁଛନ୍ତି।



କ୍ଷତିପୂରଣ ଦାବିରେ ପୁରୀ କୃଷକ ବଜାରର ବିସ୍ଥାପିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।





ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ୨୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଜାନୁୟାରୀ ୨୦୨୨



## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଅସଦାଚରଣ ଉଦ୍ୟମ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନେମାଳ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମଙ୍ଗଳବାର ହାତାହାତି ହୋଇଛନ୍ତି। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(୨,୩/୨୨) ରୁଜୁ କରିଛି। ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ସୌଭାଗ୍ୟ ରଞ୍ଜନ ମଲ୍ଲିକଙ୍କ ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ସୌଭାଗ୍ୟ ମଙ୍ଗଳବାର ହଠାତ୍ ଆସି ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ତାଙ୍କ ସମ୍ପର୍କୀୟ ଭାଇଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଅପରପକ୍ଷେ ସୌଭାଗ୍ୟ ଥାନାରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଭାଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ପାଲଟା ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

କଟକ
- କଟକ ଉଠା ଦୋକାନୀ ସଂଘ ପକ୍ଷରୁ ଥଇଥାନ ଦାବି ନେଇ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା
- ଖବର କାଗଜ ବିକ୍ରେତାଙ୍କୁ ପରିଚୟପତ୍ର ବଣ୍ଟନ, ଶହୀଦ ଭବନ, ମଧ୍ୟାହ୍ନ ୧୨ଟା
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୩ଟା
- କଟକ ମହୋତ୍ସବର ତୃତୀୟ ସନ୍ଧ୍ୟା,ଶାରଳା ଭବନ,ସନ୍ଧ୍ୟା ୬ଟା

# ଚିଲିକାରେ ପକ୍ଷୀ ସଂଖ୍ୟା ୧୬% କମିଲା

ବାଲୁଗାଁ,୪।୧(ଡି.ଏନ୍.ଏ.)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ମଙ୍ଗଳବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ମୋଟ ୧୦ଲକ୍ଷ ୭୪ହଜାର ୧୭୩ଟି ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତବର୍ଷ ୧୨ଲକ୍ଷ ୪୨ହଜାର ୮୨୬ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧ଲକ୍ଷ ୬୮ହଜାର ୬୫୩ ପକ୍ଷୀ ଅର୍ଥାତ୍ ୧୬ପ୍ରତିଶତ ହ୍ରାସ ପାଇଥିବା ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସେହିପରି ୧୫.୫୩ ବର୍ଗ କି.ମି ପରିବ୍ୟାପ୍ତ ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୯୭ପ୍ରଜାତିର ୩ଲକ୍ଷ ୫୮ହଜାର ୮୮୯ଟି ପକ୍ଷୀଙ୍କ ସମାଗମ ହୋଇଛି। ଗତବର୍ଷ ଏଠାରେ ୪ ଲକ୍ଷ ୨୪ହଜାର ୬୮୮ପକ୍ଷୀଙ୍କ ସମାଗମ ହୋଇଥିଲା। ଏଠାରେ ମଧ୍ୟ ଚଳିତ ବର୍ଷ ୬୫ ହଜାର ୮୮୯ଟି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି । ଗତ ବର୍ଷ ୧୯୦ ପ୍ରଜାତିର ସ୍ଥାନୀୟ ଓ ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୩ଟି ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାଯାଇଛି। ସେଥିମଧ୍ୟରୁ ବିଦେଶାଗତ ୧୦୭ ଓ ସ୍ଥାନୀୟ ୭୬ ପ୍ରଜାତିର ପକ୍ଷୀ ଅଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦନ ପିଣ୍ଟେଲ୍ ୧ଲକ୍ଷ ୭୨ହଜାର ୨୮୫, ଗଡୱାଲ୧ଲକ୍ଷ ୫୩ହଜାର ୯୮୫, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୫୦ହଜାର ୮୪୩ ଏବଂ ଗଡୱିଟ୍ ୫୫ହଜାର ୩୦୩ ସଂଖ୍ୟାରେ ଅଛନ୍ତି । ତେବେ ଚିଲିକାର ଶୋଭା ବର୍ଦ୍ଧନକାରୀ ସବୁଠାରୁ ଆକର୍ଷଣୀୟ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ କିଛିବର୍ଷ ହେବ ଲୋପ ପାଇ ଗତ ବର୍ଷ ଏହି ପକ୍ଷୀ ମାତ୍ର ୭୧ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ କିନ୍ତୁ ଏହି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୨୦୪୦ରେ ପହଞ୍ଚିଛି। ପକ୍ଷୀ ପ୍ରେମୀ ଓ ବିଶାରଦଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ ବହୁ ବର୍ଷ ଧରି ଚିଲିକାରେ ଦେଖିବାକୁ ମିଳୁନଥିବା ମଙ୍ଗୋଲଏଡ଼ଗଲ ପ୍ରଜାତିର ପକ୍ଷୀ ଚଳିତ ବର୍ଷ ୨ଟି ଦେଖାଯାଇଛି ।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳକୁ ନିୟୋଜିତ କରାଯାଇଥିଲା। ନଳବଣରେ କେବଳ ୬ଟି ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨, ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ତଥା ବାଲିପାଟପୁର ଠାରୁ ସାତ ଭାୟା, ରମ୍ଭା, ମଙ୍ଗଳାଯୋଡ଼ି ଠାରୁ ଭୂଷଣ୍ଡପୁର, ସୋରଣ ଠାରୁ ନଇରୀ, କୃଷ୍ଣପ୍ରସାଦ, କାଳିଜାଇ ଠାରୁ ଚନ୍ଦ୍ରାପୁଟ, ସାତପଡ଼ା ଠାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦ ଠାରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରିଥିଲେ। ପକ୍ଷୀ ଗଣନାକାରୀଙ୍କୁ ମୋଟ ୨୧ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ମଙ୍ଗଳବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପକ୍ଷୀଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟ୍‌ର ନିର୍ଦ୍ଦେଶକ ଡ.ବିଭାସ ପାଣ୍ଡବ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବ୍ରହ୍ମପୁର ସର୍କଲ ପ୍ରଶାନ୍ତ କୁମାର ମିଶ୍ର, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଜ୍ୟୋତି କୋଟାଲ, ଏସିଏଫ୍ ଶରତ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୦୬ ଜଣ ଗଣନା କାର୍ଯ୍ୟରେ ସାମିଲ୍ ହୋଇ ଦିଗ୍‌ଦର୍ଶନ ଦେଇଥିଲେ। ତେବେ ସମଗ୍ର ଚିଲିକାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ହ୍ରାସର କାରଣ ସମ୍ପର୍କରେ ପିସିସିଏଫ୍ ପ୍ରଶାନ୍ତ ମିଶ୍ର କହିଛନ୍ତି, ଚିଲିକାରେ ଜଳସ୍ତର ଅଧିକା ଥିବା ହେତୁ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବିଶେଷକରି ତଟବର୍ତ୍ତୀ ଅଞ୍ଚଳ ଚାଷଜମି ଉପରେ ନିର୍ଭର କରି ସମାଗମ ହୋଇଥିବା ସେ କହିଛନ୍ତି।

### ଏବର୍ଷ ୧୦ଲକ୍ଷ ୭୪ହଜାର ୧୭୩ ପକ୍ଷୀଙ୍କ ଆଗମନ



### ୫ ବର୍ଷର ଚିଲିକାରେ ପକ୍ଷୀ ସାରଣୀ

| ମସିହା | ଚିଲିକା | ନଳବଣ |
|---|---|---|
| ୨୦୧୮ | ୮,୯୩, ୩୯୦ | ୩,୨୦, ୮୨୬ |
| ୨୦୧୯ | ୧୦,୪୭,୯୬୮ | ୩,୯୩,୫୪୧ |
| ୨୦୨୦ | ୧୧,୦୫,୦୪୦ | ୪,୦୬,୩୦୮ |
| ୨୦୨୧ | ୧୨,୪୨,୮୨୬ | ୪,୨୪,୬୮୮ |
| ୨୦୨୨ | ୧୦,୭୪,୧୭୩ | ୩,୫୮,୮୮୯ |

## ବ୍ୟାଙ୍କରୁ ଋଣ ନେବା ମାମଲାରେ ୨ ଗିରଫ

ସାଲେପୁର,୪।୧(ଡି. ଏନ.ଏ)

ସାଲେପୁର ଷ୍ଟେଟ ବ୍ୟାଙ୍କରୁ ନକଲି କାଗଜ ପତ୍ର ଦେଇ ଋଣ ନେବା ମାମଲାରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ୨୦୧୭ରେ ସାଲେପୁର ଷ୍ଟେଟ ବ୍ୟାଙ୍କରୁ ୩୭ ଜଣ ଲୋକଙ୍କ ନାମରେ ନକଲି ପରିଚୟପତ୍ର, ଜମି ପଟ୍ଟା ଆଦି କାଗଜ ପତ୍ର ଦେଇ ୧୩ ଲକ୍ଷ ୫୪ ହଜାର ୪ ଶହ ଟଙ୍କା ଋଣ କରାଯାଇଥିଲା। ହେଲେ କୌଣସି କାରଣରୁ ଏହି ଋଣ ଉଠାଣ ଘଟଣାରେ ବ୍ୟାଙ୍କର ସନ୍ଦେହ ହେବାରୁ ଅନୁସନ୍ଧାନ କରାଯାଇଥିଲା। ତେବେ ୩୭ ଜଣ ଋଣ ଦାତା ନକଲି ବୋଲି ସେତେବେଳେ ଜଣାପଡିଥିଲା। ପରେ ସେସମୟର ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ବେହେରା ଏ ସମ୍ପର୍କରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ.୧୪୩/୧୭ରେ ମାମଲା ରୁଜୁ କରିଥିଲା। ତେବେ ନକଲି କାଗଜ ପତ୍ର ଦେଇ ବ୍ୟାଙ୍କରୁ ଋଣ ନେଇଥିବା ମହଣ ପଞ୍ଚାୟତ ବାସୁଦେବପୁର ଗାଁର ପ୍ରକାଶ ତ୍ରିପାଠୀ(୪୭) ଓ କିଶୋର ନଗର ଥାନା ଅଧୀନ ଶାରଡ଼ା ଗାଁର ସଞ୍ଜୟ କୁମାର ଜେନା (୩୮)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମୃଣ୍ମୟ କୁମାର ସେନାପତି କହିଛନ୍ତି। ଅପରପକ୍ଷେ ଏହି ଜାଲିଆତି ଋଣ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ କୋର୍ଟରୁ ଆଗୁଆ ଜାମିନ ଆଣିଥିବା ପୋଲିସ କହିଛି।

## କଟକ ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘର ବୈଠକ

**କଟକ ଅଫିସ, ୪।୧:** କଟକ ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘର ସାଙ୍ଗଠନିକ ବୈଠକ ଝାଞ୍ଜିରିମଙ୍ଗଳାସ୍ଥିତ ଅଲୋଷ୍ଟା କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପେନ୍‌ସନ୍‌ଭୋଗୀଙ୍କୁ ଆୟୁଷ୍ମାନ କିମ୍ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବାକୁ ସଂଘ ପକ୍ଷରୁ ଦୀର୍ଘଦିନ ହେବ ଦାବି କରାଯାଇ ଆସୁଛି। ହେଲେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଘର ଜିଲା ସଭାପତି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ସଭାପତି ରାଜକିଶୋର ସ୍ୱାଇଁ, ଉପସଭାପତି ସୁକାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ, ବିନୋଦ ବେହେରା ଓ ଇଂ. ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓ କରୋନା ଆକ୍ରାନ୍ତ

**କଣ୍ଟାପଡା,୪।୧(ଡି.ଏନ୍.ଏ.):** କଣ୍ଟାପଡା ବିଡିଓ ସନ୍ତୋଷ ପତି ମଙ୍ଗଳବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ଅସୁସ୍ଥ ଅନୁଭବ କରିବାରୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ପରୀକ୍ଷା କରାଯାଇଥିଲା। ପରେ ରିପୋର୍ଟ ପଜିଟିଭି ଆସିଥିବା ଜଣାପଡିଛି। ଫଳରେ ବିଡିଓ ପତି ହୋମ୍ ଆଇସୋଲେଶନରେ ରହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀଙ୍କର ବୁଧବାର କରୋନା ଟେଷ୍ଟ କରାଯିବ।

## ପ୍ରାମାଣିକ ଚଳଚ୍ଚିତ୍ର ଲୋକାର୍ପିତ

**କଟକ ଅଫିସ, ୪।୧:** କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରେଭେନ୍‌ଶା କଲିଜିଏଟ ସ୍କୁଲର ଗରିମାଗାଥା ଉପରେ ପ୍ରସ୍ତୁତ ଏକ ପ୍ରାମାଣିକ ଚଳଚ୍ଚିତ୍ର ମଙ୍ଗଳବାର ଲୋକାର୍ପିତ ହୋଇଛି। ଆଇନଜୀବୀ ମିଲନ ଦାସଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ମୁଖ୍ୟ ଅତିଥି ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଲୋକାର୍ପିତ କରିଥିଲେ। ଏହି ଅବସରରେ ସେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଐତିହ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ବିଧାୟକ ଇଂ. ମହମ୍ମଦ ମୋକିମ, ବରେଣ୍ୟ ଅତିଥି ଭାବରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ୍ ସିଂ, ସ୍ୱତନ୍ତ୍ର ଅତିଥି ଭାବେ ଆଇନଜୀବୀ ସୌର୍ଯ୍ୟସୁନ୍ଦର ଦାସ ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜାଭିୟର୍ସ ସ୍କୁଲ ଅଧ୍ୟକ୍ଷ ସୁବ୍ରତ ଦାସ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ



ନୂଆ ଟ୍ରାଫିକ୍ ଡିସିପି ଏସ୍.ସୁଶ୍ରୀ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ନୂଆ ଟ୍ରାଫିକ ଡିସିପି ଭାବେ ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ୍.ସୁଶ୍ରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୨୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦେବା ପରେ ସେ ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ କେସିଙ୍ଗାରେ ଥିଲି, ଭୁବନେଶ୍ୱରକୁ ନୂଆ ଆସିଛି। ଏଠାରେ ଥିବା ସମସ୍ୟା ସମ୍ପର୍କରେ ପ୍ରଥମେ ଅବଗତ ହେବି ଓ ଏହି ସମସ୍ୟାର ସମାଧାନ ପାଇଁ ସର୍ବୋତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିବି। ଏଥିସହ ସହରର ସ୍ଥିତି ସୁଧାରିବା ଓ ଲୋକଙ୍କ ଆତଯାତ ଜୀବନଶୈଳୀରେ ସୁଧାର ଆଣିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି। ସୁଶ୍ରୀଙ୍କ ପାଇଁ ଟ୍ୱିନ୍‌ସିଟିର ଟ୍ରାଫିକ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ହେବ। ସହରର ଟ୍ରାଫିକ୍ ଜାମ୍ ହଟାଇବା ସହ ନିୟମ ଉଲ୍ଲଂଘନକାରୀଙ୍କୁ ସେ କିଭଳି ସାବାଡ଼୍ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ଏସ୍. ସୁଶ୍ରୀ ୧୯୯୫ ଅକ୍ଟୋବର ୨୨ରେ କେରଳ କୋଲାମ ଜିଲାରେ ଜନ୍ମଗ୍ରହଣ କରିଥିଲେ। ୨୦୧୮ରେ ଭାରତୀୟ ପୋଲିସ ସେବା ପରୀକ୍ଷାରେ ୧୫୧ ର୍‍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହ ମାତ୍ର ୨୩ ବର୍ଷ ବୟସରେ ସେ ଦେଶର ସର୍ବକନିଷ୍ଠ ଆଇପିଏସ୍ ଅଫିସର ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ଓଡିଶା କ୍ୟାଡରରେ ଯୋଗଦେଇ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଏସ୍‌ଡିପିଓ ହୋଇଥିଲେ।

## ପୋଲିସ ଗାଡ଼ିକୁ ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ତିଗିରିଆ,୪।୧(ଡି.ଏନ୍.ଏ.)

ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ମଙ୍ଗଳାବଜାରଠାରେ ପୋଲିସ ପାଟ୍ରୋଲିଂ ଗାଡ଼ି ଉପରକୁ ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ସେ ହେଲେ ଟୁକୁନୁ ସଲାମତ ଖାଁ। ପାଞ୍ଚଗାଁଠାରେ ଫୁଟ୍‌ବଲ ମ୍ୟାଚ ଦେଖୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଛି ବୋଲି ଆଇଆଇସି ସୁଚିତ୍ରା ଜେନା କହିଛନ୍ତି। ଡିସେମ୍ବର ୩୧ରେ ମଙ୍ଗଳାବଜାରରେ କେତେଜଣ ଯୁବକ ନୂତନ ବର୍ଷକୁ ଆଗମନ କରିବାକୁ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୋଲିସ ପାଟ୍ରୋଂଲି କରୁଥିବାବେଳେ ସେଠାରେ ଜନଗହଳି ଦେଖି କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲା। ପରେ ପୋଲିସ ପାଟ୍ରୋଲିଂ କରି ଫେରୁଥିବାବେଳେ ସେମାନଙ୍କ ଗାଡ଼ି ଉପରକୁ ୨ଟି ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ୫୮ ଜଣଙ୍କ ନାମରେ ମାମଲା ନଂ. (ନଂ. ୧/୨୨)ରୁଜୁ ହୋଇଛି।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଉଦ୍‌ଘାଟିତ ନାଟ୍ୟ ମହୋତ୍ସବ-୨୦୨୨ରେ ପରିବେଷିତ ନାଟକ 'ଚିଠି'ର ଏକ ଦୃଶ୍ୟ।

DSPL-372

### ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା ( ୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜୀକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜୀକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜୀକରଣ କରନ୍ତୁ।

**ପଞ୍ଜୀକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

# ମାର୍କେଟ ବିଲ୍ଡିଂ ବନ୍ଦ କଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୪।୧(ବ୍ୟୁରୋ)

- ଉଠାଦୋକାନୀଙ୍କୁ ଉଠାଇବା ଜିଦ୍‌ରେ ଅଟଳ
- ଆଜି ବିଏମ୍‌ସି ସହ ସଂଘର ଆଲୋଚନା

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏମାନଙ୍କ ପାଇଁ ମାର୍କେଟ ପରିସରରେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାସହ ଅଯଥା ଭିଡ଼ ହେଉଛି। ଏପରି ଅଭିଯୋଗ ଆଣି ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମଙ୍ଗଳବାର ଜଣେ ମହିଳା ଉଠା ଦୋକାନୀ ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ କରିବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂକୁ ବ୍ୟବସାୟୀ ସଂଘ ବନ୍ଦ ଘୋଷଣା କରିଥିଲା। ଘଟଣାସ୍ଥଳରେ ବିଏମ୍‌ସି ଅଧିକାରୀ ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉତ୍ତେଜିତ ବ୍ୟବସାୟୀମାନଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ବିଏମ୍‌ସି ଅଧିକାରୀଙ୍କ ସହ ସଂଘର ଏକ ବୈଠକ ଡକାଯାଇଛି। ସେଠାରେ ଦୋକାନୀମାନେ ନିଜ ସମସ୍ୟା ସମ୍ପର୍କରେ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିବେ। ଯଦି ସନ୍ତୋଷଜନକ ପ୍ରତିଶ୍ରୁତି ମିଳିଲା, ତେବେ ସେମାନେ ଆନ୍ଦୋଳନରୁ ହଟିବା ସହ ଦୋକାନ ଖୋଲିବେ। ନଚେତ୍ ସେମିତି ଦୋକାନ ବନ୍ଦ ରଖି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ଚେତାବନୀ ଦେଇଛି। ମାର୍କେଟ୍ ବିଲ୍ଡିଂରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି। ଲଗାତର ଦୁଇ ତିନିଦିନ ହେବ କେତେଜଣ ଉଠା ଦୋକାନୀ ମାରପିଟ୍, ଝଗଡ଼ା, ଗାଡ଼ି ଭଙ୍ଗାରୁଜା ଆଦି କରୁଥିବା ସଂଘ ଅଭିଯୋଗ ଆଣିଛି। ସେମାନେ ମାର୍କେଟ୍ ବିଲ୍ଡିଂ ମଝିରେ ବସି ବ୍ୟବସାୟ କରୁଛନ୍ତି। ଯିଏ ପାରୁଛି ଯେଉଁଠି ବସି ବେପାର କରୁଛି। ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଗ୍ରାହକ ଓ ସ୍ଥାୟୀ ଦୋକାନ ମାଲିକଙ୍କୁ ମଧ୍ୟ ଧମକ ଦେଉଛନ୍ତି। ଗାଡ଼ି ଭଙ୍ଗାରୁଜା କରୁଛନ୍ତ। ସେମାନଙ୍କ ପାଇଁ ମାର୍କେଟ୍ ବିଲ୍ଡିଂରେ ଅଯଥା ଗହଳି ହେଉଛି। ରାସ୍ତାରେ ଯାଆ ଆସ କରି ହେଉନାହିଁ। ସାଧାରଣ ଲୋକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କରୋନା ସମୟରେ ଭିଡ଼ ମଧ୍ୟ ଜମୁଛି। ଭିଡ଼ର ସୁଯୋଗ ନେଇ ଚୋରି ଓ ନାନା ଅପରାଧ ଘଟୁଛି। ଉଠା ଦୋକାନୀଙ୍କ ପାଇଁ ଦୋକାନ ଭଡ଼ା ନେଇ ବେପାର କରୁଥିବା ବ୍ୟବସାୟୀଙ୍କର ଘାଟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।





ବ୍ୟବସାୟୀମାନେ ଦୋକାନ ବନ୍ଦ କରି ହୋହଲ୍ଲା କରୁଛନ୍ତି।

## ଖ୍ରୀଷ୍ଟ କଲେଜରେ ସ୍ୱାଗତ ଉତ୍ସବ

କଟକ ଅଫିସ: କଟକସ୍ଥିତ ଖ୍ରୀଷ୍ଟ କଲେଜରେ ନବବର୍ଷର ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ନବଗଠିତ ପରିଚାଳନା ସମିତିର କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧାପକ ଅଶୋକ କୁମାର ସାହୁ ନୂତନବର୍ଷର ଅନୁଚିନ୍ତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ଚନ୍ଦ୍ର ରାଉତ, ସଭ୍ୟ ବିଧାନ ଚନ୍ଦ୍ର ରାଉତ, ଶୁଭାଶିଷ ସାହୁ, ଚନ୍ଦନ କୁମାର ଦାସ, ସୌମେନ୍ଦ୍ର କୁମାର ଦାସ, ଡ. ଦେବଯାନୀ ଦାଶ, ଅଧାପକ ସୁମନ ରୟ, ଶୋଭନ ପଣ୍ଡା, ଡ. ଯୋଗଶଙ୍କର ମହାପ୍ରଶସ୍ତ, ଦୈତ୍ୟାରି ଶୁକ୍ଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ। ଉପାଧକ୍ଷା ଡ. କ୍ଷଣପ୍ରଭା ନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୪।୧(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ କୁଜିବର ଗ୍ରାମର ଏକ ଗଛରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କୁଜିବର ବଢେଇସାହିର ଶ୍ରୀଧର ମହାରଣା। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀଧର କିଛିଦିନ ହେବ ଗ୍ରାମ ବାହାରେ ଘରକରି ନିଜ ପୁଅବୋହୁଙ୍କ ସହିତ ରହୁଥିଲେ। ମଙ୍ଗଳବାର ସକାଳେ ପୂଜା ପାଇଁ ଫୁଲ ତୋଳିବା ପରେ ସେ ଘରକୁ ଯାଇଥିଲେ। ହେଲେ ଅପରାହ୍ନ ୧୨ଟାରେ ତାଙ୍କ ବାରିରେ ଥିବା ଏକ ଗଛରେ ତାଙ୍କର ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଡକାୟତି, ୨ ଗିରଫ

**କଟକ ଅଫିସ,୪।୧:** ଡକାୟତି ଅଭିଯୋଗରେ ସିଡିଏ ଫେଜ୍-୨ ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅଧୀନ ଅନ୍ଦରପୁରରେ ରହୁଥିବା ମାହାଙ୍ଗା ଅଞ୍ଚଳର ରାଜା ଓରଫ ସେକ୍ ନସିରୁଲ୍ଲା(୨୭) ଓ ସାଲେପୁରର ସୁରଜ ଓରଫ ସେକ୍ ନବୀଜାନ(୨୭)। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ଗୁଳି, ୨୦ ହଜାର ଟଙ୍କା, ଲୁହାରଡ, ଦୁଇଟି ମୋବାଇଲ ଓ ଗୋଟିଏ ପିକ୍‌ଅପ ଭ୍ୟାନ ଜବତ କରିଛି। ଅଭିଯୋଗ ଅନୁଯାୟୀ, ବାଙ୍କୀ ଥାନା ତାଳବସ୍ତ ଗ୍ରାମର ମାଛ ବ୍ୟବସାୟୀ ମିଥୁନ ମଲ୍ଲିକ ଗତ ରବିବାର ମାଛ କିଣିବା ପାଇଁ ପାରାଦୀପ ଯାଉଥିଲେ। ଗୋଟିଏ ପିକ୍‌ଅପ ଭ୍ୟାନରେ ମିଥୁନ ଓ ତାଙ୍କର ଜଣେ ବନ୍ଧୁ ନରାଜ ଦେଇ ଯାଉଥିଲେ। ସେହିଦିନ ରାତି ପ୍ରାୟ ସାଢେ ୧୧ଟାରେ ବାଟରେ ଅଟକିଥିବା ଆଉ ଏକ ପିକ୍‌ଅପ ଭ୍ୟାନରୁ ୬ ଜଣ ଯୁବକ ଓହ୍ଲାଇ ଆସି ଉତ୍ପାତ କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ବନ୍ଧୁକ କାଢି ଫାଙ୍କା ଗୁଳି ଚାଳନା କରିଥିଲେ। ଏଥିସହ ସେମାନେ ଗାଡିରୁ ୩୩ ହଜାର ଟଙ୍କା, ଦୁଇଜଣଙ୍କ ମୋବାଇଲ ଛଡାଇ ନେଇଥିଲେ। ଏହାପରେ ମିଥୁନଙ୍କ ଗାଡିର କାଚ ଓ ଲାଇଟ ଭାଙ୍ଗି ଦେଇଥିଲେ। ଫଳରେ ମିଥୁନ ଓ ତାଙ୍କ ବନ୍ଧୁ ଆଗକୁ ଯାଇପାରି ନ ଥିଲେ। ଏ ନେଇ ସୋମବାର ମିଥୁନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

### ଉଠାଦୋକାନୀ ମହାସଂଘ ପକ୍ଷରୁ ଗଣଧାରଣା

**କଟକ ଅଫିସ,୪।୧:** ବିଭିନ୍ନ ଦାବି ନେଇ ଉଠାଦୋକାନୀ ମହାସଂଘ ପକ୍ଷରୁ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ମହାସଂଘ ସଭାପତି ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ସହରର ଉଠାଦୋକାନୀମାନେ ଏଥିରେ ସାମିଲ ହୋଇଥିଲେ। ପରେ ୪ଦଫା ସମ୍ବଳିତ ସ୍ମାରକପତ୍ର ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ କମିଶନର ସୁମିତା ସରକାରଙ୍କୁ ଦିଆଯାଇଛି। ଉଠାଦୋକାନୀମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରାଯାଉ, ଟ୍ରାଫିକ୍ ସମସ୍ୟା ନ ଥିବା ସ୍ଥାନରେ ବିନା ପ୍ରତିବନ୍ଧକରେ ବ୍ୟବସାୟ କରିବାକୁ ଦିଆଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବୁଧବାର ଅପରାହ୍ନ ୩ଟାରେ ଏକ ବୈଠକ ହେବ। ଏଥିରେ ଟ୍ରାଫିକ ଏସିପି, ସିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ତେବେ ଉକ୍ତ ବୈଠକରେ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ମହାସଂଘର ସଦସ୍ୟଙ୍କୁ ଅମନ୍ତ୍ରଣ କରାଯାଇଥିବା ସୁମିତା ଜଣାଇବା ପରେ ଉଠାଦୋକାନୀମାନେ ଧାରଣାରୁ ଉଠିଥିଲେ।

# ଭୁବନେଶ୍ୱର ଡିସିପି ଅଫିସ୍ ସିଲ୍

**ଭୁବନେଶ୍ୱର,୪।୧(ବ୍ୟୁରୋ)**



ଏକାଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବା ପରେ ଭୁବନେଶ୍ୱର ବାଣୀବିହାରସ୍ଥିତ ଡିସିପି ଅଫିସକୁ ସିଲ୍ କରିଦିଆଯାଇଛି। ଜନସାଧାରଣ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନରଙ୍କ ପକ୍ଷରୁ ମଙ୍ଗଳବାରଠାରୁ ୨ଦିନ ବନ୍ଦ କରାଯାଇଛି। ଏହି ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ପାଳନ କରି କାର୍ଯ୍ୟାଳୟ ପରିସରରେ ପରିମଳ ସେବା ଚାଲିବ। ବିଏମ୍‌ସିର ପ୍ରାଧିକୃତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କାହାକୁ ଡିସିପି ଅଫିସ୍ ଭିତରକୁ କିମ୍ବା ବାହାରକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ପଜିଟିଭ୍ ଚିହ୍ନଟ ହୋଇଥିବା କର୍ମଚାରୀଙ୍କୁ ନିଜ ନିଜ ବାସସ୍ଥାନରେ ପୃଥକ୍ ଭାବେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ବିଏମ୍‌ସି କଣ୍ଟ୍ରୋଲ ରୁମ୍ ନଂ.୭୮୪୭୮୭୩୦୪୦ କିମ୍ବା ୧୯୨୯କୁ ଯୋଗାଯୋଗ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏପଟେ କମିଶନରେଟ ପୋଲିସ ମଧ୍ୟ ଲୋକଙ୍କ ସହଯୋଗ ଲୋଡ଼ିଛି। ଏହି ସମୟ ମଧ୍ୟରେ ଜନସାଧାରଣ ସେମାନଙ୍କ ଜରୁରିକାଳୀନ ଅଭିଯୋଗ ପତ୍ରକୁ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ରଖାଯାଇଥିବା ଡ୍ରପ୍ ବକ୍ସରେ ପକାଇବାକୁ ଅନୁରୋଧ କରାଯାଇଛି।

**ଅଭିଯୋଗ ପାଇଁ ଗେଟ୍‌ରେ ଲାଗିଲା ଡ୍ରପ୍ ବକ୍ସ**





କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ।

## ନାଇଜର ହଷ୍ଟେଲ ସପ୍ତାହେ କଣ୍ଟେନମେଣ୍ଟ

**ଖୋର୍ଦ୍ଧା ଅଫିସ, ୪।୧**

କରୋନାରେ ସଂକ୍ରମିତ ହୋଇଥିବା ଭୁବନେଶ୍ୱର ନାଇଜରର ୩୧ଜଣ ଛାତ୍ରୀଛାତ୍ରଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଗଙ୍ଗା, ଯମୁନା ଓ କାବେରୀ ହଷ୍ଟେଲକୁ ସାନିଟାଇଜ କରାଯାଇଛି ବୋଲି ନାଇଜର ରେଜିଷ୍ଟ୍ରାର ଅଭୟ ନାୟକ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ହଷ୍ଟେଲକୁ ସୋମବାର ରାତିରୁ ୧୦ ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

## ଅଭିଯୋଗକାରୀଙ୍କୁ ତଡିଲେ ଅତିରିକ୍ତ ତହସିଲଦାର

**କଣ୍ଟାପଡା,୪।୧(ଡି.ଏନ୍.ଏ.)**

ଅନ୍‌ଲାଇନ ସାର୍ଟିଫିକେଟ, ଲିଗାଲ ହେୟାର ଓ ସାର୍ଟିଫିକେଟ ପାଇବାରେ ବିଳମ୍ବ ସମ୍ପର୍କରେ କଣ୍ଟାପଡା ଅତିରିକ୍ତ ତହସିଲଦାର ସୁଧାଂଶୁ ସାହୁଙ୍କୁ ମଙ୍ଗଳବାର କେତେଜଣ କଂଗ୍ରେସ କର୍ମୀ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ସେମାନଙ୍କୁ ସାହୁ ତାଙ୍କ କାର୍ଯ୍ୟାଳୟରୁ ତଡିଦେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, କିଛିମାସ ହେଲା ଅନ୍‌ଲାଇନ ସାର୍ଟିଫିକେଟ, ଅନ୍‌ଲାଇନ ଜମିପଟା, ବିଭିନ୍ନ ସାର୍ଟିଫିକେଟ ପାଇବା ପାଇଁ ଆବେଦନକାରୀଙ୍କୁ ମାସମାସ ଧରି ଅପେକ୍ଷା କରିବାକୁ ପଡୁଛି। ଏଥିଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଂଗ୍ରେସ ନେତା ନିମାଇଁ ରାଉତରାୟଙ୍କ ନେତୃତ୍ୱରେ ଦଳର କେତେଜଣ କର୍ମୀ ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସାହୁଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସେଠାରେ ଯୁକ୍ତିତର୍କ ହେବାରୁ ସାହୁ ପୋଲିସକୁ ଡାକି ଅଭିଯୋଗକାରୀଙ୍କୁ ସେଠାରୁ ତଡି ଦେଇଥିଲେ। ଏହାକୁ ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବୁଝୁସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ତହସିଲଦାର ମିତାଞ୍ଜଳି ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଉନ୍ନତିମୂଳକ କାର୍ଯ୍ୟର ରୋଡମ୍ୟାପ୍ ପ୍ରସ୍ତୁତି ପାଇଁ ପରାମର୍ଶ

**କଟକ ଅଫିସ,୪।୧**

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସକୁ ଭଲଭାବେ ନିର୍ମାଣ ପାଇଁ ପୁରାତନ ଛାତ୍ରଙ୍କ ଠାରୁ ଅନୁଦାନ ସଂଗ୍ରହ କରାଯିବ। ଏଥିସହ ମୋ କଲେଜ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ସହ ତ୍ରିପାଠୀ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ନିମନ୍ତେ ଦକ୍ଷତାକେନ୍ଦ୍ର, ରକ୍ତଦାନ ଶିବିର, ମେଡିକାଲ ସୁବିଧା, ଶିକ୍ଷାକ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା, ଯୋଗ, କ୍ରୀଡା ଏବଂ ସୁସ୍ଥ ବାତାବରଣ ତିଆରି କରିବା ସହ ଅନ୍ୟ ବିଶ୍ୱବିଦ୍ୟାଳୟଠାରୁ ରେଭେନ୍‌ଶାକୁ ସ୍ୱତନ୍ତ୍ର କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତି ପାଇଁ ପରାମର୍ଶ ଦେଇଥିଲେ।

## 'ଜାତିଆଣ ଭେଦଭାବ ବିରୋଧରେ ଲଢ଼ିଥିଲେ ସାବିତ୍ରୀବାଈ'

**କଟକ ଅଫିସ,୪।୧**

**ନାରୀଶିକ୍ଷା ଓ ନାରୀ ସଶକ୍ତୀକରଣ' ସମ୍ପର୍କିତ ଆଲୋଚନାଚକ୍ର**

ଭାରତର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀବାଈ ଫୁଲେଙ୍କର ଜନ୍ମବାର୍ଷିକୀ ପାଳନ ଅବସରରେ 'ନାରୀଶିକ୍ଷା, ନାରୀ ସଶକ୍ତିକରଣ' ଶୀର୍ଷକ ଆଲୋଚନାଚକ୍ର ଅନଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୱେମେନ୍ସ ଆସୋସିଏଶନ(ଏଆଇଡିଡବ୍ଲ୍ୟୁଏ)ର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ ଯୋଗଦେଇ କହିଥିଲେ, ଫୁଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ପ୍ରଖ୍ୟାତ ନାରୀନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ, କବୟିତ୍ରୀ ଓ ଭାରତର ପ୍ରଥମ ଶିକ୍ଷୟିତ୍ରୀ ଥିଲେ। ଜାତିଆଣ ଭେଦଭାବ, ଶୋଷଣ ବିରୋଧରେ ସେ ଲଢ଼େଇ କରିଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଏନ୍. ଅରୁଣାକୁମାରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ହୃଦାନନ୍ଦ ଦ୍ୱିବେଦୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ସୁଚରିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ପ୍ରତିଯୋଗିତା: ରାମକୃଷ୍ଣପୁର ଚାମ୍ପିୟନ

**ନିଶ୍ଚିନ୍ତକୋଇଲି,୪।୧(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଅନ୍ତର୍ଗତ ବାଣୀନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟମ ବାର୍ଷିକ କାଳିନ୍ଦୀ ବେହେରା ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁଳସୀପୁରକୁ ୯ ଉଇକେଟ୍‌ରେ ହରାଇ ରାମକୃଷ୍ଣପୁର ଚାମ୍ପିୟନ ହୋଇଛି। ଏଥିରେ ରଞ୍ଜନ ରାଉତ ମ୍ୟାନ୍ ଅଫ ଦ ମ୍ୟାଚ୍ ଓ ତୋଫାନ ଦାସ ମ୍ୟାନ୍ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ।

## ଧାନ କିଣା ପାଇଁ ପ୍ରଚାର ରଥ ବୁଲିଲା

**ଆଠଗଡ଼, ୪।୧(ସ୍ୱ.ପ୍ର.)**



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଚାର ରଥ ଶୁଭାରମ୍ଭ କରୁଛନ୍ତି।

ଆଠଗଡ଼ରେ ଧାନ କିଣା ପାଇଁ ମଙ୍ଗଳବାର ଏକ ପ୍ରଚାର ରଥକୁ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୭ ତାରିଖଠାରୁ ଆଠଗଡ଼ ଉପଖଣ୍ଡର ୭୨ଟି ମଣ୍ଡି ଏବଂ ୪ ଟି ଉପ ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ। ଏଥିସହ ଆଠଗଡ଼ ମହୋତ୍ସବ ପଡ଼ିଆରେ ଆଠଗଡ଼ ବ୍ଲକର ୭୧୮ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା, ୧୧୩ ଜଣଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଛି। ଏଥିସହ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୫୦ଜଣଙ୍କୁ ଭତ୍ତା ଏବଂ ୩୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହ ୪ ଜଣଙ୍କୁ ୩ ଚକିଆ ସାଇକେଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ରବୀନ୍ଦ୍ର ନାଥ ରାଉତ, ନୃସିଂହ ଚରଣ ମହାପାତ୍ର, ରଞ୍ଜନ କୁମାର ଆଚାର୍ଯ୍ୟ, ଶିଶିର ପ୍ରସାଦ ମାନସିଂହ, ରମେଶ ଚନ୍ଦ୍ର ଘଡେଇ, ପ୍ରଦୀପ୍ତ କୁମାର ଦାସ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ ପ୍ରମୁଖ ଉପସ୍ଥିତ ରହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜିତୁ



@ ତେଜସ୍ୱିନୀ



@ ବିଦ୍ୟୁତ ରଞ୍ଜନ



@ ସତ୍ୟ



@ ସାଇ ଦିବ୍ୟାଂଶ



@ ପ୍ରଦେଶ

## ସଭାପତି ବିରଞ୍ଚି, ଉପସଭାପତି ବିଜୟ

**କଟକ ଅଫିସ, ୪।୧**

**ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର କର୍ମକର୍ତ୍ତା ନିର୍ବାଚନ**

ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର ବାର୍ଷିକ ସାଧାରଣ ସଭା ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଷିକ ବିବରଣୀ ପାଠ ସହ ଆୟବ୍ୟୟ ହିସାବ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଚଳିତବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ ସହ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା। ସଂଘର ସଭାପତି ଭାବେ ବିରଞ୍ଚି ନାରାୟଣ ମିଶ୍ର, ଉପସଭାପତି ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ସୁହେଲ ସାଜଦ ସରିଫ୍, କୋଷାଧ୍ୟକ୍ଷ ବିଜୟ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ସମ୍ପାଦକ ଆଦିତ୍ୟ ପାଟୋଡିଆ, ସଙ୍ଗଠନ ସମ୍ପାଦକ ଭାବେ ମହେଶ୍ୱର ପରିଡ଼ା ନିର୍ବାଚିତ ହୋଇଥିଲେ। ଏଥିସହ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସୁରେନ୍ଦ୍ର କୁମାର ପତି, ପ୍ରଦୀପ କୁମାର ଜେନା, ସାରଙ୍ଗ ପାଟୋଡିଆ, ଅଜୟ କୁମାର ପଣ୍ଡା, ଭୈରବ ଚନ୍ଦ୍ର ବେହେରା, ବିଜୟ କୁମାର ମହାପାତ୍ର ଓ ସୁକାନ୍ତ କୁମାର ମଲ୍ଲିକ ନିର୍ବାଚିତ ହୋଇଥିଲେ।





ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ମଙ୍ଗଳବାର ଗୁରୁ ଧନେଶ୍ୱର ସ୍ୱାଇଁ ମର୍ଦ୍ଦଳ ବାଦନ କରୁଛନ୍ତି।



କ୍ଷତିପୂରଣ ଦାବିରେ ପୁରୀ କୃଷକ ବଜାରର ବିସ୍ଥାପିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।





ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ୨୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।